# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ମାର୍ଚ୍ଚ ୧୫/୨୦୨୨ (୧୬ ପୃଷ୍ଠା) Sambalpur, Tuesday, March 15/2022 Page 16 ₹ 7.00 ★★

୧୮ଶ ଭାଗ ୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



ବିଜୁ ଜନତା ଦଳ

## ଧନ୍ୟବାଦ ଓଡ଼ିଶାବାସୀ

**୩୦ଟି ଜିଲ୍ଲାର ଜିଲ୍ଲା ପରିଷଦରେ ସେବା କରିବା ପାଇଁ ବିଜେଡିକୁ ଆଶୀର୍ବାଦ କରିଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଋଣୀ**



ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଥିବା ଉଚ୍ଚ ଶିକ୍ଷିତ ଯୁବବର୍ଗଙ୍କୁ ଚୟନ କରାଯାଇଛି

ଜିଲ୍ଲା ପରିଷଦ ସଭାପତିଙ୍କ ହାରାହାରି ବୟସ ୪୧ ବର୍ଷ ରହିଛି

ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ମହିଳାଙ୍କୁ ଜିଲ୍ଲା ପରିଷଦ ସଭାପତି କରାଯାଇଛି

୭୦% ଜିଲ୍ଲା ପରିଷଦ ସଭାପତି ହେଉଛନ୍ତି ମହିଳା

୬୭% ଜିଲ୍ଲା ପରିଷଦ ସଭାପତି ଆସନ (ଅଣସଂରକ୍ଷିତ/ମହିଳା) ଓବିସି ସଦସ୍ୟମାନଙ୍କ ଦ୍ୱାରା ପୂରଣ କରାଯାଇଛି

*Courtesy: Shri Pranab Prakash Das, Organisational Secretary, Biju Janata Dal, Odisha*

**ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ବଳ**

# ୩୦ ଜିଲା ପରିଷଦରେ ୨୧ ମହିଳା ସଭାପତି

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

■ମହିଳାଙ୍କୁ ମିଳିଛି ୭୦% ଆସନ: ବିଜେଡି

■ବିଜୟ ପାଇଁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେଲା ବିଜେଡି

ଗତ ଜିଲା ପରିଷଦ ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ସଫଳତା ମିଳିଛି। ୩୦ ଜିଲା ପରିଷଦରେ ୨୧ ଜଣ ମହିଳା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ଆସନର ଏହା ୭୦ ପ୍ରତିଶତ। ଏହି ବିଜୟ ପାଇଁ ବିଜେଡି ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେଇଛି। ସୋମବାର ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡିର ତିନି ମୁଖପାତ୍ର ସୁଲତା ଦେଓ, ଲୋରା ମହାପାତ୍ର ଓ ସୋଫିଆ ଆଲାମ କହିଛନ୍ତି ଯେ, ଏହି ବିଜୟ ଓଡ଼ିଶା ବିକାଶର ବିଜୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଭୋଟରମାନଙ୍କ ବିଶ୍ୱାସ ଏବଂ ବିଜେଡି ସରକାରଙ୍କ ଗରିବଙ୍କ ପ୍ରତି ଥିବା ଦରଦ ତଥା ବିକାଶମୂଳକ କାର୍ଯ୍ୟର ଫଳାଫଳ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ କୌଣସି ଦଳ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଜିଲା ପରିଷଦ ଗଠନ କରିଛି। ବିଜୁ ଜନତା ଦଳ ପାଇଁ ଏହି ବୃହତ୍ ବିଜୟ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱକୁ ପ୍ରତିପାଦିତ କରିଛି । ବିକାଶର କୌଣସି ବିକଳ୍ପ ନାହିଁ ବୋଲି ପ୍ରମାଣ କରି ଦେଖାଇଛି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୮୦ ପ୍ରତିଶତରୁ ଅଧିକ ଆସନ ଜିତିବା ଦେଶର ଯେ କୌଣସି ସ୍ଥାନ ସହ ତୁଳନାତ୍ମକ ନୁହେଁ। ମହିଳା, ଯୁବକ ଏବଂ ଶିକ୍ଷିତ ବ୍ୟକ୍ତି ନିଶ୍ଚିତ ଭାବରେ ଅଭିବୃଦ୍ଧି ଏବଂ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ନୂତନ ଶିଖରକୁ ନେଇଯିବେ । ଇତିହାସରେ ଏହା ପ୍ରଥମ ଥର ଯେ ଏତେ ସଂଖ୍ୟକ ମହିଳା ଓଡ଼ିଶାର ଜିଲାରେ ନେତୃତ୍ୱ ନେବାକୁ ଯାଉଛନ୍ତି । ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର, ସମ୍ବଲପୁର ଏବଂ ଅବିଭକ୍ତ କୋରାପୁଟ ଜିଲା (ନବରଙ୍ଗପୁର ବ୍ୟତୀତ) ମହିଳା ଜିଲାପରିଷଦ ସଭାପତିଙ୍କ ହାତକୁ ଯାଇଛି । ସେମାନଙ୍କର ହାରାହାରି ବୟସ ୪୧ ବର୍ଷ। ୧୮ଟି ଅଣସଂରକ୍ଷିତ ଆସନ ମଧ୍ୟରୁ (ମହିଳାଙ୍କୁ ଅନ୍ତର୍ଭୁକ୍ତ କରି) ୧୨ ଜଣ ଓବିସି ପ୍ରାର୍ଥୀ (୬୭%)ଙ୍କୁ ଜିଲା ପରିଷଦ ସଭାପତି କରାଯାଇଛି । ଓବିସି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତା ଅନୁଯାୟୀ ଏହା ହୋଇଛି ବୋଲି ନାରୀ ନେତ୍ରୀମାନେ କହିଛନ୍ତି । ନିଜ ଜିଲା ଗଞ୍ଜାମରେ ମୁଖ୍ୟମନ୍ତ୍ରୀ ଜଣେ ଓବିସି ମହିଳା ପ୍ରାର୍ଥୀ ଅଞ୍ଜଳି ସ୍ୱାଇଁଙ୍କୁ ଜିଲାପରିଷଦର ସଭାପତି ଭାବେ ଚୟନ କରିଛନ୍ତି । ମହିଳା ସଶକ୍ତୀକରଣର ଅନ୍ୟ ଏକ ଉଦାହରଣ ହେଉଛି ସରସ୍ୱତୀ ମାଝି। ସେ ସୁଦୂର କାଶୀପୁର ଅଞ୍ଚଳର । ମାତ୍ର ୨୩ ବର୍ଷ ବୟସ୍କା ଆଦିବାସୀ ନେତ୍ରୀ ସର୍ବକନିଷ୍ଠା ଜିଲା ପରିଷଦ ସଭାପତି ଭାବରେ ମନୋନୀତ ହୋଇଛନ୍ତି । ବିଜ୍ଞାନରେ ସ୍ନାତକ ଏହି ନେତ୍ରୀ ଏବେ ରାୟଗଡା ଜିଲାର ବିକାଶମୂଳକ କାର୍ଯ୍ୟକଳାପର ନେତୃତ୍ୱ ନେବେ । ମୁଖ୍ୟମନ୍ତ୍ରୀ ମାଲକାନଗିରିର ଜିଲାପରିଷଦର ସଭାପତି ଭାବରେ ସମାରୀ ଟାଙ୍ଗୁଲଙ୍କୁ ଚୟନ କରିଛନ୍ତି । ସେ ୨୬ ବର୍ଷ ବୟସର ଓ +୨ ଅଧ୍ୟୟନ କରିଛନ୍ତି । ସେ ମାଲକାନଗିରି ବିକାଶର ନେତୃତ୍ୱ ନେଉଛନ୍ତି । କୁନ୍ତୀ ପ୍ରଧାନଙ୍କୁ ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଞ୍ଚଳରେ ଜିଲାପରିଷଦ ସଭାପତି ହେବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ସେହିପରି ନବ ନିର୍ବାଚିତ ଜିଲା ପରିଷଦ ସଭାପତି କୁମୁଦିନୀ ନାୟକଙ୍କୁ ସମ୍ବଲପୁର ପାଇଁ ଚୟନ କରାଯାଇଛି। ୩୦ ଜିଲା ପାଇଁ ଯୁବ ତଥା ଉଚ୍ଚଶିକ୍ଷିତ ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି। ୩୦ ଜିଲା ମଧ୍ୟରୁ ୧୫ ଜଣ ନୂତନ ଜିଲା ପରିଷଦ ସଭାପତି ହୋଇଛନ୍ତି। ସେମାନଙ୍କର ବୟସ ୪୦ ବର୍ଷରୁ କମ୍ । ସେହିପରି ୨୩ଟି (୭୬%)ରେ ୫୦ ବର୍ଷରୁ କମ୍ ବୟସର ଜିଲା ପରିଷଦ ସଭାପତି ଅଛନ୍ତି । ଏହା ଯୁବ ସଶକ୍ତୀକରଣକୁ ସ୍ପଷ୍ଟ ଭାବେ ସୂଚାଉଛି । ବିଜେଡିରେ ଯୁବ ନେତୃତ୍ୱର କୌଣସି ଅଭାବ ନାହିଁ । ଦଳ ଆଗାମୀ ପିଢ଼ିର ନେତାମାନଙ୍କୁ ଜିଲା ଓ କ୍ଷେତ୍ର ସ୍ତର ପାଇଁ ପ୍ରସ୍ତୁତ କରୁଛି। ଜିଲାଗୁଡ଼ିକରେ ଭଲ ଲୋକସମ୍ପର୍କ, ନେତୃତ୍ୱ ତଥା ଉତ୍ତମ ଶାସନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷିତ ପ୍ରାର୍ଥୀଙ୍କୁ ବାଛିଥିବା ନାରୀ ନେତ୍ରୀମାନେ କହିଛନ୍ତି।

# କଂଗ୍ରେସର ପରାଜୟ ପାଇଁ ଗାନ୍ଧୀ ପରିବାର ଦାୟୀ: ଅମରିନ୍ଦର

**ଚଣ୍ଡିଗଡ଼,୧୪।୩**



ଅମରିନ୍ଦର ସିଂ

ପଞ୍ଜାବ ସମେତ ୫ ରାଜ୍ୟରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଗାନ୍ଧୀ ପରିବାର ଦାୟୀ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପଞ୍ଜାବ ଲୋକ କଂଗ୍ରେସ ପାର୍ଟି ମୁଖ୍ୟ ଅମରିନ୍ଦର ସିଂ କହିଛନ୍ତି। କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ପରାଜୟ ପାଇଁ ଅମରିନ୍ଦରଙ୍କୁ ଦୋଷ ଦେବାକୁ ଉଦ୍ୟମ ହୋଇଥିବାରୁ ସେ ଏହାର କଡ଼ା ସମାଲୋଚନା କରିଛନ୍ତି। ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ବିବାଦରୁ ଅମରିନ୍ଦର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଦଳ ଛାଡ଼ିଥିଲେ। ଦଳ ଚରଣଜିତ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିଥିଲା। ଆମ୍ ଆଦ୍‌ମୀ ପାର୍ଟି ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବା ସହ ଚନ୍ନି ସରକାରଙ୍କୁ କ୍ଷମତାଚ୍ୟୁତ କରିଛି। ଅମରିନ୍ଦରଙ୍କ ଦଳକୁ ଗୋଟିଏ ହେଲେ ଆସନ ମିଳିନାହିଁ। ଗାନ୍ଧୀ ପରିବାରର ନେତୃତ୍ୱ ଉପରୁ ଦେଶବାସୀ ଆସ୍ଥା ହରାଇସାରିଲେଣି। ସମସ୍ତ ୫ ରାଜ୍ୟରେ କଂଗ୍ରେସର ଲଜ୍ଜାଜନକ ପରାଜୟ ପାଇଁ ଏହି ପରିବାର ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି କ୍ୟାପ୍‌ଟେନ ଅମରିନ୍ଦର କହିଛନ୍ତି।

# ୪ ରାଜ୍ୟ ଲାଗି ଭାଜପା ପର୍ଯ୍ୟବେକ୍ଷକ ନିଯୁକ୍ତ

**ନୂଆଦିଲ୍ଲୀ,୧୪।୩**

ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ଭାଜପା ସରକାର ଗଢ଼ିବାକୁ ଯାଉଥିବାବେଳେ ନବନିର୍ବାଚିତ ବିଧାୟକ ଦଳ ନେତା ବାଛିବା ଲାଗି ସୋମବାର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ଗୈରିକ ଦଳର ସଂସଦୀୟ ବୋର୍ଡ ପକ୍ଷରୁ ଏ ସମ୍ପର୍କିତ ତାଲିକା ପ୍ରକାଶ ପାଇଛି। ଉତ୍ତରପ୍ରଦେଶ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବାବେଳେ ତାଙ୍କୁ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ସହଯୋଗ କରିବେ। ଉତ୍ତରପ୍ରଦେଶରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ଯୋଗୀ ଆଦିତ୍ୟନାଥ ରବିବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିଥିଲେ।

ସେହିପରି ଉତ୍ତରାଖଣ୍ଡରେ ବିଧାୟକ ଦଳ ନେତା ନିର୍ବାଚନ କାର୍ଯ୍ୟର ଅନୁଧ୍ୟାନ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ମୀନାକ୍ଷୀ ଲେଖିଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଗୋଆରେ ସରକାର ଗଠନ ପ୍ରକ୍ରିୟାର ଅନୁଧ୍ୟାନ ପାଇଁ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ଏଲ୍. ମୁରୁଗାନ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ଭାଜପା ୨୦ ଆସନରେ ବିଜୟୀ ହୋଇଥିବାବେଳେ ଏହାକୁ ମହାରାଷ୍ଟ୍ର ଗୋମନ୍ତକ ପାର୍ଟି (ଏମ୍‌ଜିପି) ଏବଂ ସ୍ୱାଧୀନ ବିଧାୟକ ସମର୍ଥନ ଦେଇଛନ୍ତି। ସେହିପରି ମଣିପୁରରେ ଭାଜପା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ଆଇନମନ୍ତ୍ରୀ କିରେନ ରିଜିଜୁଙ୍କୁ ବିଧାୟକ ଦଳ ନେତା ନିର୍ବାଚନ ଦାୟିତ୍ୱ ଦିଆଯାଇଛି।

# ବିଜେଡି ନେତ୍ରୀଙ୍କ ଘରକୁ ବୋମାମାଡ଼

**ବରୀ,୧୪।୩(ଡି.ଏନ.ଏ.)**

## ବରୀରେ ନିର୍ବାଚନ ପରବର୍ତ୍ତୀ ହିଂସା

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଘଟିଛି। ଗତ ୯ ତାରିଖରେ ବରୀ ବ୍ଲକ ଅଧୀନ ବାଲିଆଠାରେ ଏକ ବ୍ୟବସାୟିକ ପ୍ରତିଷ୍ଠାନକୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିଲେ। ଏହାପରେ ରବିବାର ରାତିରେ ଏକ ଭେରାଇଟି ଷ୍ଟୋର୍ ଜାଳିଦେବା ସହ ବ୍ଲକ୍ ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥ ଶର୍ମାଙ୍କ ଅଲ୍ଲିପୁରସ୍ଥିତ ଘରକୁ ବୋମାମାଡ଼ କରିଛନ୍ତି। ଏସମସ୍ତ ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଜ୍ୟୋତ୍ସ୍ନାରାଣୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଦୁର୍ବୃତ୍ତ ତାଙ୍କ ଘର କାନ୍ଥକୁ ବୋମାମାଡ଼ କରି ଫେରାର ହୋଇ ଯାଇଛନ୍ତି। ତେଣୁ ତାଙ୍କ ଘର ସମ୍ନାରେ ଜଣେ ବ୍ୟକ୍ତିଙ୍କ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ସିସିଟିଭି ଫୁଟେଜ ଯାଞ୍ଚ କଲେ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳି ପାରିବ ବୋଲି ଜ୍ୟୋତ୍ସ୍ନାରାଣୀ ଆଶାବାଦୀ ଅଛନ୍ତି। ଅନ୍ୟପକ୍ଷରେ ଦୁଇ ପାରସ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବରୀ ବିଧାୟିକା ସୁନନ୍ଦା ଦାସ ଓ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥକ ପଞ୍ଚାୟତ ସମିତି ନିର୍ବାଚନ ଲଢ଼ିବାରୁ ଅଞ୍ଚଳରେ ହିଂସାକାଣ୍ଡ ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ରୋକିବା ଦିଗରେ ପୋଲିସ ତତ୍ପରତା ପ୍ରକାଶ କରୁ ନ ଥିବାରୁ ଲଗାତର ଭାବେ ଏଭଳି ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି କୁହାଯାଉଛି। ଅପରପକ୍ଷରେ ଘଟଣାର ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଦେଖିବାକୁ ଅପେକ୍ଷା ପୋଲିସ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରୁଛି।

# ବ୍ରହ୍ମପୁର ବିଧାୟକଙ୍କ ନାମରେ ନିର୍ବାଚନୀ ମାମଲା

**ବ୍ରହ୍ମପୁର ଅଫିସ,୧୪।୩**

ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନାମରେ ୨୦୦୯ରେ ରୁଜୁ ଏକ ନିର୍ବାଚନୀ ମାମଲାରେ ସୋମବାର ସାକ୍ଷୀଙ୍କ ବୟାନ୍ ରେକର୍ଡ଼ କରାଯାଇଛି। ସାକ୍ଷୀ ଭାବେ ତତ୍କାଳୀନ ବ୍ରହ୍ମପୁର ତହସିଲଦାର ଭାବେ ଟ୍ରେନିଂ ନେଉଥିବା (ଆଇଏଏସ) ଆର.ପି.ସିଂ ସୋମବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅନୁସମ ଦାଶଙ୍କ କୋର୍ଟରେ ଭର୍ଚୁଆଲରେ ଦିଲ୍ଲୀରୁ ବୟାନ ରଖିଛନ୍ତି। ସେ ବର୍ତ୍ତମାନ ଦିଲ୍ଲୀରେ ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସରେ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ପ୍ରକାଶ ଯେ, ଏହି ମାମଲାରେ ୧୨ଜଣ ସାକ୍ଷୀଙ୍କ ମଧ୍ୟରୁ ପୂର୍ବରୁ ୮ଜଣ ସାକ୍ଷ୍ୟ ଦେଇ ସାରିଥିବାବେଳେ ଆଉ ୩ଜଣ ସାକ୍ଷ୍ୟ ଦେବାକୁ ରହିଛି। ବିଧାୟକ ପଣ୍ଡା ୨୦୦୯ରେ କଂଗ୍ରେସରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏପ୍ରିଲ୍ ୧୨ରେ ତତ୍କାଳୀନ ତହସିଲଦାର ତଥା ତାଲିମ ଗ୍ରହଣ କରୁଥିବା ଆର.ପି.ସିଂ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଟାଉନ୍ ଥାନା ଅନ୍ତର୍ଗତ ଗେଟବଜାର ନୀଳାଦ୍ରିବିହାରରେ ବିଧାୟକ ପଣ୍ଡାଙ୍କର ଏକ ବ୍ୟାନର୍ ରାସ୍ତା ଉପରେ ଓହଳି ରହିଥିବା ଦେଖିବାକୁ ମିଳିଥିଲା। ଏଣୁ ତହସିଲଦାର ଟାଉନ୍ ଥାନାରେ ନଂ.୩୬/୦୯ରେ ଏକ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ସରକାରଙ୍କ ତରଫରୁ କ୍ୟାଡର୍ ଏପିପି ସୋନାଲି ରାଇସା ଓ ବିଧାୟକଙ୍କ ତରଫରୁ ଆଇନଜୀବୀ ଶ୍ରୀକାନ୍ତ ପଟ୍ଟନାୟକ ଓ ନୀଳାଞ୍ଚଳ ତ୍ରିପାଠୀ ମକଦ୍ଦମା ପରିଚାଳନା କରିଥିଲେ।

# ନିର୍ଦ୍ୱନ୍ଦ୍ୱରେ ଜିତିଲେ ରଞ୍ଜିତା

## ଓହରିଗଲେ ଭାଜପା ପ୍ରାର୍ଥୀ

**ବାଲେଶ୍ୱର ଅଫିସ, ୧୪।୩**

ବାଲେଶ୍ୱର ପୌରାଞ୍ଚଳର ୩୧ନଂ. ୱାର୍ଡ଼ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା କାଉନସିଲର ବିଜେଡି ପ୍ରାର୍ଥୀ ରଞ୍ଜିତା ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏନେଇ ପୌର ନିର୍ବାଚନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସୂଚନା ଦେଇଛନ୍ତି। ୨୦୧୩ ପୌର ନିର୍ବାଚନରେ ରଞ୍ଜିତା ମଧ୍ୟ ବିଜୟ ଲାଭ କରିଥିଲେ। ଚଳିତ ନିର୍ବାଚନରେ ଉକ୍ତ ୱାର୍ଡ଼ରୁ ରଞ୍ଜିତା ଏବଂ ଭାଜପା ପ୍ରାର୍ଥିନୀ ଊର୍ମିଳା ଦାସମହାପାତ୍ର ନାମାଙ୍କନ ଦାଖଲ କରିଥିଲେ। ସୋମବାର ଭାଜପା ପ୍ରାର୍ଥିନୀ ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ। ଏ ସମ୍ପର୍କରେ ଊର୍ମିଳା କୁହନ୍ତି ଆମ ପରିବାରର ଦୁଇ ଭାଇ। ମିଳିମିଶି ଚଳି ଆସୁଛୁ। ମୁଁ ସାନଭାଇଙ୍କ ପତ୍ନୀ । ବଡ଼ଭାଇ ବିଜେଡିର ଜଣେ ସକ୍ରିୟ କର୍ମୀ ଏବଂ ସାନଭାଇ ଭାଜପାରେ ମିଶିଥିବାରୁ ଭାଜପାରୁ ପ୍ରାର୍ଥୀ ହୋଇଥିଲି।

# ରାଜ୍ୟବ୍ୟାପୀ ସତ୍ୟାଗ୍ରହ କଲା ଭାଜପା

## ଚିଲିକା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




ଭୁବନେଶ୍ୱର ଏଡିଏମ୍ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ସୋମବାର ସତ୍ୟାଗ୍ରହ କରାଯାଇଛି।

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ହିଂସାପରାୟଣ ବିଜେଡିର ନଗ୍ନଚିତ୍ର ଏବେ ପରଦାକୁ ଆସିଛି। କଳ, ବଳକୁ ଅପବ୍ୟବହାରକରି ଶାସନ କ୍ଷମତାକୁ ଜାବୁଡ଼ି ଧରି ରହିଥିବା ବିଜେଡି ବର୍ତ୍ତମାନ ବିରୋଧୀଙ୍କ ପ୍ରତି ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ସୁସ୍ଥ ଗଣତନ୍ତ୍ର ପ୍ରତି ସମ୍ପୂର୍ଣ୍ଣ ବିପଦ । ଗଣତନ୍ତ୍ର ଏବେ ଆତଙ୍କତନ୍ତ୍ରରେ ପରିଣତ ହୋଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇଦେବା ଘଟଣାକୁ ନେଇ ଭାଜପା ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ରାଜ୍ୟର ସମସ୍ତ ସହରାଞ୍ଚଳ, ବ୍ଲକ ଏବଂ ଜିଲା ମୁଖ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ମୁହଁରେ କଳାପଟି ବାନ୍ଧି ସତ୍ୟାଗ୍ରହ କରାଯାଇଛି। ସମାନଭାବେ ରାଜଧାନୀରେ ମଧ୍ୟ ସତ୍ୟାଗ୍ରହ କରାଯାଇଛି।

ବିଜେଡିର ହିଂସାତ୍ମକ ଆଚରଣ ପ୍ରତିବାଦରେ ଭାଜପା ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁହଁରେ କଳାପଟି ବାନ୍ଧି ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ । ଏହି ଅବସରରେ ସେ କହିଛନ୍ତି, ଗତ ୧୨ ତାରିଖରେ ଚିଲିକା ବିଧାୟକ ମଦ ପିଇ ଗାଡ଼ି ଚଳାଇ ବାଣପୁରଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ମାରିବାର ହୀନ ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ । ରାଜନୀତିରେ ହିଂସାର ସ୍ଥାନ ନାହିଁ। ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ମଧ୍ୟ ଗ୍ରହଣୀୟ ନୁହେଁ। ଜଗଦେବଙ୍କ ଆପରାଧିକ ଭିତ୍ତିଭୂମି ଓ କାର୍ଯ୍ୟକଳାପର ଇତିହାସ ଥିବା ସତ୍ତ୍ୱେ ବିଜେଡି ତାଙ୍କୁ ପ୍ରୋତ୍ସାହିତ କରି ଆସୁଥିଲା । ମିଛ ନିଲମ୍ବନର ନାଟକ କରି ଶାସକ ଦଳ ରାଜ୍ୟବାସୀଙ୍କୁ ଭ୍ରମିତ କରିଛି । ଅନ୍ୟପଟେ ବ୍ଲକ ନିର୍ବାଚନରେ ନିଜ ପରାଜୟକୁ ସହ୍ୟ କରି ନ ପାରି ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଭୟଭୀତ କରିବାର ପ୍ରୟାସ କରାଯାଇଛି । ଏହା ସମ୍ପୂର୍ଣ୍ଣ ଭାବେ 'ମିଛ ନିଲମ୍ବନ, ସତ ଆକ୍ରମଣ' ଥିଲା ବୋଲି ବିଧାୟକଙ୍କ ଅମାନବୀୟ ଆଚରଣରୁ ସ୍ପଷ୍ଟ ହୋଇଛି । ସେହିପରି ଭୁବନେଶ୍ୱର ଝାରପଡ଼ାରେ ଭାଜପା କର୍ପୋରେଟର ପ୍ରାର୍ଥୀଙ୍କ ପରିବାର ସଦସ୍ୟଙ୍କୁ ବିଜେଡି ନେତା ଓ ଗୁଣ୍ଡାଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ କରାଯିବା ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ । ମୁଖ୍ୟମନ୍ତ୍ରୀ ନିଜର ଛତ୍ରଛାୟା ତଳେ ବିଜେଡି ନେତାଙ୍କୁ ରଖି ହିଂସାକୁ ଅଧିକ ପ୍ରବର୍ତ୍ତାଉଛନ୍ତି। ବିଧାୟକଙ୍କ ହିଂସା ଗଣତନ୍ତ୍ର ପ୍ରତି କୁଠାରାଘାତ ଏବଂ ଏଭଳି ହିଂସାକୁ ସମର୍ଥନ କରିବା ଅନୁଚିତ । ତାଙ୍କୁ ତୁରନ୍ତ ବହିଷ୍କାର କରାଯାଇ ଫାଷ୍ଟଟ୍ରାକ୍ କୋର୍ଟ ଜରିଆରେ କଠୋରଦଣ୍ଡ ପ୍ରଦାନ କରାଯାଉ ବୋଲି ଭାଜପା ଦାବି କରିଛି।

## ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ ପାଇଁ ଭାଜପା ଚେଷ୍ଟା ଚଳାଇଛି: ବିଜେଡି

ଭୁବନେଶ୍ୱର,୧୪।୩(ବ୍ୟୁରୋ)- ଓଡ଼ିଶା ଭାଜପା ଅଭ୍ୟାସଗତ ଭାବେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ ଓ ଭ୍ରମିତ କରିବା ସହିତ ଦ୍ୱନ୍ଦ୍ୱରେ ପକାଇବାକୁ ଚେଷ୍ଟା କରୁଛି । ଏଭଳି କାର୍ଯ୍ୟ ପାଇଁ ଓଡ଼ିଶାର ଲୋକମାନେ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଥିବାବେଳେ ଓଡ଼ିଶା ଭାଜପା ଏଥିରୁ କିଛି ଶିଖିପାରୁ ନାହିଁ ବୋଲି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି । ଭାଜପା ଖବରଦାତା ସମ୍ମିଳନୀର ଜବାବ ଦେଇ ପାତ୍ର କହିଛନ୍ତି ଯେ, ରାଜନୈତିକ ଫାଇଦା ହାସଲ କରିବାକୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ପୁନର୍ବାର ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇବା ଏବଂ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି । ଏଭଳି କୌଶଳ ଓଡ଼ିଶା ଭାଜପାର ଜାରି ରହିଛି। ଭାଜପାର ଜ୍ଞାନ ଉଦୟ ହେଉ ଏବଂ ସେମାନେ ବୁଝନ୍ତୁ ଯେ ଓଡ଼ିଶାର ଲୋକମାନେ ବୁଦ୍ଧିମାନ ଓ ସ୍ମାର୍ଟ। ସେମାନେ ଓଡ଼ିଶା ଭାଜପାର ଏପରି ଶସ୍ତା କୌଶଳ ଦେଖୁଛନ୍ତି । ଏଥିପାଇଁ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଆଗାମୀ ଦିନରେ ବି ସେମାନଙ୍କୁ ପୁନର୍ବାର ପ୍ରତ୍ୟାଖ୍ୟାନକରିବେବୋଲିପାତ୍ରକହିଛନ୍ତି।

# ନିର୍ବାଚନରେ ପରାଜୟ, ଉଜୁଡ଼ିଗଲା ସଂସାର

**ଭଦ୍ରକ ଅଫିସ/ପଦ୍ମପୁର, ୧୪।୩ (ଡି.ଏନ.ଏ.)**

■ବିଜୟୀ ପ୍ରାର୍ଥୀଙ୍କ ଆକ୍ଷେପ ସହି ନ ପାରି ବିଷ ପିଇଲେ ସମିତିସଭ୍ୟ ପ୍ରାର୍ଥିନୀ, ସ୍ୱାମୀଙ୍କ ଆତ୍ମହତ୍ୟା



ବଡ଼ଅଗାପୁର ଛକରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ନିର୍ବାଚନରେ ହାରିବା ଓ ବିଜୟୀ ପ୍ରାର୍ଥୀଙ୍କ ଆକ୍ଷେପ ସହି ନ ପାରି ଜଣେ ପରାଜିତ ସମିତିସଭ୍ୟ ପ୍ରାର୍ଥିନୀଙ୍କ ସଂସାର ଉଜୁଡ଼ିଯାଇଛି। ରବିବାର ବିଳମ୍ବିତ ରାତିରେ ଉକ୍ତ ପ୍ରାର୍ଥିନୀ ବିଷପିଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ବଡ଼ଅଗାପୁର ଗାଁରେ।

ସୂଚନା ଅନୁଯାୟୀ, ଗାଁର ସୁମତି ପରିଡ଼ା ସ୍ୱାଧୀନ ଭାବେ ସମିତିସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିଲେ। ରବିବାର ସନ୍ଧ୍ୟାରେ ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ରାଜନୈତିକ ବିବାଦକୁ କେନ୍ଦ୍ରକରି ସୁମତିଙ୍କ ସ୍ୱାମୀ ରମାକାନ୍ତ ପରିଡ଼ାଙ୍କ ସହ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନଙ୍କର ପାଟିତୁଣ୍ଡ ହୋଇଥିଲା। ସେମାନେ ତାଙ୍କୁ ବିଭିନ୍ନ ବିଷୟକୁ ନେଇ ଆକ୍ଷେପ କରିଥିଲେ। ଏହାକୁ ନେଇ ରାତିରେ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ରମାକାନ୍ତ ଘରର ଆସବାବପତ୍ରରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ମର୍ମାହତ ସୁମତି ବିଷ ପିଇ ଦେଇଥିବା ବେଳେ ରମାକାନ୍ତ ଘର ଫ୍ୟାନ୍‌ରେ ଦଉଡ଼ି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ରମାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୁମତିଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମୃତ ରମାକାନ୍ତଙ୍କ ବାପା ରମେଶ ପରିଡ଼ା ସୋମବାର ଅପରାହ୍ନରେ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି।

ବାସୁଦେବପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ହୋଇ ମୃତଦେହ ସନ୍ଧ୍ୟାରେ ଗାଁରେ ପହଞ୍ଚିବା ପରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ପଦ୍ମପୁର-ବିରସ ରାସ୍ତାର ବଡ଼ଅଗାପୁର ଛକ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ବାସୁଦେବପୁର ଥାନାଧିକାରୀ ଅମିତ୍ କୁମାର ଭୁୟାଁ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ୩ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଭୁୟାଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ରଣାଙ୍ଗନ ଛାଡ଼ିଲେ ୫୨ କର୍ପୋରେଟର ପ୍ରାର୍ଥୀ

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)**

## ଭୁବନେଶ୍ୱର ମହାନଗର ନିଗମ

■ଶେଷ ଦିନରେ ୪୪ ପ୍ରତ୍ୟାହାର, ଅଧିକାଂଶ ବିଜେଡିରୁ

■ନିର୍ବାଚନ ଲଢ଼ିବେ ୨୯୦ଜଣ

ଆସନ୍ତା ୨୪ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ସୋମବାର ଶେଷ ହୋଇଛି। ଶେଷ ଦିନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ୪୪ଜଣ କର୍ପୋରେଟର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ପ୍ରଥମ ଦିନରେ ୮ଜଣ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିଲେ। ଫଳରେ ଏହାକୁ ମିଶାଇ ମୋଟ ୫୨ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରୁ ଓହରି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଜେଡିରୁ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ବିଦ୍ରୋହୀ ପ୍ରାର୍ଥୀଙ୍କୁ ମନାଇବା ଓ ଦମନ ପାଇଁ ଦଳ ପକ୍ଷରୁ କଳବଳ କୌଶଳ ଆପଣାଯାଇଥିଲା। ଶେଷରେ ସେଥିରେ ସଫଳତା ମିଳିଥିବା କୁହାଯାଉଥିଲେ ମଧ୍ୟ ଅଳ୍ପ କେତେକ ସ୍ଥାନରେ ବିଦ୍ରୋହୀ ରହିଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ୬୭ ୱାର୍ଡ ପାଇଁ ମୋଟ ୩୪୩ଜଣ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଖାରଜ ହୋଇଥିଲା। ବାକି ୩୪୨ଜଣଙ୍କ ମଧ୍ୟରୁ ଏବେ ୫୨ଜଣ ଓହରିଯାଇଥିବାରୁ ଆଉ ୨୯୦ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ୧୨ ମେୟର ପ୍ରାର୍ଥୀଙ୍କ ମଧ୍ୟରୁ କେହି ନାମାଙ୍କନପତ୍ର ପ୍ରତ୍ୟାହାର କରି ନ ଥିବା ଜଣାପଡ଼ିଛି।

ତେବେ ପ୍ରାର୍ଥିପତ୍ର ପ୍ରତ୍ୟାହାରକାରୀଙ୍କ ମଧ୍ୟରେ ରହିଛନ୍ତି, ୱାର୍ଡ ନଂ.୩ରୁ ସସ୍ମିତା ସେଠୀ, ୫ରୁ ବିଜୟଲକ୍ଷ୍ମୀ ରାଉତ, ୭ରୁ ସୁଶୀଲ କୁମାର ପଣ୍ଡା, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଈଶ୍ୱର ଚନ୍ଦ୍ର ସ୍ୱାଇଁ ଓ ସ୍ୱର୍ଣ୍ଣପ୍ରଭା ରାୟ, ୧୦ରୁ ସ୍ୱାଗତିକା ରାଉତ, ଦିଲୀପ କୁମାର ନାୟକ, ୧୧ରୁ ସ୍ମରଣିକା ମହାନ୍ତି ଓ ରଶ୍ମୀତା ମହାନ୍ତି, ୧୨ରୁ ସସ୍ମିତା ସେଠୀ, ୧୩ରୁ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ରଞ୍ଜିତା ସେଠୀ ଓ ତପସ୍ୱିନୀ ଦାସ, ୧୪ରୁ ମିନିରାଣୀ ସିଂ, ସନ୍ଧ୍ୟାରାଣୀ ମଲ୍ଲିକ ଓ ରେବତୀ ସ, ୧୬ରୁ ଚୌଧୁରୀ ବିକାଶ ଦାସ, ଅକ୍ଷୟ କୁମାର ବେହେରା ଓ ପ୍ରଶାନ୍ତ କୁମାର ସ୍ୱାଇଁ ୧୭ରୁ ଦିପ୍ତୀରେଖା ପାଇକରାୟ, ସୁସ୍ମିତା ଦାସ ଓ ବିଜୟିନୀ ବେହେରା, ୧୮ରୁ ଧିରେନ୍ଦ୍ର କୁମାର ବେହେରା, ୧୯ରୁ ପୁନମ୍ ପରିଡ଼ା ଓ ଜ୍ୟୋତ୍ସ୍ନାରାଣୀ ରାଉତରାୟ, ୨୦ରୁ ଗଦାଧର ପ୍ରଧାନ ଓ ପ୍ରସନ୍ନ କୁମାର ସାହୁ, ୨୨ରୁ ଦ୍ରୌପଦୀ ମଣିସିଂ, ୨୫ରୁ ଅକ୍ଷୟ କୁମାର ବାରିକ, ୨୭ରୁ ବସନ୍ତ କୁମାର ପ୍ରଧାନ ଓ ଅକ୍ଷୟ କୁମାର ମହାନ୍ତି, ୨୯ରୁ ଶେଖ୍ ନିଜାମ ଉଦ୍ଦିନ୍, ୩୦ରୁ ନିହାର ରଞ୍ଜନ ପତି, ୩୬ରୁ ଦେବାଶିଷ ସିଟ୍, ୩୮ରୁ ପ୍ରଣତି ମିଶ୍ର ଓ ରାଜଶ୍ରୀ ମହାନ୍ତି, ୩୯ରୁ ପ୍ରତିଭା ସାମନ୍ତରାୟ, ୪୧ରୁ ମମତା ସାହୁ ଓ ଗାୟତ୍ରୀ ପଣ୍ଡା, ୪୫ରୁ ପ୍ରଶାନ୍ତ କୁମାର ନାୟକ, ୪୮ରୁ ଜ୍ୟୋତିର୍ମୟୀ ସାହୁ ଓ ସ୍ମିତାରାଣୀ ମହାନ୍ତି, ୫୨ରୁ ଚିନ୍ମୟ କୁମାର ମାଝୀ, ୫୩ରୁ ବନଶ୍ରୀ ଦାସ, ୫୯ରୁ ଲିଙ୍ଗରାଜ ମହାନ୍ତି, ୬୩ରୁ ଲକ୍ଷ୍ମୀପ୍ରିୟା ମହାନ୍ତି, ୬୫ରୁ ଦିପ୍ତୀମୟୀ ପାଟଶାଣୀ, ସସ୍ମିତା ପାତ୍ର ଓ କିଶୋରୀ ମୋହନ ପଟ୍ଟନାୟକ ଏବଂ ୬୭ରୁ ଗୀତାରାଣୀ ରଥ।

ଧରିତ୍ରୀ
DHARITRI
ମଙ୍ଗଳବାର, ମାର୍ଚ୍ଚ ୧୫/୨୦୨୨ (୧୬ ପୃଷ୍ଠା) | Tuesday, March 15/2022 | ପୃଷ୍ଠା-୧



## ଆୟ୍ୟାର ଶ୍ରେଷ୍ଠ ଖେଳାଳି

ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ଫେବୃୟାରୀ ମାସର ଶ୍ରେଷ୍ଠ ପୁରୁଷ ଖେଳାଳି ଭାବେ ବିବେଚିତ ହୋଇଛନ୍ତି ଭାରତର ଶ୍ରେୟାସ ଆୟାର।

୧୪

୧୦

## ‘ଅପୂର୍ବା’ରେ ତାରା

ମୁରାଦ ଖେତାନିଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ନାରୀକୈନ୍ଦ୍ରିକ ଫିଲ୍ମ ‘ଅପୂର୍ବା’ରେ ଅଭିନୟ କରିବେ ତାରା ସୁତାରିଆ।



# ରୋଗୀଙ୍କୁ ପିଟିଲେ ଡାକ୍ତର

## କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ



ରୋଗୀଙ୍କୁ ଡାକ୍ତର ମାଡ଼ ମାରୁଥିବାର ଦୃଶ୍ୟ।

**ଭବାନୀପାଟଣା/ଧର୍ମଗଡ଼, ୧୪।୩ (ସ୍ୱ.ପ୍ର./ଡି.ଏନ.ଏ.):** ରୋଗୀଙ୍କୁ ଚିକିତ୍ସା କରି ଜୀବନ ବଞ୍ଚାଉଥିବା ଡାକ୍ତରଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ। ହେଲେ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଏହାର ଓଲଟା ଦୃଶ୍ୟ ସାମ୍ନାକୁ ଆସିଛି। ଜଣେ ରୋଗୀଙ୍କୁ ଚିକିତ୍ସା କରିବା ବଦଳରେ ଡାକ୍ତର ନିସ୍ତୁକ ମାଡ ମାରିବା ଏକ ଭିଡିଓ ଭାଇରାଲ ହୋଇଛି। ଏପରି ଏକ ଅଭାବନୀୟ ଘଟଣା ପ୍ରଘଟ ପରେ ରୋଗୀଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ସମ୍ପୃକ୍ତ ଡାକ୍ତରଙ୍କ ନିଲମ୍ବନ ଓ ଗିରଫ ଦାବିରେ ସୋମବାର ସକାଳୁ ଧର୍ମଗଡ-ରାୟପୁର ସଂଯୋଗ କରୁଥିବା ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଧର୍ମଗଡ ଏସ୍‌ଡିପିଓ ଧୀରଜ କୁମାର ଚୋପଦାର, ଆଇଆଇସି ଦୀପାଞ୍ଜଳି ପ୍ରଧାନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ମାନି ନ ଥିଲେ। ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ☞ପୃଷ୍ଠା-୨

# ଏପ୍ରିଲ ୨୯ରୁ ମେ’ ୭ ମାଟ୍ରିକ ପରୀକ୍ଷା

**କଟକ ଅଫିସ,୧୪।୩**

ଆସନ୍ତା ଏପ୍ରିଲ ୨୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା(ସମେଟିଭ ଆସେସମେଣ୍ଟ-୨)। ଏ ନେଇ ସୋମବାର ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଏପ୍ରିଲ ୨୯ରୁ ମେ’ ୭ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ୨୯ ତାରିଖରେ ଇଂଲିଶ, ମେ’ ୨ରେ ଗଣିତ, ୪ରେ ସାଧାରଣ ବିଜ୍ଞାନ, ୫ରେ ପ୍ରଥମ ଭାଷା, ୬ରେ ତୃତୀୟ ଭାଷା ଏବଂ ୭ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ପ୍ରତ୍ୟେକ ବିଷୟ ପାଇଁ ୨ ଘଣ୍ଟା ସମୟ ରହିଥିବାବେଳେ କେବଳ ଗଣିତ ପାଇଁ ୨ ଘଣ୍ଟା ୧୫ ମିନିଟ୍ ସମୟ ଦିଆଯିବ। ତେବେ ପ୍ରାକ୍ଟିକାଲ ପରୀକ୍ଷା ଏପ୍ରିଲ ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ନିଜ ସ୍କୁଲରେ ହେବ। ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓସେପା) ତତ୍ତ୍ୱାବଧାନରେ ଏହି ପ୍ରାକ୍ଟିକାଲ ପରୀକ୍ଷା ହେବାକୁ ଥିବା ବେଳେ ଏପ୍ରିଲ ୨୨ ମଧ୍ୟରେ ବୋର୍ଡ ନିକଟରେ ମାର୍କ ଦାଖଲ ହେବ। ହାଇସ୍କୁଲ ପିଲାମାନେ ଗୋଟିଏ ଦିନରେ ଗୋଟିଏ ବିଷୟରେ ପରୀକ୍ଷା ଦେବେ। ଷ୍ଟେଟ୍ ଓପନ୍ ସ୍କୁଲ ପିଲାମାନେ ୨ଟି ସିଟିଂରେ ପରୀକ୍ଷା ଦେବେ। ପ୍ରଥମ ସିଟିଂ ସକାଳ ୮ଟା ଓ ଦ୍ୱିତୀୟ ସିଟିଂ ୧୧ଟାରୁ ଆରମ୍ଭ ହେବ। ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ଭିନ୍ନ ରହିବ। ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ମୋଟ୍ ୪ଟି ସେଟ୍ ପ୍ରଶ୍ନପତ୍ର ରହିବ। ଏଥିସହ ଯଥାସମ୍ଭବ ନିଜ ସ୍କୁଲରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ନିଜ ସ୍କୁଲରେ ହୋଇ ନ ପାରିଲେ ନିକଟସ୍ଥ ସ୍କୁଲରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବିଷୟ ପାଇଁ ୮୦ ମାର୍କର ପରୀକ୍ଷା ହେବ। ସେଥିମଧ୍ୟରୁ ୫୦ ମାର୍କ ☞ପୃଷ୍ଠା-୨

### ପ୍ରକାଶ ପାଇଲା କାର୍ଯ୍ୟସୂଚୀ

- ପ୍ରଥମ ଦିନ ଇଂଲିଶ
- ୮ଟାରେ ପ୍ରଥମ, ୧୧ଟାରେ ଦ୍ୱିତୀୟ ସିଟିଂ
- ୪ ସେଟ ରହିବ ପ୍ରଶ୍ନପତ୍ର
- ଗଣିତ ପାଇଁ ଅଧିକ ୧୫ ମିନିଟ୍ ସମୟ
- ଏପ୍ରିଲ ୨ରୁ ୧୩ ପ୍ରାକ୍ଟିକାଲ ପରୀକ୍ଷା

# ଯାଞ୍ଚ ପାଇଁ କମିଟି ଗଠନ କଲା ସିବିଏସ୍‌ଇ

## ଦଶମ ଓଡ଼ିଆ ପ୍ରଶ୍ନପତ୍ର ତ୍ରୁଟି ପ୍ରସଙ୍ଗ

- ୭ ଦିନରେ ସମାଧାନ ଦାବି କଲା ଅଭିଭାବକ ମହାସଂଘ
- ଆଞ୍ଚଳିକ କାର୍ଯ୍ୟାଳୟ ଅଚଳ କରିବାକୁ ଚେତାବନୀ
- ୨୪ ଘଣ୍ଟାରେ ସମାଧାନ ହେବ: ସିବିଏସ୍‌ଇ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ଓଡ଼ିଆ ବିଷୟରେ ଛାତ୍ରୀଛାତ୍ରଙ୍କୁ କମ୍ ମାର୍କ ମିଳିଥିବା ଅଭିଯୋଗ ଆସିଛି। ହଜାର ହଜାର ଛାତ୍ରୀଛାତ୍ର ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବହୁ ଛାତ୍ରୀଛାତ୍ର ରବିବାର ଓଡ଼ିଶା ଅଭିଭାବକ ମହାସଂଘ ନିକଟରେ ଅଭିଯୋଗ କରିବା ପରେ ସୋମବାର ମହାସଂଘର ଏକ ପ୍ରତିନିଧି ଦଳ ଚନ୍ଦ୍ରଶେଖରପୁରସ୍ଥିତ ସିବିଏସ୍‌ଇ କାର୍ଯ୍ୟାଳୟଠାରେ ଆଞ୍ଚଳିକ ଅଧିକାରୀ କେ.ଏନ୍. ଶ୍ରୀନିବାସଙ୍କୁ ଭେଟି ଆଲୋଚନା କରିଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ଦିଆଯାଇଥିବା ଅଭିଯୋଗ ଆଧାରରେ ତ୍ରୁଟି ସମାଧାନ କରିବାରେ ସିବିଏସ୍‌ଇ ଅବହେଳା କରିବା ସହ ପିଲାଙ୍କୁ କମ୍ ମାର୍କ ଦେଇଥିବାରୁ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ସିବିଏସ୍‌ଇର ଆଞ୍ଚଳିକ ଅଧିକାରୀ ତ୍ରୁଟି ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିବା ପ୍ରତିନିଧିଙ୍କୁ ଜଣାଇଛନ୍ତି। ଏଥିସହ ପ୍ରଶ୍ନପତ୍ରରେ ଦେଖାଦେଇଥିବା ଅସଙ୍ଗତିକୁ ଯାଞ୍ଚ କରିବା ପାଇଁ ବୋର୍ଡ ଏକ ବିଶେଷଜ୍ଞ କମିଟି ଗଠନ କରିଛି। ଆସନ୍ତା ଦିନେ ଦୁଇଦିନ ଭିତରେ କମିଟି ରିପୋର୍ଟ ପ୍ରଦାନ କଲେ ଉକ୍ତ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯିବ ବୋଲି ଆଞ୍ଚଳିକ ଅଧିକାରୀ ☞ପୃଷ୍ଠା-୨

# ୧୨-୧୪ ବର୍ଷ ପିଲାଙ୍କୁ ୧୬ରୁ ଟିକା



### ୬୦ରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ପ୍ରିକଶନ ଡୋଜ୍

**ନୂଆଦିଲ୍ଲୀ,୧୪।୩(ପି.ଟି.)**

ଆସନ୍ତା ୧୬ ତାରିଖ ବୁଧବାରଠାରୁ ୧୨ରୁ ୧୪ ବର୍ଷ ବୟସ ବର୍ଗର ପିଲାଙ୍କୁ କୋଭିଡ୍ ଟିକା ଦିଆଯିବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏହା ଘୋଷଣା କରିଛନ୍ତି। ହାଇଦ୍ରାବାଦର ବାୟୋଲୋଜିକାଲ-ଇ ପ୍ରସ୍ତୁତ କୋର୍ବେଭାକ୍ସ ଟିକା ଏହି ପିଲାମାନଙ୍କୁ ଦିଆଯିବ। ଏନେଇ ଟୁଇଟ୍ କରି ମାଣ୍ଡବ୍ୟ କହିଛନ୍ତି, ପିଲା ସୁରକ୍ଷିତ ହେଲେ ଦେଶ ସୁରକ୍ଷିତ ହେବ। ତେଣୁ ୧୨ରୁ ୧୪ ବର୍ଷର ପିଲାଙ୍କୁ ଟିକା ଦେବା ସାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ପ୍ରିକଶନ ଡୋଜ୍ ଦିଆଯିବ ବୋଲି ସେ କହିଛନ୍ତି। ପୂର୍ବରୁ ବହୁବିଧ ରୋଗ ଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଏହି ବୁଷ୍ଟର ଡୋଜ୍ ଦିଆଯାଉଥିଲା। ଭାରତ ସରକାର ବିଶେଷଜ୍ଞ କମିଟି ସହ ବିଚାର ବିମର୍ଶ ପରେ ୨୦୦୮ରୁ ୨୦୧୦ ମଧ୍ୟରେ ଜନ୍ମିତ ସମସ୍ତ ☞ପୃଷ୍ଠା-୨

# ପୋଲିସ ଭୟରେ ନାବାଳିକାଙ୍କ ଆତ୍ମହତ୍ୟା

- ପଞ୍ଚାୟତ ନିର୍ବାଚନ ପୂର୍ବଦିନ ପୋଲିସକୁ ଆକ୍ରମଣ ହୋଇଥିଲା
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ଜଗତ୍‌ସିଂହପୁର ଅଫିସ, ୧୪।୩**

ପଞ୍ଚାୟତ ନିର୍ବାଚନର ପୂର୍ବଦିନ ହୋଇଥିବା ମାମଲାରେ ପୋଲିସ ଭୟଭୀତ କରୁଥିବାରୁ ରବିବାର ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ହାବେଳିନାଥ ସାହିରେ ଏହି ଘଟଣା ଘଟିଛି।

ଗତ ଫେବୃୟାରୀ ୧୭ ରାତିରେ ଏହି ଥାନା ଅନ୍ତର୍ଗତ ପଲ୍ଲୀ ମହାକାଳେଶ୍ୱରନାଥ ସାହିରେ ପୋଲିସ ଉପରେ ଆକ୍ରମଣ ହୋଇଥିଲା। ଏଥିରେ ପୋଲିସ ଗାଡ଼ି ଭାଙ୍ଗିବା ସହ ୨ ଜଣ କନ୍‌ଷ୍ଟେବଲ ଆହତ ହୋଇଥିଲେ। ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ଏହାକୁ କେନ୍ଦ୍ର କରି ପୋଲିସ ରବିବାର ରାତିରେ ଥାନା ଅନ୍ତର୍ଗତ ହାବେଳି ନାଥ ସାହିରେ ପହଞ୍ଚି ଅଭିଯୁକ୍ତ ମାନସ ନାଥଙ୍କୁ ଗିରଫ କରିବାକୁ କବାଟ ବାଡ଼େଇଥିଲା। ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀ ଅନୁପସ୍ଥିତ ଥିବାରୁ ପୋଲିସ ସେମାନଙ୍କ ଝିଅମାନଙ୍କୁ ଧମକ ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

“ଗାନ୍ଧୀ ପରିବାର ହାତରେ କଂଗ୍ରେସ ଦଳର ନେତୃତ୍ୱ ରହିଲେ ଏହି ଦଳ ରସାତଳକୁ ଚାଲିଯିବ।

– ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: .............................



ରାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ମାଇଁ**
**ଯାହା ପେଟକୁ ଯିଏ ଧାଇଁ ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ନିଜ ପେଟପାଟଣା ପାଇଁ ଅହରହ ବ୍ୟସ୍ତବିବ୍ରତ। କାହାରି ସୁଖ ଦୁଃଖରେ ସାମିଲ ହେବା, ଭଲମନ୍ଦ କଥା ପଚାରି ବୁଝିବାରେ କାହାକୁ ସମୟ ମିଳିନଥାଏ କି ଆଗ୍ରହ ରହି ନଥାଏ। ନିଜ ପାଇଁ ନିଜେ ବଞ୍ଚିବା ତଥା ସୁଖ ସୁବିଧା ପାଇଁ ନିତି ଧାଁଧାପଡ଼ କରୁଥିବା ବ୍ୟକ୍ତିର ଏତାଦୃଶ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆରେ ଭାଇ,**
**ଅର୍ଜି ପାରିଲେ ଗର୍ଜି ଖାଇ ।**

ନିଜେ ରୋଜଗାର କରି ଖାଇଲେ ସେଥିରେ ଆତ୍ମସନ୍ତୋଷ ମିଳିଥାଏ। ପର ଉପରେ ନିର୍ଭର କରି ଚଳିଲେ ଅପନିନ୍ଦା ଶୁଣିବା ହିଁ ସାର ହୋଇଥାଏ। ନିଜ ପେଟ ପାଟଣାର କଥା ନିଜେ ଚିନ୍ତା କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୪୦ ପଇସା ପାଇଁ ୪ ହଜାର ଦଣ୍ଡ




**ବେଙ୍ଗାଲୁରୁ,୧୪।୩**

ଦୋକାନରୁ କୌଣସି ଜିନିଷ କିଣିଲେ ଆମେ ସାଧାରଣତଃ ସମ୍ପୂର୍ଣ୍ଣ ମୂଲ୍ୟ ପୈଠ କରିଥାଉ। ଉଦାହରଣ ସ୍ୱରୂପ ଯଦି ଗୋଟିଏ ଜିନିଷର ଦାମ୍ ୨୪ଟଙ୍କା ୫୫ ପଇସା ତେବେ ଆମେ ସାଧାରଣତଃ ବିନା ପ୍ରଶ୍ନରେ ଦୋକାନୀଙ୍କୁ ସମ୍ପୂର୍ଣ୍ଣ ୨୫ ଟଙ୍କା ଦେଇଥାଉ। କିନ୍ତୁ ବେଙ୍ଗାଲୁରୁର ଜଣେ ଗ୍ରାହକଙ୍କଠାରୁ ହୋଟେଲ କର୍ମଚାରୀ ଅଧିକ ୪୦ ପଇସା ନେଇଯିବାରୁ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ହେଲେ ମାତ୍ର ୪୦ ପଇସା ପାଇଁ ଅଦାଲତର ସମୟ ନଷ୍ଟ କରିଥିବାରୁ ଓଲଟା ଅଦାଲତ ତାଙ୍କୁ ୪ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

ଟି. ନରସିହ୍ମା ମୂର୍ତ୍ତି ନାମକ ଜଣେ ବ୍ୟକ୍ତି ବେଙ୍ଗାଲୁରୁରେ ଥିବା ଏମ୍ପାୟାର ହୋଟେଲରୁ ଖାଇବା ଅର୍ଡର କରିଥିଲେ। ଅର୍ଡର କରିଥିବା ଖାଦ୍ୟର ମୂଲ୍ୟ ୨୬୪.୬୦ ପଇସା ହୋଇଥିବାବେଳେ ହୋଟେଲ ଅଧିକାରୀ ତାଙ୍କଠାରୁ ୨୬୫ଟଙ୍କା ନେଇଥିଲେ। ହୋଟେଲ ଅଧିକାରୀ କ'ଣ ପାଇଁ ୪୦ ପଇସା ଅଧିକ ନେଲେ ବୋଲି ମୂର୍ତ୍ତି ପ୍ରଶ୍ନ କରିଥିଲେ ହେଁ ହୋଟେଲ ପକ୍ଷରୁ କୌଣସି ଜବାବ୍ ମିଳି ନ ଥିଲା; ଯାହାପରେ ମୂର୍ତ୍ତି କଞ୍ଜୁମର କୋର୍ଟରେ ଅଭିଯୋଗ କରିଥିଲେ। ହୋଟେଲ କର୍ତ୍ତୃପକ୍ଷ ଗ୍ରାହକଙ୍କୁ ଠକୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଥିଲା। ମୂର୍ତ୍ତି ପେସାରେ ଜଣେ ଓକିଲ ହୋଇଥିବାରୁ ସେ ନିଜେ କୋର୍ଟରେ ଏହି ମାମଲା ଲଢୁଥିବାବେଳେ ଅଂଶୁମାନ. ଏମ୍ ଏବଂ ଆଦିତ୍ୟ ଏମ୍ବ୍ରୋସ୍ ହୋଟେଲ ପକ୍ଷରୁ ମାମଲା ଲଢୁଥିଲେ।

ମାର୍ଚ୍ଚ ୪ ତାରିଖରେ କୋର୍ଟ ପକ୍ଷରୁ କରାଯାଇଥିବା ଶୁଣାଣିରେ ଅଭିଯୋଗକାରୀଙ୍କ ଉପରେ କୋର୍ଟ ୪୦୦୦ ଟଙ୍କା ଜରିମାନା ଲଗାଇଛନ୍ତି। ଭାରତ ସରକାରଙ୍କ ନିୟମ ଅନୁସାରେ ଯଦି କୌଣସି ଜିନିଷର ମୂଲ୍ୟ ୫୦ ପଇସାରୁ ଅଧିକ ହୁଏ ତେବେ ତାକୁ ୧ ଟଙ୍କା ବୋଲି ହିସାବ କରାଯାଏ। ସେହିପରି କୌଣସି ଜିନିଷର ମୂଲ୍ୟରେ ୫୦ ପଇସାରୁ କମ୍ ହେଲେ ତାକୁ ଅଣଦେଖା କରାଯାଇପାରିବ। ଅଭିଯୋଗ ଅନୁସାରେ ମୂର୍ତ୍ତିଙ୍କ ଅଭିଯୋଗକ୍ରମେ ୨୬୪.୬୦ ପଇସା ବିଲ୍ ହେବା ପରେ ହୋଟେଲ କର୍ତ୍ତୃପକ୍ଷ ୨୬୫ ଟଙ୍କା ନେବା କୌଣସିମତେ ଅପରାଧ ନୁହେଁ। ଅଭିଯୋଗକାରୀ ଉଭୟ ହୋଟେଲ ଏବଂ ଅଦାଲତର ସମୟର ନଷ୍ଟ କରିଥିବାରୁ ଜଜ୍ ମୂର୍ତ୍ତିଙ୍କ ଉପରେ ବର୍ଷିଥିଲେ। ଏ ନେଇ ଅଭିଯୋଗକାରୀଙ୍କୁ ହୋଟେଲ କର୍ତ୍ତୃପକ୍ଷଙ୍କୁ ୨ ହଜାର ଏବଂ କୋର୍ଟକୁ ୨ ହଜାର ଜରିମାନା ଦେବାକୁ ପଡ଼ିବ। ତେବେ ଏହି ଟଙ୍କା ମୂର୍ତ୍ତିଙ୍କୁ ୩୦ ଦିନ ଭିତରେ ଦେବା ପାଇଁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


# classifieds

**Everyday**
**0674-2580101, 2549302**




**SALE**

Plot for sale at Chhatabar per sq.ft @99/-. 7381268181, 9583295832. D-23401

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71957

C.V.Raman College ପାଖରେ 8000sqft. ଘରବାରି plot ବିକ୍ରିହେବ। Contact: 9937910363. D-70267

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

ସତ୍ୟନଗରରେ yellowzone ଘରବାରି 20,000sqft. plot ବିକ୍ରିହେବ। Contact: 9778928492. D-70268

**Plot for sale gharabari 30ft. road 4km. from NH Retang road near Polytechnic College. 9777345831.** D-71020

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

**ଜମି ବିକ୍ରି: ଭୁବନେଶ୍ୱର ପ୍ରାଇମ୍ ପ୍ଲଟ୍ 100X35 ଫୁଟ୍ ପାଚେରି ସହିତ ଶ୍ୟାମପୁର ମୌଜା ଦୁଇ କଡ଼ରେ ପକ୍କା ରାସ୍ତା, ସମ୍ ହସ୍ପିଟାଲ ପାଖରେ 9223399775/ sansub1963@gmail.com.** D-23400

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511.** D-23375

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939.** D-71799

Gharabari land 1707sqft. near AIIMS Hospital, Police Academy back side Bhubaneswar @2500/- per sqft. for sale. Contact: 9438376959. D-71478

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71871




Ashirvaad Saloon and SPA get good massage for your health tha best therapy. 7077181074. D-71874

Newly opening SPA positively health benefits with expert therapist. 8917332216. D-71959

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Ayurvedic full body massage by experienced male/ female therapist. 7381172169. D-71480

Newly open full body massage ladies and gents. 8327740003. D-71875

Refreshing your mind and body with the best therapy, 7873794731. D-23292




ଅଗରବତି ମେସିନ୍ ବସାଇ ଆମ ମାଧ୍ୟମରେ ଦିନକୁ ୧୦୦୦-୧୫୦୦ ରୋଜଗାର କରନ୍ତୁ। 8114845472. D-71479

Channel Partner for FMCG Products, Monthly income upto 130000/-, +919938710216, info@highqmart.com. D-23397

**AFFIDAVIT**

I, Sourav Kumar Singh, S/o Rajendra Singh, Mungapara, Khetrajpur, Sambalpur sworn in an affidavit at Notary Public, Sambalpur changed my name as Sourav Singh for all purpose vide affidavit No. 12AA 333078 date 11-03-2022. D-23413

**ସମ୍ବଲପୁରୀ ନୃତ୍ୟରେ ମୋହିତ କୁମାର ସ୍ୱାଇଁଙ୍କ ଡକ୍ଟରେଟ ଲାଭ**



ଶ୍ରୀ ମୋହିତ କୁମାର ସ୍ୱାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧିନରେ An Analytical-cum Demonstrative Study of the Sambalpuri Dance Forms of Western Odisha with Special Reference to DALKHAI ମୌଳିକ ଗବେଷଣା କରି ପିଏଚଡି ଉପାଧି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଭୁବନେଶ୍ୱର ସ୍ଥିତ ଉତ୍କଳ ସଂଗୀତ ମହାବିଦ୍ୟାଳୟର ପୂର୍ବତନ ଓଡିଶୀ ନୃତ୍ୟ ବିଭାଗୀୟ ମୁଖ୍ୟ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ। ଉକ୍ତ ଗବେଷଣାତ୍ମକ ନିବନ୍ଧଟି ମଧ୍ୟପ୍ରଦେଶ ଖଇରାଗଡ ବିଶ୍ୱବିଦ୍ୟାଳୟର ଡ.ରାଜକୁମାର ପଟେଲ ଏବଂ ସଂସ୍କୃତି ଗବେଷକ ଡ.ଶ୍ୟାମସୁନ୍ଦର ଧର ସମ୍ବଲପୁରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ଲାଭ କରିଛି। ଡ. ମୋହିତ କୁମାର ସ୍ୱାଇଁ ବରଗଡ ଜିଲା ଲଖନପୁର ଗ୍ରାମର ବିହାରୀ ସ୍ୱାଇଁ ଓ ସ୍ୱର୍ଗତା ସାବିତ୍ରୀଙ୍କ ପୁତ୍ର ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ପଦ୍ମିନୀ ଦୋରାଙ୍କ ସ୍ୱାମୀ ଅଟନ୍ତି। ସଂପ୍ରତି ଡ. ସ୍ୱାଇଁ ଗଣଶିକ୍ଷା ବିଭାଗରେ ସାମୟିକ କଳାଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ଅପାର କରୁଣାରୁ ସେ ସଫଳତା ହାସଲ କରିଛନ୍ତି ଧ-୨୩୪୧୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଏପ୍ରିଲ ୨୯ରୁ...

ଅବଜେକ୍ଟିଭ(ମଲ୍ଟିପଲ ଚଏସ୍) ରହିଥିବାବେଳେ ୩୦ ମାର୍କ ସବଜେକ୍ଟିଭ ରହିବ। ପରୀକ୍ଷାର୍ଥୀମାନେ ସଂକ୍ଷିପ୍ତ ଉତ୍ତରମୂଳକ ୫୦ ମାର୍କ ଓଏମ୍ଆର୍ ସିଟ୍‌ରେ ପରୀକ୍ଷା ଦେବେ ଓ ଦୀର୍ଘ ଉତ୍ତରମୂଳକ ୩୦ ମାର୍କ ପରୀକ୍ଷା ମିଳିଥିବା ବୁକ୍‌ଲେଟ୍‌ରେ ଲେଖିବେ ବୋଲି ସୋମବାର ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା, ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ଓ ସେକ୍ରେଟାରି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ନୂଆ ଢାଞ୍ଚାରେ ମାଟ୍ରିକ ପରୀକ୍ଷା ହେଉଛି। ସମେଟିଭ ଆସେସମେଣ୍ଟ ୧ ଓ ସମେଟିଭ ଆସେସମେଣ୍ଟ ୨ ଏଭଳି ଦୁଇଟି ପରୀକ୍ଷା। ସମେଟିଭ ୧ ଶେଷ ହୋଇଯାଇଥିବାବେଳେ ଏପ୍ରିଲ ୨୯ ତାରିଖରୁ ସମେଟିଭ ୨ ଆରମ୍ଭ ହେବ। ସମ୍ମେଟିଭ୍ ଆସେସମେଣ୍ଟ-୨ ପରୀକ୍ଷା ଛାତ୍ରୀଛାତ୍ରଙ୍କ ଲାଗି ବାଧ୍ୟତାମୂଳକ ରହିଛି। ବିଗତ ଦୁଇବର୍ଷର କରୋନା ସ୍ଥିତିକୁ ବିଚାରକୁ ନେଇ ଏବଂ ଛାତ୍ରୀଛାତ୍ରଙ୍କ ହିତକୁ ଦୃଷ୍ଟିରେ ରଖି ପରିଷଦ ତିନୋଟି ପଦ୍ଧତିରେ ପରୀକ୍ଷା ଫଳ ନିର୍ଦ୍ଧାରଣ କରିବ। ଏହି ତିନୋଟି ପଦ୍ଧତି ମଧ୍ୟରୁ ପ୍ରଥମ ଦୁଇଟି ହେଉଛି ବିକଳ୍ପ ମୂଲ୍ୟାୟନ ପଦ୍ଧତି ଏବଂ ତୃତୀୟଟି ପରିଷଦ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଥିବା ନୂତନ ମୂଲ୍ୟାୟନ ପଦ୍ଧତି ଅନୁସାରେ ଫଳ ନିର୍ଦ୍ଧାରଣ ହେବ। ପ୍ରଥମ ପଦ୍ଧତି ଅନୁସାରେ ସମେଟିଭ ଆସେସମେଣ୍ଟ-୧ ଓ ଇଣ୍ଟରନାଲ ଆସେସମେଣ୍ଟର ମାର୍କର ୨ ଗୁଣା, ଦ୍ୱିତୀୟରେ ସମେଟିଭ ଆସେସମେଣ୍ଟ-୨ର ମାର୍କର ୨ ଗୁଣା ଏବଂ ତୃତୀୟ ପଦ୍ଧତିରେ ଇଣ୍ଟରନାଲ ଆସେସମେଣ୍ଟର ୨୦%, ସମେଟିଭ-୧ର ୩୦% ଓ ସମେଟିଭ-୨ର ୫୦% ମାର୍କକୁ ବିଚାରକୁ ନିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଏହି ୩ ପଦ୍ଧତିରେ ନିର୍ଦ୍ଧାରଣ କରାଯିବ ଏବଂ ଯେଉଁଥିରେ ସେମାନେ ସର୍ବାଧିକ ନମ୍ବର ରଖିବେ ତାହା ତାଙ୍କର ଚୂଡ଼ାନ୍ତ ଫଳ ହେବ।

## ଏପ୍ରିଲ ୧୩ରୁ ନବମ ସମେଟିଭ-୨

**କଟକ ଅଫିସ,୧୪।୩:** ଆସନ୍ତା ଏପ୍ରିଲ ୧୩ ତାରିଖରୁ ନବମ ସମେଟିଭ-୨ ପରୀକ୍ଷା ଆରମ୍ଭ ହେବ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ସୋମବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ଗଣିତ ପାଇଁ ପିଲାଙ୍କୁ ଅଧିକ ୧୫ମିନିଟ୍ ସମୟ ଦିଆଯିବ। ନିଜ ସ୍କୁଲରେ ପିଲାମାନେ ପରୀକ୍ଷା ଦେବେ। କିନ୍ତୁ ପରୀକ୍ଷାର ମୂଲ୍ୟାଙ୍କନ ଅନ୍ୟ ସ୍କୁଲରେ ହେବ। ଏପ୍ରିଲ ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ମୂଲ୍ୟାଙ୍କନ ବୋଲି ବୋର୍ଡ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ହାଇସ୍କୁଲ ପରୀକ୍ଷାର୍ଥିଙ୍କ ପାଇଁ ଗୋଟିଏ ସିଟିଂ ବ୍ୟବସ୍ଥା କରାଯାଇଥିବାବେଳେ ମଧ୍ୟମା ପାଇଁ ୨ଟି ସିଟିଂ ବ୍ୟବସ୍ଥା କରାଯାଇଛି। ଭୋକେଶନାଲ ଟ୍ରେଡ ପ୍ରାକ୍ଟିକାଲ ପରୀକ୍ଷା ୫୦ ମାର୍କର ହେବ ଏବଂ ଏହା ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବ। ଏପ୍ରିଲ ୧୮ ମଧ୍ୟରେ ଓସେପା ଛାତ୍ରୀଛାତ୍ରଙ୍କ ମାର୍କ ବୋର୍ଡ ନିକଟରେ ଦାଖଲ କରିବେ। ସମେଟିଭ ୧ ଯେଉଁ ପ୍ରକ୍ରିୟାରେ ହୋଇଥିଲା ସମେଟିଭ ୨ ମଧ୍ୟ ସମାନ ପ୍ରକ୍ରିୟାରେ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ମିଳିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## ଯାଞ୍ଚ ପାଇଁ କମିଟି...

ଶ୍ରୀନିବାସ ସୂଚନା ଦେଇଛନ୍ତି। ଟର୍ମ-୧ ପରୀକ୍ଷା ପରେ ଅଭିଭାବକ ମହାସଂଘ ସିବିଏସ୍ଇ ଆଞ୍ଚଳିକ ଅଧିକାରୀଙ୍କୁ ଭେଟି ଓଡ଼ିଆ ପ୍ରଶ୍ନପତ୍ରରେ ରହିଥିବା ୧୭ ମାର୍କର ତ୍ରୁଟି ସଂକ୍ରାନ୍ତରେ ଅଭିଯୋଗ କରିବା ସହ ବିକଳ୍ପ ମୂଲ୍ୟାୟନ କରିବାକୁ ଦାବି ଜଣାଇଥିଲା। ହେଲେ ସିବିଏସ୍ଇ କର୍ତ୍ତୃପକ୍ଷ ତାହାକୁ ବିଚାରକୁ ନ ନେଇ ପରୀକ୍ଷା ଫଳ ପ୍ରକାଶ କରିଦେଲେ, ଯାହାର ପରିଣାମ ସ୍ୱରୂପ ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିବା ପିଲାମାନେ ବର୍ତ୍ତମାନ ମାନସିକ ଚିନ୍ତାରେ ଅଛନ୍ତି। ସିବିଏସ୍ଇର ତ୍ରୁଟି ପାଇଁ ଓଡ଼ିଆ ପିଲାଙ୍କ କ୍ୟାରିଅର ନଷ୍ଟ ହେବ। ଏଭଳି ଦାୟିତ୍ୱହୀନ ଓ ଖାମଖିଆଲ କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ। ପିଲାମାନେ କିଭଳି ଏହି ୧୭ ମାର୍କ ପାଇବେ ତାହାର ତୁରନ୍ତ ସମାଧାନ ହେବା ଉଚିତ ବୋଲି ଆଲୋଚନା ସମୟରେ ମହାସଂଘ ଦାବି ରଖିଥିଲା। ତେବେ ଏହି ସମୟରେ ଯାଞ୍ଚ ପାଇଁ ଗଠିତ ବିଶେଷଜ୍ଞ କମିଟି ମଧ୍ୟ ଉପସ୍ଥିତ ଥିଲା। ସେହିଭଳି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଏକ ୬ଜଣିଆ ଟିମ୍ ସୋମବାର ସିବିଏସ୍ଇ ଆଞ୍ଚଳିକ ଅଧିକାରୀଙ୍କୁ ଭେଟି ତ୍ରୁଟିଜନିତ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛି।

ଏହାପରେ ଅଭିଭାବକ ମହାସଂଘ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୭ ଦିନ ଭିତରେ ତ୍ରୁଟି ସୁଧାରି ମାର୍କ ପ୍ରଦାନ ସହ ସମସ୍ୟା ସମାଧାନ ନ କଲେ ଭୁବନେଶ୍ୱରସ୍ଥିତ ସିବିଏସ୍ଇର ଆଞ୍ଚଳିକ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ମହାସଂଘ ଚେତାବନୀ ଦେଇଥିଲା। ସେପଟେ ଅପରାହ୍ନରେ ସିବିଏସ୍ଇ ଟୁଇଟ୍ କରି ୨୪ ଘଣ୍ଟା ମଧ୍ୟରେ ବିଶେଷଜ୍ଞ କମିଟି ତଥ୍ୟ ଆଧାରରେ ସମାଧାନ କରାଯିବ ବୋଲି ସୂଚନା ଦେଇଛି। ତ୍ୱରିତ ଅଭିଯୋଗର ସମାଧାନ ପାଇଁ ପଦକ୍ଷେପ ନେଇଥିବାରୁ ମହାସଂଘ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସିବିଏସ୍ଇକୁ ଧନ୍ୟବାଦ ଜଣାଇଛି। ଏହି ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋଇ, ସତ୍ୟବ୍ରତ ପରିଜା, ପ୍ରଦୀପ୍ତ ମିଶ୍ର, ଅନନ୍ତ ରାଉତ, ପଦ୍ମନାଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୨-୧୪ ବର୍ଷ...

ପିଲାଙ୍କୁ କୋଭିଡ୍ ଟିକା ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ସରକାରୀ ସୂତ୍ର ଅନୁଯାୟୀ ୧୨ରୁ ୧୪ ବର୍ଷ ବୟସ ବର୍ଗର ପ୍ରାୟ ୭.୧୧ କୋଟି ପିଲାଙ୍କୁ ଟିକା ଦିଆଯିବ। ବର୍ତ୍ତମାନ ସୁଦ୍ଧା ବାୟୋଲୋଜିକାଲ-ଇ କେନ୍ଦ୍ର ସରକାରଙ୍କୁ ୫ କୋଟି କୋର୍ବେଭାକ୍ସ ଡୋଜ୍ ଯୋଗାଇଦେଇଛି। କେନ୍ଦ୍ର ଏହାକୁ ରାଜ୍ୟଗୁଡ଼ିକ ନିକଟକୁ ପଠାଇବ। କରୋନା ସଂକ୍ରମଣ ହ୍ରାସ ପାଇବା ପରେ ଏବେ ଦେଶବ୍ୟାପୀ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିଥିବାବେଳେ ପିଲାମାନଙ୍କୁ ଟିକା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏବେ ୧୫ରୁ ୧୭ ବର୍ଷ ବୟସ ବର୍ଗର ପିଲାଙ୍କୁ ଟିକାଦାନ ଜାରି ରହିଛି।

ସୂଚନାଯୋଗ୍ୟ, ୨୦୨୧ ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମେ ସ୍ୱାସ୍ଥ୍ୟସେବା କର୍ମଚାରୀ, ପରେ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯିବା ପରେ ସେହିବର୍ଷ ମାର୍ଚ୍ଚ ୧ରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବିଭିନ୍ନ ରୋଗ ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଟିକାଦାନ ଆରମ୍ଭ ହୋଇଥିଲା। ଏପ୍ରିଲ ୧ରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକା ନେବା ଲାଗି ସୁଯୋଗ ଦିଆଯାଇଥିବାବେଳେ ମେ' ୧ରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକା ନେବା ଲାଗି ଅନୁମତି ମିଳିଥିଲା। ଚଳିତ ବର୍ଷ ଜାନୁୟାରୀ ୩ରୁ ୧୫ରୁ ୧୭ ବର୍ଷ ବୟସ ବର୍ଗର କିଶୋରୀ କିଶୋରଙ୍କୁ କୋଭିଡ୍ ଟିକା ଏବଂ ଜାନୁୟାରୀ ୧୦ରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ତଥା ବହୁବିଧ ରୋଗ ଥିବା ଲୋକଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଥିଲା।

## ପୋଲିସ ଭୟରେ...

ଦେଇ ଫେରିଯାଇଥିଲା। ଏହି ଭୟରେ ମାନସଙ୍କ ବଡ଼ ଝିଅ ସ୍ମୃତିପ୍ରଜ୍ଞା ଓରଫ ବର୍ଷା(୧୭) ରାତିରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ସାନଭଉଣୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସୋମବାର ଉତ୍ତ୍ୟକ୍ତ ଲୋକେ ବାଲିଭଉଁରୀ-ଶିଖର ଘାଟ ମୁଖ୍ୟରାସ୍ତାର ସିଂହପୁର ବଜାରଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଜିଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ଜଗତ୍‌ସିଂହପୁର ଏସ୍‌ଡିପିଓ ରମେଶଚନ୍ଦ୍ର ସିଂ ଓ ଜଗତ୍‌ସିଂହପୁର ଥାନା ଅତିରିକ୍ତ ଆଇଆଇସି ରାଜକିଶୋର ବେହେରା ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ପୋଲିସକୁ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କୁ ୩ ଦିନ ଭିତରେ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା। ତେବେ ଏତଲାରେ ଯେଉଁମାନଙ୍କ ନାମ ନାହିଁ ପୋଲିସ ସେମାନଙ୍କୁ ଗିରଫ କରିବ ନାହିଁ ବୋଲି କହିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୁକ୍ତ ମାନସଙ୍କ ୩ ଝିଅ। ବର୍ଷା ବଡ଼ ହୋଇଥିବାବେଳେ ତାଙ୍କ ତଳକୁ ୧୨ ଓ ୧୪ ବର୍ଷର ୨ ଝିଅ ଅଛନ୍ତି। ନିର୍ବାଚନ ପୂର୍ବଦିନ ପୋଲିସ ଗାଡି ଭଙ୍ଗାରୁଜା ପରଠାରୁ ଗାଁ ପୁରୁଷଶୂନ୍ୟ ହୋଇଯାଇଥିଲା। ଏ ସମ୍ପର୍କରେ ମାନସଙ୍କ ମଝିଆ ଝିଅ ଓ ଗ୍ରାମବାସୀଙ୍କ କହିବା କଥା ହେଲା ରବିବାର ରାତିରେ ଘରେ କେବଳ ୩ ଝିଅ ଥିଲେ। ପୋଲିସ ଗାଡ଼ି ତାଙ୍କ ଘର ପାଖରେ ପହଞ୍ଚି ପ୍ରଥମେ କବାଟ ଓ ପରେ ଝରକା ବାଡ଼େଇଥିଲା। ମା, ବାପା ନ ଥିବାରୁ ପିଲାମାନେ ଭୟରେ କବାଟ ଖୋଲି ନ ଥିଲେ। ପୋଲିସ ଗଲାବେଳକୁ ନାନା କଥା କହି ଧମକାଇଥିଲା। ଏହି ଭୟରେ ବର୍ଷା ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। କିନ୍ତୁ ପୋଲିସ ଏହି କଥାକୁ ଅସ୍ୱୀକାର କରିଛି।

ଏସବୁ ଅଭିଯୋଗ ମିଥ୍ୟା ବୋଲି ଏସ୍‌ଡିପିଓ ସିଂ କହିଛନ୍ତି। ଗତ ୩ ତାରିଖରୁ ଏହି ଗାଁକୁ ପୋଲିସ ଯାଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଅପମୃତ୍ୟୁ ମାମଲା ରୁଜୁ ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତଦନ୍ତରେ ଆଉ କିଛି କାରଣ ଥିଲେ କିମ୍ବା ଦୋଷୀ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଗତ୍‌ସିଂହପୁର ଥାନା ପକ୍ଷରୁ କୁହାଯାଇଛି।

## ରୋଗୀଙ୍କୁ ପିଟିଲେ...

ଘଟଣାସ୍ଥଳରେ ପହଞ୍ଚି ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଟିମ୍ ପ୍ରତିଶ୍ରୁତି ଦେଇଥିଲା। ଅପରପକ୍ଷରେ ଏସ୍‌ଡିପିଓ ମଧ୍ୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଅପରାହ୍ନ ୪ଟାରେ ରାସ୍ତାରୋକୋ ହଟିଥିଲା। ଏହି ଘଟଣାକୁ ନେଇ ଉଭୟ ରୋଗୀ ଏବଂ ଡାକ୍ତରଙ୍କ ପକ୍ଷରୁ ସ୍ଥାନୀୟ ଥାନାରେ ୨ଟି ପୃଥକ ମାମଲା ଦାଏର ହୋଇଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଧର୍ମଗଡ ବସ୍ତିପଡାର ମୁକେଶ ନାଏକ (୩୫) ନାମକ ଜଣେ ଯୁବକ ପେଟରେ ଯନ୍ତ୍ରଣା ହେବାରୁ ସ୍ଥାନୀୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ତାଙ୍କୁ ଚିକିତ୍ସା କରିବା ବିଳମ୍ବିତ ହେବା ଯୋଗୁ ସେ ଯନ୍ତ୍ରଣାରେ ଛଟପଟ ହୋଇ ପାଟି କରିଥିଲେ। ପାଟି ଶୁଣି କାର୍ଯ୍ୟରତ ଡାକ୍ତର ଶୈଳେଶ କୁମାର ଦୋରା ଆସି କାହିଁକି ପାଟି କରୁଛ ବୋଲି ଉତ୍ତ୍ୟକ୍ତ ହୋଇ ବାଡ଼ିରେ ଏବଂ ଗାଲରେ ଚାପୁଡ଼ା ମାଡ଼ ମାରିଥିଲେ। ଏପରିକି ଡାକ୍ତରଖାନା ସିକ୍ୟୁରିଟି ଗାର୍ଡ ଡାକ୍ତର ଦୋରାଙ୍କୁ ଛଡ଼ାଉଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଯାହାର ଭିଡିଓ ସୋମବାର ସକାଳେ ଭାଇରାଲ ହେବା ପରେ ରୋଗୀଙ୍କ ସମ୍ପର୍କୀୟ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ। ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଗାଡ଼ିମୋଟର ଚଳାଇବା ସମୟରେ ଅନ୍ୟମନସ୍କତା ଅସୁବିଧାର କାରଣ ହେବାର ସମ୍ଭାବନା ରହିଛି।

**ବୃଷ** ଦେହ ଭିତରେ ବସା ବାନ୍ଧି ରହିଥିବା ପୁରୁଣା ରୋଗ ଜନିତ ସମସ୍ୟା ବିଷୟରେ ଚିନ୍ତା ପ୍ରକଟ କରିବେ। ସ୍ୱାସ୍ଥ୍ୟର ଅବନତି ପରିଲକ୍ଷିତ ହେବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ଅର୍ଥ ସମ୍ପର୍କୀୟ ଅଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ।

**ମିଥୁନ** ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରିବା ଭଲ ହେବ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ବିନା କାରଣରେ କ୍ରୋଧ ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ। ଯାତ୍ରା, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇ ଖୁସି ହେବେ। ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁଙ୍କ ଭୁଲ୍ ବୁଝାମଣା ହେତୁ ସତର୍କତାର ସହ କାମ କରିବା ଭଲ।

**ସିଂହ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଜମିଜମା, କଳକାରଖାନା, ସଭାସମିତି, ମନୋରଞ୍ଜନରେ ସଫଳତା ଅର୍ଜନ କରିବେ।

**କନ୍ୟା** କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି ବି କରିବେ ନାହିଁ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ପରିବାର ସହ ସାମିଲ ହୋଇପାରନ୍ତି। ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ଆପଣ ଆଜିର କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡ଼ିବାକୁ ବାଧ୍ୟ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। କଠୋର ପରିଶ୍ରମ ପୂର୍ବକ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା** କର୍ମକ୍ଷେତ୍ରରେ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଅପରାହ୍ନରେ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ମନକୁ ଆହ୍ଲାଦିତ କରିବ।

**ଧନୁ** କୌଣସି ଅଭାବ ନ ଥାଇ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଫଳ ପାଇବେ।

**ମକର** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ଯୁକ୍ତିତର୍କର ଆଶଙ୍କା ଦେଖାଦେଇପାରେ।

**କୁମ୍ଭ** ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ସମସ୍ୟା ସୁଧାରିବାକୁ ଯାଇ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ, କିନ୍ତୁ କିଛି ଲାଭ ହେବନି। ବନ୍ଧୁଙ୍କ ପ୍ରତ୍ୟକ୍ଷ ସାହାଯ୍ୟରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ମୀନ** କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରୁ ଆଶ୍ୱସ୍ତି ଲାଭ କରିବେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୫,୮୯,୧୦,୫୯୫ | ୬୦,୬୭,୮୦୫ | ୩୯,୨୩,୩୦,୩୫୫ |
| ଭାରତ | ୪,୨୯,୯୩,୪୯୪ | ୫,୧୫,୯୦୭ | ୪,୨୪,୪୧,୪୪୯ |
| ଓଡ଼ିଶା | ୧୨,୮୬,୬୯୪ | ୯୧୧୫(+୫୩) | ୧୨,୭୬,୭୮୨ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବୈଷୟିକ ଶିକ୍ଷାରେ ପରିବର୍ତ୍ତନ ଲକ୍ଷ୍ୟ

**ବୈଷୟିକ ଶିକ୍ଷା ରାଷ୍ଟ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରାଜ୍ୟର ବିକାଶ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ବୈଷୟିକ ଜ୍ଞାନ ନିତାନ୍ତ ଆବଶ୍ୟକ। ଓଡ଼ିଶାରେ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବୈଷୟିକ ଶିକ୍ଷା କ୍ଷେତ୍ରରେ ମାଇଲଖୁଣ୍ଟ ସାଜିଥିବା ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଚେୟାରମ୍ୟାନ ତଥା ମ୍ୟାନେଜିଂ ଟ୍ରଷ୍ଟି ବିନୋଦ ଦାଶଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା।**



ବିନୋଦ ଦାଶ, ଚେୟାରମ୍ୟାନ ତଥା ମ୍ୟାନେଜିଂ ଟ୍ରଷ୍ଟି, ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ

ଧରିତ୍ରୀ | OrissaPOST BUSINESS EMINENCE AWARDS

**➲ ପାଠପଢ଼ା ଶେଷ ପରେ ଆପଣଙ୍କ ଲକ୍ଷ୍ୟ କ'ଣ ରହିଥିଲା?**

ମୁଁ ରେଭେନଶାରୁ ଗଣିତରେ ସ୍ନାତକୋତ୍ତର ପାସ୍ କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥାଏ। ଏକ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ ହୋଇ ଅଧିକ ରୋଜଗାର କରିଆରାମରେ ଚଳିବା ପାଇଁ ମନରେ ପ୍ରବଳ ଇଚ୍ଛା ଥିଲା। ଆଗାମୀ ଜୀବନ ଖୁସି ଆନନ୍ଦରେ ବିତାଇବାକୁ ଲକ୍ଷ୍ୟ ରଖିଥିଲି।

**➲ ପ୍ରାଥମିକ ଜୀବନରେ ଶିଳ୍ପ ସ୍ଥାପନ ପାଇଁ ମନ ବଳାଇଲେ କିପରି?**

ବାପା ଜଣେ ସରକାରୀ କର୍ମଚାରୀ ଥିଲେ ଏବଂ ପରିବାରର ଅନ୍ୟମାନେ ମଧ୍ୟ ଚାକିରି କରିଥାନ୍ତି। ତିନିପୁରୁଷରେ ବି ଆମର କେହି ବ୍ୟବସାୟ କରି ନ ଥିଲେ। ମୋର ସମ୍ପର୍କୀୟ ଅଶୋକ କୁମାର ମହାପାତ୍ର ଏସ୍ଆଇଏସ୍ଆଇର ନିର୍ଦ୍ଦେଶକ ଥିଲେ। ତାଙ୍କ ସହଯୋଗ ଓ ପ୍ରେରଣା ମୋତେ ଶିଳ୍ପ ସ୍ଥାପନରେ ଆଗେଇ ନେଲା। ଶିଳ୍ପରେ ଉତ୍ପାଦ କ'ଣ ରହିବ ତାହା ମଧ୍ୟ ସେ ବାଛିଥିଲେ, ଯାହାର ବଜାର ଚାହିଦା ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି। ଏହାଛଡା ଓଏସ୍ଏଫ୍‌ସି ସହଜଲଭ୍ୟ ଋଣ ଏବଂ ଏସ୍‌ବିଆଇର ମୂର୍ତ୍ତି ବାବୁଙ୍କ ସାହାଯ୍ୟ ଭୁଲିହେବ ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ହଜାର ଦିନରେ ହଜାରେ ଶିଳ୍ପ ଆହ୍ୱାନ ମଧ୍ୟ ଶିଳ୍ପ ପରିବେଶ ପାଇଁ ଅନୁକୂଳ ଥିଲା।

**➲ ଶିଳ୍ପପତି ହୋଇ ବୈଷୟିକ ଶିକ୍ଷାନୁଷ୍ଠାନ ସ୍ଥାପନ କରିବାକୁ କାହିଁକି ଚାହିଁଲେ ?**

ସ୍ନାତକୋତ୍ତର ଶେଷ ପରେ ସୁଦୂର କଳାହାଣ୍ଡିର ଏକ ଘରୋଇ କଲେଜରେ ଆଡ୍‌ହକ୍ ଅଧ୍ୟାପକ ପଦବୀରେ ଶିକ୍ଷାଦାନ ପାଇଁ ସୁଯୋଗ ମିଳିଥିଲା। ମଧ୍ୟମ ବର୍ଗ ଲୋକଙ୍କ ପୁଞ୍ଜି ହେଉଛି ଶିକ୍ଷା। ତେଣୁ ସମାଜରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଶିକ୍ଷାନୁଷ୍ଠାନ ଆଡ଼କୁ ମନ ବଳାଇଥିଲି।

**➲ ଇଞ୍ଜିନିୟରିଂ ଶିକ୍ଷା ବ୍ୟୟବହୁଳ। ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ସହଜସାଧ୍ୟ ନୁହେଁ। ତେଣୁ ଆପଣ ସମ୍ମୁଖୀନ ହୋଇଥିବା ଆହ୍ୱାନଗୁଡ଼ିକ କ'ଣ ଥିଲା?**

ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ବହୁତ ଜାଗା, ଅର୍ଥ ଓ ଉନ୍ନତ ଧରଣର ପ୍ରୟୋଗଶାଳା ଆବଶ୍ୟକ। ଏହା ବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଏନ୍‌ଓସି ପାଇବା ସହଜ ନ ଥିଲା। ମୋ ମାମୁଘର ଢେଙ୍କାନାଳରେ। ଢେଙ୍କାନାଳ ରାଜପରିବାର ସହ ଆମର ପାରିବାରିକ ସମ୍ପର୍କ ଭଲ ଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି. ସିଂଦେଓଙ୍କ ପରାମର୍ଶ ଓ ସହଯୋଗ ସେ ସମୟରେ ମତେ ବହୁତ ସାହାଯ୍ୟ କରିଥିଲା। ପ୍ରଚଳିତ ନୀତି ଅନୁସାରେ କଲେଜ ନ ଥିବା ଜିଲ୍ଲା ଓ ଭଡ଼ାଘରେ ଇଞ୍ଜିନିୟରିଂ କଲେଜ ଚଳାଇବା ପାଇଁ ସୁଯୋଗ ମତେ ବାଟ କଢ଼ାଇନେଇଥିଲା।

**➲ ସିନର୍ଜିର ବର୍ତ୍ତମାନ ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ କିଛି କହିବେ ?**

ଦୀର୍ଘ ୨୩ ବର୍ଷ ମଧ୍ୟରେ ସିନର୍ଜି ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ବହୁ ଝଡ଼ଝଞ୍ଜା ଦେଇ ଗତିକରିଛି। ଆପ୍ରାଣ ଉଦ୍ୟମରେ ଢେଙ୍କାନାଳରେ ପ୍ରଥମ କ୍ୟାମ୍ପସ ଓ ଭୁବନେଶ୍ୱରରେ ଦ୍ୱିତୀୟ ପରିସର ସୃଷ୍ଟି କରିପାରିଛି। ଉନ୍ନତ ଶିକ୍ଷା, କର୍ମ ନିୟୋଜନ ସହାୟତା ଓ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ସହ ବୁଝାମଣା ହେତୁ ଏହି ଅନୁଷ୍ଠାନ ଅଭିଭାବକମାନଙ୍କ ବିଶ୍ୱାସ ଜିତିପାରିଛି। ବିଟେକ୍, ଏମ୍‌ଟେକ୍, ଡିପ୍ଲୋମା, ବିଏସ୍‌ସି ନର୍ସିଂ ଓ ବିଏସ୍‌ସି ଡିଗ୍ରୀ ଲାଗି ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନର ସୁଯୋଗ ଦେଇଛି। ସ୍କିଲ୍ ଡେଭେଲପ୍‌ମେଣ୍ଟ ଜରିଆରେ ପ୍ରତି ବର୍ଷ ଓଡ଼ିଶାରେ ୩ ହଜାର ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ଦେଇ କର୍ମନିଯୁକ୍ତିରେ ସହାୟକ ହୋଇପାରିଛୁ।

**➲ କୋଭିଡ୍ ସମୟରେ ସମ୍ମୁଖୀନ ହୋଇଥିବା ସମସ୍ୟାର ସମାଧାନ କ'ଣ ଥିଲା ?**

କୋଭିଡ୍ ସମୟରେ ପ୍ରାୟତଃ କ୍ୟାମ୍ପସ୍‌ଗୁଡ଼ିକ ବନ୍ଦ ରହିଥିଲା। ପ୍ରତ୍ୟକ୍ଷ ଶିକ୍ଷା ଆଦୌ ସମ୍ଭବ ନ ଥିଲା। ପୂର୍ବରୁ କଲେଜକୁ ମୋବାଇଲ ନେବା ମନାଥିଲା। ମାତ୍ର କୋଭିଡ୍ ସମୟରେ କଲେଜକୁ ମୋବାଇଲ ଗଲା। ଅର୍ଥାତ୍ ମୋବାଇଲ ମାଧ୍ୟମରେ ହିଁ କଲେଜ ତିଷ୍ଠି ପାରିଲା। ଅନ୍‌ଲାଇନ୍ ଶିକ୍ଷା ଗ୍ରାମାଞ୍ଚଳରେ ଦୁର୍ବଳ ନେଟୱର୍କ ଯୋଗୁଁ ପହଞ୍ଚି ପାରୁ ନ ଥିଲା। ପ୍ରାକ୍ଟିକାଲ କରିବା ମଧ୍ୟ କଷ୍ଟସାଧ୍ୟ ଥିଲା। ଏହି ସମୟରେ ଦୃଢ଼ ମନୋବଳ, ଆର୍ଥିକ ସମସ୍ୟାରେ ବ୍ୟାଙ୍କର ସହଯୋଗ ଓ ସର୍ବୋପରି କଲେଜ ଷ୍ଟାଫ୍‌ଙ୍କ ନିଃସ୍ୱାର୍ଥପର ସେବା ମୋ ମନୋବଳକୁ ବଢ଼ାଇଦେଲା।

**➲ ଓଡ଼ିଶାରେ ବୈଷୟିକ ଶିକ୍ଷାର ସ୍ଥିତି କିପରି ଅଛି ?**

ବୈଷୟିକ ଶିକ୍ଷାର ସ୍ଥିତି ଭଲ ରହିଛି। ଏହାର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ। ସବୁ ସ୍ତରରେ ନିଯୁକ୍ତି ପାଇଲା ପରି ବ୍ୟବସ୍ଥା ମଧ୍ୟ ରହିଛି। କେବଳ ଶିକ୍ଷା ସମାପ୍ତି ପରେ ସ୍କିଲ୍ ଡେଭେଲପ୍‌ମେଣ୍ଟର ଆବଶ୍ୟକତା ଅପରିହାର୍ଯ୍ୟ। ମାତ୍ର ନିଯୁକ୍ତି ପାଇଁ ଇଚ୍ଛା ପୋଷଣ ନ କରି ଉଦ୍ୟୋଗୀ ହେବା ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ।

**➲ ରାଜ୍ୟ ସରକାରଙ୍କ ନୀତି ଓ ସହଯୋଗ କିପରି ରହିଛି ?**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଓଡ଼ିଶା ପ୍ରଫେଶନାଲ ଏଜୁକେଶନ ଆକ୍ଟ, ୨୦୦୭ ଯୋଗୁଁ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ସିଟ୍ ପୂରଣ କରିପାରୁ ନାହାନ୍ତି। ସାମ୍ପ୍ରତିକ ସ୍ଥିତିରେ ଘରୋଇ କଲେଜଗୁଡ଼ିକରେ ବହୁ ସିଟ୍ ଖାଲି ପଡୁଛି, ଯାହାକି ଶିକ୍ଷାନୁଷ୍ଠାନଗୁଡ଼ିକୁ କ୍ଷତି ପହଞ୍ଚାଉଛି। ତେଣୁ ସରକାରଙ୍କ ଦ୍ୱାରା ନୂଆ ଆଡ୍‌ମିଶନ ନୀତି ଲାଗୁ କରାଯିବା ବାଞ୍ଛନୀୟ।

**➲ ଆଗାମୀ ଲକ୍ଷ୍ୟ କ'ଣ ରହିଛି?**

ପିଲାମାନଙ୍କୁ ଅଧିକ ନିଯୁକ୍ତି ଦେବା ପାଇଁ ଚେଷ୍ଟା ଅବ୍ୟାହତ ରହିଛି। ମେଡିକାଲ କଲେଜ ଯଥାଶୀଘ୍ର ଆରମ୍ଭ ହେବ। ଆମେ ଜାଗା ଅନ୍ୱେଷଣରେ ଅଛୁ। ସରକାରଙ୍କଠାରୁ ଏନ୍‌ଓସି ମିଳିସାରିଛି। ଏଥିସହ ଛାତ୍ରୀଛାତ୍ରଙ୍କ ପାଇଁ ସେଣ୍ଟର୍ ଫର୍ ଏକ୍ସିଲେନ୍ସ ଫର୍ ଇଞ୍ଜିନିୟରିଂ ଆଣ୍ଡ ଡିପ୍ଲୋମା ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।

# ବାର୍‌ରେ ବାଉନ୍ସର ମନା

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଦ୍ୱୈତନଗରୀ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଅଞ୍ଚଳରେ ଥିବା ମଦ ବାର୍‌ଗୁଡ଼ିକ ସୁରକ୍ଷା କାର୍ଯ୍ୟ ପାଇଁ ଘରୋଇ ସୁରକ୍ଷା କର୍ମୀ/ବାଉନ୍ସରମାନଙ୍କୁ ନିୟୋଜିତ କରିପାରିବେ ନାହିଁ। ଗତ ନଭେମ୍ବର ୧ ତାରିଖରେ ଏ ସମ୍ପର୍କିତ ଏକ ନିର୍ଦ୍ଦେଶାବଳୀ କମିଶନରେଟ ପୋଲିସ ପକ୍ଷରୁ ଜାରି ହୋଇଥିବା ବେଳେ ସୋମବାର ଆଉ ଥରେ ସମାନ କଥା ଦୋହରାଯାଇଛି। ଗତଥର ଭଳି ଏଥର ମଧ୍ୟ ୨ ମାସ ଲାଗି ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ ବୋଲି କୁହାଯାଇଛି।

କମିଶନରେଟ ପୋଲିସର କହିବା ମୁତାବକ, ବାଉନ୍ସରଙ୍କ ନାମରେ ବହୁ ଅପରାଧ ମାମଲା ନିକଟ ଅତୀତରେ ରୁଜୁ ହୋଇଛି। ବାଉନ୍ସରଙ୍କଠାରୁ ସାଧାରଣ ଗ୍ରାହକଙ୍କ ଜୀବନ ପ୍ରତି ବିପଦ ତଥା ସାମାଜିକ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଉଭୟ ଭୁବନେଶ୍ୱର ଏବଂ କଟକ ଅଞ୍ଚଳର ବାର୍ ମାଲିକମାନଙ୍କ ପାଇଁ ପୋଲିସ କମିଶନର ଆସନ୍ତା ୨ ମାସ ପର୍ଯ୍ୟନ୍ତ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ବାର୍ ମାଲିକମାନେ ନିଜ ଅଞ୍ଚଳର ଡିସିପିଙ୍କଠାରୁ ସୁରକ୍ଷା କର୍ମଚାରୀଙ୍କ ସମ୍ପର୍କରେ ଅପରାଧ ପୃଷ୍ଠଭୂମିର ପୂର୍ବ ରେକର୍ଡ ଯାଞ୍ଚ କରିବା ବାଧ୍ୟତାମୂଳକ କରାଯାଇଛି। ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିଗୁଡ଼ିକଠାରୁ ବାର୍ ମାଲିକମାନେ ସୁରକ୍ଷା କର୍ମଚାରୀ ନିୟୋଜିତ କରିପାରିବେ। ନିୟୋଜିତ କରିଥିବା ସୁରକ୍ଷା କର୍ମଚାରୀଙ୍କ ବିଷୟରେ ବାର୍ ମାଲିକମାନେ ସ୍ଥାନୀୟ ପୋଲିସକୁ ଲିଖିତ ଭାବେ ଜଣାଇବେ। ଏହି ନିୟୋଜିତ ସୁରକ୍ଷା କର୍ମଚାରୀ ସାଧାରଣ ଆଇନ ପରିସରଭୁକ୍ତ ରହିବେ। ଆବଶ୍ୟକସ୍ଥଳେ ୧୧୨ ନମ୍ବରକୁ ଫୋନ୍ କରି ଏହି ସୁରକ୍ଷା କର୍ମଚାରୀମାନଙ୍କ ସୂଚନା ଦେଇପାରିବେ। କୌଣସି ପରିସ୍ଥିତିରେ ମଧ୍ୟ ଏହି ସୁରକ୍ଷା କର୍ମୀମାନେ ଗ୍ରାହକମାନଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରିପାରିବେ ନାହିଁ। ଗତ ୧୧ ତାରିଖଠାରୁ ମେ ୫ ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ଦ୍ୱୈତନଗରୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

## ପୋଲ ତଳକୁ ଖସିଲା କାର୍, ମହିଳାଙ୍କ ମୃତ୍ୟୁ

**ଆର,ଉଦୟଗିରି,୧୪।୩(ଡି.ଏନ.ଏ.)**

ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଖାରିଗୁଡା ଗ୍ରାମ ନିକଟ ଏକ ପୋଲ ତଳକୁ କାର୍ ଖସିପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ସୋମବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିଲା। ମୃତ ମହିଳା ଜଣକ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଚିତ୍ରିତା ଦତ୍ତ। ତାଙ୍କ ପୁଅ ଚିରଞ୍ଜୀବ ଦତ୍ତ ଓ ବୋହୂ ବିଚିତ୍ରା ଦତ୍ତ ଆହତ ହୋଇଥିବାରୁ ବିରିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, କାର (ଓଡି ୧୮ ଡି ୫୯୪୩)ଟି ପଶ୍ଚିମବଙ୍ଗରୁ ରାୟଗଡା ଜିଲା ଟିକିରି ଅଭିମୁଖେ ଯାଉଥିଲା। ଖରିଗୁଡ଼ା ନିକଟ ପୋଲରେ ଗାଡ଼ିଟି ଭାରସାମ୍ୟ ହରାଇ ୪୦ ଫୁଟ ତଳକୁ ୪୦ ଖସିପଡିଥିଲା। ଫଳରେ ଗାଡିରେ ଥିବା ମହିଳା ଚିତ୍ରିତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଅଡବା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତାହତଙ୍କୁ ଉଦ୍ଧାର କରିଥିଲା। ଏ ନେଇ ଅବଡା ଥାନାରେ ନଂ.୪୩/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଅଡବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ଜୁନ୍ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଓଜେଇଇ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ):** ଓଡ଼ିଶାର ବିଭିନ୍ନ ସରକାରୀ ଓ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ବି-ଫାର୍ମ ଓ ଏମ୍-ଫାର୍ମ ପାଠ୍ୟକ୍ରମରେ ନାମ ଲେଖା ପାଇଁ ଉଦ୍ଦିଷ୍ଟ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-୨୦୨୨ (ଓଜେଇଇ) ଜୁନ୍ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ। ଏ ନେଇ ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରୀକ୍ଷା କମ୍ପ୍ୟୁଟରଭିତ୍ତିକ ହେବ। ଏଥିପାଇଁ ୧୪ରୁ ଅନ୍‌ଲାଇନ ଆବେଦନ ଆରମ୍ଭ ହୋଇଥିବାବେଳେ ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରୀଛାତ୍ର ଓଜେଇଇ ୱେବ୍‌ସାଇଟ୍ www.ojee.nic.inରେ ଆବେଦନ କରିପାରିବେ। ଏଠାରେ ଉଲ୍ଲେଖଯୋଗ୍ୟ, ସରକାରୀ ନିୟମ ଅନୁସାରେ ରାଜ୍ୟ ବାହାରର ଛାତ୍ରୀଛାତ୍ର ଓଡ଼ିଶାର ସରକାରୀ କଲେଜଗୁଡ଼ିକରେ ନାମ ଲେଖାଇପାରିବେ ନାହିଁ। କିନ୍ତୁ ସେମାନେ ଘରୋଇ କଲେଜଗୁଡ଼ିକରେ ନାମ ଲେଖାଇପାରିବେ।


**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. NO. 466 of 2019**

**State Bank of India, SARB, Bhubaneswar** .....Applicant
AND
**M/s. Subham Enterprises and others** .....Defendants

To,
1. **M/s. Subham Enterprises**, At: Main Road, P.O.: Pipili, Dist.: Puri-752104, represented through its Proprietor Mr. Dhirendra Samantray.
2. **Mr. Dhirendra Samantray**, S/o- Biswonath Samantray, At: Madhipur, P.O.: Pipili, Dist.: Puri-752104.
3. **Smt. Bhagyalaxmi Samantray**, W/o- Dhirendra Samantray, At: Madhipur, P.O.: Pipili, Dist.: Puri-752104

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 466 of 2019** in the Court of Debts Recovery Tribunal at Cuttack for a recovery of **Rs.35,28,285.00** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **26th day of April, 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **28th day of February, 2022.**

**Sd/- (Manoj Kumar Patnaik)**
**Registrar**
**Debts Recovery Tribunal**



JDCA
JD Centre of Art

**Notice Inviting Tender of uPVC/ Aluminium works, JD Centre of Art, Bhubaneshwar**

Applications are invited for the uPVC/Aluminium window & aperture works of JD Centre of Art with built up area about 20,000 sq.ft. at A5 Jagmara, near Khandagiri Chakka, NH5, Khandagiri, Bhubaneswar.

| Estimated Cost of Works (uPVC/ Alu.): Rs. 13,00,000/- | Earnest Money Deposit 2% quoted: Rs. 26,000/- | Cost of Tender Document, to be paid online: Rs. 1,500/- |
|---|---|---|
| Date of Publication | Late Date of Submission | Date of Tender Opening |
| 15.03.2022 | 1100 hrs, 29.03.2022 | 1800 hrs, 29.03.2022 |
| Execution Timeline | | 60 days |

For queries & tender document: spaces@jdcentreofart.org
A20 VIP Colony, Nayapalli, Bhubaneswar 751015
T: 0674 2554195, 2555077 M: 9310322133 www.jdcentreofart.org


**ଜିତିବା ପ୍ରାର୍ଥୀଙ୍କ ଟାହିଟାପରା ସହି ନ ପାରି ପରାଜିତ ପ୍ରାର୍ଥୀଙ୍କ ଆତ୍ମହତ୍ୟା ଉଦ୍ୟମ**





**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** — **ଡିମାଣ୍ଡ ନୋଟିସ୍**

ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪

୧) ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ ଆକ୍ଟ)ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩(୧) ଅନୁଯାୟୀ।

୨) ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ନିମ୍ନଦର୍ଶିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ "ଏହାପରେ କଥିତ ଋଣଗ୍ରହୀତା ଭାବେ ଦର୍ଶିତ" ନୋଟିସ୍ ଦର୍ଶିତ ରାଶି ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କହିଥିଲେ।
କଥିତ ନୋଟିସ୍ ଗୁଡିକ ଡାକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇ ନଥିବା କାରଣରୁ କିମ୍ବା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯାଇ ପାରିନଥିବା କାରଣରୁ ଫେରସ୍ତ ଆସିଅଛି। ତେଣୁ ବ୍ୟାଙ୍କ ଅଧିକ ସତର୍କତା ପାଇଁ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ କରୁଅଛି। ନିମ୍ନସ୍ୱାକ୍ଷରକାରୀ ପକ୍ଷରୁ କଥିତ ଆଇନ ଅନୁଯାୟୀ କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଶେଷ ଜ୍ଞାତ ଠିକଣାରେ ଗୃହ କାନ୍ଥରେ ଏହି ନୋଟିସ୍ ସଂଲଗ୍ନ କରିବାକୁ ପଦକ୍ଷେପ ନେଇଛନ୍ତି। ଏହି କଥିତ ନୋଟିସ୍ ଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ ଅଛି ଏବଂ କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ଯଦି ଚାହାଁନ୍ତି ଏହାର ନକଲଗୁଡିକ କୌଣସି ସାଧାରଣ କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ।

୩) ଉପରୋକ୍ତ ଘଟଣାବଳୀ ପରିପେକ୍ଷୀରେ କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ପୁର୍ନବାର ନୋଟିସ୍ ଦିଆଯାଉଛି କି **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**କୁ ନିମ୍ନଦର୍ଶିତ ବକେୟା ରାଶି ସହିତ ଚୁକ୍ତି ହାରରେ ଭବିଷ୍ୟତ ସୁଧ ସହିତ କଥିତ ଋଣ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚକ୍ରବୃଦ୍ଧି ସୁଧ ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ପଇଠ କରନ୍ତୁ। କଥିତ ଋଣ ପରିଶୋଧର ସୁରକ୍ଷା ନିମନ୍ତେ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କ ଦ୍ୱାରା **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ରେ ନିମ୍ନଲିଖିତ ସମ୍ପତ୍ତି ଗୁଡିକ ବନ୍ଧକ ରଖାଯାଇଛି।

| ଶାଖା / ଆକାଉଣ୍ଟ ନଂ. / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ତାରିଖ / ବକେୟା ଦେୟ* | ସମ୍ପତ୍ତିର ବିବରଣୀ |
|---|---|---|
| **ବଳଙ୍ଗା ଶାଖା /** ଆକାଉଣ୍ଟ ନଂ.: ନଗଦ ଋଣ- ୦୦୦୭୦୨୦୦୦୦୦୦୧୫୮ / ଋଣଗ୍ରହୀତା ଏବଂ ବନ୍ଧକଦାତା: ୧) **ଶ୍ରୀ କୈଳାଶ ଚନ୍ଦ୍ର ଲେଙ୍କା,** ପିତା: ସ୍ୱ ଗୋବିନ୍ଦ ଲେଙ୍କା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୨) **ଶ୍ରୀ ପ୍ରଶାନ୍ତ କୁମାର ଲେଙ୍କା,** ପିତା: ସ୍ୱ ଗୋବିନ୍ଦ ଲେଙ୍କା, ୩) **ଶ୍ରୀ ପ୍ରଫୁଲ୍ଲ କୁମାର ଲେଙ୍କା,** ପିତା: ସ୍ୱ ଗୋବିନ୍ଦ ଲେଙ୍କା, ୪) **ହରପ୍ରିୟା ଲେଙ୍କା,** ପିତା: ସ୍ୱ ଗୋବିନ୍ଦ ଲେଙ୍କା, ସମସ୍ତଙ୍କ ଠିକଣା- ସା/ପୋ/ଭାୟା: ବଳଙ୍ଗା, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ / ଜାମିନ୍‌ଦାର: ୫) **ଶ୍ରୀ ନିରଞ୍ଜନ ପାତ୍ର,** ପିତା: ନାରାୟଣ ପାତ୍ର, ସା/ପୋ./ଭାୟା: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪ | ୦୮.୦୩.୨୦୨୨ / ୦୭.୦୨.୨୦୨୨ ସୁଦ୍ଧା ଟ.୨,୩୯,୦୭୨.୪୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଅପର୍ତ୍ତୀ ଲେଙ୍କା ଏବଂ ଗୋବିନ୍ଦ ଲେଙ୍କାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରି ଜମି ଯାହାର ମୌଜା: ବଳଙ୍ଗା, ଖାତା ନଂ.: ୧୮୬୦, ପ୍ଲଟ୍ ନଂ.: ୨୨୫୭, କ୍ଷେତ୍ର: ଏକର୦.୦୮ଡିସିମିଲି, ଏହାର ଚଉହଦ୍ଦିରେ- ପୂର୍ବ: ବେଣୁଧର ପାତ୍ର, ପଶ୍ଚିମ: ବାବନ ପାତ୍ର, ଉତ୍ତର: ବେଣୁଧର ପାତ୍ର, ଦକ୍ଷିଣ: ରକ୍ଷିତ |
| **ଭୁବନେଶ୍ୱର ଶାଖା /** ଆକାଉଣ୍ଟ ନଂ.: ମିଆଦୀ ଋଣ- ୦୦୨୦୦୩୩୩୧୨୦୦୦୦୫ / ଋଣଗ୍ରହୀତା ଏବଂ ବନ୍ଧକଦାତା: ୧) **ଶ୍ରୀମତୀ ପ୍ରମିଳା ମହାନ୍ତି,** ସ୍ୱାମୀ: ସ୍ୱ ରାସବିହାରୀ ଦାସ, ୨) **ଶ୍ରୀ ଦେବାଶିଷ ଦାସ,** ପିତା: ସ୍ୱ ରାସବିହାରୀ ଦାସ, ଉଭୟଙ୍କ ଠିକଣା- ସା.: ୩୭୦୩/୬୫୩୯, ପୋ.: ଜିଜିପି କଲୋନୀ, ଭାୟା: ପ୍ରାଚୀବିହାର, ପଳାଶୁଣି, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୫ / ଜାମିନ୍‌ଦାର: ୩) **ଶ୍ରୀ ଈଶ୍ୱର ନାୟକ,** ପିତା: ଦିଗମ୍ବର ନାୟକ, ସା.: କପିଳପ୍ରସାଦ, ପୋ.: ସୁନ୍ଦରପଦା, ଜିଲ୍ଲା: ଖୋର୍ଦ୍ଧା, ୪) **ଶ୍ରୀ ପ୍ରହଲାଦ ସିଂହ,** ପିତା: ସ୍ୱ ବାସୁଦେବ ସିଂହ, ସା.: କଣ୍ଡାପାଳ, ପୋ.: କଣ୍ଡାପାଳ, ଜିଲ୍ଲା: ଢ଼େଙ୍କନାଳ, ପିନ୍-୭୫୯୦୨୮ | ୦୮.୦୩.୨୦୨୨ / ୨୭.୦୧.୨୦୨୨ ସୁଦ୍ଧା ଟ.୧୦,୮୩,୦୯୮/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀମତୀ ପ୍ରମିଳା ମହାନ୍ତି ଏବଂ ଶ୍ରୀ ଦେବାଶିଷ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ପାଣ୍ଡରା, ଖାତା ନଂ.: ୧୩୩୦/୬୦୭୪, ପ୍ଲଟ୍ ନଂ.: ୩୭୦୩/୬୫୩୯, କ୍ଷେତ୍ର: ଏକର୦.୦୭୦ଡିସିମିଲି |
| **କଳ୍ପନା ସ୍କୋୟାର ଶାଖା /** ଆକାଉଣ୍ଟ ନଂ.: ମିଆଦୀ ଋଣ- ୦୧୨୦୦୩୩୩୦୯୦୦୧୦୩ / ଋଣଗ୍ରହୀତା ଏବଂ ବନ୍ଧକଦାତା: ୧) **ଶ୍ରୀମତୀ ଶକୁନ୍ତଳା ରାଉତ,** ସ୍ୱାମୀ: ପ୍ରଭାତ କୁମାର ରାଉତ, **ଠିକଣା-୧:** ପ୍ଲଟ୍ ନଂ.: ୩୭୭୩/୮୪୮୪, ପୋ.: ରସୁଲଗଡ଼ (ପ୍ରାଚୀ ବିହାର), ପଳାଶୁଣି, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୦, **ଠିକଣା-୨:** ସା.: ଦହପଡା, ପୋ.: କୁଡ଼, ଭାୟା: ସୁଙ୍ଗୁଡା, ଜିଲ୍ଲା: କଟକ, ପିନ୍-୭୫୪୨୨୧ / **ଜାମିନ୍‌ଦାର ଏବଂ ବନ୍ଧକଦାତା:** ୨) **ଶ୍ରୀ ପ୍ରଭାତ କୁମାର ରାଉତ,** ପିତା: ଦଧି ରାଉତ, ସା.: ପ୍ଲଟ୍ ନଂ.: ୩୭୭୩/୮୪୮୪, ପୋ.: ରସୁଲଗଡ଼ (ପ୍ରାଚୀ ବିହାର), ପଳାଶୁଣି, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୦ / ଜାମିନ୍‌ଦାରମାନେ: ୩) **ଶ୍ରୀ ମନୋରଞ୍ଜନ ବାରିକ,** ପିତା: ରସାନନ୍ଦ ବାରିକ, ସା/ପୋ.: ଓସ୍ତପୁର, ଭାୟା: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ପିନ୍-୭୫୪୨୦୭, ୪) **ଶ୍ରୀ ସୁଭେନ୍ଦୁ କୁମାର ସାମନ୍ତରାୟ,** ପିତା: ପ୍ରହଲ୍ଲାଦ ପୁହାଣ, ସା.: ଏନ୍-୭୬, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧ | ୦୮.୦୩.୨୦୨୨ / ୦୯.୦୨.୨୦୨୨ ସୁଦ୍ଧା ଟ.୨୨,୧୬,୭୩୮.୫୭ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | (୧) **ଶ୍ରୀମତୀ ଶକୁନ୍ତଳା ରାଉତଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୩୮, ପାଣ୍ଡରା, ଖାତା ନଂ.: ୧୩୩୬/୩୮୪, ପ୍ଲଟ୍ ନଂ.: ୩୭୦୯/୮୪୭୭ ଏବଂ ୩୭୭୩/୮୪୮୪, କ୍ଷେତ୍ର: ଏକର୦.୦୨୦ଡିସିମିଲି ଏବଂ ଏକର୦.୦୨୧ଡିସିମିଲି, ଏହାର ଚଉହଦ୍ଦିରେ- ପୂର୍ବ: ପ୍ଲଟ୍ ନଂ. ୩୭୭୩ (ସବ୍ ପ୍ଲଟ୍ ନଂ. ୪ ଏବଂ ୨୦ ଫୁଟ ଚଉଡା ରାସ୍ତା), ପଶ୍ଚିମ: ପ୍ଲଟ୍ ନଂ. ୩୭୦୯, ଉତ୍ତର: ପ୍ଲଟ୍ ନଂ. ୩୭୦୯, ଦକ୍ଷିଣ: ପ୍ଲଟ୍ ନଂ. ୩୭୭୩ (ସବ୍ ପ୍ଲଟ୍ ନଂ. ୨), (୨) **ଶ୍ରୀ ପ୍ରଭାତ କୁମାର ରାଉତଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୩୮, ପାଣ୍ଡରା, ଖାତା ନଂ.: ୧୩୩୦/୩୪୯୧, ପ୍ଲଟ୍ ନଂ.: ୨୦୩୭/୯୧୪୫, କ୍ଷେତ୍ର: ଏକର୦.୦୪୬ଡିସିମିଲି, ଏହାର ଚଉହଦ୍ଦିରେ- ପୂର୍ବ: ପ୍ଲଟ୍ ନଂ. ୨୦୩୮, ପଶ୍ଚିମ: ପ୍ଲଟ୍ ନଂ. ୨୦୩୬, ଉତ୍ତର: ପ୍ଲଟ୍ ନଂ. ୨୦୪୧, ଦକ୍ଷିଣ: ପ୍ଲଟ୍ ନଂ. ୨୦୩୪ |
| **ମଙ୍ଗଳପୁର ଶାଖା /** ଆକାଉଣ୍ଟ ନଂ.: ନଗଦ ଋଣ- ୦୦୬୫୦୨୦୦୦୦୦୦୦୦୫ / ଋଣଗ୍ରହୀତା: ୧) **ଲକ୍ଷ୍ମୀ ନୃସିଂହ ବ୍ରାସ୍ ଆଣ୍ଡ ବେଲ୍ ମେଟାଲ ଇଣ୍ଡଷ୍ଟ୍ରିଜ୍,** ସ୍ୱତ୍ୱାଧିକାରୀ: **ଶ୍ରୀ ନୃସିଂହ ସାହୁ (ବନ୍ଧକଦାତା),** ପିତା: ସ୍ୱ ଦାମୋଦର ସାହୁ, ସା.: ଠଣଠଣା, ପୋ.: ମଙ୍ଗଳପୁର, ଭାୟା: ବଧି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪ / ଜାମିନ୍‌ଦାରମାନେ: ୨) **ଶ୍ରୀ ଜୟକୃଷ୍ଣ ସାମନ୍ତରାୟ,** ପିତା: ସ୍ୱ ଦିବାକର ସାମନ୍ତରାୟ, ସା.: କୁଶିଦା, ପୋ.: କମାକନ୍ତିଆ, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪, ୩) **ଶ୍ରୀ ରଘୁନାଥ ପରିଡା,** ପିତା: ଉଛବ ପରିଡା, ସା.: ଆଠବାଟିଆ, ପୋ.: ମଙ୍ଗଳପୁର, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪ | ୦୮.୦୩.୨୦୨୨ / ୦୭.୦୧.୨୦୨୨ ସୁଦ୍ଧା ଟ.୨,୬୭,୮୩୪.୫୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ନୃସିଂହ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରି ଜମି ଯାହାର ମୌଜା: ଠଣଠଣା, ଖାତା ନଂ.: ୪୨୯/୧୦୦, ପ୍ଲଟ୍ ନଂ.: ୪୨୦, କ୍ଷେତ୍ର: ଏକର୦.୦୫ଡିସିମିଲି |

*** ଉପରୋକ୍ତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ସହମତି କ୍ରମେ ପରବର୍ତ୍ତି ସୁଧ/ ଚକ୍ରବୃଦ୍ଧି ସୁଧ ପ୍ରଦାନ କରିବାକୁ ହେବ।**

୪) ଯଦି କଥିତ ଋଣଗ୍ରହିତା/ବନ୍ଧକଦାତା/ଜାମିନ୍‌ଦାରମାନେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**କୁ ଉପର କଥିତ ବକେୟା ରାଶି ପୈଠ କରିବାରେ ବିଫଳ ହୁଅନ୍ତି, ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ତରଫରୁ ସରଫେଶୀ ଆକ୍ଟର ଧାରା ୧୩(୪) ଏବଂ ନିୟମାନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଏଥିପାଇଁ କଥିତ ଋଣଗ୍ରହିତା/ବନ୍ଧକଦାତା/ଜାମିନ୍‌ଦାରମାନେ ସମସ୍ତ ଆଇନଗତ ଖର୍ଚ୍ଚ ଏବଂ ଫଳାଫଳ ନିମନ୍ତେ ସମ୍ପୂର୍ଣ୍ଣ ଦାୟୀ ରହିବେ।

୫) ପୁନଶ୍ଚ ଦୃଷ୍ଟି ଆକର୍ଷଣ କରାଯାଉଛି କି ଋଣଗ୍ରହିତାମାନେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।

୬) ସୁତରାଂ, ଆପଣ ସରଫେଶୀ ଆକ୍ଟ ଅନୁସାରେ ସୁରକ୍ଷିତ ସମ୍ପତ୍ତିକୁ **ଓଡିଶା ଗ୍ରାମ୍ୟ ବ୍ୟାଙ୍କ**ର ପୂର୍ବ ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ପ୍ରକାରରେ ହସ୍ତାନ୍ତରିତ କରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି କଥିତ ଆକ୍ଟ କିମ୍ବା ନିୟମକୁ ଉଲଘଂନ କରନ୍ତି ତେବେ କଥିତ ଆକ୍ଟର ଧାରା ୨୯ ଅନୁସାରେ କାରାଦଣ୍ଡ ଏବଂ / କିମ୍ବା ଜୋରିମାନା ଦେବାକୁ ବାଧ୍ୟ ହେବେ।

(**ବ୍ୟାଙ୍କ ସରଫେଶୀ ଆକ୍ଟ ଅନୁଯାୟୀ ବନ୍ଧକପ୍ରାପ୍ତ ଚାଷ ଜମି ବିରୁଦ୍ଧରେ ଉପଲବ୍ଧ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍ଥାନ: ପିପିଲି, ତାରିଖ: ୧୪.୦୩.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ


## ଘୁଞ୍ଚିଲା ଜେଇଇ ମେନ୍

**ଏପ୍ରିଲ ୨୧ ରୁ ମେ' ୪ ସେସନ-୧**

**ଭୁବନେଶ୍ୱର, ୧୪।୩(ବ୍ୟୁରୋ):** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ମେନ୍-୨୦୨୨ର ପ୍ରଥମ ସେସନ ତାରିଖ ଘୁଞ୍ଚାଇ ଦିଆଯାଇଛି। ଏହି ପରୀକ୍ଷା ଏପ୍ରିଲ ୧୬ ବଦଳରେ ୨୧ରୁ ଆରମ୍ଭ ହେବ। ଏ ନେଇ ସୋମବାର ଏନ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାନୁସାରେ, ଜେଇଇ ମେନ୍-୨୦୨୨ ସେସନ-୧ ଏପ୍ରିଲ ୧୬, ୧୭, ୧୮, ୧୯, ୨୦ ଓ ୨୧ରେ ହେବାର ଥିଲା। କିନ୍ତୁ ଏହି ସମୟରେ ବିଭିନ୍ନ ବୋର୍ଡ ପରୀକ୍ଷା ରହିଥିବାରୁ ଛାତ୍ରୀଛାତ୍ର ଜେଇଇ ମେନ୍ ପରୀକ୍ଷାରୁ ବଞ୍ଚିତ ହେବେ। ତେଣୁ ପରୀକ୍ଷା ଘୁଞ୍ଚାଇବା ପାଇଁ ବିଭିନ୍ନ ରାଜ୍ୟରୁ ବହୁ ଛାତ୍ରୀଛାତ୍ର ଅନୁରୋଧ କରିଥିଲେ। ଏହି ଆଧାରରେ ପିଲାଙ୍କୁ ଜେଇଇ ମେନ୍ ପରୀକ୍ଷା ଦେବାର ସୁଯୋଗ ଦେବା ପାଇଁ ଏନ୍‌ଟିଏ ପରୀକ୍ଷା ତାରିଖ ଘୁଞ୍ଚାଇ ଦେଇଛି। ନୂଆ ସମୟ ଅନୁସାରେ ଜେଇଇ ମେନ୍ ସେସନ-୧ ପରୀକ୍ଷା ଏପ୍ରିଲ ୨୧, ୨୪, ୨୫, ୨୯, ମେ' ୧ ଓ ୪ ତାରିଖରେ ଅନୁଷ୍ଠିତ ହେବ। ଏପ୍ରିଲ ପ୍ରଥମ ସପ୍ତାହରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ଜଣାଇ ଦିଆଯିବ। ଦ୍ୱିତୀୟ ସପ୍ତାହରେ ଛାତ୍ରୀଛାତ୍ର ଆଡ୍‌ମିଟ କାର୍ଡ ଡାଉନ୍‌ଲୋଡ୍ କରିବେ। ପରୀକ୍ଷା ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଏନ୍‌ଟିଏ ୱେବ୍‌ସାଇଟ୍ www.nta.ac.in ଓ https://jeemain.nta.nic.inକୁ ଦେଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି। ଛାତ୍ରୀଛାତ୍ର ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ୦୧୧-୪୦୭୫୯୦୦୦/୦୧୧-୬୯୨୨୭୭୦୦ କିମ୍ବା jeemain@nta.ac.inରେ ଯୋଗାଯୋଗ କରିବା ଲାଗି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।


**ଅଭିନନ୍ଦନ**



ପବିତ୍ର ଦୋଳପୂର୍ଣ୍ଣିମୀ ଓ ହୋଲି ଅବସରରେ ଲାଠୋର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।

**ଜୟଶ୍ରୀ ଭଇଁଷାଲ**
ସରପଞ୍ଚ, ଲାଠୋର ଗ୍ରାମପଞ୍ଚାୟତ, ଖପ୍ରାଖୋଲ

**ଅଭିନନ୍ଦନ**



ପବିତ୍ର ଦୋଳପୂର୍ଣ୍ଣିମୀ ଓ ହୋଲି ଅବସରରେ ମାଲପଡ଼ା ପଞ୍ଚାୟତବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

**ଗୋପାଳ ମେହେର**
ସରପଞ୍ଚ, ମାଲପଡ଼ା ଗ୍ରାମପଞ୍ଚାୟତ, ଖପ୍ରାଖୋଲ

ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ସଇତାନୀ ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା । **–ଶ୍ରୀଅରବିନ୍ଦ**

# ୮.୧କୁ ହ୍ରାସ

ଶ୍ରମିକ ଏବଂ କର୍ମଚାରୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ରହିଆସିଛି ବୋଲି ବାରମ୍ବାର ଘୋଷଣା କରାଯାଉଛି । କିନ୍ତୁ ୧୨ ମାର୍ଚ୍ଚ ୨୦୨୨ରେ ସରକାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଉପରେ ଥିବା ସୁଧ ହାରକୁ ୮.୫ ପ୍ରତିଶତରୁ ୮.୧ ପ୍ରତିଶତକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି । ୧୯୭୭-୭୮ରୁ ଏହା ସବୁଠାରୁ କମ୍ ସୁଧହାର ବୋଲି ବିବେଚନା କରାଯାଉଛି । ସାଧାରଣତଃ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ଅର୍ଥ ଜମା କରୁଥିବା ବ୍ୟକ୍ତି ବହୁ କଷ୍ଟରେ ଉପାର୍ଜନ କରିଥାଆନ୍ତି । ଅବସର ବୟସରେ ଏହି ପାଣ୍ଠିରୁ ମିଳୁଥିବା ଅର୍ଥ ସେମାନଙ୍କୁ ଆର୍ଥିକ ସୁରକ୍ଷା ଦେଇଥାଏ । କୋଭିଡ୍-୧୯ ଯୋଗୁ ବହୁ କର୍ମଚାରୀ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି । ବର୍ତ୍ତମାନ ଆହୁରି ଅନେକ କାରଣ ଯଥା ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଫଳରେ ତୈଳ ଦର ବୃଦ୍ଧି ଆଶଙ୍କା, ଖାଦ୍ୟଦ୍ରବ୍ୟ ଆମଦାନୀ ପାଇଁ ଅଧିକ ଅର୍ଥ ବ୍ୟୟ ଭଳି ସମସ୍ୟା ଯୋଗୁ ବଜାରରେ ସାମଗ୍ରୀର ଦର ବହୁଗୁଣା ବଢ଼ିଯାଇଛି । କର୍ମଚାରୀ ଓ ଶ୍ରମିକଙ୍କ ପେଟକୁ ମାରି ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଅତ୍ୟନ୍ତ ଅନ୍ୟାୟ ବୋଲି କହି ଶ୍ରମିକ ସଙ୍ଗଠନଗୁଡ଼ିକ ଆସନ୍ତା ୨୮ ଓ ୨୯ ତାରିଖରେ ଦେଶବ୍ୟାପୀ ପ୍ରତିବାଦ କରିବେ ବୋଲି ଡାକରା ଦେଇଛନ୍ତି ।

କେନ୍ଦ୍ରରେ ବର୍ତ୍ତମାନ କ୍ଷମତାସୀନ ସରକାରଙ୍କ କର୍ପୋରେଟ୍ ପ୍ରୀତି ଆଭିମୁଖ୍ୟ ବିଷୟରେ ଦେଶବାସୀ ଅବଗତ । ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରିବା ହେଉ ବା ସରକାରୀ ସଂସ୍ଥା ପରିସରରେ ବଳକା ଜମିକୁ ଲିଜ୍ ଓ ସ୍ଥଳବିଶେଷରେ ବିକ୍ରି କରି ମନିଟାଇଜେଶନ ବା ମୁଦ୍ରୀକରଣ କରୁଥିବା ସରକାର କେବଳ ରାଜସ୍ୱ ଆଦାୟ ପଛରେ ପଡ଼ିଯାଇଛନ୍ତି । କିନ୍ତୁ ଯଦି ଏହିସବୁ ବିକ୍ରିବଟାକୁ ଗଭୀର ଭାବେ ଦେଖାଯାଏ ତେବେ ରାଜକୋଷକୁ ଅଧିକ ସମୃଦ୍ଧ କରିବା ପରିବର୍ତ୍ତେ ଏହି ପଦକ୍ଷେପଗୁଡ଼ିକ କେବଳ ନିଜର ବଛା ଓ ହାତଗଣତି ଶିଳ୍ପପତିଙ୍କୁ ଅତ୍ୟଧିକ ମାତ୍ରାରେ ଧନୀ କରାଇଦେଉଛି । କୃଷକ ଓ ଶ୍ରମିକଙ୍କ ମଙ୍ଗଳ ବିଷୟ କେବଳ ଭାଷଣରେ ଦିଆଯାଉଛି । ବିବାଦୀୟ କୃଷି ଆଇନ ଯୋଗୁ ଦେଶବ୍ୟାପୀ କେଉଁଭଳି ସ୍ଥିତି ଉପୁଜିଲା ତାହା ଜଗତ ଜାଣିଲା । ପୁଣି ଶ୍ରମ ଆଇନରେ ସଂସ୍କାର ଅଣାଯାଇ ଯେଉଁ ୪ଟି ଲେବର କୋଡ୍ ଅଣାଯାଇଛି ତାହା ମଧ୍ୟ ବିବାଦମୁକ୍ତ ନୁହେଁ । ଦି କୋଡ୍ ଅନ୍ ୱେଜେସ୍ ୨୦୧୯, ଦି କୋଡ୍ ଅନ୍ ସୋସିଆଲ୍ ସିକ୍ୟୁରିଟି ୨୦୨୦, ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ କୋଡ୍ ୨୦୨୦ ଏବଂ ଅକ୍ୟୁପେଶନାଲ୍ ସେଫ୍ଟି, ହେଲ୍‌ଥ ଆଣ୍ଡ୍ ୱାର୍କିଂ କଣ୍ଡିସନ୍ସ କୋଡ୍ ୨୦୨୦ରେ ଶ୍ରମିକଙ୍କ ମଙ୍ଗଳ ଅପେକ୍ଷା ଶିଳ୍ପକୁ ସୁହାଇଲା ଭଳି ବିଷୟକୁ ସନ୍ନିବେଶିତ କରାଯାଇଛି ବୋଲି ଶ୍ରମିକ ସଙ୍ଗଠନଗୁଡ଼ିକ ଅଭିଯୋଗ କରିଚାଲିଛନ୍ତି । ଏଥିରେ କେନ୍ଦ୍ରର ଆର୍ଥିକ ସହଯୋଗ ନେଇ କୌଣସି ସ୍ୱଷ୍ଟତା ରହି ନ ଥିବାରୁ ତାହାକୁ ବିରୋଧ କରାଯାଉଛି । ଏଭଳି ସ୍ଥଳେ ଇପିଏଫ୍ ସୁଧ ହାର କମାଇ ଦିଆଯାଇ ସରକାର କେଉଁଭଳି ଭାବେ ଶ୍ରମିକଙ୍କ ମଙ୍ଗଳ ଚିନ୍ତା କରୁଛନ୍ତି ବୁଝିବା କଷ୍ଟକର । ଗୋଟିଏ ପଟେ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଋଣ ନେଇ ଇଚ୍ଛାକୃତ ଖିଲାପକାରୀ ହୋଇଥିବା ବ୍ୟକ୍ତି ଓ କମ୍ପାନୀକୁ ଆର୍ଥିକ ଛାଡ଼ କରିଦିଆଯାଉଥିବା ବେଳେ ସାଧାରଣ ଶ୍ରମିକ ଓ କର୍ମଚାରୀଙ୍କ ଇପିଏଫ୍ ଉପରେ ଦିଆଯାଉଥିବା ସ୍ୱଳ୍ପ ପରିମାଣର ସୁଧ ହାର କମାଇବା ସକାଶେ ଚିନ୍ତା କରାଯିବା ସରକାରଙ୍କ ଦୋମୁହାଁ ନୀତିର ପରିଚୟ ଦେଉଛି । ଏଥିସହିତ ଜୀବନ ବୀମା ନିଗମ (ଏଲ୍‌ଆଇସି) ଭଳି ଲାଭଦାୟକ ସଂସ୍ଥାର ଅଂଶଧନ ବିକ୍ରି କରିବା ପଛରେ କେଉଁ ପ୍ରକାର ଚିନ୍ତାଧାରା ରହିଛି ବୁଝିବା ସହଜ । ଯେତେବେଳେ ଦେଶର ସମଗ୍ର ଶ୍ରମିକ ସମୂହ ଏକ ଅପ୍ରତ୍ୟାଶିତ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ସେତେବେଳେ ସେମାନଙ୍କୁ ଆର୍ଥିକ ନିରାପତ୍ତା ଦେବା ପରିବର୍ତ୍ତେ ସରକାର ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନ୍ଧନ (ପିଏମ୍-ଏସ୍‌ୱାଇଏମ୍) କିମ୍ବା ବେପାରୀ ଓ ଆର୍ଥିକ ସ୍ୱାବଲମ୍ବୀଙ୍କ ପାଇଁ ଜାତୀୟ ପେନ୍‌ସନ ଯୋଜନା ଭଳି କାନକୁ ଭଲ ଶୁଭୁଥିବା କାର୍ଯ୍ୟକ୍ରମ ବିଷୟରେ କେବଳ ଭାଷଣ ଦେଇଚାଲିଛନ୍ତି । ଚିନ୍ତାର ବିଷୟ ଯେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ)ର ଶୀର୍ଷ ନୀତି ନିର୍ଦ୍ଧାରକ ସଂସ୍ଥା ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଜ୍‌ରେ ସରକାର, ଶ୍ରମିକ ଓ କର୍ମଚାରୀଙ୍କ ପ୍ରତିନିଧିଙ୍କୁ ନିଷ୍ପତ୍ତି ନେବାର କ୍ଷମତା ଦିଆଯାଇଛି । କିନ୍ତୁ କେନ୍ଦ୍ର ସରକାର ଯାହା ଚାହିଁଥାଆନ୍ତି ସେହି ଅନୁଯାୟୀ ନିଷ୍ପତ୍ତି ନିଆଯାଉଥିବା ଅଭିଯୋଗ ହେଉଛି ।

ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ୧୦ ମାର୍ଚ୍ଚରେ ପ୍ରକାଶ ପାଇବା ଓ ସେଥିରେ ଭାଜପା ୪ଟିରେ ବିଜୟ ଲାଭ କଲା ପରେ, ହୁଏତ, କେନ୍ଦ୍ରର ଭାଜପା ସରକାର ପୁନର୍ବାର ନିଜର ନୀତି ପଦାରେ ପକାଇଲେଣି । ଏହାର ଦୁଇ ଦିନ ପରେ ଶ୍ରମିକ ଓ କର୍ମଚାରୀଙ୍କୁ ବାଧିଲା ଭଳି ଇପିଏଫ୍‌ଓ ସୁଧ ହାର କମାଇ ଦିଆଯାଇଥିବାରୁ ବିରୋଧୀ ତାହାକୁ କେନ୍ଦ୍ର ସରକାରଙ୍କ ଭୋଟ୍‌ର ପ୍ରତିଦାନ ବୋଲି ଅଭିହିତ କରିଛନ୍ତି । ପୂର୍ବ ପରିଚିତ ବୃହତ୍ ବିରୋଧୀ ଦଳଗୁଡ଼ିକ ନିଜର ସ୍ଥିତି ହରାଇଲା ପରେ କହୁଥିବା ସବୁକଥା ଅବାଞ୍ଛିତ ଶୁଣାଯାଇପାରେ, କିନ୍ତୁ ବାସ୍ତବତାକୁ ଏଡ଼ାଇହେବ ନାହିଁ ।

> **ଯଦି ମୁଦ୍ରୀକରଣ ମାଧ୍ୟମରେ ବିକ୍ରିବଟାକୁ ଗଭୀର ଭାବେ ଦେଖାଯାଏ ତେବେ ରାଜକୋଷକୁ ଅଧିକ ସମୃଦ୍ଧ କରିବା ପରିବର୍ତ୍ତେ ଏହି ପଦକ୍ଷେପଗୁଡ଼ିକ କେବଳ ନିଜର ବଛା ଓ ହାତଗଣତି ଶିଳ୍ପପତିଙ୍କୁ ଅତ୍ୟଧିକ ମାତ୍ରାରେ ଧନୀ କରାଇଦେଉଛି ।**

# ଦେଶର ଊର୍ଦ୍ଧ୍ୱରେ ପାର୍ଟି



ସହଦେବ ସାହୁ

'ସର୍ଭିସ୍ ଏବଭ୍ ସେଲ୍ଫ' କେବଳ ଏକ ନୀତିବାକ୍ୟ ନୁହେଁ, ପୃଥିବୀର ଚାରିଆଡ଼େ ଏ ଏକ ଆଚରଣ ବିଧି ରୂପେ ଗଣାଯାଉଛି । ସେବାରେ ବ୍ୟକ୍ତି ନିଜକୁ ଉତ୍ସର୍ଗ କରିବା କଥା । ମୁଁ ଏକ ବ୍ୟକ୍ତି, ସେବା ଯୋଗାଇବାରେ ମୁଁ ନିଜକୁ ଭୁଲିଯିବା କଥା । ସମସ୍ତେ କହୁଛନ୍ତି ରାଜନୀତିରେ ପଶିଲେ ସେବା କରିବାର ସୁଯୋଗ ମିଳେ । ପ୍ରକୃତରେ ରାଜନୈତିକ ନେତା ସେବା ଯୋଗାଇବାରେ ନିଜକୁ ଉତ୍ସର୍ଗ କରୁଛନ୍ତି କି, ସେମାନେ ନିଜର ବିବେକ ଲଗାଉଛନ୍ତି କି? କାର୍ଯ୍ୟକ୍ଷେତ୍ରରେ ସେମାନେ ଯେଉଁ ନୀତି ଗ୍ରହଣ କରୁଛନ୍ତି, ତାହା 'ସେଲ୍ଫ ଏବଭ୍ ସର୍ଭିସ୍', ମୁଁ ଆଗ, ସେବା ପଛ: କେବଳ ସେତିକି ନୁହେଁ, ବର୍ତ୍ତମାନର ନୀତିବାକ୍ୟ ୩ଟି ସ୍ତରରେ ହେଉଛି– (୧) ସେଲ୍ଫ ଏବଭ୍ ସର୍ଭିସ୍, (୨) ପାର୍ଟି ଏବଭ୍ ସେଲ୍ଫ ଓ (୩) ପାର୍ଟି ଏବଭ୍ କଣ୍ଟ୍ରି । ତେଣୁ ପାର୍ଟିର ମୁଖ୍ୟ ସରକାରଙ୍କୁ ନିୟନ୍ତ୍ରଣ କରିବେ । ଯାହା ପାର୍ଟିର ମୁଖ୍ୟ କହିବେ ବା ଇଙ୍ଗିତ ଦେବେ, ତାହା ଦେଶ (ଏବଂ ରାଜ୍ୟ) ପାଇଁ ନୀତି ଓ ନୈତିକତା । ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ ତ ଦଳ-ପ୍ରତିନିଧି, ଲୋକେ ତ ସେମାନଙ୍କୁ ବାଛୁନାହାନ୍ତି, ଦଳ ବାଛିଥିବା ଲୋକ ପାଖରେ ଦଳର ସଂକେତ ଉପରେ (ପ୍ରାର୍ଥୀର ନାଁ ଉପରେ ନୁହେଁ) ଭୋଟର ରବର ଷ୍ଟାମ୍ପ ମାରୁଛି । ତେଣୁ ଗୋଟିଏ କାଠଗଡ଼ ବି ଦଳ(ଲୋକ) ପ୍ରତିନିଧି ହୋଇପାରେ । ସେ ପୁଣି ଆଇନ କି ଜିନିଷ ବୁଝିବ କି? ଦଳର ଛାଟ (ହୁଇପ୍) ଅନୁଯାୟୀ ଭୋଟ ନ ଦେଲେ ତାକୁ ମୁଖିଆ ବାଚସ୍ପତିଙ୍କୁ ଅନୁରୋଧ କରି ଦଳରୁ ବାହାର କରିଦେବେ । ସେତେବେଳେ ସେ ଆଉ ଗୃହର ସଦସ୍ୟ ରହିପାରିବ ନାହିଁ, ତେଣୁ ଲୋକପ୍ରତିନିଧି ବି ରହିବ ନାହିଁ । ସେ ଭଳି ଲୋକେ ଯେଉଁ ଆଇନ ପାସ୍ କରିବେ, ସେସବୁରେ ପାର୍ଟିର ଛାପ ରହିବ, ଦେଶର ଆବଶ୍ୟକତା ଗୌଣ ହେବ । ତେଣୁ ରାଜକୋଷ ଦଳକୋଷ ହୋଇଯାଏ ।

ଏବେ କେରଳର ରାଜ୍ୟପାଳ ଏକ ପ୍ରଶ୍ନ ଉଠାଇଛନ୍ତି, ଯାହା ଏହା ହିଁ ସୂଚାଉଛି । କେରଳ ସରକାର (ଅର୍ଥାତ୍ ଶାସକ ଦଳ, ଦିନେ ବିରୋଧୀ ଦଳ ବି ତ ଶାସକ ଦଳ ହୁଅନ୍ତି) ଆଇନ କରିଛନ୍ତି ଯେ, ପାର୍ଟି କ୍ୟାଡରର ଲୋକେ ମନ୍ତ୍ରୀଙ୍କ ପର୍ସନାଲ ଷ୍ଟାଫ୍ ଭାବେ ସରକାରୀ ଚାକିରିଆ ଭାବେ ଗଣାହେବେ; ଏକାଦିକ୍ରମେ ୩ ବର୍ଷ ଚାକିରି କରିଥିଲେ ଅବସରକାଳୀନ ଭତ୍ତା (ପେନ୍‌ସନ୍) ପାଇବେ, ସେମାନଙ୍କ ମୃତ୍ୟୁ ପରେ ପରିବାର ବି ପେନ୍‌ସନ ପାଇବ । ଦଳର ଲୋକଙ୍କୁ ଷ୍ଟାଚୁଟରି ପେନ୍‌ସନ ଦେବା ମାନେ ରାଜକୋଷ ବା ପବ୍ଲିକ୍ ମନି ବ୍ୟବହାର କରିବା, ଦଳର ପାଣ୍ଠିରୁ ନୁହେଁ । ପାର୍ଟି କ୍ୟାଡର୍‌କୁ ପୁରସ୍କାର ଦେବ ବୋଲି କ'ଣ ଜନସାଧାରଣଙ୍କ ପଇସାରେ ଅବସରକାଳୀନ ଭତ୍ତା ଦେବ? କେରଳରେ ଏମିତି ବହୁ ବର୍ଷ ହେଲାଣି ତ ଅନ୍ୟ ରାଜ୍ୟରେ ଓ କେନ୍ଦ୍ରରେ କାହିଁକି ଦିନେ ନ ହେବ? ଏମ୍‌ଏଲ୍‌ଏ ବା ଏମ୍‌ପି ମାସେ ଦି' ମାସ ପରେ ଉଭାନ୍ ହେଉଥିବା ବିଧାନସଭା ବା ସଂସଦରେ ସଭ୍ୟ ହୋଇଥିବେ ତ ପେନ୍‌ସନ୍ ପାଇବେ । ବିଧାୟକ ବା ସାଂସଦ ହେଉଛନ୍ତି ଲେଜିସ୍‌ଲେଚର୍, ଦେଶର ଶାସନ ପାଇଁ ଆଇନ ତିଆରି କରିବେ, ତା' ମାନେ ନୁହେଁ ଯେ ନିଜ ଦଳ ଓ ନିଜ ପାଇଁ ସବୁ ସୁବିଧା ମିଳିବାର ଆଇନ କରିନେବେ? ସେମାନେ ନିଜକୁ ସୁପରସିଟିଜେନ୍, ଅନ୍ୟ ସମସ୍ତେ ପାରିହା (ଲାତ ଖାଇବା ଲୋକ) ବୋଲି ଭାବିନେଲେଣି । ଥରେ ୫ ବର୍ଷ ପାଇଁ ଏମ୍‌ପି ବା ଏମ୍‌ଏଲ୍‌ଏ ହୋଇଗଲେ ପେନ୍‌ସନ୍ ଓ ଫାମିଲି ପେନ୍‌ସନ୍ ପାଇବେ, ମାତ୍ର ୫ ବର୍ଷ! ଏବେ କେରଳରେ ସେମାନେ ଆଇନ କରିନେଇଛନ୍ତି ଯେ ମନ୍ତ୍ରୀ, ସ୍ପିକର୍, ଚିଫ୍ ହୁଇପ୍ ନିଜର ଷ୍ଟାଫ୍‌କୁ ସରକାରୀ କର୍ମଚାରୀ କରାଇପାରିବେ । ତା' ମାନେ ପାର୍ଟି-କାମ କରୁଥିବା ଲୋକଙ୍କୁ ରାଜକୋଷରୁ ପୁରସ୍କାର ଦିଆଯିବ । କେରଳ ଗଭର୍ନର ଅରିଫ୍ ମହମ୍ମଦ ଖାଁ ପ୍ରଶ୍ନ ଉଠାଇଛନ୍ତି: ଜନସାଧାରଣଙ୍କ ପଇସାରେ ପାର୍ଟି କ୍ୟାଡରକୁ ଦରମା ଦେବା କଥା କି? ଶାସକ ଦଳ ବଦଳୁଥିଲେ ବି ଥରେ ମନ୍ତ୍ରୀ ନିଯୁକ୍ତ କରିଦେଲେ ପର୍ସନାଲ୍ ଷ୍ଟାଫ୍ ସରକାରୀ କର୍ମଚାରୀ ହୋଇଯିବେ । ବ୍ୟକ୍ତିଗତ ସେବା କରୁଥିବା କର୍ମଚାରୀ ସାମୟିକ (ଟେମ୍ପରାରି), ସେମାନଙ୍କୁ ସରକାରୀ ବିଭାଗରୁ ନିଆଯିବା କଥା, ଯେମିତି ପ୍ରାଇଭେଟ୍ ସେକ୍ରେଟାରି, ଡ୍ରାଇଭର୍, ପିଅନ ଆଦି ଡିପାର୍ଟମେଣ୍ଟରୁ ଅଣାଯାଆନ୍ତି । ଆମ ରାଜ୍ୟରେ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ ନିଜ ଦଳର କର୍ମୀଙ୍କୁ ଏଭଳି ଚାକିରି ଦେଇଥା'ନ୍ତି, ସେହି ଆଳରେ କେତେକ ମନ୍ତ୍ରୀ ଓ ସାଂସଦ ନିଜ ପୁଅ, ଝିଅ ଏପରିକି ସ୍ତ୍ରୀ ବା ପରିଚିତ ମହିଳାକୁ ପର୍ସନାଲ୍ ଷ୍ଟାଫ୍ କରିଥା'ନ୍ତି ବୋଲି ନଜର ମିଳିଛି, ତା' ମାନେ ସେତେକ ପଇସା ଉପୁରି ହୋଇଗଲା । ଯେତେଥର ମନ୍ତ୍ରୀ ହେବେ ସେତେ ଥର ୫ ବର୍ଷିଆ ଚାକିରି ଦେଇ ସେ ପଇସା ନିଜ ଅଣ୍ଟାରେ ଗୁଞ୍ଜିହେବ । ନ ହେଲେ ପାର୍ଟି କ୍ୟାଡରର ବହୁତ ଲୋକଙ୍କୁ ଏମିତି ଚାକିରି ଦେଇ ଅନୁଗୃହୀତ କରିହେବ । ବୋଝ ଉପରେ ନଳିତାବିଡ଼ା ପରି ସେମାନଙ୍କୁ ଯଦି କେରଳ ଅନୁକରଣରେ ପର୍ମାନେଣ୍ଟ ଏମ୍ପ୍ଲୟି ଧରିନିଆଯାଏ, ସେମାନେ ପେନ୍‌ସନ ବି ପାଇବେ, ଫଳରେ ୫ କି ୬ ଥର ଶାସନ ଗାଦିରେ ଥିବା ଦଳ ଶହ ଶହ ଦଳକର୍ମୀଙ୍କୁ ସରକାରୀ କର୍ମଚାରୀ କରାଇନେବେ । ରାଜନୈତିକ ଦଳଗୁଡ଼ିକ କେନ୍ଦ୍ରରେ ଆଇନ କରାଇ ନେଇଛନ୍ତି ଯେ କେନ୍ଦ୍ର ମନ୍ତ୍ରୀଟିଏ ତାଙ୍କ ଘରୋଇ ଅଫିସ୍ ପାଇଁ ୧୫ ଜଣ ପର୍ସନାଲ୍ ଷ୍ଟାଫ୍ ରଖିପାରେ । ତହିଁରୁ ଅଧିକାଂଶ ସରକାରୀ ଦପ୍ତରମାନଙ୍କରୁ ଆସିଥା'ନ୍ତି, ବାକିତକ ସାମୟିକ ମନ୍ତ୍ରୀ ପଦରେ ଥିବାଯାଏ । କେରଳରେ ଜଣେ ମନ୍ତ୍ରୀ ଏହାର ଦୁଇଗୁଣ ରଖିପାରେ, ଏଲ୍‌ଡିଏଫ୍ ସରକାର ମନ୍ତ୍ରୀଙ୍କ ପର୍ସନାଲ ଷ୍ଟାଫ୍ ସଂଖ୍ୟା ୨୫କୁ କମାଇ ଦେଇଛନ୍ତି, କେବଳ ମୁଖ୍ୟମନ୍ତ୍ରୀ ୩୦ ଜଣ ରଖିପାରିବେ । ତା'ଛଡା ସ୍ପିକର୍, ଡେପୁଟି ସ୍ପିକର୍ ଓ ଚିଫ୍ ହୁଇପ୍ ୨୫ ଲେଖାଏ ପର୍ସନାଲ ଷ୍ଟାଫ୍ ରଖିପାରିବେ । ଏବେ କେରଳରେ ପ୍ରାୟ ୪୦୦ ଜଣ ଡାଇରେକ୍ଟ ନିଯୁକ୍ତ ଅଛନ୍ତି, ପ୍ରାୟ ସମସ୍ତେ ସମ୍ପୃକ୍ତ ଦଳର ସକ୍ରିୟ ସଦସ୍ୟ, ମାସକୁ ପ୍ରାୟ ୨୩,୦୦୦ ରୁ ୧,୬୦,୦୦୦ ଟଙ୍କାଯାଏ ଦରମା ପାଉଛନ୍ତି । ଗତ ୫ ବର୍ଷରେ ଏ ବାବଦରେ କେରଳର ରାଜକୋଷରୁ ପ୍ରାୟ ୧୭୦ କୋଟି ଟଙ୍କା ଯାଇଛି । ୧୯୯୪ରେ କଂଗ୍ରେସ୍ ନେତୃତ୍ୱରେ ମିଳିତ ସରକାର ଆଇନ କଲେ ଯେ, ଅତିକମ୍‌ରେ ୩ ବର୍ଷ ଚାକିରି କରିଥିଲେ ପର୍ସନାଲ୍ ଷ୍ଟାଫ୍ ପେନ୍‌ସନ ପାଇବ, ଏ ନିୟମ ପୁଣି ପିଛିଲା ୧୯୮୨ରୁ ଲାଗୁହେଲା । ଏପରି ଆଇନ ଆଣିବାରେ ବିରୋଧୀ ଦଳ ପୂରା ସମର୍ଥନ ଦେଲେ, ନ ଦିଅନ୍ତେ ବା କେମିତି? କାରଣ ଆଜି ସେ ସିନା ଫକିର ଅଛନ୍ତି, କାଲିକୁ ରାଜେନ୍ଦ୍ରାସନକୁ ଆସିପାରନ୍ତି । ଯା' ଭିତରେ କେରଳ ସରକାର ନିୟମର ସଂଶୋଧନ କରିଛନ୍ତି, ପର୍ସନାଲ୍ ଷ୍ଟାଫ ପାରିବାରିକ ପେନ୍‌ସନ ବି ପାଇବ, ଅର୍ଥାତ୍ ସେ ମରିଗଲା ପରେ ତା' ସ୍ତ୍ରୀ, ସ୍ତ୍ରୀ ମୃତ ଥିଲେ ପ୍ରଥମ ସନ୍ତାନ ପେନ୍‌ସନ ପାଇବ । ୨୦୧୩-୧୪ରୁ ୨୦୧୯-୨୦ ରୁ ୨୦୧୯-୨୦ ଭିତରେ ପେନ୍‌ସନ ପରିମାଣ ଶତକଡ଼ା ଶହେ ବଢ଼ିଗଲାଣି ଅର୍ଥାତ୍ ଦୁଇଗୁଣ ହୋଇଗଲାଣି ।

ଏ ସବୁ କଥାରୁ କ'ଣ ବୁଝୁଛନ୍ତି, କିଛି କାମ କରିପାରୁନଥିବା ଲୋକ ଦାଦାଗିରି କରି ମନ୍ତ୍ରୀଙ୍କ ପାଖଲୋକ ବା ପ୍ରଚାରକ ହୋଇଯାଏ, ବା ମନ୍ତ୍ରୀକୁ ତୋଷାମୋଦ କରିଚାଲେ ତ ଦିନେ ନା ଦିନେ ମନ୍ତ୍ରୀ ତାକୁ ପର୍ସନାଲ ଷ୍ଟାଫ୍ କରିନେବେ, ୩ ବର୍ଷ ଏମିତି ରହିଗଲେ ପେନ୍‌ସନ୍ ପାଇବ । ଅବଶ୍ୟ ଏ ସବୁ କେରଳରେ ସମ୍ଭବ ହୋଇଛି । ଗଣତନ୍ତ୍ରକୁ ଦଳତନ୍ତ୍ର କରିବା ମୂଳରେ ଭାରତୀୟ ଜାତୀୟ କଂଗ୍ରେସ ଦଳ, ସେହି ଦଳର ଶାସନ ସମୟରେ ୧୯୮୫ରୁ ପାରମ୍ପରିକ ଭାବେ ଓ ୨୦୦୩ରୁ ବିଧାନ କରିନେଇଛି ଯେ ଦଳର ଚିରକୁଟ ନ ପାଇଲେ ଲୋକପ୍ରତିନିଧି ପ୍ରାର୍ଥୀ ହୋଇପାରିବ ନାହିଁ । ଏମିତି ବହୁତ କିଛି ଅଗଣତାନ୍ତ୍ରିକ ପଦକ୍ଷେପ କଂଗ୍ରେସ୍ ଦଳ ନେଇଆସିଛି, ଅନ୍ୟ ଦଳଗୁଡ଼ିକ ଆପଣେଇଛନ୍ତି, ଏକା ଲାଉର ମଞ୍ଜି ତ!

ବାଂଲାଦେଶ ମୁକ୍ତି ପରେ ପରେ ଇନ୍ଦିରା ଗାନ୍ଧୀ ମୁଜିବୁର୍ ରହମାନଙ୍କୁ ପରାମର୍ଶ ଦେଇଥିଲେ ଯେ, ପାର୍ଟିର କର୍ତ୍ତୃତ୍ୱକୁ ଟାଣ କରିବା ଲାଗି କଲେକ୍ଟରମାନଙ୍କ ଉପରେ ଜିଲାସ୍ତରୀୟ ଦଳୀୟ ନେତାକୁ ଡିଷ୍ଟ୍ରିକ୍ଟ କମିସାର୍ ଭାବେ ରଖାଯାଉ । ତାହା ସଫଳ ହୋଇଥିଲେ ସେ ଆମ ଦେଶରେ ଚାଲୁ କରିଥା'ନ୍ତେ । ମଝିରେ ଥରେ ପ୍ରସ୍ତାବ ଆସିଲା ଯେ, ଜିଲା କଂଗ୍ରେସ କମିଟି ଚେୟାରମାନଙ୍କ ସୁପାରିସରେ ଚାକିରି ଦିଆଯାଉ । ତା' ପରେ ଥରେ ପ୍ରସ୍ତାବ ଆସିଥିଲା ଯେ, ଏମ୍‌ପିଙ୍କୁ ଜିଲାପାଳଙ୍କ ଅଫିସ୍ ପାଖ ଏକ ରୁମ୍‌ରେ ଅଫିସ କରିବାକୁ ଦିଆଯାଉ, ଏହାର ମାନେ ଜିଲାପାଳ ଏମ୍‌ପି ପ୍ରଭାବରେ କାମ କରିବେ । ଲୋକେ ସଦଳବଳ ସେଇଠି ସବୁବେଳେ ରୁଣ୍ଡ ହେଉଥିବେ ତ ଜିଲାପାଳ ଏକ ରାଜନୈତିକ ଚାପରେ କାମ କରିବେ । ସେଭଳି ଅଗଣତାନ୍ତ୍ରିକ ପରିକଳ୍ପନା କଂଗ୍ରେସ କରିଥିଲେ ବି ଯଦି କାର୍ଯ୍ୟକାରୀ କରିନେଇଥା'ନ୍ତେ ଅନ୍ୟସବୁ ଦଳ ବିନା ବାଧାରେ ଗ୍ରହଣ କରିଥା'ନ୍ତେ । କାରଣ ଆମେ ତ 'ଗଣ'ତନ୍ତ୍ରରେ ନାହୁଁ, 'ଦଳ'ତନ୍ତ୍ରରେ ଅଛୁ!

sahadevas@yahoo.com

# ଗଣତନ୍ତ୍ରର ରକ୍ଷାକବଚ



ରବିନାରାୟଣ ସାମଲ

ପଞ୍ଚାୟତ ନିର୍ବାଚନ ହେଲା । ମାସାଧିକ କାଳ ଭୋଟ-ରାଜନୀତିକୁ ନେଇ ଗାଁ ଗଣ୍ଡା ଉଠିଲା ପଡ଼ିଲା । ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବୈରଭାବରେ ଆକ୍ରାନ୍ତ ହେଲା । ଠାଏ ଠାଏ ହିଂସାକାଣ୍ଡ ଘଟି ଧନଜୀବନ ବି ନଷ୍ଟ ହେଲା । ଗାଁ ପରିବେଶ ଏକରକମ ଅଶାନ୍ତ ହୋଇ ପଡ଼ିଲା । ପ୍ରତିନିଧିମାନେ ନିର୍ବାଚିତ ହେଲେ । କିଏ ଭୋଟ ଦେଲା, କିଏ ନ ଦେଲା ତାକୁ ନେଇ ତର୍ଜମା ଚାଲିଲା । କଥା ଦେଇ ଯିଏ ଭୋଟ ନ ଦେଲା, ପରାଜିତ ପ୍ରାର୍ଥୀ ତା' ଉପରେ ରାଗ ଶୁଝାଇଲେ । ପଞ୍ଚାୟତ ସମିତି ଚେୟାରମ୍ୟାନ ପଦ ପାଇଁ ସମିତି ସଭ୍ୟଙ୍କୁ ଅଜ୍ଞାତବାସରେ ରଖାଯାଇ ଘୋଡ଼ା ବେପାର ଚାଲିଲା ।

ମତଦାନକୁ କେନ୍ଦ୍ର କରି ବାଲଟଚିରା, ବୁଥ୍ ଜବରଦଖଲ, ଭୋଟବାକ୍ସ ଲୁଟ୍, ସାମ୍ବାଦିକ, ପୋଲିସ, ପୋଲିଂ କର୍ମଚାରୀ ଏବଂ ଏପରିକି ନିର୍ବାଚନ ଅଧିକାରୀଙ୍କ ଉପରେ ଆକ୍ରମଣ ହେଲା । କେତେକ ସ୍ଥାନରେ ଗୋଷ୍ଠୀସଂଘର୍ଷ ହୋଇ ସାଧାରଣ ଲୋକେ ମୃତାହତ ହେଲେ । ଭୋଟରମାନଙ୍କୁ ଟଙ୍କାପଇସା ଓ ଶାଢ଼ି, ସାଲ୍ ବାଣ୍ଟିବା ସହିତ ମଦ-ମାଂସର ଭୋଜି ବି କରାଗଲା । 'ସ୍ୱଚ୍ଛ-ଅବାଧ-ନିରପେକ୍ଷ ନିର୍ବାଚନ' ପୋଥି ବାଇଗଣ ହୋଇ ରହିଗଲା । ସେ ପଟେ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନରେ ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦିଆଗଲା । ଉତ୍ତରପ୍ରଦେଶରେ ବାଳିକାମାନଙ୍କୁ ସ୍କୁଟି, ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ଫୋନ୍ , ପ୍ରତି ପରିବାରକୁ ମାଗଣା ସିଲିଣ୍ଡର୍, କୃଷକମାନଙ୍କୁ ମାଗଣା ବିଜୁଳି ଦେବାକୁ ଭାଜପା ପ୍ରତିଶ୍ରୁତି ଦେଲା । ଅଟୋରିକ୍ସା ଚାଳକଙ୍କୁ ମାସିକ ୩ ଲିଟର ଓ ବାଇକ୍ ବ୍ୟବହାରକାରୀଙ୍କୁ ୧ ଲିଟର ପେଟ୍ରୋଲ, ଗରିବ ଲୋକଙ୍କୁ ୫ ବର୍ଷ ପାଇଁ ମାଗଣା ରାଶନ ଦେବାକୁ ସମାଜବାଦୀ ପାର୍ଟି ଘୋଷଣା କଲା । ଭୋଟରମାନଙ୍କୁ ବାଣ୍ଟିବାକୁ ଯାଉଥିବା ବେଳେ ବିପୁଳ ପରିମାଣରେ ମଦ ଓ କୋଟି କୋଟି ଟଙ୍କା ଜବତ ହେଲା ।

ନିର୍ବାଚନ ପୂର୍ବରୁ ସାଧାରଣ ଭୋଟରଙ୍କୁ ପ୍ରଲୋଭନ ଦେଖାଇବା ଯଦିଓ ଅଗ୍ରହଣୀୟ, ତଥାପି ଆମ ଦେଶରେ ଏହା ଏକ ପରମ୍ପରାରେ ପରିଣତ ହୋଇଛି । ନିର୍ବାଚନୀ ଇସ୍ତାହାରରେ ଏସବୁ ପ୍ରଲୋଭନ ବି ସ୍ଥାନ ପାଉଛି । ଅତୀତରେ 'ଗରିବି ହଟାଓ' , 'ବିଜୁଳି-ସଡ଼କ-ପାଣି' ଓ 'ବର୍ଷକୁ ଦୁଇ କୋଟି ବେକାରଙ୍କୁ ନିଯୁକ୍ତି' ପରି ଆକର୍ଷଣୀୟ ସ୍ଲୋଗାନ ନିର୍ବାଚନ ବେଳେ ବି ଦିଆଯାଇଛି । ଟିଭି, ଲାପ୍‌ଟପ୍, ମଙ୍ଗଳସୂତ୍ର ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା । ତାମିଲନାଡୁ ବିଧାନସଭା ନିର୍ବାଚନ ବେଳେ ଜଣେ ପ୍ରାର୍ଥୀ ନିର୍ବାଚିତ ହେଲେ ଭୋଟରମାନଙ୍କୁ ଚନ୍ଦ୍ରପୃଷ୍ଠକୁ ମାଗଣା ବୁଲାଇ ନେବାକୁ ସ୍ପର୍ଦ୍ଧା ବି ଦେଖାଇଥିଲେ ।

ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା ଏ ଦୁଇଟି ଏକା କଥା ନୁହେଁ । ପ୍ରତିବଦ୍ଧତା ନ ଥିଲେ ପ୍ରତିଶ୍ରୁତି ଖାଲି ପାଣିର ଗାର ପରି ମିଳେଇ ଯାଏ । ଦୀର୍ଘ ୭୫ ବର୍ଷ ଭିତରେ ଆମେ ଅନେକ ପ୍ରତିଶ୍ରୁତି ପାଇଛୁ । ଅଥଚ ପ୍ରତିବଦ୍ଧତା ଅଭାବରୁ ଜନଗଣଙ୍କ ମୌଳିକ ସମସ୍ୟା ଏ ଯାବତ୍ ସମାଧାନ ହୋଇପାରି ନାହିଁ । ତା' ସତ୍ତ୍ୱେ ନିର୍ବାଚନ ଆସିଲେ ପୁଣି ପ୍ରତିଶ୍ରୁତିର ପେଡ଼ି ଧରି ରାଜନୈତିକ ଦଳମାନେ ଚାଲିଆସନ୍ତି । ନିର୍ବାଚନ ସରିଗଲେ କାଶିଆ କିଏ ନା କପିଳା କିଏ ।

ଆମ ଭିତରୁ ଶତକଡ଼ା ପାଞ୍ଚ ଭାଗ ଲୋକ ରାଜନୈତିକ ଭାବେ ସଚେତନ ବୋଲି ପଶ୍ଚିମବଙ୍ଗର ଏକ ସଂସ୍ଥା ସର୍ବେକ୍ଷଣ କରି ତା'ର ରିପୋର୍ଟରେ ଦର୍ଶାଇଥିଲା । କିନ୍ତୁ ନିଜ ଚତୁଃପାର୍ଶ୍ୱରେ ଥରେ ଆଖି ବୁଲାଇ ଆଣିଲେ ଏହି ସଚେତନତା ହାର ଶହକେ ପାଞ୍ଚ ନ ହୋଇ ହଜାରରେ ପ୍ରାୟ ପାଞ୍ଚ ହେବ! ନଚେତ ରାଜନୈତିକ ଦଳମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟରମାନଙ୍କୁ କ'ଣ ଭୁଲାଇ ପାରନ୍ତେ?

ନିର୍ବାଚନ ବେଳେ ଭୋଟରମାନଙ୍କୁ ଦେଖାଯାଉଥିବା ପ୍ରଲୋଭନ ଲୋକପ୍ରତିନିଧି ଆଇନ-୧୯୫୧ର ଧାରା ୧୨୩(୧) (ଖ)ର ବିରୁଦ୍ଧାଚରଣ କରୁଛି ବୋଲି ଦର୍ଶାଇ ଏହା ବନ୍ଦ କରିବାକୁ ଇତିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟ କ'ଣ ରାୟ ଦେବେ ଏବଂ ତାହା କେତେ ଦୂର କାର୍ଯ୍ୟକାରୀ ହେବ ତାହା ପରର କଥା । କିନ୍ତୁ ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇ ପାରିବ ଯେ ଜନସାଧାରଣଙ୍କର ରାଜନୈତିକ ଅସଚେତନତାର ସୁଯୋଗ ନେଇ ବିଭିନ୍ନ ରାଜନୈତିକ ଦଳ ମିଥ୍ୟା ପ୍ରଲୋଭନ ଦେଖାଉଛନ୍ତି ଏବଂ ଅଜ୍ଞତାବଶତଃ ବିଚରା ଭୋଟର ଭକୁଆ ହୋଇ ଭୋଟ ଖଣ୍ଡେ ବାଢ଼େଇ ଦେଉଛି । ପ୍ରତିଶ୍ରୁତି ପାଳନ ନ କଲେ କିମ୍ବା ପ୍ରକାଶିତ ନିର୍ବାଚନୀ ଇସ୍ତାହାର ଅନୁଯାୟୀ କାର୍ଯ୍ୟ ନ କଲେ ସେହି ଦଳ ବା ପ୍ରାର୍ଥୀ ପ୍ରତି ଶାସ୍ତି ବିଧାନର କୌଣସି ବ୍ୟବସ୍ଥା ଆମ ଲୋକପ୍ରତିନିଧି ଆଇନରେ ନାହିଁ । ଦାଗୀ ରାଜନେତାଙ୍କୁ ପ୍ରତିନିଧି ହେବାରୁ ବଞ୍ଚିତ କରିବାକୁ ଆଇନ ପ୍ରଣୟନ ନିମନ୍ତେ ପ୍ରସ୍ତାବ ଦୀର୍ଘଦିନ ହେଲା ସଂସଦରୁ ଅଦାଲତ ଏପଟ ସେପଟ ହେଉଛି । ସେହିପରି ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ଦିଆଯାଉଥିବା ପ୍ରତିଶ୍ରୁତି ସମ୍ପର୍କିତ ମାମଲା ଯେ କିଛି ଚମତ୍କାରିତା ଦେଖାଇବ, ଏଥିରୁ ଜଣାପଡୁ ନାହିଁ । ଯେଉଁମାନେ ଆଇନ ପ୍ରଣୟନ କରିବେ ସେମାନେ ଯଦି ନ ଚାହିଁବେ ତେବେ ପ୍ରସ୍ତାବଟି ଆଲୋଚନା-ପର୍ଯ୍ୟାଲୋଚନା ଓ ସମାଲୋଚନା ଭିତରେ ହିଁ ରହିଯିବ ।

ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ଅବିଚ୍ଛିନ୍ନ ଅଙ୍ଗ । ମୁକ୍ତ ଏବଂ ଅବାଧ ନିର୍ବାଚନ ଏହି ଅଙ୍ଗଟିକୁ କ୍ରିୟାଶୀଳ କରିଥାଏ । ଯେଉଁଠି ମୁକ୍ତ ଓ ଅବାଧ ନିର୍ବାଚନ ନାହିଁ, ସେଠି ଗଣତନ୍ତ୍ର ବିପନ୍ନ ବୋଲି ଧରିନେବାକୁ ହେବ । ପଞ୍ଚାୟତଠାରୁ ପାର୍ଲାମେଣ୍ଟ ଯାଏ ଯେଉଁ ଧରଣର ନିର୍ବାଚନ ହେଉଛି ଏବଂ ପ୍ରତିନିଧିମାନେ ବିଜୟ ମୁକୁଟ ପିନ୍ଧି ଦେଶର ରାଜକୋଷକୁ ହରିଲୁଟ କରୁଛନ୍ତି, ସେଥି ଲାଗି ଦୀର୍ଘ ସାତ ଦଶନ୍ଧି ପରେ ବି ଦେଶର ବିକାଶ ଆଶାନୁରୂପ ହୋଇପାରି ନାହିଁ । ସାଧାରଣ ଲୋକେ ରାଜନୈତିକ ଭାବେ ସଚେତନ ନ ହେଲେ, ସରକାରଙ୍କର ନୀତି-ଅନୀତିର ଠିକ୍ ବିଶ୍ଳେଷଣ କରି ନ ପାରିଲେ ନିର୍ବାଚନ ମୁକ୍ତ-ଅବାଧ ହୋଇ ପାରିବ ନାହିଁ । ଚିରାଚରିତ ପ୍ରଥାରେ ପାଞ୍ଚ ବର୍ଷରେ ଥରେ ନିର୍ବାଚନ ଆସୁଥିବ, ଆମ୍ଭେମାନେ କିଛି ନ ଜାଣି, ନ ଶୁଣି ଅନ୍ଧଙ୍କ ଭଳି ଭୋଟ ଦେଉଥିବା ଏବଂ ତଥାକଥିତ 'ଗଣତନ୍ତ୍ରର ମହାପର୍ବ'ର ଜୟ-ଜୟକାରରେ ଗଗନ-ପବନ ପ୍ରକମ୍ପିତ କରୁଥିବା ।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ପ୍ରାଣୀଙ୍କ ସେବା ମହତ୍ କାର୍ଯ୍ୟ- ଏକଥା ଅନୁଭବ କରିଛନ୍ତି ରାଜସ୍ଥାନର ଗଜରାଜ ସିଂ କଚ୍ଛୱା । ସେଥିପାଇଁ ସେ ଜୟପୁରରେ 'ବେଜୁବାନ୍ କି ରୋଷେଇ' ବା 'କିଚେନ୍ ଫର୍ ଦି ଭଏସ୍‌ଲେସ' ଖୋଲି ହଜାର ହଜାର ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି । ୫ ବର୍ଷ ହେବ ତାଙ୍କ ଖର୍ଚ୍ଚରେ କୁକୁରମାନଙ୍କୁ ଖାଇବାକୁ ଦେଉଛନ୍ତି । ଲକ୍‌ଡାଉନ ସମୟରେ ସେ ଦୈନିକ ୬୦୦ରୁ ଊର୍ଦ୍ଧ୍ୱ କୁକୁରଙ୍କୁ ଖାଇବାକୁ ଦେଉଥିଲେ । ଏବେ କୁକୁରଙ୍କ ପାଇଁ ପୋଷକ ଖାଦ୍ୟ ପ୍ରସ୍ତୁତ କରି ତାହାକୁ ପ୍ୟାକ୍ କରୁଛନ୍ତି । ପ୍ରଥମରୁ ଏଥିପାଇଁ କିଛି ଦେୟ ଧାର୍ଯ୍ୟ କରି ନ ଥିଲେ ମଧ୍ୟ ଏହି ଅଭିଯାନକୁ ବ୍ୟାପକ କରିବାକୁ ସ୍ୱଳ୍ପ ମୂଲ୍ୟରେ ଲୋକଙ୍କୁ ବିକ୍ରି କରୁଛନ୍ତି । ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ ହେବା ପରେ ଏହାକୁ ଜୟପୁର ବିବେକ ବିହାର ଷ୍ଟେଶନ ନିକଟସ୍ଥ ଏକ ଷ୍ଟଲରେ ୫ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି । ସେଥିରେ ୪୦୦ ଗ୍ରାମର ଭାତ, ପନିର, ସୋୟାବିନ ଓ ଅଣ୍ଡା ରଖାଯାଉଛି । ଲୋକମାନେ ଏହି ମୂଲ୍ୟରେ ଖାଦ୍ୟ କିଣି ବୁଲା କୁକୁରଙ୍କୁ ଦେଉଛନ୍ତି ଓ ନିଜ ପୋଷା କୁକୁରଙ୍କ ପାଇଁ ମଧ୍ୟ ନେଉଛନ୍ତି । ଏଥିରୁ ଯାହା ରୋଜଗାର ହେଉଛି କଚ୍ଛୱା ତାହାକୁ ରୋଷେଇ ଓ ପ୍ୟାକେଟ ଖର୍ଚ୍ଚରେ ଲଗାଉଛନ୍ତି । କଚ୍ଛୱାଙ୍କୁ ଏକ ସ୍ଥାନୀୟ କ୍ଲବ ସହଯୋଗ କରିବା ସହ ପ୍ରତିଦିନ ବୁଲାକୁକୁରଙ୍କୁ ନେଇ ଖାଇବାକୁ ଦେଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମାର୍ଚ୍ଚ ୧୯୯୭

- ଇରାନର ଏକ ସାମରିକ ବିମାନ ସି-୧୩୦ ମସାଦଠାରୁ ୩୮ କିମି ଦୂର ଉତ୍ତର-ପୂର୍ବ ଇରାନଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ୮୦ ଯାତ୍ରୀଙ୍କ ମୃତ୍ୟୁ ଆଶଙ୍କା ।
- ଟେଲିକମ ଦୁର୍ନୀତି ମାମଲାରେ ଅଭିଯୁକ୍ତ ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କୁ ଦଣ୍ଡ ବିଧାନ ପାଇଁ ସିବିଆଇକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| 8 | | | | | | 4 | | 5 |
| | 2 | | | | | | | |
| | | 9 | 7 | | | | | 6 |
| | 6 | | | 3 | | | 1 | 2 |
| | 5 | | | 8 | 1 | | | |
| | | 3 | 8 | 7 | | 2 | | |
| 7 | 8 | | | | | | 9 | |
| | | | | | | 6 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 8 | 9 | 7 | 4 | 6 | 2 |
| 6 | 8 | 4 | 1 | 2 | 5 | 7 | 3 | 9 |
| 7 | 2 | 9 | 4 | 6 | 3 | 1 | 8 | 5 |
| 8 | 5 | 7 | 9 | 3 | 6 | 2 | 4 | 1 |
| 4 | 6 | 1 | 2 | 7 | 8 | 5 | 9 | 3 |
| 3 | 9 | 2 | 5 | 1 | 4 | 6 | 7 | 8 |
| 5 | 7 | 6 | 3 | 8 | 1 | 9 | 2 | 4 |
| 9 | 1 | 8 | 7 | 4 | 2 | 3 | 5 | 6 |
| 2 | 4 | 3 | 6 | 5 | 9 | 8 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,

ଗଣତନ୍ତ୍ରରେ ଗଣମାଧ୍ୟମ ଏବଂ ଏହାର ପ୍ରତିନିଧି ଅର୍ଥାତ୍ ଖବରଦାତାମାନେ ଜାଗ୍ରତ ପ୍ରହରୀ । ସମସ୍ତ ପରିସ୍ଥିତି ସତ୍ତ୍ୱେ ସେମାନେ ସମାଜର ହିତ ପାଇଁ କାର୍ଯ୍ୟ କରିଥା'ନ୍ତି ; ଯଦ୍ୱାରା ସେମାନଙ୍କୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ବୋଲି କୁହାଯାଏ । ଖବରଦାତାମାନଙ୍କ ସୁରକ୍ଷା ପାଇଁ ସମସ୍ତ କ୍ଷେତ୍ରରେ ଦାବି ଉପସ୍ଥାପନ କରାଯାଏ । ମାତ୍ର ପଞ୍ଚାୟତ ନିର୍ବାଚନ ବେଳେ ଯେଉଁ ଭଳି ଭାବେ ଖବରଦାତାଙ୍କୁ ଆକ୍ରମଣ କରାଗଲା, ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ବିଶେଷକରି ଆମ ରାଜନୀତିରେ ହିଂସାର ସ୍ଥାନ ନ ଥିବା ବେଳେ ଯେଉଁଭଳି ଭାବେ ହିଂସାର ଆଶ୍ରୟ ନେଇ ଦୁର୍ବୃତ୍ତମାନେ ଖବରଦାତାମାନଙ୍କୁ ମରଣାନ୍ତକ ଆକ୍ରମଣ କଲେ, ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲା । ଅନ୍ୟପକ୍ଷେ ଗଣମାଧ୍ୟମ ଏବଂ ଖବରଦାତାଙ୍କ ଉପରେ ଏଭଳି ବାରମ୍ବାର ଆକ୍ରମଣ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ଏଭଳି ଘଟଣାକୁ ସମସ୍ତେ ନିନ୍ଦା କରିବା ଉଚିତ । କେବଳ ସେତିକି ନୁହେଁ, ଦୁର୍ବୃତ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅପୂର୍ଣ୍ଣ କେତେ ବାସନା
ଗଭୀର ଶତ ଭାବନା
ବାଜି ଉଠିବ ଗୋ ଶୁଭ ମିଳନର ତାରେ,
ସବୁ ଦୁରାଶା ଅଶାନ୍ତି
ସକଳ ଯାତନା ଭ୍ରାନ୍ତି
ନିଭିଯିବ ନିଘଞ୍ଚ ଏ ଘୋର ଅନ୍ଧକାରେ ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-MBJ-0002-2022-6676/R&DM Dated: 02 MAR 2022

No. XXI-169: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ଦହିକୋଟି, ଥାନା: ବେତନଟୀ ନଂ. ୭୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩୨.୮୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସଚେନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଦହିକୋଟି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୦୨.୮୬ | ଏ.୩୨.୮୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା – ୮୦/୨୦୧୮
ଏ.୩୨.୮୧ଡି.

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ସିଷ୍ଟମ ନିମନ୍ତେ

### ମୌଜା: ଦହିକୋଟି, ଥାନା: ବେତନଟୀ ନଂ. – ୭୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୧୫୪୧ | ୦.୬୧ | ୦.୧୨ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀ ଅନନ୍ତ ଦାମୋଦର ଜିଉ ବିଜେ ନିଜଗୃହ ମାର୍ଫତ ଅଚ୍ୟୁତାନନ୍ଦ ମିଶ୍ର, ପି.– ଲୋକନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୭ | ୨୦୩୦ | ୦.୭୯ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | ଅମରେନ୍ଦ୍ର ମିଶ୍ର, ପି.– ପର୍ଶୁରାମ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୯ | ୧୮୬୮ | ୦.୨୧ | ୦.୨୧ | ଶାରଦ ଅଣ ଜଳସେଚିତ ଏକ | ଅଷ୍ଟମୀ ମହାନ୍ତ, ସ୍ୱା.– ଦେବେନ ମହାନ୍ତ, ବା: ନିଜଗାଁ, ମାଳତୀ ମହାନ୍ତ, ସ୍ୱା.– ବୈଷ୍ଣବ ମହାନ୍ତ, ଜା: କୁଡୁମି, ବା: ଧୋବଣୀଶୋଳ, ଥାନା: ମୋରଡ଼ା |
| ୨୧ | ୧୬୦୫ | ୧.୫୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | ଅଶ୍ୱନୀ କୁମାର ମିଶ୍ର, ପି.– ପରମାନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୨୯ | ୦.୨୯ | ୦.୧୮ | ଶାରଦ ଅଣ ଜଳସେଚିତ ଏକ | |
| ୩୨ | ୯୩୦ | ୦.୩୫ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | ଉଗ୍ରେସନ ମହାନ୍ତ, ପି.– କାଳୀଚରଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫୧ | ୨୦୦୯ | ୦.୬୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | କମଳାକାନ୍ତ ମହାନ୍ତ, ପି.– ଯୁଜେଷ୍ଟି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୩ | ୧୫୩୫ | ୦.୧୪ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀ ସୁନ୍ଦରଗୌରୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀଙ୍କ ପକ୍ଷେ କାଳିଆ ସିଂ, ଘନ ସିଂ, ପି.– ଲେପା ସିଂ, କହ୍ନେଇ ସିଂ, ପି.– କୁରୋ ସିଂ, ପୁନି ସିଂ, ସରଦା ସିଂ, ପି.– ଲେଦା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୬୫ | ୧୪୮୬ | ୦.୫୯ | ୦.୦୬ | ଶାରଦ ଅଣ ଜଳସେଚିତ ଦୁଇ | କାହ୍ନୁଚରଣ ଓତା, ପି.– କାଳୀଚରଣ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୬୫୧ | ୦.୧୩ | ୦.୧୩ | ଶାରଦ ଅଣ ଜଳସେଚିତ ଏକ | |
| | ୧୬୫୪ | ୦.୩୧ | ୦.୧୬ | ଜଳାଶୟ ଦୁଇ | |
| | ୧୬୫୫ | ୦.୦୫ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | |
| ୭୨ | ୧୫୩୭ | ୧.୬୮ | ୦.୭୭ | ଶାରଦ ଅଣ ଜଳସେଚିତ ଏକ | କୁମୁଦିନୀ ତ୍ରିପାଠୀ, କମଳିନୀ ତ୍ରିପାଠୀ, ପି.– ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ସରସ୍ୱତୀ ତ୍ରିପାଠୀ, ସ୍ୱା.– ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ କିସ୍ମତ ଟ୦.୧୫ ଅଣା ୧୩ ଗଣ୍ଡା, ଲାଲମୋହନ ବେହେରା, ପି.– ଚଉଧୁରୀ ବେହେରା, ଜା: କୁମ୍ଭାର, ବା: ଠୁରୁଣୀ, କିସ୍ମତ ଟ୦.୧ ଅଣା ୩ ଗଣ୍ଡା |
| ୭୬ | ୯୩୨ | ୦.୭୯ | ୦.୫୫ | ଶାରଦ ଅଣ ଜଳସେଚିତ ଦୁଇ | କୈଳାସ ଚନ୍ଦ୍ର ମିଶ୍ର, ପି.– ଗୁଣନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୯୪୦ | ୦.୮୪ | ୦.୪୬ | ଶାରଦ ଅଣ ଜଳସେଚିତ ଏକ | |
| | ୧୭୭୭ | ୦.୨୯ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | |
| ୮୫ | ୭୩୭ | ୦.୧୫ | ୦.୦୫ | ଶାରଦ ଅଣ ଜଳସେଚିତ ଦୁଇ | ଗୁଡୁରା ସିଂ, ବନ ସିଂ, ପି.– ବଡ଼ ଡମା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୭୭୨ | ୦.୮୬ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| ୯୧ | ୧୫୫୪ | ୦.୪୬ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | ଗୁରୁବା ସିଂ, ପି.– ଦୁର୍ଗା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୯୨ | ୯୦୯ | ୦.୨୮ | ୦.୧୪ | ଶାରଦ ଅଣ ଜଳସେଚିତ ଦୁଇ | ଗୁରୁଚରଣ ମହାନ୍ତ, ପି.– ଚିନିଦାସ ମହାନ୍ତ, ସଞ୍ଜୟ ମହାନ୍ତ, ଭାରତୀ ମହାନ୍ତ, ସାରଥୀ ମହାନ୍ତ, ପି.– କାହ୍ନୁଚରଣ ମହାନ୍ତ, ରତନୀ ମହାନ୍ତ, ସ୍ୱା.– କାହ୍ନୁଚରଣ ମହାନ୍ତ, ତାନୁ ମହାନ୍ତ, ରହିନା ମହାନ୍ତ, ଅଷ୍ଟମୀ ମହାନ୍ତ, ମାଳତୀ ମହାନ୍ତ, ପି.– ଚୈତନ୍ୟ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୯୩୬ | ୦.୨୫ | ୦.୧୫ | ଶାରଦ ଅଣ ଜଳସେଚିତ ଦୁଇ | |
| ୯୩ | ୧୭୩୧ | ୦.୪୮ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | ଗୋଦାବରୀଶ ମିଶ୍ର, ପି.– ଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୯୫ | ୧୫୦୦ | ୧.୫୨ | ୦.୩୬ | ଶାରଦ ଅଣ ଜଳସେଚିତ ଦୁଇ | ଗୋପବନ୍ଧୁ ମିଶ୍ର, ପି.– ସୁରେନ୍ଦ୍ରନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୬୯୯ | ୦.୪୩ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| | ୨୧୨୨ | ୧.୦୮ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | |
| ୧୦୫ | ୭୬୫ | ୦.୦୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | ଘନ ସିଂ, ଭୂରି ସିଂ, ଯୋଗେନ୍ଦ୍ର ସିଂ, ପି.– ବୁଧିଆ ସିଂ, ଡଗର ସିଂ, ଏକାଦଶି ସିଂ, ପି.– ପାଟୁ ସିଂ, ଚୈତନ୍ୟ ସିଂ, ପି.– ଶୁକୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୦୯ | ୯୩୫ | ୦.୨୭ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଘାସିରାମ ମହାନ୍ତ, ଗୁରୁବାରି ମହାନ୍ତ, ଅମୃତ ମହାନ୍ତ, ପି.– ଗୁନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧୧ | ୧୭୩୮ | ୦.୨୩ | ୦.୨୩ | ଶାରଦ ଅଣ ଜଳସେଚିତ ଦୁଇ | ଚନ୍ଦ୍ରଶେଖର ଦାଶ, ପି.– ନାରାୟଣ ପ୍ରସାଦ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୨୧୯ | ୦.୩୮ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| ୧୧୬ | ୨୦୯୯ | ୧.୪୦ | ୦.୦୩ | ଶାରଦ ଅଣ ଜଳସେଚିତ ଏକ | ଚିନ୍ତାମଣି ମିଶ୍ର, ପି.– ବଡ଼ବାଞ୍ଛାନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୧୯ | ୭୬୨ | ୦.୬୧ | ୦.୬୧ | ଶାରଦ ଅଣ ଜଳସେଚିତ ଦୁଇ | ଚୈତନ୍ୟ ସିଂ, ପି.– ଶୁକୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୨୪ | ୧୪୮୫ | ୦.୩୯ | ୦.୨୨ | ଶାରଦ ଅଣ ଜଳସେଚିତ ଦୁଇ | ଜଗନ୍ନାଥ ମିଶ୍ର, ନିର୍ମଳେନ୍ଦୁ ମିଶ୍ର, ଜଗଦିଶ ମିଶ୍ର, ଜନ୍ମେଜୟ ମିଶ୍ର, ଶିତିକଣ୍ଠ ମିଶ୍ର, ରଙ୍ଗଲତା ମିଶ୍ର, ପି.– ଦୟାନିଧି ମିଶ୍ର, ଈଶ୍ୱରୀ ମିଶ୍ର, ସ୍ୱା.– ଦୟାନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୨୫ | ୨୨୨୧ | ୧.୭୨ | ୦.୧୫ | ଶାରଦ ଅଣ ଜଳସେଚିତ ଏକ | ଜଗନ୍ନାଥ ମିଶ୍ର, ପି.– ଶ୍ରୀବତ୍ସ ମିଶ୍ର, ଅର୍ଣ୍ଣପୂର୍ଣ୍ଣା ମିଶ୍ର, ସ୍ୱା.– ଶ୍ରୀବତ୍ସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୪୯ | ୧୫୦୩ | ୦.୬୯ | ୦.୦୬ | ଶାରଦ ଅଣ ଜଳସେଚିତ ଦୁଇ | ଜେମାମଣି ମହାନ୍ତ, ପି.– ଲାଲମୋହନ ମହାନ୍ତ, ଜା: କୁଡୁମି, ବା: ଅମଣିଦା |
| ୧୫୨ | ୧୭୨୮ | ୦.୨୯ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଯୋଗେଶ୍ୱର ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ପି.– ଭୀମ ମହାନ୍ତ, କୋଇଲି ମହାନ୍ତ, ସ୍ୱା.– ଭୀମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୬୧ | ୭୭୧ | ୧.୦୮ | ୦.୩୪ | ଶାରଦ ଅଣ ଜଳସେଚିତ ଦୁଇ | ଡଗର ସିଂ, ଏକାଦଶ ସିଂ, ପି.– ପାଟୁ ସିଂ, ଯୋଗେନ୍ଦ୍ର ସିଂ, ପି.– ବୁଧିଆ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୬୪ | ୭୯୩ | ୧.୯୬ | ୦.୭୦ | ଶାରଦ ଅଣ ଜଳସେଚିତ ଦୁଇ | ଡାକ୍ତର ମହାନ୍ତ, ଶୁଶିଳ ମହାନ୍ତ, ପି.– ରମାକାନ୍ତ ମହାନ୍ତ, ଇନ୍ଦୁମତି ମହାନ୍ତ, ସ୍ୱା.– ରମାକାନ୍ତ ମହାନ୍ତ, ରତିକାନ୍ତ ମହାନ୍ତ, ବିଶ୍ୱନାଥ ମହାନ୍ତ, ନର୍ମଦା ମହାନ୍ତ, ପି.– ଦଶରଥ ମହାନ୍ତ, ଶୁକ୍ତି ମହାନ୍ତ, ସ୍ୱା.– ଦଶରଥ ମହାନ୍ତ, ନୀଳ ମହାନ୍ତ, ମୁଷ୍ଟୁରି ମହାନ୍ତ, ଡିଗଲ ମହାନ୍ତ, ଟୁକୁ ମହାନ୍ତ, ପି.– ଡମନ ମହାନ୍ତ, ରହଣି ମହାନ୍ତ, ପି.– ବାଇଧର ମହାନ୍ତ, ନମନୀ ମହାନ୍ତ, ସ୍ୱା.– ବାଇଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୬୬ | ୧୫୩୨ | ୧.୦୫ | ୦.୯୬ | ଶାରଦ ଅଣ ଜଳସେଚିତ ଏକ | ପ୍ରମୋଦ କୁମାର ତ୍ରିପାଠୀ, ପି.– ବୈକୁଣ୍ଠ ଚନ୍ଦ୍ର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୭୦ | ୧୯୨୩ | ୦.୬୨ | ୦.୩୬ | ଶାରଦ ଅଣ ଜଳସେଚିତ ଏକ | ଦାମୋଦର ମିଶ୍ର, ପୀତାମ୍ବର ମିଶ୍ର, ନୀଳାମ୍ବର ମିଶ୍ର, ଦିଗାମ୍ବର ମିଶ୍ର, ପି.– ଉଦୟନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୯୨୪ | ୦.୦୫ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୪୧ | ୦.୫୦ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | |
| ୧୭୨ | ୧୭୪୨ | ୦.୫୬ | ୦.୧୧ | ଶାରଦ ଅଣ ଜଳସେଚିତ ଏକ | ଦାମୋଦର ଓତା, ପି.– ବିଶ୍ୱନାଥ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୪୪ | ୦.୪୦ | ୦.୧୪ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୪୬ | ୦.୦୭ | ୦.୦୭ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୨୭ | ୧.୨୨ | ୧.୧୨ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୨୮ | ୦.୧୬ | ୦.୦୧ | ଶାରଦ ଅଣ ଜଳସେଚିତ ତିନି | |
| ୧୭୪ | ୧୭୫୭ | ୦.୩୩ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଦୀନବନ୍ଧୁ ମିଶ୍ର, ଜଗବନ୍ଧୁ ମିଶ୍ର, ହରିଶ୍ଚନ୍ଦ୍ର ମିଶ୍ର, ଶିରିଶଚନ୍ଦ୍ର ମିଶ୍ର, ସରୋଜଚନ୍ଦ୍ର ମିଶ୍ର, ପି.– ଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୫୦ | ୦.୦୪ | ୦.୦୧ | ଶାରଦ ଅଣ ଜଳସେଚିତ ତିନି | |
| | ୧୮୫୮ | ୦.୬୯ | ୦.୫୨ | ଶାରଦ ଅଣ ଜଳସେଚିତ ଏକ | |
| | ୧୮୬୦ | ୦.୦୬ | ୦.୦୬ | ଶାରଦ ଅଣ ଜଳସେଚିତ ଏକ | |
| | ୧୮୮୫ | ୦.୫୦ | ୦.୦୭ | ଶାରଦ ଅଣ ଜଳସେଚିତ ଏକ | |
| | ୨୧୦୦ | ୦.୬୦ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| ୧୭୬ | ୧୭୪୭ | ୦.୦୮ | ୦.୦୮ | ଶାରଦ ଅଣ ଜଳସେଚିତ ଦୁଇ | ଦୀନବନ୍ଧୁ ମିଶ୍ର, ଜଗବନ୍ଧୁ ମିଶ୍ର, ହରିଶ୍ଚନ୍ଦ୍ର ମିଶ୍ର, ଶିରିଶଚନ୍ଦ୍ର ମିଶ୍ର, ସରୋଜ କୁମାର ମିଶ୍ର, ପି.– ସାନଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୮୪ | ୧୭୪୮ | ୦.୩୦ | ୦.୩୦ | ଶାରଦ ଅଣ ଜଳସେଚିତ ଦୁଇ | ଦିଲୀପ କୁମାର ତ୍ରିପାଠୀ, ରାଜୀବ କୁମାର ତ୍ରିପାଠୀ, ସଞ୍ଜୀବ କୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ତ୍ରିପାଠୀ, ପି.– ପୀତାମ୍ବର ତ୍ରିପାଠୀ, ବୀଣାପାଣି ତ୍ରିପାଠୀ, ସ୍ୱା.– ପୀତାମ୍ବର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୦୧୨ | ୨.୧୨ | ୦.୨୧ | ଶାରଦ ଅଣ ଜଳସେଚିତ ଏକ | |
| ୧୮୫ | ୧୫୫୨ | ୨.୭୦ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | ଦିଲୀପ କୁମାର ତ୍ରିପାଠୀ, ରାଜୀବ କୁମାର ତ୍ରିପାଠୀ, ସଞ୍ଜିବ କୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ତ୍ରିପାଠୀ, ପି.– ପିତାମ୍ବର ତ୍ରିପାଠୀ, ବୀଣାପାଣି ତ୍ରିପାଠୀ, ସ୍ୱା.– ପିତାମ୍ବର ତ୍ରିପାଠୀ, ସୁଧାଂଶୁ ତ୍ରିପାଠୀ, ହିମାଂଶୁ ତ୍ରିପାଠୀ, ପି.– ନିଳାମ୍ବର ତ୍ରିପାଠୀ, ସନ୍ଧ୍ୟାରାଣୀ ତ୍ରିପାଠୀ, ସ୍ୱା.– ନିଳାମ୍ବର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୩୫ | ୦.୦୨ | ୦.୦୨ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୩୬ | ୦.୭୧ | ୦.୫୫ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୩୭ | ୦.୭୬ | ୦.୬୩ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୪୯ | ୦.୧୩ | ୦.୦୩ | ପତିତ | |
| | ୧୮୪୪ | ୦.୨୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | |
| | ୧୮୪୫ | ୪.୩୫ | ୦.୪୫ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୨୬ | ୦.୩୨ | ୦.୧୨ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୨୯ | ୦.୬୦ | ୦.୬୦ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୩୦ | ୦.୧୫ | ୦.୧୫ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୪୦ | ୦.୭୪ | ୦.୪୦ | ଶାରଦ ଅଣ ଜଳସେଚିତ ଏକ | |
| | ୧୭୫୨ | ୦.୭୩ | ୦.୦୧ | ଜଳାଶୟ ଦୁଇ | |
| ୧୮୯ | ୭୮୦ | ୦.୫୧ | ୦.୫୧ | ଶାରଦ ଅଣ ଜଳସେଚିତ ଦୁଇ | ଦୁର୍ଯ୍ୟୋଧନ ମହାନ୍ତ, ଚୁଡାମଣି ମହାନ୍ତ, ପି.– ହେମେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୯୧ | ୧୫୩୬ | ୦.୫୨ | ୦.୨୦ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀ ସୁନ୍ଦରଗୌରୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ତରଫରୁ ଦୁଲି ସିଂ, ସ୍ୱା.– କୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୨୦୧ | ୯୦୫ | ୦.୭୮ | ୦.୪୩ | ଜଳାଶୟ ଦୁଇ | ଦ୍ରୌପଦୀ ଆଚାର୍ଯ୍ୟ, ପି.– ଶିବନାରାୟଣ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୯୩୯ | ୦.୧୦ | ୦.୧୦ | ପତିତ | |
| ୨୦୫ | ୯୩୪ | ୦.୧୬ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଧୀରେନ ମହାନ୍ତ, ଗିରିଶଚନ୍ଦ୍ର ମହାନ୍ତ, ପି.– ରାଧାମୋହନ ମହାନ୍ତ, କନକ ମହାନ୍ତ, ସ୍ୱା.– ରାଧାମୋହନ ମହାନ୍ତ, ବଂଶୀଧର ମହାନ୍ତ, ସୁନ୍ଦରମୋହନ ମହାନ୍ତ, ପାର୍ବତୀ ମହାନ୍ତ, ଟୁକୁ ମହାନ୍ତ, ଦ୍ରୌପଦୀ ମହାନ୍ତ, ପି.– ବୁଦ୍ଧିଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୦୮ | ୧୫୪୮ | ୦.୬୫ | ୦.୧୭ | ଶାରଦ ଅଣ ଜଳସେଚିତ ଏକ | ନକୁଳଚନ୍ଦ୍ର ମହାନ୍ତ, ପି.– ଶଙ୍କର ମହାନ୍ତ, ଜା: କୁଡୁମି, ବା: ଖଡ଼ିକାଶୋଳ, ଥାନା: ମୋରଡ଼ା |
| ୨୧୨ | ୧୫୪୨ | ୦.୪୨ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | ନନ୍ଦକିଶୋର ମହାନ୍ତ, ପି.– ରାଜାରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୨୬ | ୯୧୧ | ୦.୧୮ | ୦.୦୯ | ଶାରଦ ଅଣ ଜଳସେଚିତ ଏକ | ନବୀନ ଚନ୍ଦ୍ର ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, କ୍ଷେତ୍ରମୋହନ ମହାନ୍ତ, ପି.– ପ୍ରେମଚାନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୬୧୧ | ୦.୩୨ | ୦.୦୩ | ଶାରଦ ଅଣ ଜଳସେଚିତ ଏକ | |
| ୨୨୭ | ୭୭୯ | ୦.୬୧ | ୦.୪୩ | ଶାରଦ ଅଣ ଜଳସେଚିତ ଦୁଇ | ନବୀନ ଚନ୍ଦ୍ର ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, କ୍ଷେତ୍ରମୋହନ ମହାନ୍ତ, କ୍ଷୀର ମହାନ୍ତ, ପି.– ପ୍ରେମଚାନ୍ଦ ମହାନ୍ତ, ସାର ମହାନ୍ତ, ସ୍ୱା.– ପ୍ରେମଚାନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୩୧ | ୧୫୫୦ | ୧.୬୮ | ୦.୧୭ | ଶାରଦ ଅଣ ଜଳସେଚିତ ଏକ | ନରସିଂହ ସିଂ, ପ୍ରଫୁଲ ସିଂ, ଶ୍ରୀପତି ସିଂ, ପି.– ବୁଧୁ ସିଂ, ଜା: ଭୂମିଜ, ବା: ଗୁଡ଼ିଆବନ୍ଧ, ଥାନା: ବଡ଼ସାହି |
| ୨୩୨ | ୯୧୬ | ୦.୪୭ | ୦.୧୦ | ଶାରଦ ଅଣ ଜଳସେଚିତ ଦୁଇ | ନାଥୁରାମ ସିଂ, ଗୁହ୍ୟା ସିଂ, ପି.– ଗାର୍ଜା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୨୩୫ | ୭୭୮ | ୦.୮୯ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ନିୟତି ମହାନ୍ତ, ସ୍ୱା.– କ୍ଷେତ୍ରମୋହନ ମହାନ୍ତ, ଅଞ୍ଜନା ମହାନ୍ତ, ପି.– ଫକୀର ମହାନ୍ତ, ବୈଶାଖୀ ମହାନ୍ତ, ସ୍ୱା.– ଫକୀର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୭୯୪ | ୦.୪୦ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | |
| ୨୩୯ | ୧୫୦୧ | ୦.୪୫ | ୦.୩୧ | ଶାରଦ ଅଣ ଜଳସେଚିତ ଏକ | ନିତ୍ୟାନନ୍ଦ ଦାଶ, ଜଗତାନନ୍ଦ ଦାଶ, ସଦାନନ୍ଦ ଦାଶ, ଶୁଶିଳା ଦାଶ, ପ୍ରମିଳା ଦାଶ, ପି.– ରାମଚନ୍ଦ୍ର ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୬୨୩ | ୧.୨୦ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | |
| | ୨୨୨୦ | ୦.୨୯ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | |
| ୨୪୩ | ୧୮୬୬ | ୦.୨୦ | ୦.୨୦ | ଶାରଦ ଅଣ ଜଳସେଚିତ ଏକ | ନିରଞ୍ଜନ ଦାଶ, କମଳ ରଞ୍ଜନ ଦାଶ, ପି.– ଶତ୍ରୁଘ୍ନ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୫୩ | ୧୬୮୫ | ୧.୯୮ | ୦.୧୩ | ଶାରଦ ଅଣ ଜଳସେଚିତ ଏକ | ପଙ୍କଜ କୁମାର ମିଶ୍ର, ବ୍ରଜରାଜ ମିଶ୍ର, ଚାରୁଲତା ମିଶ୍ର, ତରୁଲତା ମିଶ୍ର, ପି.– ମାୟାଧର ମିଶ୍ର, ଗୋଲାମଣି ମିଶ୍ର, ସ୍ୱା.– ମାୟାଧର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୯୦୨ | ୦.୨୦ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୦୩ | ୦.୧୫ | ୦.୧୫ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୦୪ | ୦.୦୬ | ୦.୦୬ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୧୯ | ୦.୫୭ | ୦.୧୬ | ଶାରଦ ଅଣ ଜଳସେଚିତ ଏକ | |
| ୨୬୭ | ୧୫୩୪ | ୧.୧୭ | ୦.୭୦ | ଶାରଦ ଅଣ ଜଳସେଚିତ ଏକ | ପର୍ଶୁରାମ ତ୍ରିପାଠୀ, ପି.– ଗୋପାଳ ତ୍ରିପାଠୀ, ମନୋଜ କୁମାର ତ୍ରିପାଠୀ, ପି.– ବୈକୁଣ୍ଠ ତ୍ରିପାଠୀ କିସ୍ମତ ଟ.୦.୭ ଅଣା ୬ ପାହି, କୁମୁଦିନୀ ତ୍ରିପାଠୀ, କମଳିନୀ ତ୍ରିପାଠୀ, ପି.– ଗୋବିନ୍ଦ ତ୍ରିପାଠୀ, ସରସ୍ୱତୀ ତ୍ରିପାଠୀ, ସ୍ୱା.– ଗୋବିନ୍ଦ ତ୍ରିପାଠୀ, ଗୋପାଳ ତ୍ରିପାଠୀ, ବୈକୁଣ୍ଠ ତ୍ରିପାଠୀ, ପି.– ପଦ୍ମଲାଭ ତ୍ରିପାଠୀ କିସ୍ମତ ଟ୦.୭ ଅଣା ୭ ପାହି, ଜା: ବ୍ରାହ୍ମଣ, ଶୁଖ ବେହେରା, ପି.– ପଦ୍ମଲୋଚନ ବେହେରା କିସ୍ମତ ଟ୦.୧୧ ପାହି, ଜା: କୁମ୍ଭାର, ବା: ନିଜଗାଁ |
| ୨୭୫ | ୧୯୦୬ | ୦.୪୮ | ୦.୪୨ | ଶାରଦ ଅଣ ଜଳସେଚିତ ଏକ | ପ୍ରଧାନ ମହାନ୍ତ, ପି.– ଧୀରେନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୭୭ | ୧୬୪୭ | ୦.୨୯ | ୦.୨୦ | ଶାରଦ ଅଣ ଜଳସେଚିତ ଏକ | ପ୍ରଫୁଲ ଚନ୍ଦ୍ର ମିଶ୍ର, ପି.– ଗୁଣନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୮୦ | ୨୦୨୮ | ୧.୬୯ | ୦.୦୪ | ଶାରଦ ଅଣ ଜଳସେଚିତ ଏକ | ପ୍ରଫୁଲ ମହାନ୍ତ, ପି.– ଠାକୁର ମହାନ୍ତ, ଜା: କୁଡୁମି, ବା: ନଙ୍ଗଳକଟା |
| ୨୯୧ | ୯୩୧ | ୦.୭୫ | ୦.୫୦ | ଶାରଦ ଅଣ ଜଳସେଚିତ ଦୁଇ | ପାନର ସିଂ, ସ୍ୱା.– ମେଲା ସିଂ, ଜା: ଭୂମିଜ, ବା: ମାକୁନ୍ଦ, ଥାନା: ମୋରଡ଼ା |
| ୨୯୪ | ୧୭୪୫ | ୦.୫୬ | ୦.୧୫ | ଶାରଦ ଅଣ ଜଳସେଚିତ ଦୁଇ | ତ୍ରିକୁଟେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ସମସ୍ତ ଶାସନ ଭାଗୀଦାର ପକ୍ଷେ ପୀତାମ୍ବର ତ୍ରିପାଠୀ, ପି.– ଲକ୍ଷ୍ମୀଧର ତ୍ରିପାଠୀ, ସୁଧାଂଶୁ ଶେଖର ତ୍ରିପାଠୀ, ହିମାଂଶୁ ଶେଖର ତ୍ରିପାଠୀ, ପି.– ନୀଳାମ୍ବର ତ୍ରିପାଠୀ, ରାମଚନ୍ଦ୍ର ଓତା, ପି.– ଯଦୁନାଥ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୯୬ | ୧୭୭୮ | ୦.୨୯ | ୦.୦୩ | ଶାରଦ ଅଣ ଜଳସେଚିତ ଏକ | ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି.– ଗୁଣନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୧୦ | ୯୧୦ | ୦.୧୬ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ବନମାଳି ମହାନ୍ତ, ପି.– ଚୁନୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୫୦୨ | ୦.୨୬ | ୦.୧୮ | ଶାରଦ ଅଣ ଜଳସେଚିତ ଏକ | |
| | ୧୭୩୦ | ୦.୨୦ | ୦.୨୦ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୮୫୬ | ୦.୦୯ | ୦.୦୯ | ଶାରଦ ଅଣ ଜଳସେଚିତ ତିନି | |
| | ୧୮୮୬ | ୦.୧୮ | ୦.୧୮ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୮୮୭ | ୦.୩୩ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | |
| ୩୧୧ | ୧୫୫୩ | ୦.୬୯ | ୦.୧୨ | ଶାରଦ ଅଣ ଜଳସେଚିତ ଏକ | ବଳରାମ ମହାନ୍ତ, ପି.– ଗମ୍ଭିରା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୧୩ | ୨୧୦୨ | ୦.୭୩ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | ବସନ୍ତ କୁମାର ମହାନ୍ତ, ପି.– ଦିବାକର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୨୧ | ୧୬୦୪ | ୧.୦୨ | ୦.୦୬ | ଶାରଦ ଅଣ ଜଳସେଚିତ ଏକ | ବାସନ୍ତି ଲତିକା ଦାଶ, ସ୍ୱା.– ସୁନ୍ଦର ମୋହନ ଦାଶ, ଜା: ବ୍ରାହ୍ମଣ, ବା: ବାରିପଦା ୱାର୍ଡ଼ ନମ୍ବର ୯, ଥାନା: ବାରିପଦା |
| ୩୨୩ | ୧୯୨୧ | ୦.୨୧ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | ବିକ୍ରମ ଓତା, ପି.– ଶ୍ରୀକାନ୍ତ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୯୨୨ | ୦.୬୮ | ୦.୫୬ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୯୩୯ | ୦.୬୭ | ୦.୦୪ | ଶାରଦ ଅଣ ଜଳସେଚିତ ଦୁଇ | |
| ୩୨୫ | ୧୪୯୦ | ୦.୬୬ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | ବିଜୟ କୁମାର ଓତା, ଅଜୟ କୁମାର ଓତା, କନକ ମଞ୍ଜରୀ ଓତା, ଲାବଣ୍ୟ ମଞ୍ଜରୀ ଓତା, ଶ୍ରୀପଦ ମଞ୍ଜରୀ ଓତା, ଅଳକା ମଞ୍ଜରୀ ଓତା, ପି.– ବଳଭଦ୍ର ଓତା, ରୁକ୍ମଣି ଓତା, ସ୍ୱା.– ବଳଭଦ୍ର ଓଦା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୪୯ | ୧୫୪୩ | ୦.୮୭ | ୦.୧୨ | ଶାରଦ ଅଣ ଜଳସେଚିତ ଏକ | ବୃନ୍ଦାବନ ମହାନ୍ତ, ପରମାନନ୍ଦ ମହାନ୍ତ, ଦୈତାରୀ ମହାନ୍ତ, ପି.– ଜଗନ୍ନାଥ ମହାନ୍ତ, ଜା: କୁଡୁମି, ବା: ମହୁଲବଣି, ଥାନା: ମୁରୁଡ଼ା |
| | ୧୫୪୪ | ୦.୫୫ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | |
| ୩୫୦ | ୧୫୩୩ | ୦.୭୬ | ୦.୨୮ | ଶାରଦ ଅଣ ଜଳସେଚିତ ଏକ | ବୈକୁଣ୍ଠ ତ୍ରିପାଠୀ, ପି.– ପଦ୍ମନାଥ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୦୧୧ | ୦.୭୪ | ୦.୧୫ | ଶାରଦ ଅଣ ଜଳସେଚିତ ଏକ | |
| ୩୫୯ | ୭୯୧ | ୦.୨୧ | ୦.୧୦ | ଶାରଦ ଅଣ ଜଳସେଚିତ ଦୁଇ | ଭଦ୍ରମୋହନ ମହାନ୍ତ, ପି.– ରାଖାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୬୩ | ୧୭୩୯ | ୦.୧୮ | ୦.୧୮ | ଶାରଦ ଅଣ ଜଳସେଚିତ ଦୁଇ | ଭବାନୀ ଶଙ୍କର ମିଶ୍ର, ପି.– ଜଗବନ୍ଧୁ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୬୫ | ୧୫୪୭ | ୦.୬୪ | ୦.୧୬ | ଶାରଦ ଅଣ ଜଳସେଚିତ ଏକ | ଭରତ ମହାନ୍ତ, ପି.– ଶଙ୍କର ମହାନ୍ତ, ଜା: କୁଡୁମି, ବା: ଖଡ଼ିକାଶୋଳ, ଥାନା: ମୋରଡ଼ା |
| ୩୬୬ | ୭୬୧ | ୧.୨୫ | ୧.୧୧ | ଶାରଦ ଅଣ ଜଳସେଚିତ ଏକ | ଭରତ ସିଂ, ଗୁରୁପ୍ରସାଦ ସିଂ, ମହେଶ୍ୱର ସିଂ, ପି.– ଶ୍ୟାମସୁନ୍ଦର ସିଂ, ଜା: ଭୂମିଜା, ବା: ନିଜଗାଁ |
| ୩୭୨ | ୧୯୨୫ | ୦.୬୫ | ୦.୬୫ | ଶାରଦ ଅଣ ଜଳସେଚିତ ଏକ | ଭୀମ ଚରଣ ଓତା, ପି.– ଯଦୁନାଥ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୮୯ | ୯୧୫ | ୦.୩୦ | ୦.୨୦ | ଶାରଦ ଅଣ ଜଳସେଚିତ ଏକ | ମଣ୍ଡଳ ସିଂ, ନେତ୍ରାନନ୍ଦ ସିଂ, ହିଟି ସିଂ, ପି.– ବଲ ସିଂ, ଜା: ଭୂମିଜା, ବା: ନିଜଗାଁ |
| ୩୯୨ | ୭୮୨ | ୦.୩୯ | ୦.୩୧ | ଶାରଦ ଅଣ ଜଳସେଚିତ ଦୁଇ | ମଧୁ ସିଂ, ବୁଧିଆ ସିଂ, ଗୁହିଆ ସିଂ, ପି.– ଭୁରୀ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୩୯୩ | ୧୯୦୫ | ୦.୨୯ | ୦.୨୯ | ଶାରଦ ଅଣ ଜଳସେଚିତ ଏକ | ମନୋରଥ ମହାନ୍ତ, ପି.– ବାଲୁକ ଦାଶ ମହାନ୍ତ, ଜା: କୁଡୁମି, ବା: ଧନପୁର |
| | ୧୯୧୭ | ୧.୧୪ | ୦.୦୬ | ଶାରଦ ଅଣ ଜଳସେଚିତ ଏକ | |
| ୪୦୪ | ୧୭୪୦ | ୦.୨୧ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | ମାନସ ରଞ୍ଜନ ଦାଶ, ତାପସ ରଞ୍ଜନ ଦାଶ, ପି.– ସୁନ୍ଦରମୋହନ ଦାଶ, ଜା: ବ୍ରାହ୍ମଣ, ବା: ବାରିପଦା, ୱାର୍ଡ଼ ନଂ. ୧୦, ଥାନା: ବାରିପଦା |
| ୪୨୧ | ୧୪୯୯ | ୦.୨୬ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | ରଘୁନାଥ ମିଶ୍ର, ପି.– ହରିହର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୨୩ | ୧୭୫୮ | ୦.୨୭ | ୦.୦୩ | ଶାରଦ ଅଣ ଜଳସେଚିତ ତିନି | ରଜନୀ ମିଶ୍ର, ସ୍ୱା.– ସରୋଜ କୁମାର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୨୬ | ୧୮୯୦ | ୦.୦୧ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | ରବିରଞ୍ଜନ ମିଶ୍ର, ପି.– ଗଜେନ୍ଦ୍ର ମୋହନ ମିଶ୍ର, ଶୈଳବାଳା ମିଶ୍ର, ସ୍ୱା.– ଗଜେନ୍ଦ୍ର ମୋହନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୩୯ | ୧୮୫୪ | ୦.୩୭ | ୦.୦୪ | ଡାହି | ରମେଶ ଚନ୍ଦ୍ର ମହାନ୍ତ, ପି.– ରେଙ୍ଗଟୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୪୩ | ୧୮୫୫ | ୦.୦୮ | ୦.୦୮ | ଶାରଦ ଅଣ ଜଳସେଚିତ ଦୁଇ | ରହିନା ମହାନ୍ତ, ପି.– ବଳରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୮୯୧ | ୦.୩୪ | ୦.୩୪ | ଶାରଦ ଅଣ ଜଳସେଚିତ ଦୁଇ | |
| ୪୪୫ | ୭୬୦ | ୧.୦୦ | ୦.୩୦ | ଶାରଦ ଅଣ ଜଳସେଚିତ ତିନି | ରାଧାମୋହନ ସିଂ, ପି.– ମଙ୍ଗୁଲୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୭୬୩ | ୦.୧୨ | ୦.୧୨ | ଶାରଦ ଅଣ ଜଳସେଚିତ ତିନି | |
| | ୭୬୬ | ୦.୦୯ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | |
| | ୭୭୦ | ୦.୨୬ | ୦.୧୦ | ଶାରଦ ଅଣ ଜଳସେଚିତ ଦୁଇ | |
| ୪୫୦ | ୧୯୩୧ | ୦.୩୭ | ୦.୧୪ | ଶାରଦ ଅଣ ଜଳସେଚିତ ଦୁଇ | ରାମଚନ୍ଦ୍ର ମହାନ୍ତ, ପି.– ନାଲୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୧୦୧ | ୦.୧୬ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | |
| ୪୫୧ | ୨୦୧୮ | ୦.୨୮ | ୦.୦୯ | ଶାରଦ ଅଣ ଜଳସେଚିତ ଏକ | ରାମଚନ୍ଦ୍ର ଓତା, ପି.– ଯଦୁନାଥ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୮୯୭ | ୦.୫୯ | ୦.୦୩ | ଶାରଦ ଅଣ ଜଳସେଚିତ ଏକ | |
| ୪୫୩ | ୧୫୩୮ | ୦.୩୫ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | ରାମନାରାୟଣ ତ୍ରିପାଠୀ, ପି.– ଗୋପାଳ ଚନ୍ଦ୍ର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୫୮ | ୭୮୧ | ୦.୨୩ | ୦.୧୦ | ଶାରଦ ଅଣ ଜଳସେଚିତ ଦୁଇ | ରାହାସମଣି ପାତ୍ର, ପି.– ଅର୍ଜୁନ ପାତ୍ର, ଦେବେନ୍ଦ୍ର ପାତ୍ର, ରାଜେନ୍ଦ୍ର ପାତ୍ର, ସୁରେନ୍ଦ୍ର ପାତ୍ର, ଚାମଟୁ ପାତ୍ର, ପି.– କୈଳାସ ପାତ୍ର, ଜା: ପାତ୍ର ତନ୍ତୀ, ବା: ନିଜଗାଁ |
| | ୭୮୫ | ୦.୧୫ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | |
| ୪୬୫ | ୧୫୩୯ | ୦.୦୨ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀ ଗ୍ରାମଦେବତୀ ଆଷାଢ଼ ଜାହିରା ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀଙ୍କ ତରଫରୁ ଲଦ ସିଂ, ପି.– ଶ୍ୟାମ ସିଂ, ବଡ଼ଡମା ସିଂ, ପି.– ଲେପ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୪୮୦ | ୯୩୮ | ୦.୩୦ | ୦.୧୮ | ଶାରଦ ଅଣ ଜଳସେଚିତ ଦୁଇ | ସଞ୍ଜୟ ମହାନ୍ତ, ଭାରତୀ ମହାନ୍ତ, ସାରଥୀ ମହାନ୍ତ, ପି.– କାହ୍ନୁ ଚରଣ ମହାନ୍ତ, ରତନୀ ମହାନ୍ତ, ସ୍ୱା.– କାହ୍ନୁ ଚରଣ ମହାନ୍ତ, ତାନୁ ଚରଣ ମହାନ୍ତ, ରହିନା ମହାନ୍ତ, ଅଷ୍ଟମୀ ମହାନ୍ତ, ମାଳତୀ ମହାନ୍ତ, ପି.– ଚୈତନ୍ୟ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୮୬ | ୧୮୮୯ | ୦.୩୨ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | ସନ୍ତୋଷ କୁମାର ମିଶ୍ର, ପି.– ଉପେନ୍ଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୦୨୫ | ୦.୪୮ | ୦.୨୬ | ଶାରଦ ଅଣ ଜଳସେଚିତ ଏକ | |
| ୪୯୪ | ୧୮୬୭ | ୦.୬୨ | ୦.୨୫ | ଶାରଦ ଅଣ ଜଳସେଚିତ ଏକ | ସର୍ବେଶ୍ୱର ମହାନ୍ତ, ତପନ ମହାନ୍ତ, ପି.– ରମେଶ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୯୫ | ୨୨୨୨ | ୦.୪୪ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | ଶମ୍ଭୁ ମହାନ୍ତ, ପି.– ସୁନ୍ଦରମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫୦୧ | ୧୫୦୪ | ୦.୪୦ | ୦.୦୨ | ଶାରଦ ଅଣ ଜଳସେଚିତ ଦୁଇ | ଶଶଧର ଦାଶ, ପି.– ଭରତ ଚନ୍ଦ୍ର ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୫୧୦ | ୨୦୨୯ | ୦.୫୧ | ୦.୧୨ | ଶାରଦ ଅଣ ଜଳସେଚିତ ଏକ | ଶାନ୍ତନୁ କୁମାର ମିଶ୍ର, ପି.– ଉପେନ୍ଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୫୧୨ | ୧୭୪୧ | ୦.୩୦ | ୦.୧୮ | ଶାରଦ ଅଣ ଜଳସେଚିତ ଦୁଇ | ଶ୍ୟାମ ମହାନ୍ତ, ପି.– ଚୁନୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୮୬୯ | ୦.୧୧ | ୦.୦୪ | ଶାରଦ ଅଣ ଜଳସେଚିତ ଏକ | |
| | ୧୮୯୨ | ୦.୩୪ | ୦.୦୧ | ଡାହି | |
| ୫୧୯ | ୧୮୫୭ | ୦.୦୭ | ୦.୦୭ | ଶାରଦ ଅଣ ଜଳସେଚିତ ଏକ | ଶିରିଶ ଚନ୍ଦ୍ର ମିଶ୍ର, ପି.– ସାନଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୮୫୯ | ୦.୩୫ | ୦.୧୭ | ଶାରଦ ଅଣ ଜଳସେଚିତ ଏକ | |
| ୫୨୧ | ୨୦୨୬ | ୦.୦୯ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀହରି ଓତା, ପି.– କାଳିଚରଣ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୦୨୭ | ୦.୮୬ | ୦.୦୩ | ଶାରଦ ଅଣ ଜଳସେଚିତ ଏକ | |
| ୫୨୫ | ୭୯୫ | ୦.୪୦ | ୦.୨୦ | ଶାରଦ ଅଣ ଜଳସେଚିତ ଦୁଇ | ଶୁକ୍ରା ସିଂ, ଜଡ଼ା ସିଂ, ରୁଟୁ ସିଂ, କୁଶ ସିଂ, ଚେମଲ ସିଂ, ପି.– ବୁଧିଆ ସିଂ, ଚନ୍ଦ୍ରମଣି ସିଂ, ବୁଦ୍ଧ ସିଂ, ରଜନୀ ସିଂ, ପି.– କୁବା ସିଂ, ଗୁରୁବାରୀ ସିଂ, ସ୍ୱା.– କୁବା ସିଂ, ନନ୍ଦୁରା ସିଂ, ପି.– କୁଡୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୫୩୧ | ୧୮୬୫ | ୦.୨୩ | ୦.୨୦ | ଶାରଦ ଅଣ ଜଳସେଚିତ ଏକ | ସୁନ୍ଦର ମୋହନ ଦାଶ, ପି.– ନାରାୟଣ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୫୪୨ | ୯୧୩ | ୨.୮୦ | ୦.୫୮ | ଶାରଦ ଅଣ ଜଳସେଚିତ ଦୁଇ | ସୁଲୋଚନା ମହାନ୍ତ, ପି.– ବିଦ୍ୟାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫୪୯ | ୧୬୧୪ | ୧.୦୫ | ୦.୩୦ | ଶାରଦ ଅଣ ଜଳସେଚିତ ଏକ | ହରନାରାୟଣ ମିଶ୍ର, ପି.– ବଦ୍ୟନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୬୧୫ | ୦.୮୬ | ୦.୫୭ | ଶାରଦ ଅଣ ଜଳସେଚିତ ଏକ | |
| | ୧୬୧୬ | ୧.୪୬ | ୦.୦୨ | ଶାରଦ ଅଣ ଜଳସେଚିତ ଦୁଇ | |

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

**ବିମାନବନ୍ଦରକୁ କୃପାଣ ନେଇପାରିବେ ଶିଖ୍**

ବିମାନ ଚଳାଚଳ କ୍ଷେତ୍ରରେ ନିଯୁକ୍ତ ଶିଖ୍ କର୍ମଚାରୀ ଏଣିକି ବିମାନବନ୍ଦରକୁ କୃପାଣ ନେଇ ଯାଇପାରିବେ। ବେସାମରିକ ବିମାନ ଚଳାଚଳ ସୁରକ୍ଷା ନିୟନ୍ତ୍ରକ ବ୍ୟୁରୋ (ବିସିଏଏସ୍) ସେମାନଙ୍କୁ ଏହି ଅନୁମତି ଦେଇଛନ୍ତି। ଶିଖ୍ କର୍ମଚାରୀ ଭାରତୀୟ ବିମାନବନ୍ଦର ମଧ୍ୟକୁ କୃପାଣ ନେଇ ଯାଇପାରିବେ ନାହିଁ ବୋଲି ଗତ ୪ ତାରିଖରେ ବିସିଏଏସ୍ ନିର୍ଦ୍ଦେଶନାମା ଜାରି କରିବା ପରେ ଏହାକୁ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି ସମାଲୋଚନା କରିଥିଲା। ୧୨ ତାରିଖରେ ବିସିଏଏସ୍ ଏହି ପ୍ରତିବନ୍ଧକକୁ ହଟାଇଦେଇଛି।

## ସଂକ୍ଷେପରେ

### କାନାଡାରେ ସଡ଼କ ଦୁର୍ଘଟଣା

## ୫ ଭାରତୀୟ ଛାତ୍ର ମୃତ

**ଟରଣ୍ଟୋ,୧୪।୩ (ପି.ଟି.):** କାନାଡାର ଓଣ୍ଟାରିଓ ପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଭାରତୀୟ ଛାତ୍ର ପ୍ରାଣ ହରାଇଛନ୍ତି। ଓଣ୍ଟାରିଓର କ୍ୱିଣ୍ଟେ ୱେଷ୍ଟ ସହର ଦେଇ ଯାଇଥିବା ୪୦୧ ନମ୍ବର ହାଇୱେରେ ଶନିବାର ଏହି ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ଭ୍ୟାନ୍ ଏବଂ ଟ୍ରାକ୍ଟର ଟ୍ରେଲର ମଧ୍ୟରେ ଧକ୍କା ହେବାରୁ ହରପ୍ରୀତ୍ ସିଂ (୨୪), ଜସପିନ୍ଦର ସିଂ(୨୧), କରନପାଲ ସିଂ(୨୧), ମୋହିତ ଚୌହାନ(୨୩), ଏବଂ ପୱନ କୁମାର (୨୩)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା କ୍ୱିଣ୍ଟେ ୱେଷ୍ଟ ପୋଲିସ କହିଛି। ଦୁର୍ଘଟଣାରେ ଗୁରୁତର ଆହତ ଅନ୍ୟ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ଗ୍ରେଟର ଟରଣ୍ଟୋ ଏବଂ ମୋଣ୍ଟ୍ରିଲ ଅଞ୍ଚଳର ଛାତ୍ର। ସେମାନେ ଶନିବାର ଭୋର ସମୟରେ ଏକ ଭ୍ୟାନ୍ ଯୋଗେ ଯାଉଥିବାବେଳେ ଟ୍ରାକ୍ଟର ଟ୍ରେଲର ସେମାନଙ୍କୁ ଧକ୍କା ଦେଇଥିଲା। ଏହା ଏକ ହୃଦୟବିଦାରକ ଘଟଣା ବୋଲି କାନାଡ଼ାରେ ଭାରତର ଉଚ୍ଚାୟୁକ୍ତ ଥିବା ଅଜୟ ବିସାରିଆ କହିଛନ୍ତି। ଭାରତୀୟ ଛାତ୍ରଙ୍କ ମୃତ୍ୟୁରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଚାକିରି ହରାଇଛନ୍ତି ୨.୧୫ କୋଟି

### ପର୍ଯ୍ୟଟନରେ କରୋନା ପ୍ରଭାବ

**ନୂଆଦିଲ୍ଲୀ, ୧୪।୩:** ଦେଶର ପର୍ଯ୍ୟଟନ କ୍ଷେତ୍ର ଉପରେ କରୋନାର ବ୍ୟାପକ ପ୍ରଭାବ ପଡ଼ିଛି। କୋଭିଡ୍‌ର ୩ ଲହର ଯୋଗୁ ଏହି ବିଭାଗରେ କାର୍ଯ୍ୟ କରୁଥିବା ପ୍ରାୟ ୨ କୋଟି ୧୫ ଲକ୍ଷ ଲୋକ ଚାକିରି ହରାଇଥିବା କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ୍ ରେଡ୍ଡୀ କହିଛନ୍ତି। କରୋନର ପ୍ରଥମ ଲହରରେ ଭାରତ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୯୩% କମିଥିଲା। ଦ୍ୱିତୀୟ ଲହରରେ ତାହା ୭୯% ଏବଂ ତୃତୀୟ ଲହରରେ ୬୪% ହ୍ରାସ ପାଇଥିବା ମନ୍ତ୍ରୀ ରେଡ୍ଡି ଲୋକ ସଭାର ପ୍ରଶ୍ନକାଳରେ ସୂଚନା ଦେଇଛନ୍ତି। ଏକ ଅଧ୍ୟୟନରୁ ଜଣାପଡ଼ିଛି, ମହାମାରୀ ପୂର୍ବରୁ ପ୍ରାୟ ୩ କୋଟି ୮୦ ଲକ୍ଷ ଲୋକ ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ି ହୋଇଥିଲେ। ଦେଶରେ ପ୍ରଥମ ଲହରରେ ଏହି ବିଭାଗର ପ୍ରାୟ ୧ କୋଟି ୪୨ ଲକ୍ଷ ସେମାନଙ୍କ ଚାକିରି ହରାଇଛନ୍ତି। ଦ୍ୱିତୀୟ ଲହରରେ ୫୨ ଲକ୍ଷ ଏବଂ ତୃତୀୟ ଲହରରେ ପ୍ରାୟ ୧୮ ଲକ୍ଷଙ୍କ ଚାକିରି ଯାଇଥିବା ସେ ପ୍ରକାଶ କରିଛନ୍ତି।

## ମଦ ଦୋକାନରେ ଭଙ୍ଗାରୁଜା କଲେ ଉମା ଭାରତୀ



**ଭୋପାଳ,୧୪।୩:** ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତ୍ରୀ ଉମା ଭାରତୀ ରବିବାର ବରଖେଡ଼ାରେ ପଠାନୀ ଅଞ୍ଚଳରେ ଥିବା ମଦ ଦୋକାନ ଆଗରେ ଭାଜପାକର୍ମୀଙ୍କ ସହ ବିକ୍ଷୋଭରେ ସାମିଲ ହୋଇଥିଲେ। କର୍ମୀ ଦୋକାନ ଆଗରେ ବସି ନାରାବାଜି କରୁଥିବାବେଳେ ଉମା ମଦ ଦୋକାନ ଉପରକୁ ପଥର ଫିଙ୍ଗିବା ସହ ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳିଥିଲା। ପଠାନୀ ଅଞ୍ଚଳରେ ଅଧିକ ଶ୍ରମିକ ଶ୍ରେଣୀ ଲୋକ ବାସ କରନ୍ତି। ସେମାନଙ୍କର ସମସ୍ତ ଟଙ୍କା ମଦରେ ଖର୍ଚ୍ଚ ହେଉଥିବାରୁ ଗୋଟିଏ ସପ୍ତାହରେ ମଦ ଦୋକାନ ବନ୍ଦ କରିବା ନେଇ ଭାଜପାକର୍ମୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଥିଲେ।



କ୍ୱିଭ୍ ନିକଟ ଇର୍‌ପିନ୍‌ଠାରେ ରୁଷିଆ ସେନାର କମାଣ ଆକ୍ରମଣରୁ ବର୍ତ୍ତିବା ପାଇଁ ୟୁକ୍ରେନ୍ ସୈନ୍ୟ ପ୍ରୟାସ କରୁଛନ୍ତି।

## ୯୦ ଶିଶୁଙ୍କ ଜୀବନ ଗଲାଣି

➡ଯୁଦ୍ଧର ୧୯ ଦିନରେ ସୋମବାର ରୁଷିଆ ପକ୍ଷରୁ ୟୁକ୍ରେନ୍‌ର ବିଭିନ୍ନ ସହରରେ ଘନଘନ ମିଶାଇଲ, ବୋମା ମାଡ଼ ଜାରି ରହିଛି। ମାରିଉପୋଲ କିପରି କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସବିଧ୍ୱଂସ ହୋଇଯାଇଛି ତାହା ଡ୍ରୋନ୍ ଜରିଆରେ ନିଆଯାଇଥିବା ଭିଡିଓରେ ଦେଖିବାକୁ ମିଳିଛି। ରାଜଧାନୀ କ୍ୱିଭ୍‌ରେ ଥିବା ବେସାମରିକ ବିମାନ ଚଳାଚଳ ଇଣ୍ଡଷ୍ଟ୍ରିରେ ଆକ୍ରମଣ ଯୋଗୁ ତାହା ଜଳିଯାଇଛି।

➡ପୂର୍ବ ୟୁକ୍ରେନ୍‌ର ଡୋନେସ୍କ ଓ ଲୁହାନ୍‌ସ୍କ ଅଞ୍ଚଳରେ ୟୁକ୍ରେନ୍ ମିଶାଇଲ ମାଡ଼ କରିଥିବା ରୁଷିଆ ଅଭିଯୋଗ ଆଣିଛି। ଏଥିରେ ପ୍ରାୟ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ମସ୍କୋ କହିଥିବାବେଳେ ୟୁକ୍ରେନ୍ ଏହି ଅଭିଯୋଗକୁ ଖଣ୍ଡନ କରିଛି।

➡ରୁଷିଆ କ୍ରମାଗତ ଭାବେ ୟୁକ୍ରେନ୍‌ର ସମ୍ପତ୍ତି ନଷ୍ଟ କରିଚାଲିଛି। କିନ୍ତୁ ଆମେ ସବୁ ସହରକୁ ଆଉ ଥରେ ଗଢ଼ି ତୋଳିବା। ଆମେ ଏକାଠି ଲଢ଼ିବା ଏବଂ ଜିତିବା ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଏକ ଭିଡିଓ ଜାରି କରି କହିଛନ୍ତି।

➡ବିଚ୍ଛିନ୍ନତାବାଦୀ ରହୁଥିବା ଡୋନେସ୍କ ଏବଂ ଲୁହାନ୍‌ସ୍କ ଅଞ୍ଚଳର ଆଉ କିଛି ଜାଗାକୁ ରୁଷିଆ କବ୍‌ଜା କରିନେଇଥିବା ଜଣାପଡ଼ିଛି। କୃଷ୍ଣସାଗର ଉପକୂଳକୁ ରୁଷୀୟ ସୈନ୍ୟମାନେ ଘେରିରହି ସମ୍ପୂର୍ଣ୍ଣ ବ୍ଲକ୍ କରିଦେଇଥିବା ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏଥିଯୋଗୁ ୟୁକ୍ରେନ୍‌କୁ ସାମୁଦ୍ରିକ ପଥ ଯୋଗେ କାରବାର ବନ୍ଦ ହୋଇଯାଇଛି।

➡ଆକ୍ରମଣର ପ୍ରଥମ ଦିନରୁ ଏ ପର୍ଯ୍ୟନ୍ତ ରୁଷିଆ ଶହେରୁ ଉର୍ଦ୍ଧ୍ୱ ହସ୍ପିଟାଲ ନଷ୍ଟ କରିଥିବା ୟୁକ୍ରେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଭିକ୍ଟୋର ଲିୟାସ୍କୋ କହିଛନ୍ତି। ଏଥିସହ ୯୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଯାଇଥିବା ଏବଂ ଶତାଧିକ ଆହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି।

➡ଇନଷ୍ଟାଗ୍ରାମ୍‌ର ମୂଳ କମ୍ପାନୀ ମେଟା ରୁଷିଆ ନାଗରିକ ଓ ସୈନ୍ୟଙ୍କ ବିରୋଧରେ ହିଂସା ଉସୁକାଉଥିବା ମସ୍କୋ ଅଭିଯୋଗ କରିଛି। ଫଳରେ ରୁଷିଆରେ ଇନ୍‌ଷ୍ଟାଗ୍ରାମ୍‌କୁ ବ୍ୟାନ୍ କରିଦିଆଯାଇଛି।

➡ୟୁକ୍ରେନ୍‌ରେ ପାୱାର ସପ୍ଲାଏ ବନ୍ଦ କରିଦେବାକୁ ରୁଷିଆ ଉଦ୍ୟମ କରୁଥିବାବେଳେ ବ୍ରିଟେନ୍ ସେଠାକୁ ୫୦୦ ମୋବାଇଲ ଜେନେରେଟର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି।

➡ଆମେରିକୀୟ ଫାର୍ମାସ୍ୟୁଟିକାଲ କମ୍ପାନୀ ଫାଇଜର ରୁଷିଆରେ କରିଥିବା ଲାଭକୁ ୟୁକ୍ରେନ୍‌କୁ ଦାନ କରିବ ବୋଲି ଘୋଷଣା କରିଛି। ଏଥିସହ ରୁଷିଆରେ ସମସ୍ତ ନିବେଶକୁ ଏହି କମ୍ପାନୀ ବାତିଲ କରିଛି।

# ଚାଇନାକୁ ଅର୍ଥ, ଅସ୍ତ୍ର ମାଗିଛି ରୁଷିଆ

■ସାହାଯ୍ୟ କଲେ ଭୟଙ୍କର ପରିଣତି ଭୋଗିବ ଚାଇନା: ଆମେରିକା

■ୱାଶିଂଟନ୍ ମିଛ ପ୍ରଚାର କରୁଛି କହିଲା ବେଜିଂ

**ମସ୍କୋ, ୧୪।୩**



ୟୁକ୍ରେନ୍ ବିରୋଧରେ ଲଢ଼େଇ ପାଇଁ ରୁଷିଆ ଚାଇନାକୁ ସେନା ଓ ଆର୍ଥିକ ସହାୟତା ମାଗିଥିବା ଆମେରିକା ଅଭିଯୋଗ ଆଣିଛି। ସୋମବାର ରୋମରେ ଆମେରିକା ଓ ଚାଇନା ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ୱାଶିଂଟନ୍ ଅଧିକାରୀଙ୍କ ଏଭଳି ଦାବି ବିଶ୍ୱ ସମୁଦାୟ ପାଇଁ ଚିନ୍ତାର କାରଣ ପାଲଟିଛି। ରୁଷିଆକୁ ଚାଇନା ଏପରି ସହାୟତା ନ ଦେବାକୁ ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକେ ସୁଲିଭାନ୍ ପରାମର୍ଶ ଦେଇଛନ୍ତି। ଏପରି କଲେ ଚାଇନା ବୈଶ୍ୱିକ ସ୍ତରରେ କଠୋର କଟକଣାର ସମ୍ମୁଖୀନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଭଳି କାମକୁ କେବେ ପ୍ରଶ୍ରୟ ଦିଆଯାଇପାରିବ ନାହିଁ ବୋଲି ସୁଲିଭାନ୍ କହିଛନ୍ତି। ଆମେରିକାର ଏହି ଅଭିଯୋଗକୁ ଚାଇନା ଖଣ୍ଡନ କରିଛି। ୱାଶିଂଟନ୍ ପକ୍ଷରୁ ଭୁଲ୍ ତଥ୍ୟ ପ୍ରଚାର କରାଯାଉଥିବା ଆମେରିକାରେ ଥିବା ଚାଇନା ରାଷ୍ଟ୍ରଦୂତ ଲିୟୁ ପେଙ୍ଗ୍ୟୁ କହିଛନ୍ତି। ସେହିପରି ନିଜ ଲକ୍ଷ୍ୟ ହାସଲ ନିମନ୍ତେ ରୁଷିଆ ପାଖରେ ଯଥେଷ୍ଟ ମିଲିଟାରି ସାମଗ୍ରୀ ରହିଛି ଏବଂ ଚାଇନାକୁ କୌଣସି ପ୍ରକାର ସହାୟତା ମଗାଯାଇ ନ ଥିବା କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ୟୁକ୍ରେନ୍ ପ୍ରସଙ୍ଗରେ ସୁଲିଭାନ୍ ଏବଂ ଚାଇନାର ପ୍ରମୁଖ କୂଟନୀତିଜ୍ଞ ୟାଙ୍ଗ୍ ଜିଏଚିଙ୍କ ମଧ୍ୟରେ ରୋମ୍‌ରେ ଆଲୋଚନା ହୋଇଛି।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଚାଇନା ଏ ପର୍ଯ୍ୟନ୍ତ ନିନ୍ଦା ନ କରି ନୀରବ ରହିଛି। ଏପରିକି ମସ୍କୋର ଆକ୍ରମଣ ସମ୍ପର୍କରେ ପୂର୍ବରୁ ଚାଇନା ଅବଗତ ଥିଲା ବୋଲି ଆମେରିକାର ଜୋ ବାଇଡେନ୍‌ଙ୍କ ପ୍ରଶାସନ ବିଶ୍ୱାସ କରୁଛି। ୨୦୧୪ରେ ମଧ୍ୟ ରୁଷିଆ କ୍ରିମିଆକୁ କବ୍‌ଜା କରିଥିବା ସମୟରେ ଚାଇନା ଚୁପ୍ ରହିଥିଲା। ୟୁକ୍ରେନ୍ ଆକ୍ରମଣ ପରେ ବେଜିଂ ମସ୍କୋକୁ କୂଟନୈତିକ ସମର୍ଥନ ଜଣାଇଛି। ହେଲେ ଚାଇନା ମଧ୍ୟ ରୁଷିଆ ଉପରେ କଟକଣା ଲଗାଉ ବୋଲି ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ର ବେଜିଂ ଉପରେ ଚାପ ପକାଉଛନ୍ତି। ବାସ୍ତବରେ ରୁଷିଆ ସେନା ସହାୟତା ମାଗିଥିଲେ ଏ ନେଇ ଚାଇନା କ'ଣ ପଦକ୍ଷେପ ନେଉଛି ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ବେଜିଂ ରୁଷିଆକୁ ଏହି ସାହାଯ୍ୟ ଯୋଗାଇଲେ ତାହା ଭାରତ ପାଇଁ ସତର୍କଘଣ୍ଟି ହେବ ବୋଲି କୁହାଯାଉଛି।

## କମ୍ ମୂଲ୍ୟରେ ମସ୍କୋରୁ ତେଲ କିଣିପାରେ ଭାରତ




ଆମେରିକା, ୟୁରୋପୀୟ ଦେଶ ସମେତ ଅନ୍ୟ ଦେଶଗୁଡ଼ିକ ରୁଷିଆ ଉପରେ କଟକଣା ଲଗାଇବା ଫଳରେ ମସ୍କୋର ଅର୍ଥନୀତି ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ିଛି। ବାଣିଜ୍ୟ କାରବାର ଘୋର ପ୍ରଭାବିତ ହେବା ସହ ରୁଷିଆ ମୁଦ୍ରା ରୁବଲ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଏପରି ସ୍ଥିତିରେ ନିଜ ଅର୍ଥନୀତି ବଞ୍ଚାଇବା ନିମନ୍ତେ ରୁଷିଆ ଅଶୋଧିତ ତୈଳ ଏବଂ ଗ୍ୟାସ୍‌କୁ ଭାରତକୁ କମ୍ ମୂଲ୍ୟରେ ବିକ୍ରି ନିମନ୍ତେ ପ୍ରସ୍ତାବ ଦେଇଛି। ପେଟ୍ରୋଲ ଡିଜେଲ ଦର ଏବଂ ମୁଦ୍ରାସ୍ଫୀତି ବୃଦ୍ଧିରେ ନିୟନ୍ତ୍ରଣ ରଖିବା ପାଇଁ କେନ୍ଦ୍ରର ଭାଜପା ସରକାର ରୁଷିଆଠାରୁ କମ୍ ମୂଲ୍ୟରେ ତୈଳ କିଣିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି।

ଭାରତ ଆବଶ୍ୟକ କରୁଥିବା ତୈଳର ୮୦ ପ୍ରତିଶତ ବାହାରୁ ଆମଦାନୀ କରିଥାଏ। ସେଥିରୁ ୨ରୁ ୩% ରୁଷିଆରୁ ଆସିଥାଏ। ଚଳିତ ବର୍ଷ ତୈଳ ଦରରେ ୪୦% ବୃଦ୍ଧି କାରଣରୁ ସରକାର ଏବେ କମ୍ ମୂଲ୍ୟରେ ରୁଷିଆରୁ ତେଲ କିଣିବା ନିମନ୍ତେ ଚିନ୍ତା କରୁଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ମସ୍କୋରୁ ତେଲ ଆଣିବା ଦିଗରେ ଯଥେଷ୍ଟ ଟ୍ୟାଙ୍କର, ଇନ୍ସ୍ୟୁରାନ୍ସ କଭର୍, ଅଏଲ୍ ବ୍ଲେଣ୍ଡ ଆଦିରେ ଅସୁବିଧା ରହିଛି। ଏହା ସମାଧାନ ହେବା ପରେ ରୁଷିଆ ଅଫର୍‌କୁ ଗ୍ରହଣ କରାଯିବ ବୋଲି କେନ୍ଦ୍ରର ଜଣେ ଅଧିକାରୀ କହିଛନ୍ତି।

# ସାହସ ଥିଲେ ମୋ ସହ ଲଢ଼

## ପୁଟିନ୍‌ଙ୍କୁ ମସ୍କଙ୍କ ଚ୍ୟାଲେଞ୍ଜ

ବୈଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ତଥା ମହାକାଶଯାନ ନିର୍ମାତା ସ୍ପେସ୍‌ଏକ୍ସର ମାଲିକ ଏଲନ୍ ମସ୍କ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଖୋଲାଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ପୁଟିନ୍ ସାମ୍‌ନାକୁ ଆସି ତାଙ୍କ ସହ ହାତାହାତି ହୁଅନ୍ତୁ। ଏଥିରେ ୟୁକ୍ରେନ୍‌କୁ ବାଜି ଲଗାଯିବ। ଯିଏ ଜିତିବ ସେ ୟୁକ୍ରେନ୍‌ର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ମସ୍କ ଏକ ଟୁଇଟ୍ କରିଛନ୍ତି। ଟୁଇଟ୍‌ରେ ସେ ପୁଟିନ୍‌ଙ୍କ ନାଁକୁ ରୁଷିଆ ବର୍ଣ୍ଣମାଳାରେ ଏବଂ ୟୁକ୍ରେନ୍‌କୁ ୟୁକ୍ରେନୀୟ ଅକ୍ଷରରେ ଲେଖିଛନ୍ତି। ପୁଟିନ୍‌ଙ୍କ ବ୍ୟକ୍ତିଗତ ଟୁଇଟର ଆକାଉଣ୍ଟ ନ ଥିବାରୁ ମସ୍କ କ୍ରେମ୍‌ଲିନ୍ ହ୍ୟାଣ୍ଡେଲ୍‌କୁ ଟ୍ୟାଗ୍ କରିଛନ୍ତି। କ'ଣ ତୁମେ ଲଢ଼େଇ ପାଇଁ ପ୍ରସ୍ତୁତ ବୋଲି ମସ୍କ ଲେଖିଛନ୍ତି।



ଭ୍ଲାଡିମିର ପୁଟିନ



ଏଲନ୍ ମସ୍କ

ସୂଚନାଯୋଗ୍ୟ, ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ମସ୍କ ଏହି ପୂର୍ବ ୟୁରୋପୀୟ ଦେଶକୁ ସହାୟତା ଯୋଗାଇଆସୁଛନ୍ତି। ଷ୍ଟାରଲିଙ୍କ୍ ସାଟେଲାଇଟ୍ ମାଧ୍ୟମରେ ୟୁକ୍ରେନ୍‌କୁ ସେ ଇଣ୍ଟରନେଟ ସେବା ପ୍ରଦାନ କରିଛନ୍ତି।

## ଅସ୍ତ୍ରବିରତି ଦାବି କଲା କ୍ୱିଭ୍

### ଚତୁର୍ଥ ପର୍ଯ୍ୟାୟ ଆଲୋଚନା

ୟୁକ୍ରେନ୍‌ରେ ରୁଷିଆ ଅଧିକ ଆକ୍ରମଣାତ୍ମକ ହୋଇ ତୁହାକୁ ତୁହା ମିଶାଇଲ, ବୋମା ମାଡ଼ କରୁଥିବାବେଳେ ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ସୋମବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହୋଇଛନ୍ତି। ମସ୍କୋ ଓ କ୍ୱିଭ୍‌ର ପ୍ରତିନିଧି ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ କରିଥିଲେ। ଶାନ୍ତି ସ୍ଥାପନ, ତୁରନ୍ତ ଅସ୍ତ୍ରବିରତି ସହ ରୁଷିଆର ସୈନ୍ୟ ପ୍ରତ୍ୟାହାର ଓ ସୁରକ୍ଷା ପ୍ରତିଶ୍ରୁତି ଉପରେ କ୍ୱିଭ୍ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିବା ୟୁକ୍ରେନ୍ ପ୍ରତିନିଧି ମିଖାଇଲୋ ପୋଡୋଲିଆକ୍ କହିଛନ୍ତି। ମଙ୍ଗଳବାର ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିବ ବୋଲି ଜଣାପଡ଼ିଛି।

## ୟୁକ୍ରେନ୍ ଛାଡ଼ିଲେ ଏକମାତ୍ର ମହିଳା ଇହୁଦୀ ଧର୍ମଗୁରୁ



ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ୟୁକ୍ରେନ୍‌ର ପ୍ରଥମ ତଥା ଏକମାତ୍ର ମହିଳା ଇହୁଦୀ ଧର୍ମଗୁରୁ ଜୁଲିଆ ଗ୍ରୀସ୍ ଦେଶ ଛାଡ଼ି ପୋଲାଣ୍ଡ ପଳାଇଛନ୍ତି। ପ୍ରଥମ ଥର ପାଇଁ ସେ ଦେଶ ବାହାରେ ଶବ୍ବତ୍ (ଇହୁଦୀଙ୍କ ପବିତ୍ର ଦିନ) ପାଳିଛନ୍ତି। ୟୁକ୍ରେନ୍‌ରୁ ସାଙ୍ଗରେ ନେଇ ଯାଇଥିବା ମହମବତୀ ଜାଳି ସେ ପ୍ରାର୍ଥନା କରିଛନ୍ତି। ତାଙ୍କ ୧୯ ବର୍ଷର ଝିଅ ପୋଲାଣ୍ଡ ରାଜଧାନୀ ୱାର୍‌ସରେ ଆୟୋଜିତ ପ୍ରାର୍ଥନା ସଭାରେ ଗିଟାର୍ ବଜାଇଥିଲେ। ୟୁକ୍ରେନ୍‌ରୁ ଯିବାବେଳେ ସେ ତାଙ୍କର ଦୁଇଟି ବିଲେଇକୁ ମଧ୍ୟ ସାଙ୍ଗରେ ନେଇଥିଲେ। ସୀମା ପାର୍ ହେବାବେଳେ ତାଙ୍କୁ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିବା କହିଛନ୍ତି। ଏପରି କି ୪୦ ଘଣ୍ଟା ପର୍ଯ୍ୟନ୍ତ ତାଙ୍କୁ ବିନା ଖାଦ୍ୟପାନୀୟରେ ସୀମାରେ ଅପେକ୍ଷା କରିବାକୁ ପଡ଼ିଥିଲା। ୟୁକ୍ରେନ୍‌ରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଇହୁଦୀ ଲୋକ ବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଅନେକେ ଦେଶ ଛାଡ଼ି ସାରିଲେଣି।

# ଏନ୍‌ଏସ୍‌ଇ ଦୁର୍ନୀତି: ଜେଲ ଗଲେ ଚିତ୍ରା

**ନୂଆଦିଲ୍ଲୀ,୧୪।୩**

କୋ-ଲୋକେଶନ ଦୁର୍ନୀତି ମାମଲାରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣାଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେଲରେ ହନୁମାନ ଚାଳିଶା ପାଠ ଲାଗି ତାଙ୍କୁ ଅଦାଲତ ଅନୁମତି ଦେଇଥିବାବେଳେ ଘରରନ୍ଧା ଖାଦ୍ୟ ପାଇଁ ତାଙ୍କ ଓକିଲଙ୍କ ଅନୁରୋଧକୁ ଖାରଜ କରିଦେଇଛନ୍ତି।

୨୦୧୩ରୁ ଏନ୍‌ଏସ୍‌ଇର ମୁଖ୍ୟ ଥିବା ଚିତ୍ରା ଦେଶର ସର୍ବବୃହତ ଷ୍ଟକ୍ ବଜାରର ବହୁ ଗୋପନୀୟ ତଥ୍ୟ ଜଣେ ତଥାକଥିତ ଯୋଗୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ମାମଲାର ତଦନ୍ତ କରୁଥିବା ସିବିଆଇ ଗତ ୬ ତାରିଖରେ ଚିତ୍ରାଙ୍କୁ ଗିରଫ କରିବା



ଚିତ୍ରା ରାମକ୍ରିଷ୍ଣା

ପରେ ୭ ଦିନିଆ ରିମାଣ୍ଡରେ ନେଇଥିଲା। ଷ୍ଟକ୍ ଏକ୍ସଚେଞ୍ଜର ଗୋପନୀୟ ତଥ୍ୟ ପ୍ରଘଟ ଯୋଗୁ କେତେକ ବ୍ରୋକର ଏହାର ଅନୈତିକ ଫାଇଦା ଉଠାଉଥିଲେ। ଏନେଇ ୨୦୧୮ରେ ସିବିଆଇ ମାମଲା ରୁଜୁ କରିଥିଲା। ଷ୍ଟକ୍ ଏକ୍ସଚେଞ୍ଜର କମ୍ପ୍ୟୁଟର ସର୍ଭରରୁ ଷ୍ଟକ୍ ବ୍ରୋକରମାନଙ୍କ ପାଖକୁ ତଥ୍ୟ ଯାଉଥିବା (କୋ-ଲୋକେଶନ ଦୁର୍ନୀତି) ସମ୍ପର୍କରେ ସିବିଆଇ ତଦନ୍ତରୁ ଜାଣିବାକୁ ପାଇଥିଲା। ଚିତ୍ରା ଜାମିନ ପାଇଁ ଆବେଦନ କରିଥିବାବେଳେ ସିବିଆଇ ଏହାକୁ ବିରୋଧ କରିଥିଲା। ତଦନ୍ତ ଏବେ ଅବ୍ୟାହତ ରହିଥିବାରୁ ଏନ୍‌ଏସ୍‌ଇର ପୂର୍ବତନ ସିଇଓ ଏହାକୁ ପ୍ରଭାବିତ କରିପାରନ୍ତି ବୋଲି ତଦନ୍ତକାରୀ ସଂସ୍ଥା ଯୁକ୍ତି ଦର୍ଶାଇଥିଲା। ଫଳରେ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ଏନ୍‌ଏସ୍‌ଇ ଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ତଥା ଏହାର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର (ଜିଓଓ) ଆନନ୍ଦ ସୁବ୍ରମଣ୍ୟନଙ୍କ ଜାମିନ ଆବେଦନକୁ ପୂର୍ବରୁ ସିବିଆଇ ବିରୋଧ କରିଥିଲା। ଆନନ୍ଦ ନିଜକୁ ହିମାଳୟ ଯୋଗୀ ପରିଚୟ ଦେଇ ଚିତ୍ରାଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରୁଥିଲେ ବୋଲି ସିବିଆଇ ଅଦାଲତଙ୍କୁ କହିଥିଲା।

# କଶ୍ମୀର ପାଇଁ ୧.୪୨ ଲକ୍ଷ କୋଟିର ବଜେଟ

**ନୂଆଦିଲ୍ଲୀ,୧୪।୩**



ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଲାଗି ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୧.୪୨ ଲକ୍ଷ କୋଟି ଟଙ୍କାର ବଜେଟ ଲୋକ ସଭାରେ ଉପସ୍ଥାପନ କରିଛନ୍ତି। ଏହା ବ୍ୟତୀତ ସେ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ୨୦୨୧-୨୨ ବର୍ଷ ଲାଗି ୧୮,୮୬୦.୩୨ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିଥିଲେ। ଜମ୍ମୁ-କଶ୍ମୀରରେ ଏବେ ବିଧାନସଭା ନ ଥିବାରୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳ ଲାଗି ବାର୍ଷିକ ବଜେଟ ପାର୍ଲାମେଣ୍ଟର ଅନୁମୋଦନ ଆବଶ୍ୟକ କରୁଛି। ସୋମବାର ଉକ୍ତ ବଜେଟ ଉପରେ ଆଲୋଚନା ଲାଗି ଅର୍ଥମନ୍ତ୍ରୀ ପ୍ରସ୍ତାବ ଆଣିଥିବାବେଳେ କଂଗ୍ରେସ ସଦସ୍ୟ ମନୀଷ ତିୱାରୀ ଏହାକୁ ବିରୋଧ କରିଥିଲେ। ପ୍ରସ୍ତାବକୁ ଅନୁଧ୍ୟାନ ପାଇଁ ଯଥେଷ୍ଟ ସମୟ ଦିଆଯିବା ଆବଶ୍ୟକ ବୋଲି ତିୱାରୀ କହିଥିଲେ।

କଶ୍ମୀରରେ ଆଇନ ଶୃଙ୍ଖଳା ସ୍ଥିତି ଚିନ୍ତାଜନକ। ସରକାର ଯେଉଁ ଉଦ୍ଦେଶ୍ୟରେ ସେଠାରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ ତାହା ପୂରଣ ହୋଇନାହିଁ। ଜମ୍ମୁ-କାଶ୍ମୀରକୁ କେବେ ସମ୍ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବ ବୋଲି ତିୱାରୀ ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ବିଭକ୍ତ କରିଥିଲେ। ଇତିମଧ୍ୟରେ ୩୩ ମାସ ବିତିଥିଲେ ମଧ୍ୟ ସରକାର ତାଙ୍କ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ସେଠାର ସ୍ଥିତି ଅଧିକ ସମ୍ବେଦନଶୀଳ ବୋଲି କଂଗ୍ରେସ ନେତା କହିଥିଲେ।

ବଜେଟ ଆଲୋଚନାରେ ଭାଗନେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ଜମ୍ମୁ-କଶ୍ମୀର ବଜେଟର ୬୩ ପ୍ରତିଶତ କଂଗ୍ରେସ ସରକାର ବେଳର ଅଧୁରା କାର୍ଯ୍ୟ ପୂରା କରିବାକୁ ମୋଦି ସରକାର ରଖିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଅନୁଚ୍ଛେଦ ୩୭୦ ଫେରାଇ ଆଣିବ ବୋଲି ପ୍ରତିଶ୍ରୁତି ଦେବାର ସତ୍‌ସାହସ ଅଛି କି ବୋଲି ସିଂ ପ୍ରଶ୍ନ କରିଥିଲେ।

## ସଂକ୍ଷେପରେ

### ବ୍ରଜରାଜନଗର: ୧୪ ପ୍ରାର୍ଥିପତ୍ର ପ୍ରତ୍ୟାହାର

**ବ୍ରଜରାଜନଗର,୧୪।୩(ଡି.ଏନ୍.ଏ.):** ବ୍ରଜରାଜନଗର ପୌର ନର୍ବାଚନ ପାଇଁ ସୋମବାର ଶେଷଦିନରେ ୧୪ଜଣ ୱାର୍ଡ କାଉନସିଲର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ୨୩ ୱାର୍ଡ ପାଇଁ ୮୧ଜଣ ନିର୍ବାଚନ ଲଢ଼ିବେ। କଂଗ୍ରେସରୁ ୫, ଭାଜପାରୁ ଜଣେ ଓ ସ୍ୱାଧୀନ ପ୍ରାର୍ଥୀ ୮ଜଣ ନିର୍ବାଚନରୁ ଓହରି ଯାଇଛନ୍ତି। ସେହିପରି ପୌରାଧକ୍ଷ ପଦ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନ ଥିବାରୁ ସମସ୍ତ ୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ସ୍ପଷ୍ଟ ହୋଇଯାଇଛି।

### କୁଚିଣ୍ଡା ଏନ୍ଏସି: ଅଧକ୍ଷରେ ୭, କାଉନସିଲରରେ ୩୬ ପ୍ରାର୍ଥୀ

**କୁଚିଣ୍ଡା,୧୪।୩(ଡି.ଏନ.ଏ.):** କୁଚିଣ୍ଡା ଏନ୍ଏସି ନିର୍ବାଚନ ପାଇଁ ନାମାଙ୍କନ ପ୍ରତ୍ୟାହାର ସୋମବାର ଶେଷ ହୋଇଛି। ଅଧକ୍ଷ ପାଇଁ ନାମାଙ୍କନ କରିଥିବା ସ୍ୱାଧୀନ ପ୍ରାର୍ଥୀ ପିଙ୍କୁ ପାଣି, ଗଣେଶ ଅଗ୍ରୱାଲ ଓ ନିରଞ୍ଜନ ବେହେରା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ଏବେ ମଇଦାନରେ ୭ଜଣ ରହିଛନ୍ତି। ଲଢେଇରେ ଥିବା ଅଧକ୍ଷ ପ୍ରାର୍ଥୀ ହେଲେ ବିଜେଡିର ପ୍ରଦ୍ୟୁତ ମହାନ୍ତି, ଭାଜପାର ଶୁଶିଳ କର, କଂଗ୍ରେସର ଅଖିଳ ପ୍ରତାପ ସିଂ, ଆପର ଲିଙ୍କନ କିଣ୍ଡୋ, ସ୍ୱାଧୀନ ଭାବେ ହରେକୃଷ୍ଣ ମହାପାତ୍ର, ଭୀମରାଜ ପ୍ରସାଦ ଓ ନିଳୋତ୍ପଳା କୁସୁମ। ସେହିପରି ୱାର୍ଡ କାଉନସିଲରରେ ୮, ୧୦ ଓ ୧୧ନଂ.ରୁ ଜଣେ ଲେଖାଏ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର ପରେ ମଇଦାନରେ ମୋଟ ୩୬ଜଣ ରହିଥିବା ଜଣାଯାଇଛି।

### ଏମ୍ସିଏଲ୍ ଆନନ୍ଦ ବିହାରରେ ନାମଯଜ୍ଞ

**ସମ୍ବଲପୁର,୧୪।୩(ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ(ଏମ୍ସିଏଲ୍) ଆନନ୍ଦ ବିହାରସ୍ଥିତ ଈଶାନେଶ୍ୱର ମହାଦେବ ମନ୍ଦିରଠାରେ ନାମଯଜ୍ଞ ସମ୍ପନ୍ନ ହୋଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ସୁପ୍ରିୟା ଦେହୁରି ଓ ପଙ୍କଜ କୁମାର ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ୫ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ରଞ୍ଜନ କୁମାର ବାରିକ, ସୁଦୀପ୍ତ କୁମାର ସାହୁ, ସୁରେଶ ଗୌର, ଶିଶିର କୁମାର ଜୈନ, ସୂର୍ଯ୍ୟକାନ୍ତ ପ୍ରଧାନ, ଶଶୀଭୂଷଣ ପ୍ରଧାନ ପୂଜା କାର୍ଯ୍ୟ ତୁଲାଇଥିଲେ। ଶିବ ପୂଜା କିମିଟି ସଚିବ ସୁଧାକର ସାମଲ, ଚନ୍ଦ୍ରଶେଖର ସାହୁ, ହୀରାଲାଲ ବିଶ୍ୱାଳ, ଲାଲମୋହନ ପଟ୍ଟନାୟକ, ପତାପ ଚନ୍ଦ୍ର ସାହୁ ନାମଯଜ୍ଞ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### କୁଞ୍ଜଲ ସିଂ ସ୍ମାରକୀ କବାଡ଼ି ଟୁର୍ନାମେଣ୍ଟ: କୁଚିଣ୍ଡା ଚାମ୍ପିୟନ

**ସମ୍ବଲପୁର,୧୪।୩(ବ୍ୟୁରୋ):** ସମ୍ବଲପୁର ୟଙ୍ଗ ବଏଜ ଆସୋସିଏଶନ ଆୟୋଜିତ ସହୀଦ କୁଞ୍ଜଲ ସିଂ ସ୍ମାରକୀ କବାଡ଼ି ଟୁର୍ନାମେଣ୍ଟ ବ୍ରଜମୋହନ ପାର୍କଠାରେ ରବିବାର ରାତିରେ ଉଦ୍ଯାପିତ ହୋଇଯାଇଛି। କୁଚିଣ୍ଡା ଦଳ ଚାମ୍ପିୟନ ଟ୍ରଫି ହାସଲ କରିଥିବାବେଳେ ୟଙ୍ଗ ବଏଜ ଆସୋସିଏଶନ ଦଳ ରନର୍ସଅପ ହୋଇଛି। ଶିକ୍ଷାବିତ୍ ପ୍ରେମରଞ୍ଜନ ପ୍ରଧାନଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ସମଲେଇ ଯୋଜନାର ବିଶେଷ ଅଧିକାରୀ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଆନ୍ତର୍ଜାତୀୟ ଫୁଟବଲ ଖେଳାଳି ଅହଲ୍ୟ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଗାଡି ଧକ୍କାରେ ୪ ବର୍ଷର ଶିଶୁକନ୍ୟା ମୃତ

**କନ୍ଧମାଳ/ବାଉଁଶୁଣୀ, ୧୪।୩(ଡି.ଏନ.ଏ.):** ବୌଦ୍ଧ ଜିଲା କନ୍ଧମାଳ ଥାନା ଅଧୀନ ୪୧ ନଂ ରାଜ୍ୟ ରାଜପଥର କନ୍ଧମାଳ-ଘଣ୍ଟାପଡା ରାସ୍ତାର ଶ୍ରୀମାଲ ଗାଁ ନିକଟରେ ସୋମବାର ଏକ ଅଜଣା ଗାଡି ଧକ୍କାରେ ଜଣେ ୪ ବର୍ଷୀୟ ଶିଶୁ କନ୍ୟାର ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ମୁତାବକ, ବରଗାଁ ପଞ୍ଚାୟତର ଶ୍ରୀମାଲ ନିକଟରେ ଗାଁର ଗୁରୁଚରଣ ରଣାଙ୍କ ୪ ବର୍ଷର ଶିଶୁ କନ୍ୟା ନନ୍ଦିନୀ ଶୌଚ ସାରି ରାସ୍ତା ପାର ହେଉଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଏକ ମୋଟର ସାଇକେଲ ଯୋଗେ କନ୍ଧମାଳ ଡାକ୍ତରଖାନାକୁ ନେଇଥିଲେ । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ କନ୍ଧମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି ।

# ଭିସୁଟ୍‌ରେ ୩ ଦିନିଆ ମହୋତ୍ସବ

**ସମ୍ବଲପୁର, ୧୪।୩(ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ସୋମବାର ୩ ଦିନିଆ ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଆଇ ଇନୋଭେଶନ ସେଲ୍ ତରଫରୁ ମହାକାଶ ଓ ପ୍ରତିରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଥିଲା। କୁଳପତି ବଂଶୀଧର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ବୈଷୟିକ ଜ୍ଞାନ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବୀର ସୁରେନ୍ଦ୍ର ସାଏ ସ୍ପେଶ ଇନୋଭେଶନ ସେଣ୍ଟର ଦାରା ଭିଏସ୍ଏଲ୍ଭି ରକେଟ, ରୋଭର, ଗଗନ୍ୟାନ ଇତ୍ୟାଦି ପ୍ରଦର୍ଶନ କରାଯାଇଛି। ଏଥିସହିତ ଛାତ୍ରୀଛାତ୍ରଙ୍କ



କର୍ମଶାଳାରେ ଉପସ୍ଥିତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର।

ଦ୍ୱାରା ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଦ୍ୱାରା ନିର୍ମିତ ବିଭିନ୍ନ ରକେଟ ତଥା ମଙ୍ଗଳଯାନ ପରି ଗବେଷଣା ଉପଗ୍ରହର ମଡେଲ ପ୍ରଦର୍ଶନ କରାଯାଇଛି। ଅନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି। ଏହାମଧ୍ୟରେ ଭୁବନେଶ୍ୱରର ସିଇଟି ଛାତ୍ରୀଛାତ୍ରଙ୍କ ନୂଆ ଷ୍ଟାର୍ଟଅପ ଏବଂ ଓଡ଼ିଶାରେ ଗୁଗୁଲ ବୟ ଭାବେ ପରିଚିତ ଭେଙ୍କଟ ରମଣ ପଟ୍ଟନାୟକ ମଧ୍ୟ ନିଜ ଟେଲିସ୍କୋପ ପ୍ରଦର୍ଶନ କରିଛନ୍ତି। ଭିସୁଟ୍ ଆଇ ଇନୋଭେଶନ ସେଲ୍ ଓ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ମିଳିତ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଏସ୍.ସି. ବାରିକ, ଏମ୍.କେ. ମେହେର ଏବଂ ସୌମ୍ୟ ରଞ୍ଜନ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି। ବୀର ସୁରେନ୍ଦ୍ର ସାଏ ସ୍ପେଶ ଇନୋଭେଶନ ସେଣ୍ଟରର ପୁନ୍ୟଶ୍ଲୋକ ସ୍ୱାଇଁ, ଅମ୍ଲାନ ମିଶ୍ର, ଶୁଭମ ବେହେରା, ଋଷଭ ନନ୍ଦ, ନରତ୍ତୋମ ଜେନା, ଶୁଭାଶିଷ ନାୟକ, ଦେବାଶିଷ ବେହେରା ବେହେରା, ଜ୍ୟୋତ୍ସ୍ନା କୁମାରୀ, ସ୍ମୃତି ସାମନ୍ତରାୟ, ଗାର୍ଗୀ ପଟ୍ଟନାୟକ, ଅସ୍ମିତା ମେହେର ପମୁଖ ଏହାର ନେତୃତ୍ୱ ନେଇଛନ୍ତି।

# ସ୍କୁଲରେ ବନ୍ଧୁକ ଗୁଜବ, ପୋଲିସ ନାକେଦମ୍

**ଜମନକିରା,୧୪।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ଥାନା ବଡ଼ରମା ପଞ୍ଚାୟତ ରେଙ୍ଗୁମୁଣ୍ଡା ପ୍ରାଥମିକ ସ୍କୁଲର ବନ୍ଦ କୋଠରିରେ ଏକ ବନ୍ଧୁକ ଥିବା ଗୁଜବକୁ ନେଇ ସୋମବାର ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ଯାଞ୍ଚ ପରେ ଏହା ଖେଳନା ବନ୍ଧୁକ ବୋଲି ଥାନା ଅଧିକାରୀ ପ୍ରେମଜିତ ଦାଶ କହିଛନ୍ତି। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବାବେଳେ ବନ୍ଧୁକ ରଖିଥିବା ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ସୂଚନା ଅନୁସାରେ, ରେଙ୍ଗୁମୁଣ୍ଡା ପ୍ରାଥମିକ ସ୍କୁଲର ଏକ କୋଠରିରେ ଶିକ୍ଷକ ଗୋବିନ୍ଦ ଭୋଇ ରହୁଥିବାବେଳେ ଗତ ୪ ତାରିଖରେ ତାଙ୍କର କୁଚିଣ୍ଡା ଥାନା ଗୁଣ୍ଡୁରୁଚୁଆଁ ପଞ୍ଚାୟତ କତରକେଲା ପ୍ରାଥମିକ ସ୍କୁଲକୁ ବଦଳି ହୋଇଥିଲା। ସେ ବଦଳି ହୋଇ ଯିବା ପରଠାରୁ ଉକ୍ତ କୋଠରି ବନ୍ଦ ହୋଇ ପଡ଼ିଥିଲା। ତେବେ ପରିଚାଳନା କମିଟି ନିଷ୍ପତ୍ତିକ୍ରମେ ରବିବାର କମିଟି ସଭାପତି ସୁଶାନ୍ତ ଝାଙ୍କର ଓ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ବାଗ୍‌ଙ୍କ ଉପସ୍ଥିତିରେ କୋଠରି ସଫାସୁତୁରା କରାଯାଉଥିଲା। ଏହି ସମୟରେ ସେଠାରୁ ଏକ ବନ୍ଧୁକ



ଜବତ ହୋଇଥିବା ଖେଳନା ବନ୍ଧୁକ।

ମିଳିଥିଲା। ଏ ନେଇ କେହି ଜଣେ ବ୍ୟକ୍ତି ଗଣମାଧ୍ୟମକୁ ଖବର ଦେଇଥିଲେ। କେତେକ ଗଣମାଧ୍ୟମ ଖବରର ସତ୍ୟାସତ୍ୟ ନ ଜାଣି ସ୍କୁଲ ଗୃହରେ ବନ୍ଧୁକ, ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ଦର୍ଶାଇ ଖବର ପରିବେଷଣ କରିଥିଲେ। ସୋମବାର ଏହା ପ୍ରଘଟ ହେବା ପରେ ପୋଲିସ ଓ ଶିକ୍ଷା ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। ବଣପାହାଡ଼ ଘେରାରେ ଅବସ୍ଥିତ ଉକ୍ତ ସ୍କୁଲକୁ ପୋଲିସ ଓ ଶିକ୍ଷା ବିଭାଗ ଅଧିକାରୀଙ୍କ ସୁଅ ଛୁଟିଥିଲା। ତେବେ ପୋଲିସ ଉକ୍ତ ବନ୍ଧୁକ ଜବତ କରି ଯାଞ୍ଚ କଲାପରେ ଏହା ଖେଳନା ବୋଲି ଜଣାପଡ଼ିଥିଲା। ପ୍ରଧାନ ଶିକ୍ଷକ ବାଗ୍ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ମାମଲା ରୁଜୁ କରିବେ ବୋଲି ପ୍ରକାଶ କରିଛନ୍ତି।

# ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ପଶ୍ଚିମାଞ୍ଚଳ ଏକତା ମଞ୍ଚ




ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତା।

**ସମ୍ବଲପୁର,୧୪।୩ (ବ୍ୟୁରୋ)**

ଟିପିଡବ୍ଲ୍ୟୁଓଡିଏଲ୍ ବିରୋଧରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ଶେଷରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସୋମବାର ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡିଛନ୍ତି। ମଞ୍ଚ କର୍ମକର୍ତ୍ତା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ଉପସ୍ଥାପନ କରି ସ୍ଥାୟୀ ସମାଧାନ ଦାବି କରିଛନ୍ତି। ମଞ୍ଚ କର୍ମକର୍ତ୍ତାଙ୍କ ସହ ଜନସାଧାରଣ ସମ୍ବଲପୁର ମହାନଗର ନିଗମ ଅଫିସ ଛକରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

ସେମାନେ ଅଭିଯୋଗ କରିଥିଲେ, କରୋନା ମହାମାରୀ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ଏହାକୁ ଦୃଷ୍ଟିରେ ରଖି ବକେୟା ବିଦ୍ୟୁତ୍ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଟାଟା ପାୱାର ସରକାରଙ୍କ ସହ ଚୁକ୍ତି ସମୟରେ

**ଟାଟା ପାୱାର ବିରୋଧରେ ତେଜୁଛି ଅସନ୍ତୋଷ**

ବକେୟା ଅସୁଲି କରିବା ପାଇଁ ରାଜି ହୋଇ ନ ଥିଲା। କିନ୍ତୁ ଦାୟିତ୍ୱ ନେବା ପରେ ବକେୟା ଅସୁଲିକୁ କମ୍ପାନୀ ପ୍ରାଥମିକତା ଦେଇଛି। ବିଗତ ଦିନରେ ତ୍ରୁଟିପୂର୍ଣ୍ଣ ବିଲିଂ ଯୋଗୁ ଅନେକ ଉପଭୋକ୍ତାଙ୍କ ବକେୟା ପାଉଣା ବୃଦ୍ଧି ପାଇଛି। ବିବାଦ ଯୋଗୁ ସେମାନେ ଏହା ପୈଠ କରି ନାହାନ୍ତି। ଏଭଳି ସମୟରେ ବିଭାଗର ଅଧିକାରୀ ଓ କର୍ମଚାରୀ ଉପଭୋକ୍ତାଙ୍କ ଘରକୁ ଯାଇ ତୁରନ୍ତ ବିଲ୍ ଦେବାକୁ ବାଧ କରୁଛନ୍ତି। ଏପରି କି ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ବିଲ୍ ନ ଦେଲେ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଉଛି। ଏହା ପିଲାଙ୍କ ପାଠପଢ଼ାରେ ଅନ୍ତରାୟ ସୃଷ୍ଟି କରୁଛି। ଏସବୁ ଦୃଷ୍ଟିରୁ ବକେୟା ପାଉଣାକୁ ମାସିକିଆ କିସ୍ତି ଆକାରରେ ପୈଠ ପାଇଁ ସୁଯୋଗ ଦିଆଯିବା ସହ ଗରିବ ଲୋକଙ୍କ ବକେୟା ବିଲ୍ ସମ୍ପୂର୍ଣ୍ଣ ଛାଡ଼ କରିବା ଦିଗରେ ଜିଲାପାଳ ପଦକ୍ଷେପ ନେବାକୁ ଏକତା ମଞ୍ଚ ଅନୁରୋଧ କରିଛି। ମଞ୍ଚ କର୍ମକର୍ତ୍ତା ଆହୁରି ଦର୍ଶାଇଛନ୍ତି, ହୀରାକୁଦ ନଦୀବନ୍ଧଠାରୁ ଆରମ୍ଭକରି ପରବର୍ତ୍ତୀ ସମୟରେ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ଅନ୍ୟାନ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ପଶ୍ଚିମାଞ୍ଚଳବାସୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନେ ବାସହରା ହୋଇଥିଲେ ସୁଦ୍ଧା ନିଯୁକ୍ତି ସୁଯୋଗ ମିଳୁନାହିଁ। ତେଣୁ ବିଭାଗର ସମସ୍ତ ପ୍ରକାର ନିଯୁକ୍ତିରେ ସ୍ଥାନୀୟ ଯୁବତୀଯୁବକଙ୍କୁ ଅଗ୍ରାଧିକାର ଦିଆଯିବା ଦିଗରେ ପଦକ୍ଷେପ ନେବାକୁ ମଞ୍ଚ ଜିଲାପାଳଙ୍କଠାରେ ଦାବି କରିଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ନେତୃତ୍ୱରେ ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଡା. ପ୍ରମୋଦ କୁମାର ରଥ, ଆବାହକ ଭବାନୀଶ ଭୋଇ, କାନ୍ତି ମେହେର, ଅନ୍ନପୂର୍ଣ୍ଣା ବାରିକ, ପୁଷ୍ପାଞ୍ଜଳି ଜେନା, ରୁନୁ ପ୍ରଧାନ, ଅରୁନ୍ଧତୀ ପାତ୍ର, ବିଦ୍ୟୁତ୍‌ପ୍ରଭା ଯୋଶୀ, ସଂଯୁକ୍ତା ଆଚାର୍ଯ୍ୟ, ସେଫାଳି ସେଠୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଚାନ୍ଦଲି ପାହାଡ଼ ଉନ୍ନତିକରଣ ପାଇଁ ୧ କୋଟି ମଞ୍ଜୁର

**ବଲାଙ୍ଗୀର ଅଫିସ, ୧୪।୩**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଦେଷଣ୍ଡ ନିକଟ ଚାନ୍ଦଲି ପାହାଡରେ ଉନ୍ନତିକରଣ ନିମନ୍ତେ ୧କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଛି। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏହି ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଛନ୍ତି। ଚାନ୍ଦଲି ପାହାଡର ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ଚାନ୍ଦିଲି ପାହାଡକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ, ସିମେଣ୍ଟ କଂକ୍ରିଟ ପାହାଚ ନିର୍ମାଣ, ସାର୍ବଜନୀନ ଶୌଚାଳୟ ନିର୍ମାଣ, ବସିବା ପାଇଁ ବେଞ୍ଚ ଏବଂ ପିକ୍‌ନିକ ପିଣ୍ଡି ନିର୍ମାଣ, ବିଦ୍ୟୁତ୍‌କରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚାନ୍ଦିଲି ପାହାଡରେ ଉନ୍ନତିକରଣ ହେଲେ ଏଠାରେ ପର୍ଯ୍ୟଟନର ଉନ୍ନତି ଘଟିବ।

## ସୀମାନ୍ତରୁ ଗଞ୍ଜେଇ, ବୋଲେରୋ ଜବତ: ୪ ଗିରଫ

**ନୂଆପଡ଼ା ଅଫିସ,୧୪।୩**

ଓଡ଼ିଶା ଛତିଶଗଡ ଦେଇ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ଓଡିଶା ଛତିଶଗଡ ଆନ୍ତଃରାଜ୍ୟ ଚେକପୋଷ୍ଟ ରେହଟିଖୋଲ ଥାନା ସିଂଘୋଡାଠାରେ ଚୋରା ଚାଲାଣ ଗଞ୍ଜେଇ ସହ ଏକ ବୋଲେରୋ ଜବତ କରାଯାଇଛି। ଏହି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡି ଚାଳକ ମଧ୍ୟପ୍ରଦେଶ ରିବା ଜିଲା କର୍ଚୁଲିୟାନ ନିବାସୀ ସେବେନ୍ଦ୍ର କୁମାର ପଟେଲ (୩୨), ରାୟପୁର ଜିଲା ଉରଲା ଥାନା ବୀରଗାଁର ବିକାଶ ପଟେଲ (୨୩), ମଧ୍ୟପ୍ରଦେଶ ରିବା ଜିଲା କର୍ଚୁୟାଲ ନିବାସୀ ସାତେନ୍ଦ୍ର କୁମାର ପଟେଲ (୨୯) ଓ ପ୍ରଦୀପ ପଟେଲ (୨୬)। ଓଡିଶାପଟୁ ଆସୁଥିବା ଏକ ବୋଲେରୋ (ଏମ୍‌ପି ୬୬ଟି୦୭୬୨)କୁ ସନ୍ଦେହରେ ଅଟକାଇ ପଚାରାଉଚରା କରିବା ସହ ତନଖି କରାଯାଇଥିଲା। ଗାଡି ପଛପାଖ ସିଟ ତଳେ ୮୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ପରେ ସିଂଘୋଡା ଥାନା ପୋଲିସ ଏନଡିପିଏସ ଆକ୍ଟରେ ମାମଲା ରଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଗୋଟିଏ ବୋଲେରୋ ସହ ୮୦ କିଗ୍ରା ଗଞ୍ଜେଇ, ୨ଟି ମୋବାଇଲ ଫୋନ, ନଗଦ ୩ ହଜାର ୫ଶହ ଟଙ୍କା ଜବତ କରାଯାଇଛି।

# ବାଇକ୍ ରାଲିରେ ବଜରଙ୍ଗ ଦଳର ପ୍ରତିବାଦ

**ସମ୍ବଲପୁର,୧୪।୩(ବ୍ୟୁରୋ)**

ସମ୍ବଲପୁର ବଜରଙ୍ଗ ଦଳ ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ନେଇ ଅଭିନବ ପ୍ରତିବାଦ କରାଯାଇଥିଲା। କର୍ମକର୍ତ୍ତାମାନେ ଅଇଁଠାପାଲି ଛକରୁ ଏକ ବାଇକ୍ ରାଲି କରି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଏଥିରେ ଦର୍ଶାଇଛନ୍ତି, ଜିଲାରେ ଏବେ ବଙ୍ଗଳାଦେଶ ଓ ମିଆମାରରୁ ମାତ୍ରାଧିକ ଅନୁପ୍ରବେଶ କରୁଛନ୍ତି। ସେମାନେ ସରକାରୀ ଜମି ଉପରେ ନଜର କରି ହଡ଼ପ କରି ନେଉଛନ୍ତି। ସେଠାରେ ରହି ନିଶା କାରବାର, ବନ୍ଧୁକ କାରବାର ଭଳି ଅପରାଧମୂଳକ କାର୍ଯ୍ୟ କରୁଛନ୍ତି। ଏଥିରେ ଯୁବ ସମାଜ ବିପଥଗାମୀ ହେଉଛି। ନକଲି ଆଧାର କାର୍ଡ ଓ ପରିଚୟ ପତ୍ର ମଧ୍ୟ ତିଆରି କରୁଛନ୍ତି। ଏହାକୁ ରୋକା

**ନିଶା କାରବାର, ଜମି ହଡ଼ପରେ ଅନୁପ୍ରବେଶକାରୀ**

ନ ଗଲେ ଆଗାମୀ ଦିନରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହେବ। ଅନ୍ୟପକ୍ଷେ ସହରରେ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ରହିଥିଲେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ ଭିତ୍ତିଭୂମିର ଅଭାବ ରହିଛି। ଫଳରେ ଦୁର୍ଘଟଣା କିମ୍ବା ବାହାରେ ବୁଲୁଥିବା ଗୋ ମାତାଙ୍କୁ ଉତ୍ତମ ଚିକିତ୍ସା ମିଳିପାରୁ ନାହିଁ। ମହାନଗର ଆୟତନକୁ ଦେଖି ନୂତନ ପ୍ରାଣୀଧନ ଚିକିତ୍ସାଳୟ ଖୋଲିବା ସହ ଅନୁପ୍ରବେଶକାରୀଙ୍କ ଉପରେ ରୋକ ଲାଗାଇବାକୁ ଦାବି କରିଥିଲେ। ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ଜିଲା ସଂଯୋଜକ ଆଦିତ୍ୟ ପୁରୋହିତ, ଓମ ପ୍ରକାଶ ସ୍ୱାଇଁ, ଚନ୍ଦନ ମହାପାତ୍ର, ଅଟଳ ହାତୀ, ପ୍ରମୋଦ ଚାନ୍ଦ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବଜରଙ୍ଗଦଳ ପକ୍ଷରୁ ବାଇକ୍ ରାଲି ।

# ମୁହଁରେ କଳାପଟି ବାନ୍ଧି ଧାରଣା

**ଝାରସୁଗୁଡ଼ା ଅଫିସ,୧୪।୩**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅମାନବୀୟ କାର୍ଯ୍ୟକୁ ବିରୋଧକରି ଭାଜପା ତରଫରୁ ସତ୍ୟାଗ୍ରହ ଡାକରା ଦିଆଯାଇଥିଲା। ଝାରସୁଗୁଡା ଜିଲା ଭାଜପା ତରଫରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀମୂର୍ତ୍ତି ତଳେ ସତ୍ୟାଗ୍ରହ କରାଯାଇଥିଲା। ଆନ୍ଦୋଳନକାରୀ ମୁହଁରେ କଳାକପଡା ବାନ୍ଧି ଧାରଣାରେ ବସିଥିଲେ। ଏହି ଆନ୍ଦୋଳନ ୧୨ଟାରୁ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଭାଜପା ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନେଶ ଜୈନ, ଝାରସୁଗୁଡା




ମୁହଁରେ କଳାପଟି ବାନ୍ଧି ଧାରଣା ଦେଇଛନ୍ତି ଭାଜପା କର୍ମକର୍ତ୍ତା।

ପୌର ପରିଷଦ ଅଧକ୍ଷ ପ୍ରାର୍ଥୀ ତ୍ରିନାଥ ଗୁଆଲ, ନେତାଜୀ ପଟ୍ଟନାୟକ, ମହେନ୍ଦ୍ର କେଡିଆ, ସୋନୁ ଥିରାନୀ, ନିଖିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଚିଲିକା ବିଧାୟକ ଜଗଦେବ ଜଣେ ଜନପ୍ରତିନିଧି ହୋଇ ଅନେକ ସମୟରେ ଅସାମାଜିକ କାର୍ଯ୍ୟକଳାପ କରିଚାଲିଛନ୍ତି। ତାଙ୍କ ଉପରେ ବିଜେଡିର ନିୟନ୍ତ୍ରଣ ନାହିଁ। ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଜୋରଦାର କରିବ।

# ୩ ପୌର ପରିଷଦ ନିର୍ବାଚନରେ ୨୩୦ ପ୍ରାର୍ଥୀ

**ଝାରସୁଗୁଡ଼ା ଅଫିସ,୧୪।୩**

ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର, ଝାରସୁଗୁଡା ଓ ବେଲପାହାଡ଼ ପୌର ପରିଷଦରେ ଅଧ୍ୟକ୍ଷ ଓ କାଉନ୍‌ସିଲର ପଦ ପାଇଁ ସମୁଦାୟ ୨୫୪ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ଶେଷଦିନ ସୋମବାର ସୁଦ୍ଧା ୨ଜଣ ଅଧ୍ୟକ୍ଷ ପ୍ରାର୍ଥୀ ଓ ୨୨ଜଣ କାଉନ୍‌ସିଲର ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହର କରିନେଇଛନ୍ତି। ଫଳରେ ମଇଦାନରେ ୨୩୦ଜଣ ପ୍ରାର୍ଥୀ ରହିଛନ୍ତି। ଏଥିମଧ୍ୟରେ ୧୬ ଅଧ୍ୟକ୍ଷ ଓ ୨୧୪ କାଉନ୍‌ସିଲର ପ୍ରାର୍ଥୀ ରହିଛନ୍ତି। ଝାରସୁଗୁଡା ପୌର ପରିଷଦରୁ ୬, ବ୍ରଜରାଜନଗରରୁ ୧୪ ଓ ବେଲପାହାଡ ପୌର ପରିଷଦରୁ ୨ଜଣ କାଉନ୍‌ସିଲର ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଅଧ୍ୟକ୍ଷ ପ୍ରାର୍ଥୀଙ୍କ ମଧ୍ୟରେ ବେଲପାହାଡ ପୌର ପରିଷଦରୁ ୨ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେମାନେ ହେଲେ ସ୍ୱାଧୀନ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର ଓ କୁଳମଣି ସୁନା। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଏବେ ଝାରସୁଗୁଡା ପୌର ପରିଷଦରେ ଅଧ୍ୟକ୍ଷ ପଦପାଇଁ ୬ଜଣ ଓ କାଉନ୍‌ସିଲର ୭୯ପ୍ରାର୍ଥୀ, ବ୍ରଜରାଜନଗର ପୌର ପରିଷଦରେ ଅଧ୍ୟକ୍ଷ ପଦ ପାଇଁ ୫ଜଣ ଓ ୭୬ କାଉନ୍‌ସିଲର, ବେଲପାହାଡ ପୌର ପରିଷଦରେ ଅଧ୍ୟକ୍ଷ ପଦପାଇଁ ୫ଜଣ ଓ ୫୯କାଉନ୍‌ସିଲର ପ୍ରାର୍ଥୀ ରହିଛନ୍ତି।

# ଭାଜପା ପକ୍ଷରୁ ସତ୍ୟାଗ୍ରହ



ସତ୍ୟାଗ୍ରହରେ ସାମିଲ ହୋଇଥିବା ଦଳୀୟ ନେତୃବୃନ୍ଦ।

**କୁଚିଣ୍ଡା,୧୪।୩(ଡି.ଏନ.ଏ.)**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ବର୍ବରୋଚିତ କାଣ୍ଡ ପ୍ରତିବାଦରେ ସୋମବାର କୁଚିଣ୍ଡା ଭାଜପା ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ୨ଘଣ୍ଟିଆ ସତ୍ୟାଗ୍ରହ କରାଯାଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ, ନଗର ସଭାପତି କାହ୍ନୁଚରଣ ନାୟକ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ଅରୁଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହୋଇଥିବା ଆନ୍ଦୋଳନରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ବିଜେଡି ନିଲମ୍ବନ ନାମରେ ଘଣ୍ଟ ଘୋଡାଉଥିବା ଭାଜପା ଅଭିଯୋଗ କରିଛି।

# ଜଙ୍ଗଲ ନିଆଁ ସମ୍ପର୍କିତ ସଚେତନତା କର୍ମଶାଳା

**ନାକଟିଦେଉଳ,୧୪।୩(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଫରେଷ୍ଟ ସେକ୍ସନ ପକ୍ଷରୁ ରବିବାର ସ୍ଥାନୀୟ ଚମ୍ପାଲୀ ନଦୀ ନିକଟ ବନବିଭାଗ ନର୍ସରୀଠାରେ ଜଙ୍ଗଲ ନିଆଁ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନାକଟିଦେଉଳ ଫରେଷ୍ଟର ସଞ୍ଜୟ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଜଙ୍ଗଲ ନିଆଁର ଭୟାବହତା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଜଙ୍ଗଲରେ ନିଆଁ ଲାଗିବାର କାରଣ ସମ୍ପର୍କରେ କହିଥିଲେ। ଅତ୍ୟଧିକ ଖରା ଯୋଗୁ ଗଛକୁ ଗଛ ଘସି ହୋଇ ନିଆଁ ଲାଗିଥାଏ ଯାହାକି ବର୍ତ୍ତମାନ ବହୁତ କମ୍। ଅନ୍ୟଟି ମନୁଷ୍ୟକୃତ। ମହୁଲ ଫୁଲ



କର୍ମଶାଳାରେ ଉଦ୍‌ବୋଧନ ଦେଉଛନ୍ତି ଅତିଥି।

ସଂଗ୍ରହ, କେନ୍ଦୁପତ୍ର ତୋଳିବା, ବନ୍ୟଜନ୍ତୁ ଶିକାର, ସାଧାରଣରେ ସଚେତନତାର ଅଭାବ ଯୋଗୁ ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ ଗଛ ନଷ୍ଟ ହେଉଛି। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ଯଦି କୌଣସି ବ୍ୟକ୍ତି ଧରା ପଡ଼ନ୍ତି ତେବେ ଓଡ଼ିଶା ଜଙ୍ଗଲ ଆଇନ ଧାରା ୨୭ ଅନୁଯାୟୀ ୩ରୁ ୭ବର୍ଷ ଜେଲ ଯିବାର ଦଣ୍ଡ ବିଧାନ ରହିଛି। ଏହାଛଡା ଜଙ୍ଗଲରେ ନିଆଁ ଲଗାଉଥିବା ଲୋକଙ୍କ ସମ୍ପର୍କରେ ସୂଚନା ଦେଲେ ସୂଚନାଦାତାଙ୍କ ନାମ ଗୁପ୍ତ ରଖାଯିବା ସହ ତାଙ୍କୁ ୩ରୁ ୫ହଜାର ଟଙ୍କା ପୁରସ୍କାର ରାଶି ବନବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ରେଞ୍ଜ ଅଫିସର ବେହେରା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ସରାପାଲି ସରପଞ୍ଚ ଶିବାନୀ ବାରିକ, ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, ପୂର୍ବତନ ସରପଞ୍ଚ ପ୍ରାଣକୃଷ୍ଣ ପ୍ରଧାନ ଅତିଥି ଭାବେ ଯୋଗଦେଇ ବନାଗ୍ନି ନିରାକରଣ ଦିଗରେ ସମସ୍ତଙ୍କର ସହଯୋଗ ଏବଂ ବ୍ୟାପକ ସଚେତନତା କରାଯିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ବନବିଭାଗ ଫରେଷ୍ଟର ଅନୀଲ କିସାନ, ସ୍ୱପ୍ନେଶ୍ୱର ଦେହୁରି, ଠାକୁର ପ୍ରଧାନ, କେନ୍ଦୁପତ୍ର ବିଭାଗର ଫରେଷ୍ଟର ସବିତା ମିଶ୍ର, ସୁପ୍ରିୟା ପ୍ରଧାନ, ଫରେଷ୍ଟ ଗାର୍ଡ଼ ବଳରାମ ପ୍ରଧାନ, ଆମ ଜଙ୍ଗଲ ଯୋଜନାର ରାକେଶ ମହାନ୍ତି, ଶିବ ନାରାୟଣ ଭିଲାରଙ୍କ ସମେତ ୧୧ଟି ଜଙ୍ଗଲ ସୁରକ୍ଷା କମିଟିର କର୍ମକର୍ତ୍ତା ଓ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡ଼ର ଦେଶୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ଓଆଇଏଲ୍‌ର ସିଏମ୍‌ଡି ହେବେ ରଣଜିତ ରଥ**

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ କମ୍ପାନୀ ଅଏଲ ଇଣ୍ଡିଆ ଲିମିଟେଡ୍ (ଓଆଇଏଲ୍)ର ନୂଆ ସିଏମ୍‌ଡି ଭାବେ ରଣଜିତ ରଥଙ୍କୁ ଚୟନ କରାଯାଇଛି। ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକଶନ ବୋର୍ଡ(ପିଇଏସ୍‌ବି)ର ସୂଚନା ଅନୁଯାୟୀ ମିନେରାଲ ଏକ୍ସପ୍ଲୋରେଶନ୍ କର୍ପୋରେଶନ୍ ଲିମିଟେଡ୍ (ଏମ୍‌ଇସିଏଲ୍) ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଥିବା ରଥଙ୍କୁ ଏହି ପଦ ଲାଗି ଚୟନ କରାଯାଇଛି। ବର୍ତ୍ତମାନ ଅଏଲ ଇଣ୍ଡିଆର ସିଏମ୍‌ଡି ଭାବେ କାର୍ଯ୍ୟ କରୁଥିବା ସୁଶୀଲ କୁମାର ମିଶ୍ର ଚଳିତ ବର୍ଷ ୩୦ ଜୁନ୍‌ରେ ଅବସର ଗ୍ରହଣ କରିବେ। ତାଙ୍କ ସ୍ଥାନରେ ରଥ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।

# ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୦୭%

**ନୂଆଦିଲ୍ଲୀ,୧୪।୩ :**

ଗତ କିଛିଦିନ ହେବ ଅନେକ ସମସ୍ୟା ଯୋଗୁ ଭାରତରେ ସବୁ ସାମଗ୍ରୀର ଦର ବୃଦ୍ଧି ହୋଇଛି। ବିଶେଷକରି ଅତ୍ୟାବଶ୍ୟକ ଓ ଖାଦ୍ୟପଦାର୍ଥ ସାମଗ୍ରୀ ମହଙ୍ଗା ହେବାରୁ ଚଳିତ ବର୍ଷ ଫେବୃୟାରୀର ଖୁଚୁରା ମୁଦ୍ରାସ୍ଫୀତି ହାର ପୁଣିଥରେ ବୃଦ୍ଧି ପାଇଛି। ଚଳିତ ବର୍ଷର ଫେବୃୟାରୀ ମୁଦ୍ରାସ୍ଫୀତି ହାର ୬.୦୭%ରେ ପହଞ୍ଚିଛି। ସୋମବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ଚଳିତ ବର୍ଷ ଫେବୃୟାରୀରେ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ୬.୦୭%କୁ ବୃଦ୍ଧି ପାଇଛି। ଗତବର୍ଷ ଏହି ସମୟରେ ମୁଦ୍ରାସ୍ଫୀତି ହାର ୫.୦୩ % ରହିଥିଲା। ସେହିଭଳି ଖୁଚୁରା ମୁଦ୍ରାସ୍ଫୀତି ବର୍ତ୍ତମାନ ଭାରତୀୟ ରିଜର୍ଭ ବ୍ୟାଙ୍କ(



ଆର୍‌ବିଆଇ)ଙ୍କ ଧାର୍ଯ୍ୟ ସୀମା ୬% ଉପରେ ଲଗାତର ୨ୟ ଥର ପାଇଁ ରହିଛି। ଅପରପକ୍ଷରେ ଆର୍‌ବିଆଇଙ୍କ ଆଗାମୀ ମୁଦ୍ରାନୀତିରେ ଦେଶରେ ସୁଧହାର ପରିବର୍ତ୍ତନ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ସେହିପରି ଯଦି ନୀତି ସମୀକ୍ଷାରେ ଆର୍‌ବିଆଇ ସୁଧହାର ବୃଦ୍ଧି କରନ୍ତି ତେବେ ଲୋକଙ୍କ ଉପରେ ସରଳ ମାସିକ କିସ୍ତି (ଇଏମ୍‌ଆଇ) ବୋଝ ବଢ଼ିବ ବୋଲି ଆକଳନ କରାଯାଉଛି।

ଖାଉଟି ମୁଦ୍ରାସ୍ଫୀତି ହାର ବୃଦ୍ଧିରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ଉଚ୍ଚା ରହିବ ବୋଲି କୁହାଯାଉଛି। ବାର୍ଷିକ ଆଧାରରେ କେବଳ ଫେବୃୟାରୀରେ ଏହା ୧୬.୪୪% କୁ ପହଞ୍ଚିଯାଇଛି। ଏହାଛଡା ପନିପରିବା ଦରରେ ମଧ୍ୟ ୬.୧୩% ବୃଦ୍ଧି ଦେଖାଦେଇଛି। ଏହି ସମୟରେ ମାଛ, ମାଂସ ଦରରେ ୭.୪୫% ଓ ଅଣ୍ଡା ଦରରେ ୪.୧୫% ବୃଦ୍ଧି ଘଟିଛି। ଖାଦ୍ୟଶସ୍ୟ ଉତ୍ପାଦନରେ ୩.୯୫% ଏବଂ ଚିନି ଓ କନ୍‌ଫେକ୍ସନାରିରେ ୫.୪୧% ପର୍ଯ୍ୟନ୍ତ ଅଭିବୃଦ୍ଧି ହୋଇଛି। ଖାଦ୍ୟପେୟ ସାମଗ୍ରୀ ବ୍ୟତୀତ ଇନ୍ଧନ ଓ ବିଦ୍ୟୁତ୍ ଶକ୍ତିରେ ୮.୭୩%, ବସ୍ତ୍ର ଓ ଜୋତାରେ ୮.୮୬%, ଆବାସ କ୍ଷେତ୍ରରେ ୩.୫୭% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଚଳିତ ବର୍ଷ ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିବାର ଯେଉଁ କାରଣ ଦେଖାଯାଇଛି ତାହା ହେଉଛି ଖାଦ୍ୟ ଉତ୍ପାଦର ମୂଲ୍ୟ ବୃଦ୍ଧି। ଗତ ମାସରେ ଖାଦ୍ୟ ଉତ୍ପାଦ ଦରରେ ୫.୮୯% ବୃଦ୍ଧି ହୋଇଥିଲା, ଯାହା ଜାନୁୟାରୀରେ ୫.୪୩% ପର୍ଯ୍ୟନ୍ତ ବଢ଼ିଥିଲା।

## ସଂକ୍ଷେପରେ

### ସ୍ୱାଭାବିକ ହେଉଛି ଦେଶର ବିମାନ ସେବା

**ନୂଆଦିଲ୍ଲୀ,୧୪।୩ :** ବର୍ତ୍ତମାନ ଦେଶର ବିମାନ ସେବା କୋଭିଡ୍‌ର ପୂର୍ବ ସ୍ଥିତିକୁ ଫେରିଆସିଛି। ଏପରିକି ଏୟାର ଟ୍ରାଫିକ ସେବା ମଧ୍ୟ ବର୍ତ୍ତମାନ ସ୍ୱାଭାବିକ ହୋଇଯାଇଛି। ସୋମବାର ଏ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ରାଜ୍ୟ ସଭାରେ ଏଭଳି ତଥ୍ୟ ଉପସ୍ଥାପନ କରିଛନ୍ତି। ସେହିଭଳି କୋଭିଡ୍ ପୂର୍ବରୁ ଦେଶରେ ଦୈନିକ ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୪ ଲକ୍ଷ ଥିଲାବେଳେ ଗତ ଡିସେମ୍ବର ସୁଦ୍ଧା ଏହା ୩.୮୩ ଲକ୍ଷ ହୋଇଥିବା ଜଣାପଡ଼ିଛି। ବିଶେଷକରି ମହାମାରୀ ପୂର୍ବସ୍ତରରୁ ମାତ୍ର ୫ରୁ ୬% ପଛରେ ରହିଛୁ ବୋଲି ମନ୍ତ୍ରୀ ସଂସଦରେ ସୂଚନା ଦେଇଛନ୍ତି। କୋଭିଡ୍-୧୯ କାରଣରୁ ଏହି କ୍ଷେତ୍ର ସମ୍ମୁଖୀନ ହୋଇଥିବା ଜଟିଳତା ସମ୍ପର୍କରେ ମଧ ଉଲ୍ଲେଖ କରି ସିନ୍ଧିଆ କହିଛନ୍ତି , ଏହି କ୍ଷେତ୍ର ଆର୍ଥିକ ଭାବରେ ବେଶ୍ ଗୁରୁତର ପ୍ରଭାବିତ ହୋଇଛି। କୋଭିଡ୍‌ର ତୃତୀୟ ଲହର ବେଳକୁ ଦେଶର ଦୈନିକ ବିମାନ ଯାତ୍ରୀଙ୍କ ସଂଖ୍ୟା ୧.୬୦ଲକ୍ଷକୁ ଖସି ଆସିଥିଲା। ତେବେ ଚଳିତ ବର୍ଷ ମାର୍ଚ୍ଚ ୧୩ ତାରିଖ ସୁଦ୍ଧା ଦୈନିକ ବିମାନ ଯାତ୍ରୀଙ୍କ ସଂଖ୍ୟା ୩.୮୩ ଲକ୍ଷରେ ପହଞ୍ଚିଥିବା ସୂଚନା ରହିଛି।

### ଫେବୃୟାରୀରେ ରପ୍ତାନି ହାର ୨୫.୧%

**ନୂଆଦିଲ୍ଲୀ,୧୪।୩ :** ଦେଶର ପ୍ରମୁଖ ରପ୍ତାନି ସାମଗ୍ରୀ ଇଞ୍ଜିନିୟରିଂ, ପେଟ୍ରୋଲିୟମ ଏବଂ ରସାୟନ ପରି କ୍ଷେତ୍ର ଉନ୍ନତ ପ୍ରଦର୍ଶନ କରିଛି। ଫଳରେ ଦେଶର ରପ୍ତାନି ଫେବୃୟାରୀରେ ୨୫.୧% ବଢ଼ି ୩୪.୫୭ ବିଲିୟନ ଡଲାରରେ ପହଞ୍ଚିଛି। ସୋମବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ଫେବୃୟାରୀର ବାଣିଜ୍ୟ ନିଅଣ୍ଟ ବଢ଼ି ୨୦.୮୮ ବିଲିୟନ ଡଲାରରେ ପହଞ୍ଚିଛି। ଫେବୃୟାରୀରେ ଆମଦାନୀ ୩୬% ବୃଦ୍ଧି ପାଇ ୫୫.୪୫ ବିଲିୟନ ଡଲାରରେ ପହଞ୍ଚିଥିଲା। ଏଥିରେ ପେଟ୍ରୋଲିୟମ ଏବଂ ଅଶୋଧିତ ତୈଳର ଆମଦାନୀ ୬୯% ବଢ଼ି ୧୫.୨୮ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୧ ଫେବୃୟାରୀରେ ବାଣିଜ୍ୟ ନିଅଣ୍ଟ ୧୩.୧୨ ବିଲିୟନ ଡଲାର ରହିଥିଲା।

# ଏନ୍.ଚନ୍ଦ୍ରଶେଖରନ ଏୟାର ଇଣ୍ଡିଆ ଚେୟାରମ୍ୟାନ

**ନୂଆଦିଲ୍ଲୀ, ୧୪।୩**



ଟାଟା ସନ୍ସର ମୁଖ୍ୟ ନଟରାଜ ଚନ୍ଦ୍ରଶେଖରନ ଏୟାର ଇଣ୍ଡିଆର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଟାଟା ଗ୍ରୁପ୍ ପକ୍ଷରୁ ସୋମବାର ଏନେଇ ଘୋଷଣା କରାଯାଇଛି। କିଛିଦିନ ତଳେ ତୁର୍କୀ ଏୟାରଲାଇନ୍ସର ପୂର୍ବତନ ଚେୟାରମ୍ୟାନ ଇଲ୍‌କର ଅୟସିଙ୍କୁ ଏୟାର ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ପରିଚାଳନା ନିର୍ଦ୍ଦେଶକ ଭାବେ ଟାଟା ଗ୍ରୁପ୍ ପକ୍ଷରୁ ଅଫର ଦିଆଯାଇଥିଲା। କିନ୍ତୁ ଏହାକୁ ଭାରତରେ ବହୁ ବିରୋଧ କରାଯାଇଥିଲା। ଫଳରେ ଟାଟାର ଏୟାର ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ହେବାକୁ ଇଲ୍‌କର ଅୟସି ମନା କରିଦେଇଥିଲେ। ଟାଟା ସନ୍ସ ଅଧୀନରେ ୧୦୦ରୁ ଉର୍ଦ୍ଧ୍ୱ ଟାଟା ଅପରେଟିଂ କମ୍ପାନୀ କାର୍ଯ୍ୟକରୁଛି। ଏନ୍. ଚନ୍ଦ୍ରଶେଖରନ ୨୦୧୬ ଅକ୍ଟୋବରରେ ଟାଟା ସନ୍ସ ବୋର୍ଡରେ ଯୋଗଦେଇଥିଲେ ଏବଂ ୨୦୧୭ ଜାନୁୟାରୀରେ ଟାଟା ସନ୍ସର ଚେୟାରମ୍ୟାନ ନିଯୁକ୍ତ ହୋଇଥିଲେ। ଟାଟା ଷ୍ଟିଲ୍, ଟାଟା ମୋଟର୍ସ, ଟାଟା ପାୱାର, ଟାଟା କନ୍ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ଭଳି କେତେକ ଗ୍ରୁପ୍ ଅପରେଟିଂ କମ୍ପାନୀର ବୋର୍ଡଗୁଡ଼ିକରେ ଚନ୍ଦ୍ରଶେଖରନ ରହିଛନ୍ତି। ତାମିଲନାଡୁର ନମକ୍କଲ ଜିଲା ମୋହନୁର ଗ୍ରାମରେ ୧୯୬୩ ଜୁନ୍ ୨ରେ ଜନ୍ମଗ୍ରହଣ କରିଥିବା ଚନ୍ଦ୍ରଶେଖରନ ୧୯୮୬ରେ ଏମ୍‌ସିଏ ଡିଗ୍ରୀ ହାସଲ କରିଥିଲେ। ୧୯୮୭ରେ ସେ ଟିସିଏସ୍‌ରେ ଯୋଗଦେଇଥିଲେ। ୨୦୦୯ ଅକ୍ଟୋବର ୬ରେ ସେ ଟିସିଏସ୍‌ର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୬ ଅକ୍ଟୋବର ୨୫ରେ ସେ ଟିସିଏସ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ଟାଟା ସନ୍ସ ବୋର୍ଡର ଅତିରିକ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ପରେ ପ୍ରଥମ ଅଣପାର୍ସୀ ଚନ୍ଦ୍ରଶେଖରନ ଟାଟା ଗ୍ରୁପ୍‌ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# 'ସଚ୍ଚି ସହେଲୀ'ର ମେରା ଗିଫ୍ଟ ଅଭିଯାନ

**ନୂଆଦିଲ୍ଲୀ,୧୪।୩:**

ଦେଶର ପ୍ରମୁଖ ଆୟୁର୍ବେଦିକ୍ କମ୍ପାନୀ ଦିବିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସାରା ଦେଶର ମହିଳାଙ୍କ ପାଇଁ 'ମେରା ଗିଫ୍ଟ' ଅଭିଯାନ୍ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏହିପରି ପରିପ୍ରେକ୍ଷୀରେ ବିଭିନ୍ନ ଗଣମାଧ୍ୟମରେ ଏନେଇ ଆଗୁଆ ସୂଚନା ପ୍ରଦାନ କରାଯାଇଥିଲା। ଉକ୍ତ ଅଭିଯାନରେ ସାମିଲ୍ ହୋଇ ଉପହାର ପାଇବା ପାଇଁ ମହିଳାମାନେ କମ୍ପାନୀ ଦ୍ୱାରା ଦିଆଯାଇଥିବା କ୍ୟୁଆର୍ କୋଡ୍ ସ୍କାନ୍ କରିଥିଲେ ଏବଂ ସେମାନଙ୍କୁ ସଚ୍ଚି ସହେଲୀର ଆୟୁର୍ବେଦିକ୍ ଟନିକ୍ ବୋତଲ ପୁରସ୍କାର ଦିଆଯାଇଥିଲା। ଏ ସମ୍ପର୍କରେ କମ୍ପାନୀ ପ୍ରତିନିଧି ସୋନିଆ ବଜାଜ କହିଛନ୍ତି, ଏହି ଅଭିଯାନ ମାର୍ଚ୍ଚ ୮ ତାରିଖ ସକାଳ ୧୨.୦୧ ଘଟିକାରୁ ଆରମ୍ଭ ହୋଇଥିଲା। ଏହାର କିଛି ସମୟ ମଧ୍ୟରେ ଅନେକ ମହିଳା କମ୍ପାନୀର




ୱେବ୍‌ସାଇଟ୍ ଭିଜିଟ୍ କରିଥିବା ଦେଖିବାକୁ ମିଳିଥିଲା। କମ୍ପାନୀକୁ ପ୍ରତି ମିନିଟ୍‌ରେ ହଜାର ହଜାର ସଂଖ୍ୟକ ଅର୍ଡର ମିଳିଥିଲା। ଫଳରେ ଦିନ୨ଟା ବେଳେ ଅପ୍ରତ୍ୟାଶିତ କାରଣରୁ ଅଫର ବନ୍ଦ କରିବାକୁ ପଡ଼ିଥିଲା ବୋଲି ବଜାଜ କହିଛନ୍ତି। ଏହି ଅଭିଯାନ ଜରିଆରେ ମଗାଯାଇଥିବା ଜିନିଷ ନିଃଶୁଳ୍କ ଥିଲା। ବିଶେଷ କରି ମହିଳା ଦିବସ ଅବସରରେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ

**୧,୧୬,୨୪୧ ମହିଳାଙ୍କୁ ମାଗଣା ଉପହାର**

ଥିବା ମହିଳାମାନେ ସଚ୍ଚି ସହେଲୀ ଆୟୁର୍ବେଦିକ୍ ଟନିକ୍ ଅର୍ଡର କରିଥିଲେ। ଏହି ଅବସରରେ ମୋଟ ୧,୧୬,୨୪୧ ଉପହାର ମହିଳାମାନଙ୍କୁ ପଠାଯାଇଥିଲା। ସଚ୍ଚି ସହେଲୀ ପ୍ରତି ମହିଳାମାନଙ୍କର ବିଶ୍ୱାସ ଅତୁଟ ରହିଛି। ଦେଶର କୋଣ ଅନୁକୋଣରେ ମହିଳାମାନେ ଏହାର ସେବନ କରୁଥିବା ଉକ୍ତ ଅଭିଯାନରୁ ପ୍ରମାଣିତ ବୋଲି ବଜାଜ୍ ମତବ୍ୟକ୍ତ କହିଛନ୍ତି। କମ୍ପାନୀର ସଚ୍ଚି ସହେଲୀ ଆୟୁର୍ବେଦିକ୍ ଟନିକ୍ ୬୭ ପ୍ରାକୃତିକ ଜଡ଼ିବୁଟିର ମିଶ୍ରଣରେ ତିଆରି। ଏହା ଅଣ୍ଟାବିନ୍ଧା, ଦୁର୍ବଳ ଲାଗିବା, ଚିଡ଼ିଚିଡ଼ାପଣ ଇତ୍ୟାଦି ଦୂର କରିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଭାରତୀୟ ଅଭିନେତ୍ରୀ ରବିନା ଟଣ୍ଡନ ଏହାର ଜଣେ ନିୟମିତ ବ୍ୟବହାର କାରି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ତୈଳ ଭାଟ୍ କମେଇନାହାନ୍ତି ୯ ରାଜ୍ୟ

**ନୂଆଦିଲ୍ଲୀ,୧୪।୩**

ମହାରାଷ୍ଟ୍ର ଏବଂ କେରଳ ସମେତ ୯ଟି ରାଜ୍ୟ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ମୂଲ୍ୟ ବର୍ଦ୍ଧିତ କର(ଭ୍ୟାଟ୍) କମ୍ କରିନଥିବା କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ସୋମବାର ରାଜ୍ୟସଭାରେ କହିଛନ୍ତି। ରାଜ୍ୟସଭାର ପ୍ରଶ୍ନକାଳ ସମୟରେ ବିଜେପିର ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ ଯେ, ବିଭିନ୍ନ ରାଜ୍ୟରେ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଥିବା ଭ୍ୟାଟ୍ ହ୍ରାସ କରାଯାଇନାହିଁ। ଏଥିସହିତ ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ କେରଳର ଏହାର ଦର ଅଧିକ ରହିଛି ବୋଲି ସେ କହିଥିଲେ। ପ୍ରଶ୍ନର ଉତ୍ତର ରଖି ପୁରୀ କହିଥିଲେ ଯେ, ତୈଳ ଦର ହ୍ରାସ କରିବା ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରିଛୁ। ନଚେତ୍ ଆଜି ପେଟ୍ରୋଲ୍ ଏବଂ ଡିଜେଲ୍ ଦର ବହୁତ ଅଧିକ ହୋଇଥା'ନ୍ତା। ତେବେ ୯ଟି ରାଜ୍ୟ ବର୍ତ୍ତମାନ ସୁଦ୍ଧା ଭ୍ୟାଟ୍ ହ୍ରାସ କରିନଥିବା ପୁରୀ କହିଛନ୍ତି।

# ଅତିରିକ୍ତ ଖର୍ଚ୍ଚ ପାଇଁ ମଞ୍ଜୁରୀ ଆବେଦନ

**ନୂଆଦିଲ୍ଲୀ,୧୪।୩**



ସରକାରଙ୍କ ପକ୍ଷରୁ ସୋମବାର ଚଳିତ ଆର୍ଥିକ ବର୍ଷର ଥାର୍ଡ ବ୍ୟାଚ୍ ଅନୁପୂରକ ଚାହିଦା ପାଇଁ ୧୫,୦୦୦କୋଟି ଟଙ୍କାର ଫର୍ଟିଲାଇଜର ସବ୍‌ସିଡି ସହିତ ୧.୦୭ଲକ୍ଷ କୋଟିର ଅତିରିକ୍ତ ଖର୍ଚ୍ଚ ପାଇଁ ପାର୍ଲାମେଣ୍ଟଠାରୁ ମଞ୍ଜୁରୀ ଆବେଦନ ହୋଇଛି। ଲୋକ ସଭାରେ ଏହି ଅତ୍ୟଧିକ ଖର୍ଚ୍ଚର ଥାର୍ଡ ବ୍ୟାଚ୍ ଅନୁପୂରକ ଚାହିଦା ପାଇଁ ୧.୫୮ଲକ୍ଷ କୋଟିରୁ ଅଧିକ ଟଙ୍କା ମଞ୍ଜୁରୀ ଲାଗି ଆବେଦନ ହୋଇଛି। ଏଥିରୁ ୧.୦୭ ଲକ୍ଷ କୋଟି ଟଙ୍କାର ସର୍ବ ମୋଟ୍ ଅର୍ଥ ବ୍ୟୟ ଏବଂ ମନ୍ତ୍ରଣାଳୟର ସଞ୍ଚିତ ଅର୍ଥ ସହ ମେଳ ଖାଉଥିବା ସର୍ବମୋଟ୍ ଅତିରିକ୍ତ ବ୍ୟୟ ୫୦,୯୪୬ କୋଟି ଟଙ୍କାରୁ ଅଧିକ ରହିଛି। ସରକାରଙ୍କ ପକ୍ଷରୁ ଫର୍ଟିଲାଇଜର ସବ୍‌ସିଡି ପାଇଁ ୧୪,୯୨୦ କୋଟି ଏବଂ ନ୍ୟାଶନାଲ ବ୍ୟାଙ୍କର ଫାଇନାନ୍ସିଂ ଭିତ୍ତିଭୂମି ଏବଂ ବିକାଶ ପାଇଁ ୧୩,୦୪୯କୋଟି ଟଙ୍କାର ଅନୁମତି ମଗାଯାଇଛି।

**ଫୁର୍‌ସତ୍**

# ସଚେତନତା ହିଁ ସୁରକ୍ଷା

**ବିଶ୍ୱ ଗ୍ରାହକ ଅଧିକାର ଦିବସ**

ପ୍ରତିଦିନ ଆମେ ବିଭିନ୍ନ ଖାଦ୍ୟପଦାର୍ଥ ଅବା ଦୈନନ୍ଦିନ ଜୀବନରେ ଉପଯୋଗୀ ସାବ୍ୟସ୍ତ ହେଉଥିବା ସାମଗ୍ରୀ ବ୍ୟବହାର କରିଥାଉ। ତେବେ ଏସବୁ ସାମଗ୍ରୀ କେତେଦୂର ସୁରକ୍ଷିତ ସେ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱ ଗ୍ରାହକ ସଚେତନତା ଦିବସ ବା ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପ୍ରତିବର୍ଷ ମାର୍ଚ୍ଚ ୧୫ରେ ପାଳନ କରାଯାଇଥାଏ। ଗ୍ରାହକମାନେ ଯେଭଳି କୌଣସି ଠକାମିର ଶିକାର ନ ହେବେ ସେଥି ପାଇଁ ଏହି ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଯାଇଥାଏ।

ବିଶ୍ୱ ଗ୍ରାହକ ଅଧିକାର ଦିବସ ଗ୍ରାହକଙ୍କ ଅଧିକାର ଏବଂ ଆବଶ୍ୟକତା ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବାର ମାଧ୍ୟମ ଭାବରେ



କାର୍ଯ୍ୟ କରିଥାଏ। ସମସ୍ତ ଗ୍ରାହକଙ୍କର ଅଧିକାରକୁ ସମ୍ମାନ ଏବଂ ସୁରକ୍ଷା ଦିଆଯାଉ ବୋଲି ଦାବି କରିବା ଏବଂ ବଜାରର ନକଲି ସାମଗ୍ରୀର ବିକ୍ରି ବନ୍ଦ ଏବଂ ସାମାଜିକ ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା କାର୍ଯ୍ୟ ମଧ୍ୟ କରିଥାଏ। ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ସେ ୧୯୬୨ ମାର୍ଚ୍ଚ ୧୫ରେ ଆମେରିକା କଂଗ୍ରେସକୁ ଏକ ସ୍ୱତନ୍ତ୍ର ବାର୍ତ୍ତା ପଠାଇଥିଲେ। ଯେଉଁଥିରେ ସେ ଉପଭୋକ୍ତା ଅଧିକାର ପ୍ରସଙ୍ଗକୁ ଆନୁଷ୍ଠାନିକ ଭାବେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେ ଏହା କରିବାରେ ପ୍ରଥମ ବିଶ୍ୱ ନେତା ଥିଲେ। ଉପଭୋକ୍ତା ଆନ୍ଦୋଳନ ଅନ୍ତର୍ଗତ ପ୍ରଥମେ ୧୯୮୩ ମାର୍ଚ୍ଚ ୧୫ରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# 'ଅପୂର୍ବା'ରେ ତାରା



ତାରା ସୁତାରିଆ

**ମୁମ୍ବାଇ:** ମୁରାଦ ଖେତାନିଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ବଲିଉଡ୍ ଫିଲ୍ମ 'ଅପୂର୍ବା'ରେ ଅଭିନୟ କରିବେ ତାରା ସୁତାରିଆ। ଅପୂର୍ବା ଏକ ନାରୀକୈନ୍ଦ୍ରିକ ଫିଲ୍ମ ହୋଇଥିବାବେଳେ ପ୍ରଥମ ଥର ପାଇଁ ତାରା ଏଭଳି ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ଫିଲ୍ମଟି ଯଦି ବକ୍ସ ଅଫିସରେ ସଫଳ ହୁଏ ତେବେ ତାରାଙ୍କ କ୍ୟାରିୟର ପାଇଁ ଏହା ଏକ ବଡ଼ ଟର୍ନିଂପଏଣ୍ଟ ସାବ୍ୟସ୍ତ ହେବ। 'କବୀର ସିଂ' ଫେମ୍ କିଆରା ଆଡଭାନୀ 'ଅପୂର୍ବା'ରେ କାମ କରିବା ନେଇ ଗୁଜବ ଶୁଣିବାକୁ ମିଳୁଥିବାବେଳେ ବର୍ତ୍ତମାନ ଏହାଉପରୁ ପରଦା ହଟିଛି। ସୂଚନାଯୋଗ୍ୟ, ଆଶୁତୋଷ ଗୋୱାରିକରଙ୍କ ପ୍ରଯୋଜିତ ଫିଲ୍ମ 'କରମ କୁମାର' ଫିଲ୍ମରେ କାମ କରିବା ପାଇଁ କିଆରା ସାଇନ୍ କରିସାରିଛନ୍ତି। ଏହି ଫିଲ୍ମ ଜଣାଶୁଣା 'ଲିଜତ ପାମ୍ପଡ଼' ମାଲିକାଣୀ ଯଶବନ୍ତୀବେନ୍ ଜମନାଦାସ ପୋପଟଙ୍କ ଜୀବନୀ ଉପରେ ଆଧାରିତ। ଯଶବନ୍ତୀବେନ୍‌ଙ୍କ ସଂଘର୍ଷକୁ ନେଇ ଫିଲ୍ମର କାହାଣୀ ତିଆରି ହେବ। ଗୋଟିଏ ନାରୀକୈନ୍ଦ୍ରିକ ଫିଲ୍ମ ସାଇନ୍ କରିଥିବାରୁ ସେ ଅପୂର୍ବାରେ କାମ କରିବା ପାଇଁ ମନା କରିଦେଇଥିବା କୁହାଯାଉଛି। 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨' ଜରିଆରେ ତାରା ବଲିଉଡ୍‌ର ଏଣ୍ଟ୍ରି କରିଥିଲେ। ଶେଷଥର ପାଇଁ ତାରା 'ତଡପ'ରେ ନଜର ଆସିଥିଲେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଭିନୟ କରିଥିଲେ ଆହାନ ସେଟ୍ଟୀ।

# 'ପାୱାର ଅଫ୍ ଦ ଡଗ୍' ଶ୍ରେଷ୍ଠ ଫିଲ୍ମ



**ଲଣ୍ଡନ**

**ବ୍ରିଟିଶ୍ ଏକାଡେମି ଫିଲ୍ମ ଆୱାର୍ଡ**

ଲଣ୍ଡନର ରୟାଲ୍ ଆଲବର୍ଟ ହଲ୍‌ରେ ରବିବାର ୭୫ତମ ବ୍ରିଟିଶ୍ ଏକାଡେମି ଫିଲ୍ମ ଆୱାର୍ଡ (ବିଏଏଫ୍‌ଟିଏ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ଦି ପାୱାର ଅଫ୍ ଦ ଡଗ୍'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ହଲିଉଡ୍ ଆକ୍ଟର ୱିଲ୍ ସ୍ମିଥ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ନ୍ୟୁଜିଲାଣ୍ଡ ଫିଲ୍ମ ନିର୍ମାତା ଜେନ୍ କାମ୍ପିଓନଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ୨୦୨୧ରେ ରିଲିଜ୍ ହୋଇଥିବା ହଲିଉଡ୍ ସାଇନ୍ସ ଫିକ୍ସନ୍ ଫିଲ୍ମ 'ଡ୍ୟୁନ୍'କୁ ୫ ଗୋଟି ଆୱାର୍ଡ ମିଳିଛି। କରୋନା କାରଣରୁ ଗତବର୍ଷ ଭର୍ଚୁଆଲ ମୋଡ୍‌ରେ ବିଏଏଫ୍‌ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିହାରର ସ୍ପାଇଡର୍ ଗର୍ଲସ୍

**ପାଟଣା:** ଚଳଚ୍ଚିତ୍ରରେ ଆମେ ସମସ୍ତେ ସ୍ପାଇଡରମ୍ୟାନ୍‌ଙ୍କୁ ଦେଖିଛେ। କହିବାକୁ ଗଲେ ଛୋଟ ପିଲା ସ୍ପାଇଡରମ୍ୟାନ୍‌କୁ ଦେଖିବାକୁ ପସନ୍ଦ କରନ୍ତି। କିନ୍ତୁ ଫିଲ୍ମରେ ସ୍ପାଇଡରମ୍ୟାନ୍ ଟ୍ରେନ୍ ଅଟକାଇଦେବା, କାନ୍ଥ ଚଢିବା ଆଦି କାମ ସବୁ କମ୍ପ୍ୟୁଟର ଜରିଆରେ କରାଯାଇଥାଏ। କିନ୍ତୁ ଅବିକଳ ସ୍ପାଇଡରମ୍ୟାନ୍ ଭଳି ବିନା ସପୋର୍ଟରେ କାନ୍ଥ ଚଢୁଛନ୍ତି ୨ ଭଉଣୀ ଅନ୍ୱିତା ଓ କ୍ରିପିତା। ଘର ତାଙ୍କର ବିହାର ରାଜଧାନୀ ପାଟଣାରେ । ୧୨ ବର୍ଷୀୟ ଅନ୍ୱିତା ଓ ୯ ବର୍ଷର ଭଉଣୀ କ୍ରିପିତା ବିନା ସପୋର୍ଟରେ କାନ୍ଥ ଚଢୁଛନ୍ତି। ଘର ଲୋକ ଏ କାମ ପାଇଁ ଯେତେ ବାରଣ କରୁଥିଲେ ସୁଦ୍ଧା ଦୁଇ ଭଉଣୀ କାନ୍ତ ଚଢ଼ିବ ଅଭ୍ୟାସ ଜାରି ରଖିଛନ୍ତି। ଯେତେବେଳେ ବାପା ମା' କାମରେ ବାହାରକୁ ଚାଲିଯାନ୍ତି ସେତେବେଳେ ଦୁହେଁ କାନ୍ଥ ଚଢ଼ିବା ଅଭ୍ୟାସ କରନ୍ତି। ନିକଟରେ ଦୁଇ ଭଉଣୀଙ୍କର ଏକ ଭିଡିଓ



**ବିନା ସହାୟତାରେ ଚଢୁଛନ୍ତି କାନ୍ଥ**

ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ସେମାନେ ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଏକ ମାର୍ବଲ କାନ୍ଥ ଚଢୁଥିବାର ଦେଖିବାକୁ ମିଳିଥିଲା। ଭିଡିଓଟିକୁ ୟୁଜର ଖୁବ୍ ପସନ୍ଦ କରିଛନ୍ତି। ଭବିଷ୍ୟତରେ ହିମାଳୟ ପର୍ବତ ଶିଖର ଛୁଇଁ ବିଶ୍ୱ ରେକର୍ଡ କରିବା ପାଇଁ ଇଚ୍ଛା ଥିବା ଅନ୍ୱିତା କହିଛନ୍ତି। ଅନ୍ୱିତା ଓ କ୍ରିପିତାଙ୍କ ପ୍ରତିଭା ପାଇଁ ବାପା ଅଜିତ୍ କୁମାର ଗୁପ୍ତା ଓ ମା' ସଙ୍ଗୀତା ବେଶ୍ ଖୁସି ଥିବା ଜଣାପଡ଼ିଛି।

# ଲମ୍ବା କେଶର ଗାଁ

**ହଙ୍କା:** ଅନେକ ଲୋକ ଲମ୍ବା କେଶ ରଖିବାକୁ ପସନ୍ଦ କରିଥାନ୍ତି। ହେଲେ ଏପରି ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ କି ଗୋଟେ ଗାଁର ସମସ୍ତେ ଲମ୍ବା କେଶ ରଖିବାକୁ ପସନ୍ଦ କରନ୍ତି। ଫଳରେ ସେହି ଗାଁଟି 'ଲମ୍ବା ଚୁଟି ଥିବା ଗାଁ' ଭାବରେ ଗିନିଜ୍ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ଚାଇନାର ହୁଆଙ୍ଗଲୁଅ ୟାଓ ନାମକ ଗାଁଟି ନଦୀ କୂଳରେ ଅବସ୍ଥିତ। ଉକ୍ତ ଗ୍ରାମରେ ରେଡ୍ ୟାଓ ଲୋକ ରୁହନ୍ତି। ଏଠାକାର ମହିଳା ନିଜର ଲମ୍ବା, କଳା ଏବଂ ଘନ କେଶ ପାଇଁ ଜଣାଶୁଣା। ସେଥିପାଇଁ ଉକ୍ତ ଗାଁକୁ ମହିଳାଙ୍କୁ 'ଡିଜନି ପ୍ରିନ୍ସେସ୍' ବୋଲି କୁହାଯାଏ। ଏଠାକାର ମହିଳାମାନେ ସାଧାରଣତଃ ୫ ଫୁଟ ପର୍ଯ୍ୟନ୍ତ ଲମ୍ବା ଚୁଟି ରଖିଥାନ୍ତି। ହେଲେ ୨୦୦୪ରେ ସେଠାକାର ଜଣେ ମହିଳା ୭ଫୁଟ ଲମ୍ବର ଚୁଟି ରଖି ରେକର୍ଡ କରିଥିଲେ। ମହିଳାମାନେ ନିଜ ଲମ୍ବା ଚୁଟି ପାଇଁ ଘରୋଇ ଶାମ୍ପୁ ତିଆରି କରି ବ୍ୟବହାର କରିଥାନ୍ତି।



# ଆଜାଦୀ କା ଅମୃତ ମହୋତ୍ସବ ସମାରୋହ ଉଦ୍‌ଘାଟିତ

- ଉଦ୍‌ଘାଟନୀ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ପରିବେଷଣ
- ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଆୟୋଜିତ

ସୁନ୍ଦରଗଡ଼, ୧୪।୩ (ଡି.ଏନ୍.ଏ)

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ସପ୍ତାହବ୍ୟାପୀ ପାଳନ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ସମାରୋହ ୧୯ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଏନ୍‌ଟିପିସିର ପ୍ରୋଜେକ୍ଟ ଡାଇରେକ୍ଟର ଉଜ୍ଜଳକାନ୍ତ ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପର ଚିଫ୍ ଜେନେରାଲ ମ୍ୟାନେଜର ଏ.କେ. ସାମେୟାର ଓ ଅନ୍ୟାନ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ପ୍ରଦର୍ଶନୀର ବିଭିନ୍ନ ଷ୍ଟଲରେ ଏନ୍‌ଟିପିସି ପ୍ରକଳ୍ପରୁ ଜିରୋ ମେଗାୱାଟରୁ ୬୮.୫୦୦ମେଗା ୱାଟ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ତାପଜ ବିଦ୍ୟୁତ୍ ଉତ୍ପାଦନର ସଫଳତାର ଯାତ୍ରା ସମ୍ପର୍କରେ ପ୍ରଦର୍ଶିତ ହେବା ସହ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବିସ୍ଥାପିତ ତଥା ପୁନର୍ବାସ ଓ ଥଇଥାନ କଲୋନୀର ସମୃଦ୍ଧକଳା ସଂସ୍କୃତି ଓ ହସ୍ତଶିଳ୍ପ କଳାକୃତିଗୁଡ଼ିକୁ ଉପଯୁକ୍ତ ପ୍ରୋତ୍ସାହନ ପାଇଁ ମଧ୍ୟ ପ୍ରଦର୍ଶିତ କରାଯାଇଛି। ଏଥିସହ ବାଲୁକାଶିଳ୍ପୀମାନଙ୍କ ବାଲୁକା କଳାକୃତିରେ ଏନ୍‌ଟିପିସିର ଗୌରବମୟ ଗାଥାକୁ ପ୍ରଦର୍ଶିତ କରାଯିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକକଳା ଓ ସଂସ୍କୃତିକୁ ପରିବେଷଣ କରାଯାଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ନୃତ୍ୟ ଲୋକଙ୍କ ମନମୋହିଥିଲା। ଏହି କାର୍ଯ୍ୟକ୍ରମରେ ଦର୍ଲିପାଲି ଓ ଏହାର ଆଖପାଖ ଗ୍ରାମଗୁଡ଼ିକର ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଅଂଶଗ୍ରହଣ କରିଛନ୍ତି।



ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

## ସଂକ୍ଷେପରେ

### ଶିବ ମନ୍ଦିର ଗର୍ଭ ମୁଦ, ରତ୍ନ ମୁଦ କାର୍ଯ୍ୟ ସମ୍ପୂର୍ଣ୍ଣ



ଦେବଗଡ଼, ୧୪।୩(ଡି.ଏନ୍.ଏ.): ସହରର ମଠସାହି ସ୍ଥିତ ମା'କନକ ଦୁର୍ଗା ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାନରେ ମନ୍ଦିର ପାର୍ଶ୍ୱରେ ତିଆରି ଚାଲିଥିବା ବାବା ସିଦ୍ଧେଶ୍ୱର ମହାଦେବ ମନ୍ଦିରର ଗର୍ଭ ମୁଦ ଓ ରତ୍ନ ମୁଦ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପଣ୍ଡିତ ଦୀନବନ୍ଧୁ ଶତପଥି ପୂଜକ ଭାବେ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ଶଶାଙ୍କ ଶେଖର ଝାଙ୍କର କର୍ତ୍ତା ରୂପେ ତାଙ୍କ ସ୍ତ୍ରୀ ବର୍ଷା ବୈଶାଳୀ ସ୍ମିତା ଶାଳିନୀ ନାଏକ ପୂଜାରେ ବସିଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ସୂଚୀ ଅନୁସାରେ ପୂଜା ବିଧି ସମ୍ପୂର୍ଣ୍ଣ ହୋଇଥିଲା। ଅପରାହ୍ନ ୪ ଟାରୁ ଗର୍ଭ ମୁଦ ଓ ରତ୍ନମୁଦ ବିଧି ଆରମ୍ଭ ହୋଇ ରାତ୍ରି ୮ଟାରେ ସମ୍ପୂର୍ଣ୍ଣ ହୋଇଥିଲା। ସହରର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ମନ୍ଦିର ଗର୍ଭରେ ଶସ୍ୟ ଓ ରତ୍ନ ଭର୍ତ୍ତିକରି ବାବାଙ୍କ କୃପା ଲାଭ କରିଥିଲେ। ପୂଜା ମଣ୍ଡପ କାର୍ଯ୍ୟ ଶଶାଙ୍କ ଶେଖର ନାଗ ଦାୟିତ୍ୱ ତୁଲେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ ଦାଶ, ଶିବାଶିଷ କପରଦାର, ବଳରାମ ସାହୁ, ଅମିତ ବେହେରା, ଟୁକୁନା ସ୍ୱାଇଁ, ଶରତ ମେହେର, ରୂପକ ମାଝୀ, ଅନନ୍ତ ମେହେର କ୍ଷୀରୋଦ ସାହୁ, କଣ୍ଡକ୍ଟର ସାହୁ, ମନୋରମା ସାହୁ, ଡୋଲି ନାୟକ, ବର୍ଷା ନାଟିଆଙ୍କ ସମେତ କମିଟିର ଅନ୍ୟ ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

### କଂଗ୍ରେସର ସୁନ୍ଦରଗଡ଼ ପୌରାଞ୍ଚଳ କର୍ମୀ ସମ୍ମିଳନୀ

ସୁନ୍ଦରଗଡ଼,୧୪।୩ (ଡି.ଏନ୍.ଏ): ପୌର ନିର୍ବାଚନ ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ନଗର କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ସୋମବାର ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ପୂର୍ବତନ ବାଚସ୍ପତି କିଶୋରଚନ୍ଦ୍ର ପଟେଲ, ପିସିସିର ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପୂର୍ବତନ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ, ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ନାଏକ ପ୍ରମୁଖ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସମ୍ମିଳନୀରେ ଜିଲା ଉପସଭାପତି ଅଜିତପ୍ରସାଦ, କାଳୀପଦ ସାମଲ, କମଳ ସେନ୍, ପ୍ରଦୀପ ସିଂ, ଜଶୀମ ଅହମ୍ମଦ, ଶୁଭାଶୀଷ ବାନାର୍ଜୀ, ଅରୁଣ ପୃଷେଠ, ମୁନୁ ସରାଫ, ବିଶ୍ୱଜିତ ପଟ୍ଟନାୟକ, ପର୍ଶୁରାମ ସରାଫ, ପ୍ରଣବ ସିଂ, ପୌରାଧକ୍ଷା ପ୍ରାର୍ଥିନୀ ସସ୍ମିତା ଯୋଷୀଙ୍କ ସମେତ ସମସ୍ତ କାଉନସିଲର ପ୍ରାର୍ଥୀ ଓ କର୍ମୀ ଯୋଗ ଦେଇଥିଲେ।

### କଂଗ୍ରେସ ଚେୟାରମ୍ୟାନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାରକୁ ନେଇ ଚର୍ଚ୍ଚା

ରାଜଗାଙ୍ଗପୁର, ୧୪।୩(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରନିର୍ବାଚନର ପ୍ରକ୍ରିୟାରେ ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ରହିଥିଲା। ଏହି ପରିପ୍ରେକ୍ଷୀରେ ଚେୟାରମ୍ୟାନ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ପ୍ରାର୍ଥୀ ଇଫତେକାର ଅହମ୍ମଦ (ପାକା ବାବୁ) ଓ ସ୍ୱାଧୀନ ପ୍ରାର୍ଥୀ ତନ୍ମୟ ସିଂ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ। ୨ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ରଣାଙ୍ଗନାରେ ରହିଲେ ଆଉ ୯ ଚେୟାରମ୍ୟାନ ପ୍ରାର୍ଥୀ। କିନ୍ତୁ କଂଗ୍ରେସ ଚେୟାରମ୍ୟାନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାରକୁ ନେଇ ଜୋର୍ ଧରିଛି ଚର୍ଚ୍ଚା। କଂଗ୍ରେସ ପ୍ରାର୍ଥୀ ନିଜର ପୁଅଙ୍କ ଦେହ ଖରାପ ଯୋଗୁ ୧୦ ତାରିଖଠାରୁ ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ। ରାଜଗାଙ୍ଗପୁର ସହରର ତୁଙ୍ଗନେତା ଏପରି ଅଚାନକ ଭାବେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି। ଭିନ୍ନଭିନ୍ନ ମତ ସାଧାରଣରେ ପ୍ରକାଶ ପାଇଛି। ଆଗାମୀ ଦିନରେ କଂଗ୍ରେସ ଏହି ପୌରନିର୍ବାଚନରେ କଣ କରିବ ତାହା ସାଧାରଣରେ ଦେଖିବା ବାକି ରହିଛି। ସେହିପରି ୨୦ଟି କାଉନସିଲର ପଦବୀ ପାଇଁ ମୋଟ ୯୬ ପ୍ରାର୍ଥିପତ୍ରରୁ ୫ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ରଣାଙ୍ଗନରେ ରହିଲେ ଆଉ ୯୧ କାଉନସିଲର ପ୍ରାର୍ଥୀ।

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୮.୩୮ ଲକ୍ଷ ଲୁଟ୍

ରାଉରକେଲା ଅଫିସ୍/ ସୁନ୍ଦରଗଡ଼, ୧୪।୩ (ଡି.ଏନ୍.ଏ.)

ରାଉରକେଲା ସହରର ସେକ୍ଟର-୧୯ ଥାନା ନିକଟରୁ ଦିନଦ୍ୱିପ୍ରହରରେ ୨ଜଣ ଦୁର୍ବୃତ୍ତ ଜଣେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୮ଲକ୍ଷ ୩୮ହଜାର ୫୦୦ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସହରର ସେକ୍ଟର-୫ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଧନରାଜ ପେଟ୍ରୋଲ ପମ୍ପର ଜୁନିୟର ମ୍ୟାନେଜର ସୁଶାନ୍ତ କୁମାର ପରିଡା ବ୍ୟାଗ୍‌ରେ ଏହି ଟଙ୍କା ଧରି ସୋମବାର ଅପରାହ୍ନ ପ୍ରାୟ ଅଢେଇଟାରେ ସେକ୍ଟର ୧୯ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଜମା କରିବାକୁ ଯାଉଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ କଳାରଙ୍ଗର ପଲ୍‌ସର ବାଇକ୍‌ରେ ଆସି ସୁଶାନ୍ତ ଯାଉଥିବା ବାଇକ୍‌କୁ ଧକ୍କା ମାରିଥିଲେ। ସୁଶାନ୍ତ ପଡ଼ିଯାଇ ଆହତ ହୋଇଥିଲେ। ଦୁର୍ବୃତ୍ତ ତାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼ାଇ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ସେକ୍ଟର ୧୯ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଲୁଟ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଲୁଟେରାମାନଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଚଳାଇଛି।


ପେଟ୍ରୋଲ ପମ୍ପ କର୍ମଚାରୀ ସୁଶାନ୍ତ ପରିଡ଼ା।

# ଚୋରା ବାଲି ଚାଲାଣ: ଲକ୍ଷେ ଟଙ୍କା ଜରିମାନା ଆଦାୟ

କୁତ୍ରା, ୧୪।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସମଲେଇମୁଣ୍ଡା ଠାରେ କୁତ୍ରା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୮ ଜଣ ବାଲି ଚାଲାଣକାରୀଙ୍କୁ ଧରି ଲକ୍ଷେ ଟଙ୍କା ଜରିମାନା ଆଦାୟ କରାଯାଇଛି। ତରକେରା, ଉଡ଼ରୁମା ଓ ସମଲେଇମୁଣ୍ଡାସ୍ଥିତ ନଦୀପଠାରୁ ବାଲି ବ୍ୟବସାୟୀମାନେ ଚଞ୍ଚକତା କରି ବାଲି ଚୋରା ଚାଲାଣ କରି ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନି କରୁଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବର ପାଇ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଏବଂ ରାଜସ୍ୱ ବିଭାଗ ଟିମ୍ ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ସମଲେଇମୁଣ୍ଡାରେ ସେମାନଙ୍କୁ ଧରି ଗୋଟିଏ ଡମ୍ଫର ପିଛା ୧୨ ହଜାର ୫୦୦ ଟଙ୍କା ଲେଖାଏଁ ଜରିମାନା କରିଥିଲେ। ୮ଟି ଡମ୍ଫରରୁ ଲକ୍ଷେ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦେଇଛନ୍ତି ତହସିଲଦାର। ତେବେ ବାଲି ବ୍ୟବସାୟୀମାନେ ପ୍ରତିଦିନ ଏମିତି ଚୋରା ବାଲି ଚାଲାଣ କରୁଥିବା ଦେଖିବାକୁ ମିଳିଛି। ସୋମବାର ତହସିଲଦାରଙ୍କୁ ବାଲି ବ୍ୟବସାୟୀମାନେ ଚକ୍କା ଦେବାକୁ ବସିଥିଲେ। ସେମାନେ ପୁରୁଣା ଟିପି ଦେଖାଇ ସେଠାରୁ ଖସିଯିବା ଚେଷ୍ଟା କରିଥିବା ତହସିଲଦାର ପ୍ରକାଶ କରିଛନ୍ତି। ଗୋଟେ ଟିପି କେବଳ ଗୋଟେ ଗାଡି ପାଇଁ ଲାଗୁଥିବା ବେଳେ ଗାଡି ମାଲିକମାନେ ଗୋଟେ ଟିପି ନେଇ ମାସେ ଚଳାଉଥିବା ଦେଖିବାକୁ ମିଳୁଛି। ଗାଡି ମାଲିକମାନଙ୍କୁ ତାଗିଦ କରିବା ସହିତ ଆଗକୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି



ବାଲି ଚାଲାଣ ହେଉଥିବା ଡମ୍ଫର।

# ସିଆର୍‌ପିଏଫ ପକ୍ଷରୁ ଆତ୍ମସୁରକ୍ଷା ତାଲିମ


ଛାତ୍ରୀଛାତ୍ରଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଉଛି।

ରାଉରକେଲା ଅଫିସ, ୧୪।୩

ରାଉରକେଲା ୧୯ ବାଟାଲିୟାନ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ ସହରରେ ଥିବା ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଛି। ଏଥିରେ ସିଆର୍‌ପିଏଫ୍ କମାଣ୍ଡେଣ୍ଟ ରାଜେଶ କୁମାର ଓ ମୁଖ୍ୟ ଚିକିତ୍ସକ ଡକ୍ଟର ଶଶି କିରଣ ଟୋପୋ ଓ ଉପ କମାଣ୍ଡେଣ୍ଟ ଏମ୍‌ଡ଼ି ସରାଜୟୁଲା ଆଲାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତାଲିମ ଶିବିର ରାଉରକେଲା ୟୁଜିଆ କଲେଜ, ପୋଲିସ ହାଇସ୍କୁଲ, ଇନ୍ଦିରାଗାନ୍ଧୀ ମେମୋରିଆଲ କଲେଜ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନରେ ସିଆର୍‌ପିଏଫ୍ ଯବାନମାନେ ଯୋଗଦେଇ ଶତ୍ରୁଙ୍କ କବଳରୁ ଆତ୍ମସୁରକ୍ଷା ପାଇଁ ବ୍ୟବହୃତ ହେଉଥିବା ବନ୍ଧୁକ, ଗୁଳି, ତୋପର ବ୍ୟବହାର ଓ କୌଶଳ ଉପରେ ଅବଗତ କରାଇଥିଲେ। ଏହି ଶିବିରରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ

କୁତ୍ରା, ୧୪।୩ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡ଼ାଲମିଆ କଲେଜରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମର ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ହିରନ ଲୁଗୁନ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ଡାଲମିଆ କଲେଜର ପୂର୍ବତନ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ବୈଠକର ଉଦ୍ଦେଶ୍ୟ ହେଲା ମୋ କଲେଜ ଅଭିଯାନରେ ପୂର୍ବତନ ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଯୋଡ଼ିହେବା। କଲେଜର ଆଗାମୀ ସୁବର୍ଣ୍ଣ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମ ରହିଛି। ନାକ୍ ଟିମ୍‌ର କଲେଜକୁ ପରିଦର୍ଶନ କରିବା ଯୋଜନା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଅଧ୍ୟାପକ ଲକ୍ଷ୍ମୀକାନ୍ତ ପାଇକରାୟ ମୋ କଲେଜ ଅଭିଯାନର ଉଦ୍ଦେଶ୍ୟ, ପୂର୍ବତନ ଛାତ୍ରୀଛାତ୍ରଙ୍କ କଲେଜ ପ୍ରତି ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଉପସ୍ଥିତ ବହୁ ଆଲୁମିନି ମତବ୍ୟକ୍ତ ରଖି ଥିଲେ। ୧୯୭୭ ବ୍ୟାଚର ଛାତ୍ରୀଛାତ୍ର ଯୋଗଦେଇ କଲେଜର ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପିକା ଡ. ତବସୁମ ବାନୋ, ଏକଲବ୍ୟ ନାଏକ ଉପସ୍ଥିତ ଥିଲେ।



ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧକ୍ଷା ଓ ଅନ୍ୟମାନେ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ


ସ୍ୱାଗତ ସମାରୋହରେ ଉପସ୍ଥିତ ସ୍ନାତକ ଛାତ୍ରୀଛାତ୍ର।

ବଡ଼ଗାଁ, ୧୪।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ସୋମବାର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ହୋଇଯାଇଛି। ତୃତୀୟ ଏବଂ ଦ୍ୱିତୀୟ ବର୍ଷ ସ୍ନାତକ ଛାତ୍ରୀଛାତ୍ର ଏହାକୁ ଆୟୋଜନ କରିଥଲେ। ଏହି ସମାରୋହରେ କଲେଜ ଅଧକ୍ଷା ବନଜାରାଣୀ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ର ଅଧ୍ୟୟନ ସହିତ ଅନ୍ୟ ସମସ୍ତ ଦିଗକୁ ଗୁରୁତ୍ୱ ଦେବାକୁ କହିଥିଲେ। ଅଧ୍ୟାପକ ହେମନ୍ତ ପଣ୍ଡା ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଜଳନ୍ଧର ପଟେଲ ଓ ତାପସ କର ଛାତ୍ରୀଛାତ୍ରଙ୍କୁ ଅନୁଶାସନର ମୂଲ୍ୟ ଉପରେ ବୁଝାଇଥିଲେ। ଅଧ୍ୟାପିକା ମାଳବିକା ସାମଲ ମଞ୍ଚ ପରିଚାଳନା କରି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବ ଆଦାନପ୍ରଦାନ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁନ୍ଦରଗଡ଼ : ବହିପଢ଼ ଅଭିଯାନରେ ବିଭିନ୍ନ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୧୪।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ଛାତ୍ରୀଛାତ୍ର, ଯୁବପିଢି ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କ ଭିତରେ ବହିପଢିବା ଲାଗି ଆଗ୍ରହ ସୃଷ୍ଟି କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ 'ସୁନ୍ଦରଗଡ଼: ବହି ପଢ଼' ଅଭିଯାନ ଚାଲିଛି। ଏହା ଅଧିନରେ ଜିଲାର ବିଭିନ୍ନ ସ୍ଥାନରେ ପାଠାଗାର ଖୋଲାଯାଉଥିବା ବେଳେ ଜିଲାପାଳଙ୍କ ବାସଭବନ ପରିସରରେ 'ବହି ବଗିଚା' ରହିଛି। ତେବେ କରୋନା ପାଇଁ ସାମୟିକ ଭାବେ ବନ୍ଦ ଥିବା ଏହି ବଗିଚା ରବିବାରଠାରୁ ପୁଣି ଥରେ ସର୍ବସାଧାରଣଙ୍କ ନିମନ୍ତେ ଖୋଲିଛି। ସୁନ୍ଦରଗଡ଼ର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଭିଭାବକମାନେ ଆସି ଏହି 'ବହିବଗିଚା'ରେ ବିଭିନ୍ନ ବହି ସଂଗ୍ରହ କରି ପଢିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନାତ୍ମକ ପ୍ରତିଭାର ବିକାଶ ପାଇଁ 'ବହି ପଢ଼ା', ବିଷୟବସ୍ତୁକୁ ଆଧାର କରି ଏକ ଚିତ୍ରାଙ୍କନ କର୍ମଶାଳା କରାଯାଇଥିଲା। ଏହା ସହ ସ୍ଥାନୀୟ କଳାୟତନ କଲେଜର ଛାତ୍ରୀଛାତ୍ର ଚିତ୍ରକଳାର ପ୍ରଦର୍ଶନୀ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଓ ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜିଲାପାଳ ନିଖିଲ ପବନ କଲ୍ୟାଣ ସମସ୍ତଙ୍କୁ ବହି ପଢିବାକୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ଜିଲାପାଳ କଲ୍ୟାଣ କହିଥିଲେ, ପୁସ୍ତକ ପଠନ ଏକ ଭଲ ଅଭ୍ୟାସ। ସମାଜରେ ଭଲ ମଣିଷ ହେବାକୁ ହେଲେ ଭଲ ପୁସ୍ତକ ପଢିବା ନିହାତି ଜରୁରୀ। ଯାହା ବ୍ୟକ୍ତିକୁ ଭଲ ମଣିଷ ହେବାକୁ ପ୍ରେରଣା ଯୋଗାଇଥାଏ। ଆଗାମୀ ୨୨ ତାରିଖରେ ରାଉରକେଲା ମହାନଗର ନିଗମ ଆରଏମସି ପାଠାଗାର ଓ ଜିଲା ସଂସ୍କୃତି ଭବନର ପାଠାଗାର ପରିସରରେ ବହି ସଙ୍ଗୀତ, ନୃତ୍ୟ ଭଳି ବିଭିନ୍ନ ସୃଜନାତ୍ମକ କାର୍ଯ୍ୟକ୍ରମ କରାଯାଇ ପୁସ୍ତକ ପଠନକୁ ପ୍ରୋତ୍ସାହିତ କରାଯିବ। ଏହିଭଳି ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକ୍ରମ ବ୍ଲକସ୍ତର ଏବଂ ପରେ ପଞ୍ଚାୟତ ସ୍ତରରେ କରାଯାଇ 'ସୁନ୍ଦରଗଡ଼, ବହି ପଢ଼' ଅଭିଯାନକୁ ବ୍ୟାପକ କରାଯିବ। ବର୍ତ୍ତମାନର ଡିଜିଟାଲ ଯୁଗରେ ସ୍ମାର୍ଟଫୋନ୍ ବ୍ୟବହାର କାରଣରୁ ଲୋକମାନେ ବହିପଢା ଅଭ୍ୟାସକୁ ଭୁଲି ଯାଉଛନ୍ତି। ଲୋକମାନଙ୍କ ମନରେ ପୁଣି ଥରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି 'ସୁନ୍ଦରଗଡ଼, ବହି ପଢ଼' ଅଭିଯାନର ମୂଳ ଲକ୍ଷ୍ୟ। ଏଥିପାଇଁ ଏହି ଅଭିଯାନରେ ଜିଲାର ବିଭିନ୍ନ ସ୍ଥାନରେ ପାଠାଗାର ତିଆରି କରାଯାଉଛି। ସୁନ୍ଦରଗଡସ୍ଥିତ ଜିଲା ସଂସ୍କୃତି ଭବନର ପାଠାଗାର ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ଥିବା ପାଠାଗାର ମଧ୍ୟ ନବୀକରଣ କରାଯାଇଛି। ସୁନ୍ଦରଗଡ଼, ବହି ପଢ଼' ଅଭିଯାନରେ ଡିଏମଏଫ୍‌ର ଆର୍ଥିକ ସହାୟତାରେ ଏହି ସବୁ ନବୀକରଣ କରାଯାଉଛି।


ଜିଲାପାଳ ବହି ପଢ କାର୍ଯ୍ୟକ୍ରମ ସମ୍ପର୍କରେ କହୁଛନ୍ତି।

## ଭାଜପା ପ୍ରାଥମିକ ସଭ୍ୟପଦରୁ ୩ ନିଲମ୍ବିତ

ସୁନ୍ଦରଗଡ଼, ୧୪।୩ (ଡି.ଏନ୍.ଏ)

ଦଳବିରୋଧୀ କାର୍ଯ୍ୟ ପାଇଁ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଭାଜପାର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ସମେତ ଅନ୍ୟ ୨ଜଣ ପଦାଧିକାରୀଙ୍କୁ ଭାଜପା ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଛନ୍ତି। ଅନ୍ୟ ୨ଜଣ ହେଲେ ଭାଜପା ଓବିସି ମୋର୍ଚ୍ଚାର ଜିଲା ଉପସଭାପତି ବୈକୁଣ୍ଠ ବନଛୋର ଏବଂ ଅନୁସୂଚିତ ଜାତି ମୋର୍ଚ୍ଚାର ନଗରମଣ୍ଡଳ ସଭାପତି ମହେଶ ତନ୍ତୀ। ଦଳରେ ବିଶୃଙ୍ଖଳିତ ଓ ଦଳବିରୋଧୀ କାର୍ଯ୍ୟ ପାଇଁ ଏହି ୩ ପଦାଧିକାରୀଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଜିଲା ସଭାପତି ଭୋଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚିତ କରିଛନ୍ତି। ସୂଚନାଯୋଗ୍ୟଯେ, ଚଳିତ ପୌର ନିର୍ବାଚନରେ ଭାଜପା ପକ୍ଷରୁ ପୌରାଧକ୍ଷା ଟିକେଟ ପାଇଁ ଆଶାୟୀ ଥିବା ଭାଜପା ନେତା ଡ. ହିମାଂଶୁ ଶେଖର ଷଡଙ୍ଗୀଙ୍କ ସ୍ତ୍ରୀ ନିନିମା ପଟେଲଙ୍କୁ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ନିର୍ବାଚନ ରଣାଙ୍ଗନରେ ୫ ପୌରାଧକ୍ଷା, ୭୪ କାଉନସିଲର ପ୍ରାର୍ଥୀ

ସୁନ୍ଦରଗଡ,୧୪।୩(ଡି.ଏନ.ଏ.)

ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌରନିର୍ବାଚନ ପାଇଁ ସୋମବାର ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ। ସ୍ୱାଧୀନ ପୌରାଧକ୍ଷା ପ୍ରାର୍ଥିନୀ ପୁଷ୍ପା ସିକିଆ ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ୱାର୍ଡ ନମ୍ବର ୨ର କାଉନସିଲର ପ୍ରାର୍ଥୀ ଯୁଧିଷ୍ଠିର ଓ ୱାର୍ଡ ନମ୍ବର ୯ର କାଉନସିଲର ପ୍ରାର୍ଥିନୀ ଜୁଲି କିସାନ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ବର୍ତ୍ତମାନ ନିର୍ବାଚନ ରଣାଙ୍ଗନରେ ୫ ଜଣ ପୌରାଧକ୍ଷା ପ୍ରାର୍ଥିନୀ ଏବଂ ୭୪ ଜଣ କାଉନସିଲର ପ୍ରାର୍ଥିନୀ ପ୍ରାର୍ଥୀ ରହିଛନ୍ତି।

## ନାମାଙ୍କନପତ୍ର ପ୍ରତ୍ୟାହାର କଲେ କଂଗ୍ରେସ କାଉନସିଲର ପ୍ରାର୍ଥିନୀ

ଦେବଗଡ଼,୧୪।୩ (ଡି.ଏନ.ଏ)

ପୌର ପରିଷଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାର ସୋମବାର ଶେଷ ଦିବସ ହୋଇଥିବାବେଳେ ପୂର୍ବରୁ ଦେବଗଡ଼ ପୌରାଞ୍ଚଳର ୭ନମ୍ବର ୱାର୍ଡରୁ ପ୍ରତିଦ୍ୱନ୍ଦିତା ନିମନ୍ତେ କଂଗ୍ରେସ କାଉନଶିଲର ପ୍ରାର୍ଥିନୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବିରାଜିନୀ ପୂର୍ତ୍ତୀ ତାଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ବିରାଜିନୀ ତାଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ଗତ ପଞ୍ଚାୟତ ନିର୍ବାଚନରେ ଖରାପ ପ୍ରଦର୍ଶନ କରି ପୌର ନିର୍ବାଚନରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଥିବା କଂଗ୍ରେସ ଦଳକୁ ଶକ୍ତ ଝଟକା ଲାଗିଛି। ତେବେ କେଉଁ କାରଣରୁ ବିରାଜିନୀ ନାମାଙ୍କନପତ୍ର ପ୍ରତ୍ୟାହାର କଲେ ସେନେଇ କୌଣସି ସ୍ୱଷ୍ଟ ସୂଚନା ମିଳିପାରିନାହିଁ। ଏନେଇ ବିରାଜିନୀଙ୍କ ମତାମତ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନାହିଁ।



ଶ୍ରୀଲଙ୍କା ବିପକ୍ଷରେ ୨-୦ରେ ଟେଷ୍ଟ ସିରିଜ ବିଜୟୀ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# ଭାରତ ସିରିଜ ବିଜୟୀ

- ତିନି ଦିନରେ ଖେଳ ଶେଷ
- ଦିବାରାତ୍ର ଟେଷ୍ଟରେ ଶ୍ରୀଲଙ୍କା ୨୩୮ ରନରେ ପରାସ୍ତ
- ଶ୍ରେୟାସ ଆୟାର ପ୍ଲେୟର ଅଫ୍ ଦି ମ୍ୟାଚ
- ରିଷଭ ପନ୍ତ ପ୍ଲେୟର ଅଫ୍ ଦି ସିରିଜ

**ବେଙ୍ଗାଲୁରୁ, ୧୪।୩**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ (ଦିବାରାତ୍ର) କ୍ରିକେଟ ଟେଷ୍ଟରେ ଭାରତ ୨୩୮ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏଥିସହ ଭାରତ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୦ରେ କ୍ଲିନ୍ ସୁଇପ୍ କରିଛି। ଏଠାରେ ଭାରତ ପ୍ରଥମ ଇନିଂସରେ ୨୫୨ ରନ କରିଥିବାବେଳେ ଶ୍ରୀଲଙ୍କା ପ୍ରଥମ ଇନିଂସ ୧୦୯ରେ ସୀମିତ ରହିଥିଲା। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୩୦୩/୯ରେ ଘୋଷଣା କରିବାରୁ ଶ୍ରୀଲଙ୍କା ସମ୍ମୁଖରେ ୪୪୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଅଧିନାୟକ ଦିମୁଥ କରୁଣାରତ୍ନେଙ୍କ ଶତକ ସତ୍ତ୍ୱେ ଭ୍ରମଣକାରୀ ଦଳ ୫୯.୩ ଓଭରରେ ୨୦୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ସୋମବାର ତୃତୀୟ ଦିବସରେ ଖେଳ ଶେଷ ହୋଇଯାଇଥିଲା। ଭାରତୀୟ ବ୍ୟାଟର ଶ୍ରେୟାସ ଆୟାର ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଉଇକେଟ କିପର ରିଷଭ ପନ୍ତ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି। ଏହି ମ୍ୟାଚରୁ ଭାରତ ୧୨ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ପାଇଛି।

**ଭାରତର ୨୦୨୧/୨୨ ଘରୋଇ ସିଜନ**
ଟେଷ୍ଟ ୪: ବିଜୟ-୩, ଡ୍ର-୧
ଦିନିକିଆ ୩: ବିଜୟ ୩
ଟି୨୦ ୯: ବିଜୟ ୯

**କରୁଣାରତ୍ନେଙ୍କ ଶତକ**

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୮/୧ରୁ ଖେଳ ଆରମ୍ଭ କରିଥିବା ଶ୍ରୀଲଙ୍କା ତୃତୀୟ ଦିବସରେ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲା। କରୁଣାରତ୍ନେ ଓ କୁସାଲ ମେଣ୍ଡିସ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରି ୯୭ ରନ ଯୋଗ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଶ୍ରୀଲଙ୍କା ଇନିଂସ ଭୁଶୁଡ଼ି ପଡ଼ିଥିଲା। କୁସାଲ ୬୦ ବଲ୍‌ରୁ ୮ ଚୌକା ସହାୟତାରେ ୫୪ ରନ କରି ଆଉଟ ହୋଇଥିବାବେଳେ କଷ୍ଟସାଧ୍ୟ ପିଚ୍‌ରେ ଶତକ ହାସଲ କରିଥିଲେ କରୁଣାରତ୍ନେ। ସେ ୧୭୪ଟି ବଲ୍ ଖେଳି ୧୫ ଚୌକା ସହାୟତାରେ ୧୦୭ ରନ କରିଥିବାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଯାଇଥିଲେ। ଅନ୍ୟ କୌଣସି ଶ୍ରୀଲଙ୍କା ବ୍ୟାଟର ଭାରତୀୟ ବୋଲରଙ୍କୁ ଉଚିତ ଭାବେ ସାମ୍ନା କରିପାରି ନ ଥିଲେ। ଘରୋଇ ଦଳର ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୪ଟି, ବୁମ୍‌ରା-୩ଟି, ଅକ୍ଷର ପଟେଲ ୨ଟି ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ନେଇଥିଲେ। ଏହି ମ୍ୟାଚ ପରେ ଅଶ୍ୱିନଙ୍କ ଟେଷ୍ଟ ଉଇକେଟ ସଂଖ୍ୟା ୪୪୨ରେ ପହଞ୍ଚିଛି ଏବଂ ସେ ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେଇନ୍ (୪୩୯)ଙ୍କୁ ପଛରେ ପକାଇ ସର୍ବାଧିକ ଟେଷ୍ଟ ଉଇକେଟ ହାସଲକାରୀ ତାଲିକାର ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

ଏଠାରେ ବିଜୟ ସହ ଭାରତ ୨୦୨୧/୨୨ ଘରୋଇ ସିଜନରେ ଅପରାଜେୟ ରହିଛି। ଭାରତ ୪ଟି ଟେଷ୍ଟ ଖେଳିଥିବାବେଳେ ୩ଟି ଜିତିଛି ଏବଂ ଗୋଟିଏ ଡ୍ର ରଖିଛି। ସେହିପରି ୩ଟି ଦିନିକିଆ ଓ ୯ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସବୁଥିରେ ବିଜୟ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୫୨। ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୦୯। ଭାରତ ଦ୍ୱିତୀୟ ଇନିଂସ: ୩୦୩/୯ (ଘୋଷଣା)। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୦୮/ଅଲ୍‌ଆଉଟ (ଦିମୁଥ କରୁଣାରତ୍ନେ-୧୦୭, କୁସାଲ ମେଣ୍ଡିସ-୫୪, ରବିଚନ୍ଦ୍ରନ ଅଶ୍ୱିନ-୪/୫୫, ଯଶପ୍ରୀତ୍ ବୁମ୍‌ରା-୩/୨୩, ଅକ୍ଷର ପଟେଲ-୨/୩୭, ରବୀନ୍ଦ୍ର ଜାଡେଜା-୧/୪୮)।

## ପାକିସ୍ତାନ ୧୪୮ରେ ଅଲ୍‌ଆଉଟ

**କରାଚୀ, ୧୪।୩:** ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ମାତ୍ର ୧୪୮ ରନ୍‌ରେ ଅଲ୍‌ଆଉଟ ହୋଇଛି। ୫୫୬/୯ରେ ପ୍ରଥମ ଇନିଂସ ଘୋଷଣା କରିଥିବା ଅଷ୍ଟ୍ରେଲିଆ କିନ୍ତୁ ଫଲୋଅନ୍ ନ ଡାକି ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଛି। ସୋମବାର ତୃତୀୟ ଦିବସ ଶେଷ ସୁଦ୍ଧା ଦଳ ୧ ଉଇକେଟ ହରାଇ ୮୧ ରନ୍ କରିଛି। ଫଳରେ ୯ ଉଇକେଟ ସୁରକ୍ଷିତ ଥାଇ ଅଷ୍ଟ୍ରେଲିଆ ୪୮୯ ରନ୍‌ରେ ବୃହତ୍ ଅଗ୍ରଣୀଲାଭ କରିଛି। ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୫୦୫/୮ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଆଉ ୫୧ ରନ୍ ଯୋଗକରି ଇନିଂସ ଘୋଷଣା କରିଥିଲା। ପରେ ପାକିସ୍ତାନ ପ୍ରଥମ ଇନିଂସକୁ ୧୪୮ ରନ୍‌ରେ ସୀମିତ ରଖି ଦେଇଥିଲା। ପାକିସ୍ତାନ ପକ୍ଷରୁ ଅଧିନାୟକ ବାବର ଆଜମ ସର୍ବାଧିକ ୩୬ ରନ୍ କରିଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୩ଟି, ମିଚେଲ ସ୍ୱେପସନ ୨ଟି ଉଇକେଟ ନେଇଥିଲେ। ପ୍ରକାଶଯୋଗ୍ୟ, ୧୯୯୮ ପରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ପାକିସ୍ତାନ ଗସ୍ତ କରିଛି।

## ଯୋଗା ବୋନିଟୋକୁ ଜାତୀୟ ଯୋଗ୍ୟତା

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ବିଶ୍ୱସ୍ତରରେ ପ୍ରତିଷ୍ଠିତ ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍ ଫୁଟବଲ ଟୁର୍ନାମେଣ୍ଟର ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟ କିସ୍ ପଡ଼ିଆରେ ଗତ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସହର ଯୋଗ୍ୟତା ପର୍ଯ୍ୟାୟ (ଫାଇଭ୍-ଏ- ସାଇଡ୍)ରେ ମୋଟ ୬୧ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଯୋଗା ବୋନିଟୋ ୧-୦ ଗୋଲରେ ନଟ୍ ୟେଟ୍‌କୁ ହରାଇ ଜାତୀୟ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗତ ୧୨ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱର ସମେତ ଇନ୍ଦୋର, ଜୟପୁର, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିମାପୁର, ମୁମ୍ବାଇ, ହାଇଦ୍ରାବାଦ, ଲକ୍ଷ୍ନୌ, ଦିଲ୍ଲୀ, ଗୁଆହାଟୀ, ଜଳନ୍ଧର, ପୁଣେ, କୋଚିନ, କୋଲ୍‌କାତା, ଚଣ୍ଡିଗଡ଼, ଗୋଆ ଓ ଶିଲଂ ଆଦି ୧୯ଟି ସହରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସ୍ଥାନରେ ହେବାକୁଥିବା ପ୍ରତିଯୋଗିତାର ବିଜେତା ଆସନ୍ତା ମେ' ମାସରେ ହେବାକୁଥିବା ଜାତୀୟ ଫାଇନାଲରେ ସେମାନଙ୍କ ସହର ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଜାତୀୟ ବିଜେତା ଦଳ ପ୍ରଥମଥର ପାଇଁ କାତାରରେ ହେବାକୁଥିବା ବିଶ୍ୱ ଫାଇନାଲରେ ଭାଗନେବ। କାତାର ଟୁର୍ନାମେଣ୍ଟ ଅବସରରେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସୁପରଷ୍ଟାର ଫୁଟ୍‌ବଲ ତାରକା ବ୍ରାଜିଲର ନେମାର ଜୁନିୟରଙ୍କୁ ଭେଟିବାର ସୁଯୋଗ ପାଇବେ। ୨୦୨୧ରେ ବାତିଲ ହୋଇଥିବା ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିବା ଦଳଗୁଡ଼ିକ ମଧ୍ୟ କାତାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱର ପର୍ଯ୍ୟାୟର ଚାମ୍ପିୟନ ଯୋଗା ବୋନିଟୋ ଦଳର ସଦସ୍ୟମାନେ ହେଲେ ହୃଦୟନାଥ ସର୍ଦ୍ଦାର, କୁନାଲ ଗୁସେନ, ସୌମ୍ୟରଞ୍ଜନ ରାଉତ, ସାର୍ଥକ ପ୍ରଭାକର, ଗୌରବ ନେଗି, ସୌରଭ ବିର୍ଡି ଓ ସାଇ ପ୍ରସାଦ। ପ୍ରକାଶଯୋଗ୍ୟ, ନେମାର ପ୍ୟାରିସ୍ ସେଣ୍ଟ-ଜର୍ମେନର ଲିଗ୍ ୧ ଓ ଚାମ୍ପିୟନ୍ସ ଲିଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବର୍ଷ ଶେଷଭାଗରେ ସେ ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଚଳିତ ବର୍ଷ ସମଗ୍ର ବିଶ୍ୱରୁ ଯୋଗ୍ୟତା ଅର୍ଜନ କରିଆସୁଥିବା ଦଳଗୁଡ଼ିକ ବିପକ୍ଷରେ ସେ ଖେଳିବା ପାଇଁ ବ୍ୟଗ୍ର ବୋଲି ନେମାର ପ୍ରକାଶ କରିଛନ୍ତି। କାରଣ ବିଭିନ୍ନ ଦଳର କୌଶଳ ତାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ ବୋଲି ୩୦ ବର୍ଷୀୟ ନେମାର କହିଛନ୍ତି।

**ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍**



ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଥିବା ଯୋଗା ବୋନିଟୋ ଦଳ।

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ



କର୍ମକର୍ତ୍ତାଙ୍କ ଗହଣରେ ଅଂଶଗ୍ରହଣକାରୀ ୬ ଦଳର ଅଧିନାୟିକା ଓ ଖେଳାଳି।

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ସିଟି କ୍ଲବ ଏବଂ କିଟ୍‌ର ମିଳିତ ଆନୁକୂଲ୍ୟରେ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ରାଜ୍ୟର ୬ଟି ଦଳକୁ ନେଇ ହେବାକୁ ଯାଉଥିବା ପ୍ରତିଯୋଗିତାର ମ୍ୟାଚଗୁଡ଼ିକ କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଖେଳାଯିବ। ଭାଗ ନେବାକୁ ଯାଉଥିବା ୬ଟି ଦଳ ହେଲେ ଓଡ଼ିଶା ପୋଲିସ, ବିତାନାସୀ ଏଫ୍‌ସି, ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ, ନୀତା ଅମ୍ବାନୀ ଫୁଟବଲ ଏକାଡେମୀ, କିଟ୍ ଓ ମନୋରମା କ୍ଲବ ଦେବଗଡ଼। ୬ ଦଳର ଅଧିନାୟିକା ଓ କର୍ମକର୍ତ୍ତାଙ୍କ ଗହଣରେ ସୋମବାର ପ୍ରତିଯୋଗିତାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନର୍ସଅପ୍‌କୁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ୨୦ ତାରିଖରେ ହେବାକୁଥିବା ଫାଇନାଲ ଅବସରରେ ଭାରତର ପୂର୍ବତନ ମହିଳା ଫୁଟବଲ ଅଧିନାୟିକା ବେମ୍‌ବେମ୍ ଦେବୀ ଉପସ୍ଥିତ ରହିବେ ବୋଲି ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତ ପ୍ରକାଶ କରିଛନ୍ତି। ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ତଥା ରାଜ୍ୟର ପ୍ରତିଷ୍ଠିତ ଖେଳାଳି ଓ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ଏକ କମିଟି ଗଠନ କରାଯାଇଛି। ଗଗନେନ୍ଦୁ ଦାଶ ଏହି କମିଟିର ଅଧ୍ୟକ୍ଷ ଥିବାବେଳେ ସୌର୍ଯ୍ୟରଞ୍ଜନ ପରିଜା, ପ୍ରଦୀପ କୁମାର ରାଉତରାୟ, ଦିଲୀପ ଦାସ, ସହଦେବ ରାଉତ, ମହମ୍ମଦ ସହିଦ ଜବାର, ଭାଗ୍ୟଧର ଜଗଦେବ, ରଶ୍ମିତା ମହାନ୍ତି ପ୍ରମୁଖ ସଦସ୍ୟ ଅଛନ୍ତି।

## କ୍ୟାମ୍ପ ପାଇଁ ପ୍ୟାରୀ, ମନୀଷା ମନୋନୀତ

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** ଏଏଫ୍‌ସି ମହିଳା ଏସିଆ କପ୍ ଖେଳିବାର୨ ମାସ ବ୍ରେକ୍ ପରେ ଭାରତୀୟ ମହିଳା ଫୁଟବଲ ଦଳ ଚଳିତ ମାସ ୨୮ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଗୋଆରେ ଟ୍ରେନିଂ କ୍ୟାମ୍ପ ହେବାକୁ ଯାଉଛି। ଏଥିପାଇଁ ଘୋଷିତ ସମ୍ଭାବ୍ୟ ଦଳରେ ଓଡ଼ିଶାର ମନୀଷା ପାନ୍ନା ଓ ପ୍ୟାରୀ ଖାଖା ସ୍ଥାନ ପାଇଛନ୍ତି। ସାଫ୍ ମହିଳା ଚାମ୍ପିୟନଶିପ୍‌ପରେ ୧୮ ବର୍ଷରୁ କମ୍ ଦଳ ଦାୟିତ୍ୱରେ ଥିବା ମୁଖ୍ୟ କୋଚ୍ ଥୋମାସ ଡେନର୍ବି ସିନିୟର ଦଳର ଚାର୍ଜ ନେବାପରେ ଏହି କ୍ୟାମ୍ପ ଆୟୋଜନ କରାଯାଉଛି। "କ୍ୟାମ୍ପକୁ ଆସିବା ପୂର୍ବରୁ ଖେଳାଳି ଓ କୋଚ୍‌ମାନେ କିଛିଦିନ ବ୍ରେକ୍ ନେବା ବହୁତ ଭଲ କଥା। ଏବେ ସମସ୍ତେ ସତେଜ ମନ ସହିତ ନୂଆ ଚ୍ୟାଲେଞ୍ଜ ନେବାକୁ ପ୍ରସ୍ତୁତ" ବୋଲି ଡେନର୍ବି ପ୍ରକାଶ କରିଛନ୍ତି।

## ଆଜିଠୁ ଟୁଇନ ସିଟି ୨୩ ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଟୁଇନ ସିଟି ୨୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ୮ କ୍ଲବ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ପ୍ରଗତି ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଜାଗୃତି କ୍ରିକେଟ ଏକାଡେମୀ, ଜୟଦେବ କଲେଜ, ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ, ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ୟୁନିୟନ ସ୍ପୋର୍ଟିଂ। ମ୍ୟାଚ୍‌ଗୁଡ଼ିକ ୩୦ ଓଭରବିଶିଷ୍ଟ ହେବ ଏବଂ ରେଡ୍ ବଲ୍‌ରେ ଖେଳାଯିବ। ପ୍ରଗତି ଓ ଜାଗୃତି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ୧୫ରୁ ୧୮ ପର୍ଯ୍ୟନ୍ତ ୪ଟି ଲିଗ୍ ମ୍ୟାଚ୍ ପରେ ୨୦ ଓ ୨୧ ତାରିଖରେ ସେମିଫାଇନାଲ ଖେଳାଯିବ। ୨୬ରେ ଏକ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଏବଂ ୨୭ରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରାଯାଇଛି।

## ନନ୍ଦନକାନନ ବୁଲ୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧା ଜିଲା ବଧିର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଏୟାରପୋର୍ଟ ଖେଳପଡ଼ିଆରେ ୪ର୍ଥ ରାଜ୍ୟ ବଧିର ଟି୧୦ କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଶହୀଦ ଡ୍ରାଗନ୍ସକୁ ୧୪ ରନ୍‌ରେ ହରାଇ ନନ୍ଦନକାନନ ବୁଲ୍ସ ଚାମ୍ପିୟନ ହୋଇଥିଲା। ୮ଟି ଦଳକୁ ନେଇ ଗତ ୧୨ ଓ ୧୩ରେ ପ୍ରତିଯୋଗିତା ହୋଇଥିଲା। ଚାମ୍ପିୟନ୍ ଓ ରନର୍ସଅପ୍ ଦଳ ବ୍ୟତୀତ ଏଥିରେ ସିଆର୍‌ପି ପାଇରେଟ୍ସ, ଧଉଳି ଏକ୍ସପ୍ରେସ, ଖଣ୍ଡଗିରି ଲାୟନ୍ସ, ଏୟାରପୋର୍ଟ ରୟାଲ୍ସ, ରସୁଲଗଡ଼ ଏଲିଫ୍ୟାଣ୍ଟ୍ସ ଓ ଲିଙ୍ଗରାଜ ୱାରିୟର୍ସ ଭାଗ ନେଇଥିଲେ। ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ପ୍ରତିଯୋଗିତାରୁ ମନୋନୀତ ଖେଳାଳିମାନେ ମୁମ୍ବାଇରେ ହେବାକୁଥିବା ଜାତୀୟ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଖୋର୍ଦ୍ଧା ଜିଲା ବଧିର ସଂଘ ସଭାପତି ନିରଞ୍ଜନ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରତିଷ୍ଠିତ ଚେସ୍ କୋଚ୍ ତଥା ଏସ୍‌ଆର୍ ଚେସ୍ ଏକାଡେମୀର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ସହ ୧୬,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବଧିର ସଂଘ ସଭାପତି ଶିବନାରାୟଣ ବହିରଦାର, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ହୋତା, ପରିଚାଳନା ସମ୍ପାଦକ ରାଜେଶ କୁମାର ସାହୁ, ଯୋଗେଶ କୁମାର ବହିରଦାର ଓ ପ୍ରମୋଦ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ବଧିର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ**



ପୁରସ୍କାର ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ନନ୍ଦନକାନନ ବୁଲ୍ସ ଦଳର ଖେଳାଳି।

## ଜୁନିୟର ମହିଳା ହ୍ୟାଣ୍ଡବଲ ଦଳକୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** କାଜାଖସ୍ତାନର ଅଲମାଟିଠାରେ ଅନୁଷ୍ଠିତ ଏସିଆନ ଜୁନିୟର ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ହ୍ୟାଣ୍ଡବଲ ଦଳ ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛି। ଏଥିସହ ଦଳ ସ୍ଲୋଭେନିଆରେ ଜୁନ୍ ୨୨ରୁ ଜୁଲାଇ ୩ ପର୍ଯ୍ୟନ୍ତ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ସୋମବାର ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ ମ୍ୟାଚରେ ଭାରତ ୪୧-୧୮ରେ ଥାଇଲାଣ୍ଡକୁ ପରାସ୍ତ କରିଥିଲା। ଏଥିସହ ୫ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ୬ ପଏଣ୍ଟ ସହ ଭାରତ ଷ୍ଟାଣ୍ଡିଂରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ପୂର୍ବରୁ ଭାରତୀୟ ଦଳ ଉଜବେକିସ୍ତାନ ଓ କାଜାଖସ୍ତାନକୁ ହରାଇଥିବାବେଳେ କେବଳ ଇରାନଠାରୁ ପରାସ୍ତ ହୋଇଥିଲା। ଭାରତ ଏହା ପୂର୍ବରୁ ଜୁନିୟର କିମ୍ବା ସିନିୟର ସ୍ତରରେ କେବେହେଲେ ସ୍ୱର୍ଣ୍ଣ ପଦକ ଜିତି ନ ଥିଲା।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637, 9471160476
Whatsapp: 8902923601

LOAN
Group, Personal, Property, Business ଇତ୍ୟାଦି ସମସ୍ତ ପ୍ରକାର Loan ପାଇ ପାରିବେ।
ସୁଧ 1%
NO ADVANCED PAYMENTS
Bhubaneswar
8338006745

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ନଳିନୀ ପ୍ରଭା ଦାସ
ସାଇଲୋ, ରାହାମା, ଜଗତ୍‌ସିଂହପୁର
ଜନ୍ମ- ତା୦୩।୧୦।୧୯୬୧ରିଖ
ତିରୋଧାନ- ତା୦୫।୦୩।୨୦୨୨ରିଖ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ: ସ୍ୱାମୀ: ବିଭୂତି ଭୂଷଣ ପରିଜା, ପୁତ୍ର: ଫଣିଭୂଷଣ ପରିଜା, ପୁତ୍ରବଧୂ: ଲିପ୍‌ସିତା, ଜାମାତା: ଦେବାଶିଷ, କନ୍ୟା: ସାଇପଦ୍ମା, ବନ୍ଧୁ: ଅଜୟ କୁମାର ମହାନ୍ତି, ରେଣୁବାଳା, ବାପୁ, ପପୁ, ତାପସ, ଗେହ୍ଲି, ରମେଶ ଚନ୍ଦ୍ର ମହାପାତ୍ର, ନମିତା ବାଳା, ଶ୍ୱେତପଦ୍ମା, ସାରସ୍ୱତ, ଶ୍ରଦ୍ଧାକାନ୍ତ, ପଦ୍ମଲୋଚନ, ସଂଜୀବ, ସିବୁନା, ବୁଲୁ, ହାପି, ମଣ୍ଟୁ, ବବି, ଅମିୟ କୁମାର ଜେନା ଇତ୍ୟାଦି।
ଧ-୨୩୪୦୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ପଣ୍ଡିତ ଜ୍ୟୋତିର୍ବିଦ୍ ଭାଗୀରଥି ରଥ
(ଖଣ୍ଡପଡ଼ା)
୪୭ ଶାସ୍ତ୍ରୀନଗର ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୧୯୩୦ (May)
ତିରୋଧାନ: ୦୧।୦୩।୧୯୯୬ (ଦ୍ୱାଦଶୀ)
ନନା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ: ଜୟନ୍ତ, ପ୍ରଶାନ୍ତ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ।
ଧ-୨୩୪୦୮

୨୦ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା କ୍ଷେତ୍ରମଣୀ ପଟ୍ଟନାୟକ
ଆବିର୍ଭାବ: ୧୩।୧୦।୧୯୩୨
ତିରୋଧାନ: ୨୬।୦୩।୨୦୦୨
ଚାହୁଁ ଚାହୁଁ ବିତିଗଲା ୨୦ବରଷ
ଦେଖିବାକୁ ମିଳୁନାହିଁ ବୋଉଲୋ ତୋ ହସ,
ପରକରି ଚାଲିଗଲୁ କେଉଁ ଦୁନିଆକୁ
ଆତ୍ମା ଆମ ଖୋଜୁଅଛି ତୋ ସ୍ନେହ ପ୍ରେମକୁ।
ଶାନ୍ତି ପାଉ ଆତ୍ମା ତୋର ପାଉ ଦିବ୍ୟ ସ୍ୱର୍ଗ
କିଛି ଲୋଡ଼ା ନାହିଁ ଦିଅ ଆମକୁ ଆଶିଷ।
-:ବୋଉ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୨୩୩୮୧



# ରଙ୍ଗ ଖେଳ

**ଗୋଟିଏ ପଟେ ବସନ୍ତର ପରଶ ତ ଅନ୍ୟପଟେ ରଙ୍ଗର ପସରା। ସେଥିପାଇଁ ତ ହୋଲି ଖେଳର ମଜା ନିଆରା। ରଙ୍ଗର ଏଇ ଖେଳରେ ଥାଏ ଭଲପାଇବାର ଭାବ ଆଉ ପରକୁ ଆପଣା କରିବାର ସୁଯୋଗ। ହେଲେ କରୋନା ପାଇଁ ଏଥର ବି ସର୍ବସାଧାରଣରେ ଖେଳର ମଜା ନେବାରେ ଲାଗିଛି କିଛିଟା କଟକଣା। ତେଣୁ ସୁରକ୍ଷାର ସହ ହୋଲିର ମଜା ନେବା ପାଇଁ କ'ଣସବୁ କରିବାକୁ ହେବ, ସେନେଇ ଆଗୁଆ ପ୍ରସ୍ତୁତିରେ ବ୍ୟସ୍ତ ରହିଥା'ନ୍ତି ଗୃହିଣୀ...**

ପରଆପଣାର ଭାବକୁ ଦୂରେଇ ସମସ୍ତଙ୍କୁ ଏକାଠି କରିବାର ଏକ ସୁଯୋଗ ଆଣିଥାଏ ହୋଲି। ତେଣୁ ସମ୍ପର୍କର ସେତୁକୁ ମଜଭୁତ କରିବା ପାଇଁ ହୋଲିରେ ରଙ୍ଗ ଖେଳର ଯଥେଷ୍ଟ ଗୁରୁତ୍ୱ ରହିଛି। ସେଥିପାଇଁ ତ ପିଲାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ରହିଥା'ନ୍ତି। କିନ୍ତୁ ସମସ୍ତଙ୍କ ପାଇଁ ପ୍ରସ୍ତୁତି କରିବା ଦାୟିତ୍ୱ ଥାଏ ଗୃହିଣୀମାନଙ୍କର। କିଏ କେମିତି ପୋଷାକ ପିନ୍ଧିବେ, କ'ଣ ଖାଇବେ ଆଉ ରଙ୍ଗ ଲାଗି ଯେପରି ଆଖି, ତ୍ୱଚା କିମ୍ବା କେଶ ଖରାପ ନ ହୁଏ, ସେଥିପାଇଁ ମଧ୍ୟ ସତର୍କ ରହିବାକୁ ହୋଇଥାଏ।

**ତ୍ୱଚାର ସୁରକ୍ଷା ପାଇଁ:** ହୋଲିରେ ରଙ୍ଗ ଲାଗି ଯେପରି ତ୍ୱଚା ଖରାପ ନ ହେବ, ସେଥିପାଇଁ ସବୁଠୁ ଅଧିକ ସତର୍କତା ଆବଶ୍ୟକ। ତେଣୁ ଏ ଦୃଷ୍ଟିରୁ ପ୍ରସ୍ତୁତି କରିବା ପରେ ହିଁ ହୋଲି ଖେଳିବାକୁ ଯାଆନ୍ତୁ। ହୋଲିରେ କେବଳ ଅର୍ଗାନିକ୍ ବା ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ। ଏବେ ବଜାରରେ ତଥା ଅନ୍‌ଲାଇନ୍‌ରେ ମଧ୍ୟ ଅର୍ଗାନିକ୍ କଲର ମିଳୁଛି। ଏହି ରଙ୍ଗ ବ୍ୟବହାର କଲେ ତ୍ୱଚା ନଷ୍ଟ ହୋଇ ନ ଥାଏ। ଏହା ବ୍ୟତୀତ ତ୍ୱଚାକୁ ସୁରକ୍ଷା ଦେବା ପାଇଁ ଶରୀରକୁ ଅଧିକ ଢାଙ୍କି ରଖୁଥିବା ଭଳି ପୋଷାକ ପିନ୍ଧନ୍ତୁ। ହାତ ତଥା ଗୋଡ଼ ନଖରେ ନେଲପଲିସ୍ ଲଗାଇ ଦିଅନ୍ତୁ। ଏହାଫଳରେ ନଖରେ ରଙ୍ଗର ଦାଗ ରହିବ ନାହିଁ। ଯଥାସମ୍ଭବ ଲାଲ୍ କିମ୍ବା ପିଙ୍କ୍ କଲରରେ ହୋଲି ଖେଳିବା ପାଇଁ ଚେଷ୍ଟା କରନ୍ତୁ। କାରଣ ସ୍କିନ୍‌ରେ ଏହି ରଙ୍ଗର ଦାଗ ବେଶି ସମୟ ରହି ନ ଥାଏ। ତା'ଛଡା ସ୍କିନ୍‌ର ସୁରକ୍ଷା ପାଇଁ ରଙ୍ଗ ଖେଳିବା ପୂର୍ବରୁ ଭଲଭାବେ ସବୁଆଡ଼େ ଲୋଶନ୍ କିମ୍ବା ତେଲ ଲଗାନ୍ତୁ।

**ରଙ୍ଗ ପୂର୍ବରୁ କେଶ:** ରଙ୍ଗ ଖେଳିବା ପୂର୍ବରୁ କେଶରେ ଭଲଭାବେ ନଡ଼ିଆ ତେଲ ଲଗାଇ ଦିଅନ୍ତୁ। ଏହା ବ୍ୟତୀତ ହୋଲି ଖେଳର କିଛି ଦିନ ପୂର୍ବରୁ ହେୟାର କଲର ମଧ୍ୟ ଲଗାଇ ଦିଅନ୍ତୁ। ଏପରି କରିବା ଫଳରେ କେଶରେ ରଙ୍ଗର କୌଣସି ପ୍ରଭାବ ରହି ନ ଥାଏ। ଆଖିରେ ରଙ୍ଗ ନ ଲାଗିବା ପାଇଁ ରଙ୍ଗ ଖେଳ ସମୟରେ ସନ୍ ଗ୍ଲାସ ବ୍ୟବହାର କରନ୍ତୁ ଏବଂ ରଙ୍ଗ ପକାଇବା ସମୟରେ ଆଖି ବନ୍ଦ କରି ଦିଅନ୍ତୁ।

## କ'ଣ କୁହନ୍ତି ଏମାନେ


କଳ୍ପନା

**କଳ୍ପନା ବେହେରା** (ଗୃହିଣୀ, ଯାଜପୁର)
ଏହି ଦିନକୁ ତ ମୁଁ ସବୁବର୍ଷ ଅପେକ୍ଷା କରିଥାଏ। କେବେ ହୋଲି ଆସିବ ଆଉ ଆମେ ସମସ୍ତେ ରଙ୍ଗରେ ରଙ୍ଗେଇ ହେବୁ। ବେଶି ଗହଳି ସ୍ଥାନକୁ ନ ଯାଇ ମୁଁ କେବଳ ମୋ ପରିବାର ଲୋକଙ୍କ ସହ ଖେଳିଥାଏ। କେବଳ ଫଗୁରେ ହୋଲି ଖେଳେ, ଆଉ ମୁଣ୍ଡଫଟା ରଙ୍ଗଠାରୁ ନିଜକୁ ଦୂରେଇ ରଖେ। ରଙ୍ଗ ଯେପରି ଆଖି, ପାଟି, କାନ କି ନାକରେ ନ ପଶେ, ସେଥିପାଇଁ ମଧ୍ୟ ମୁଁ ବହୁ ସତର୍କ ଥାଏ।


ସରଳା

**ସରଳା ବେହେରା** (ଅଧ୍ୟାପିକା, ସଂସ୍କୃତ ବିଭାଗ, ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ, ନୟାଗଡ଼)
ହୋଲି ଖେଳ ତ ମୋ ପାଇଁ ସବୁବେଳେ ନିଆରା। ବାହାରେ ଅନ୍ୟ ଲୋକଙ୍କ ସହ ନ ଖେଳି କେବଳ ପରିବାର ସଦସ୍ୟଙ୍କ ସହ ଖେଳି ରଙ୍ଗର ମଜା ନିଏ। କେମିକାଲ୍ସ ରଙ୍ଗଠାରୁ ବି ନିଜକୁ ଦୂରେଇ ହର୍‌ବାଲ ରଙ୍ଗକୁ ପ୍ରାଧାନ୍ୟ ଦେଇଥାଏ। ବେଳେବେଳେ ମୁଁ ଘରେ ପ୍ରାକୃତିକ ରଙ୍ଗ ବି ତିଆରି କରେ ଓ ସେଥିରେ ଖେଳୁ। ଶରୀରର ଅଧିକାଂଶ ଅଂଶକୁ ମୁଁ ଘୋଡ଼ାଇ ରଖିଥାଏ। ଏହି ସମୟରେ ବହୁ ପାଣି ବି ପିଇଥାଏ। ଘରେ ସନ୍ଧ୍ୟାରେ ଭୋଜିଭାତର ଆସର ବି ଜମେ।


ଅର୍ଚ୍ଚନା

**ଅର୍ଚ୍ଚନା** (ଗୃହିଣୀ, ଭଦ୍ରକ) ହୋଲି ତ ଆମେ ସବୁବର୍ଷ ଖେଳୁ, ହେଲେ ଖେଳିଲା ବେଳେ ମୁଁ ଛୋଟ ପିଲାଙ୍କ ପ୍ରତି ବେଶି ସଚେତନତା ଅବଲମ୍ବନ କରେ ; ଯେମିତି ସେମାନଙ୍କ ଦେହରେ କିଛି ବି ରଙ୍ଗ ନ ପଡ଼େ। ଖାଲି ସେତିକି ନୁହେଁ, ଜୀବଜନ୍ତୁଙ୍କ ପ୍ରତି ମଧ୍ୟ ମୁଁ ସଜାଗ ଥାଏ। ଏହି ସମୟରେ ମୁଁ ମୋ ଧଳା ନାଲି ରଙ୍ଗ ଥିବା ପୁରୁଣା ଶାଢ଼ି ପିନ୍ଧିଥାଏ। ହୋଲି ଖେଳ ସମୟରେ ବାରମ୍ବାର ନ ଗାଧୋଇ ଖେଳ ଶେଷ ହେବାର କିଛି ସମୟ ପରେ ଗାଧାଏ। ଆଖିକୁ ରଙ୍ଗଠାରୁ ରକ୍ଷା କରିବା ପାଇଁ ସନ୍‌ଗ୍ଲାସ ବି ପିନ୍ଧିଥାଏ।

**ସତର୍କ ରୁହନ୍ତୁ ଗର୍ଭବତୀ:** ହୋଲିରେ ଛୋଟ ପିଲା ଓ ବୟସ୍କଙ୍କ ବ୍ୟତୀତ ଗର୍ଭବତୀ ମହିଳାଙ୍କୁ ଅଧିକ ସତର୍କ ରହିବାକୁ ହେବ। ଅନେକ ରଙ୍ଗ ଲଗାଇ ମଜା ମସ୍ତି କରିବା ସହ ନାଚଗୀତ ବି କରନ୍ତି। କିନ୍ତୁ ଗୀତ ବାଜିବା ସମୟରେ ଅଧିକ ଉତ୍ସାହିତ ହୋଇ ହୋଲିରେ ଗର୍ଭବତୀ ମହିଳା ଆଦୌ ନାଚନ୍ତୁ ନାହିଁ। ଏମିତିକି ସେଭଳି ସ୍ଥାନକୁ ଯିବା ମଧ୍ୟ ଉଚିତ ନୁହେଁ। କେବଳ ଶୁଖିଲା ଅବିର ବା ପ୍ରାକୃତିକ ରଙ୍ଗରେ ଖେଳନ୍ତୁ। ପାଣି ରଙ୍ଗରେ ଖେଳନ୍ତୁ ନାହିଁ।

**ସମ୍ପର୍କ ଖରାପ ନ ହେଉ:** ହୋଲିରେ କିଛି ଲୋକ ରଙ୍ଗ ଖେଳିବା ପାଇଁ ପସନ୍ଦ କରି ନ ଥା'ନ୍ତି। ତେଣୁ ସେମାନଙ୍କୁ ବାଧ୍ୟ କରି ଆଣି ରଙ୍ଗ ଲଗାନ୍ତୁ ନାହିଁ। ଏପରି କରିବା ଫଳରେ ହୁଏତ ତାଙ୍କ ସହିତ ଆପଣଙ୍କ ସମ୍ପର୍କ ନଷ୍ଟ ହୋଇପାରେ। ତେଣୁ ଇଚ୍ଛୁକ ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହୋଲି ଖେଳନ୍ତୁ। ଏହା ବ୍ୟତୀତ ସେପରି ଖରାପ ରଙ୍ଗ କିମ୍ବା ମାଟି, ଅଣ୍ଡା ଆଦିରେ ହୋଲି ଖେଳନ୍ତୁ ନାହିଁ, ଯାହା କୌଣସି ପ୍ରକାରର କ୍ଷତି କରିବ। ଏହା ବ୍ୟତୀତ ଘରେ କୌଣସି ବୟସ୍କ କିମ୍ବା ଅସୁସ୍ଥ ବ୍ୟକ୍ତି ଥିଲେ ସେମାନଙ୍କୁ ରଙ୍ଗ ଖେଳରେ ସାମିଲ କରନ୍ତୁ ନାହିଁ।

**ହୋଲିରେ ଘରସଫା:** ଘରକୁ ସଫାସୁତରା ରଖିବା ଗୃହିଣୀମାନଙ୍କର ଏକ ସ୍ୱତନ୍ତ୍ର କଳା। ତେବେ ହୋଲି ସମୟରେ ତ ଘରେ ରଙ୍ଗ ପଡ଼ିବ ନିଶ୍ଚୟ। ତା'ଛଡ଼ା କରୋନା ପାଇଁ ବାହାରେ ହୋଲି ଖେଳିବାରେ କଟକଣା ଥିବାରୁ ଘରେ ହିଁ ହୋଲି ଖେଳ ଆୟୋଜନ କରିବାକୁ ହେବ। ତେଣୁ ଖେଳ ସରିବା ପରେ ଘରକୁ ସଫା କରିବା ନିହାତି ଜରୁରୀ। କେଉଁଠି ହୋଲିର ଦାଗ ଲାଗିବ ଏବଂ କିପରି ସଫା କରିବାକୁ ହେବ, ସେନେଇ ଆଗୁଆ ପ୍ରସ୍ତୁତ ରହିବା ଉଚିତ। ଘରେ ଚଟାଣ ଉପରେ ଯଦି ଶୁଖିଲା ରଙ୍ଗ ପଡ଼ିଥାଏ, ତେବେ ସେଥିରେ ପାଣି ନ ପକାଇ ପ୍ରଥମେ ଓଳାଇ ସଫା କରିଦିଅନ୍ତୁ। ତା'ପରେ ଘରକୁ ପୋଛି ପାରିବେ। ଯଦି ଗଦି କିମ୍ବା ତକିଆ ଓ ବେଡ୍‌ଶିଟ୍, ପରଦା ଆଦିରେ ଯଦି ଭୁଲ୍‌ରେ ପିଲାମାନେ ରଙ୍ଗ ଲଗାଇ ଦେଇଥା'ନ୍ତି, ତେବେ ସେହି ରଙ୍ଗକୁ ଝାଡ଼ିଦିଅନ୍ତୁ। ଯଦି ପାଣି ରଙ୍ଗ ଲାଗିଥାଏ, ତେବେ ସଫା କରିବା ପାଇଁ ଡିଟରଜେଣ୍ଟ ପାଣିରେ କିଛି ଭିନେଗାର ପକାଇ ଭିଜାଇ ଦିଅନ୍ତୁ। ଯଦି କବାଟ ଝରକା ଆଦିରେ ରଙ୍ଗ ଲାଗିଥାଏ, ତେବେ ଶୁଖିଲା କପଡ଼ାରେ ପୋଛି ଦିଅନ୍ତୁ।

**ଖିଆପିଆର ମଜା:** ହୋଲିରେ ରଙ୍ଗ ଖେଳ ସରିବା ପରେ ଖିଆପିଆର ବି ସ୍ୱତନ୍ତ୍ରତା ରହିଥାଏ। ତେଣୁ ଏଥିପାଇଁ ଆଗୁଆ ପ୍ରସ୍ତୁତି କରିବା ଉଚିତ। ରଙ୍ଗ ଖେଳ ଆରମ୍ଭ କରିବା ପୂର୍ବରୁ ରୋଷେଇ କାମ ଶେଷ କରିଦେବା ଉଚିତ। ଯଦି ହୋଲି ପାଇଁ କିଛି ସ୍ୱତନ୍ତ୍ର ପିଠା କିମ୍ବା ମିଠା ତିଆରି କରିବା ପାଇଁ ପ୍ଲାନ୍ କରିଥା'ନ୍ତି, ତେବେ ପୂର୍ବଦିନ ରାତିରୁ ହିଁ କରି ରଖିଦିଅନ୍ତୁ।

➤ପିଲାମାନଙ୍କୁ ରଙ୍ଗ ଖେଳ ପୂର୍ବରୁ ଖାଇବାକୁ ଦେବା ସହିତ ହୋଲି ପାଇଁ ସ୍ୱତନ୍ତ୍ର ପୋଷାକ ଓ ମୁଣ୍ଡରେ କ୍ୟାପ୍ ପିନ୍ଧାନ୍ତୁ, ଯେଉଁଥିରେ ରଙ୍ଗ ଲାଗିଲେ ଖରାପ ହେବ ନାହିଁ।

➤ହୋଲି ରଙ୍ଗକୁ ସଫା କରିବା ପରେ ମଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ।

➤ରଙ୍ଗ ସଫା କରିବା ପାଇଁ ସ୍କିନ୍‌କୁ ଜୋରରେ ଘଷନ୍ତୁ ନାହିଁ।





# ସ୍କର୍ଟ କିଣିବାବେଳେ...

**ସ୍କର୍ଟ ପିନ୍ଧିବା ପାଇଁ ଯେମିତି ଆରାମଦାୟକ ସେମିତି ମଧ୍ୟ ଫ୍ୟାଶନେବୁଲ। କିନ୍ତୁ ପରଫେକ୍ଟ ଲୁକ୍ ପାଇବା ପାଇଁ ସ୍କର୍ଟ କିଣିବା ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ଜାଣି ରଖନ୍ତୁ...**





– ସ୍କର୍ଟ କିଣିବା ସମୟରେ ଏହାର ଫାବ୍ରିକ ଉପରେ ଧ୍ୟାନ ଦିଅନ୍ତୁ, କାହିଁକିନା ଏହାର ଫାବ୍ରିକ ଯୋଗୁଁ ହିଁ ଏହା ଅଧିକ ଆକର୍ଷଣୀୟ ମନେ ହୋଇଥାଏ। ଯଦି ମୁଲାୟମ ଫାବ୍ରିକ ଚୟନ କରୁଥା'ନ୍ତି, ତେବେ ଏହି ଫାବ୍ରିକ ହିପ୍ ଲାଇନରେ ପ୍ରାୟତଃ ଲାଗିଯାଇଥାଏ। ତେଣୁ ଠିକ୍ ଫାବ୍ରିକ ଦେଖି କିଣନ୍ତୁ।

– ନିଜ ଶରୀରର ଆକୃତି ଅନୁସାରେ ସ୍କର୍ଟ ଚୟନ କରନ୍ତୁ। ଯଦି ଆପଣଙ୍କ ଗୋଡ଼ ଅଧିକ ମୋଟା ହୋଇଥାଏ, ତେବେ ମିନି ସ୍କର୍ଟ ବଦଳରେ ଆପଣ ଲମ୍ବା ସ୍କର୍ଟ ପିନ୍ଧନ୍ତୁ।

– ଯଦି ଆପଣଙ୍କ ହାଇଟ୍ କମ୍ ଅଛି, ତେବେ ଗୋଇଠିଠାରୁ ଅଳ୍ପ ଉପରକୁ ଥିବା ସ୍କର୍ଟ ହିଁ ଆପଣଙ୍କୁ ଭଲ ମାନିବ।

– ସଠିକ୍ ହାଇଟ୍ ଥିବା ମହିଳାମାନଙ୍କୁ ଲମ୍ବା ସ୍କର୍ଟ ଭଲ ଲାଗିବ।

– ସ୍କର୍ଟ ସହିତ ଯଦି ଆପଣ ଅଧିକ ଫ୍ରିଲ ଥିବା ଟପ୍ ପିନ୍ଧନ୍ତି, ତେବେ ତାହା ଅଧିକ ହାଇଲାଇଟ୍ ହୋଇଯିବ। ତେଣୁ ଏଭଳି ଟପ୍ ପିନ୍ଧନ୍ତୁ, ଯେଉଁଥିରେ ସ୍କର୍ଟ ଅଧିକ ଦିଶୁଥିବ।

# ପିମ୍ପୁଡ଼ି ଦୂର କରିବାର ଘରୋଇ ଉପାୟ

➤ଅଳ୍ପ ପାଣିରେ ଅଧିକ ଲୁଣ ମିଶାଇ ଫୁଟାନ୍ତୁ। ଲୁଣ ଭଲଭାବେ ମିଶିଗଲେ ସେହି ପାଣିକୁ ଥଣ୍ଡା କରି ଏକ ସ୍ପ୍ରେ ବୋତଲରେ ରଖି ପିମ୍ପୁଡ଼ି ହେଉଥିବା ସ୍ଥାନରେ ପକାନ୍ତୁ। ଲଗାତର ଏପରି କଲେ ଧୀରେ ଧୀରେ ସେହି ସ୍ଥାନରେ ପିମ୍ପୁଡ଼ି ହେବେ ନାହିଁ।

➤କୌଣସି ଖାଦ୍ୟରେ ପିମ୍ପୁଡ଼ି ଲାଗୁଥିଲେ ସେହି ସ୍ଥାନରେ ଲଙ୍କାଗୁଣ୍ଡ ପକାଇ ଦିଅନ୍ତୁ। ପ୍ରାକୃତିକ ଭାବରେ ଏହା ପିମ୍ପୁଡ଼ିମାନଙ୍କର ରାସାୟନିକ ସଙ୍କେତକୁ ନଷ୍ଟ କରିଥାଏ। ତେଣୁ ସେହି ସ୍ଥାନକୁ ପିମ୍ପୁଡ଼ି ଆସନ୍ତି ନାହିଁ।

➤ଚକ୍‌ରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଥିବାର ପିମ୍ପୁଡ଼ି ହେଉଥିବା ସ୍ଥାନରେ ପକାଇଲେ ଲାଭ ମିଳିଥାଏ।

➤ଖାଦ୍ୟ ଜିନିଷରେ କିଛି ଲବଙ୍ଗ ରଖିଦେଲେ ସେଥିରେ ପିମ୍ପୁଡ଼ି ହେବେ ନାହିଁ।

➤କବାଟ କିମ୍ବା ଝରକା ପାଖରେ ଗନ୍ଧକର୍ପୂର ରଖିଦେଲେ ମଧ୍ୟ ପିମ୍ପୁଡ଼ି ଆସନ୍ତି ନାହିଁ।

➤ଲେମ୍ବୁ, କମଳା ଆଦି କିଛି ନିର୍ଦ୍ଦିଷ୍ଟ ପ୍ରକାରର ଫଳର ଚୋପାକୁ ପିମ୍ପୁଡ଼ି ହେଉଥିବା ସ୍ଥାନରେ ପକାଇଲେ ପିମ୍ପୁଡ଼ି ହୋଇ ନ ଥା'ନ୍ତି।

➤ବୋରିକ୍ସ ପାଉଡର ପକାଇଲେ ମଧ୍ୟ ପିମ୍ପୁଡ଼ି ହୁଅନ୍ତି ନାହିଁ। କିନ୍ତୁ ଏହାକୁ ଖାଦ୍ୟ ଜିନିଷଠାରୁ ଦୂରେଇ ରଖିବା ଉଚିତ।

➤ଭିନେଗାରକୁ ପାଣିରେ ମିଶାଇ ପିମ୍ପୁଡ଼ି ହେଉଥିବା ସ୍ଥାନରେ ସ୍ପ୍ରେ କଲେ ପିମ୍ପୁଡ଼ି ଚାଲି ଯାଇଥା'ନ୍ତି।

➤ଘରକୁ ସଫା ରଖନ୍ତୁ। ସବୁ ଖାଦ୍ୟ ପଦାର୍ଥକୁ ଭଲଭାବେ ଘୋଡ଼ାଇ ରଖନ୍ତୁ ଓ ଠିକ୍‌ଭାବେ ବନ୍ଦ କରନ୍ତୁ।



## ଘରେ କରନ୍ତୁ ହର୍ବାଲ ରଙ୍ଗ

**ହୋଲିରେ ହର୍ବାଲ ରଙ୍ଗ ବ୍ୟବହାର କରିବା ଫଳରେ ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ ଆପଣ ଚାହିଁଲେ ଘରେ ବି ତିଆରି କରିପାରିବେ ଏହି ରଙ୍ଗ...**

▶ସବୁଜ ରଙ୍ଗ ତିଆରି କରିବା ପାଇଁ ଆପଣ ନିମ୍ବ ପତ୍ର ବ୍ୟବହାର କରିପାରିବେ। ନିମ୍ବ ପତ୍ରକୁ ଶୁଖାଇ ଭଲଭାବେ ଗୁଣ୍ଡ କରି ସବୁଜ ରଙ୍ଗ କରିପାରିବେ। ଏହା ସହିତ ନିମ୍ବ ପତ୍ରକୁ ବାଟି ପେଷ୍ଟ କରି ରଙ୍ଗ ତିଆରି କରିପାରିବେ।

▶ପଳାସ ଫୁଲକୁ ମଧ୍ୟ ଶୁଖାଇ ରଙ୍ଗ ତିଆରି କରିପାରିବେ। ସେହିପରି ଅନ୍ୟ ଫୁଲକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ରଙ୍ଗ ତିଆରି କରାଯାଇପାରିବ।

▶ବିଟ୍‌କୁ ବ୍ୟବହାର କରି ବହୁତ ସୁନ୍ଦର ଗୋଲାପି ରଙ୍ଗ ତିଆରି କରାଯାଇପାରିବ। ବିଟ୍‌କୁ ଶୁଖାଇ ଗୁଣ୍ଡ କରିଦେଲେ ଶୁଖିଲା ରଙ୍ଗ ଏବଂ ପେଷ୍ଟ ତିଆରି କରି ରଙ୍ଗ କରିହେବ।

▶ହଳଦିଆ ରଙ୍ଗ ପାଇଁ ହଳଦୀରେ ଚାଉଳ ଗୁଣ୍ଡ କିମ୍ବା ଅଟା ମିଶାଇ ଆପଣ ସୁନ୍ଦର ରଙ୍ଗ ତିଆରି କରିପାରିବେ।

## ସୌନ୍ଦର୍ଯ୍ୟ

## ମୁଗ ଡାଲିରୁ ଫେସ୍‌ପ୍ୟାକ୍



➤ମୁଗ ଡାଲିକୁ ରାତିସାରା ଭିଜାଇ ସକାଳୁ ଏହାର ପେଷ୍ଟ ତିଆରି କରିଦିଅନ୍ତୁ। ଏହି ପେଷ୍ଟରେ କିଛି ବାଦାମ ତେଲ ଓ ମହୁ ମିଶାଇ ମୁହଁରେ ଲଗାନ୍ତୁ। ପ୍ରାୟ ୨୦ ମିନିଟ୍ ପରେ ମୁହଁକୁ ଖାଲି ପାଣିରେ ଧୋଇ ଦିଅନ୍ତୁ।

➤ମୁଗ ଡାଲିକୁ ରାତିସାରା କଞ୍ଚା କ୍ଷୀରରେ ଭିଜାଇ ରଖନ୍ତୁ। ସକାଳୁ ଏହାର ପେଷ୍ଟ ତିଆରି କରି ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ।

➤୪ ଚାମଚ ମୁଗକୁ ରାତିସାରା ଭିଜାଇ ତା'ର ପେଷ୍ଟ ତିଆରି କରନ୍ତୁ। ସେଥିରେ କମଳା ଚୋପାର ଗୁଣ୍ଡ ୨ ଚାମଚ ଏବଂ ୨ ଚାମଚ ଚନ୍ଦନ ପାଉଡର ମିଶାଇ ସ୍କ୍ରବ୍ ତିଆରି କରି ଲଗାନ୍ତୁ। ଯଦି ଏହି ପେଷ୍ଟ ଅଧିକ ଗାଢ଼ା ହୋଇଯାଏ ତେବେ ଏଥିରେ କିଛି କ୍ଷୀର ମିଶାନ୍ତୁ। ଏହାକୁ ଅତି କମ୍‌ରେ ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ସ୍କ୍ରବ କରି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ବାରମ୍ବାର ଏପରି ସ୍କ୍ରବ କରିବା ଫଳରେ ମୁହଁରେ ଥିବା ଅନାବଶ୍ୟକ ଲୋମ ସବୁ ବାହାରି ଯାଇଥାଏ।

➤ମୁଗ ଡାଲିର ପେଷ୍ଟରେ ଦହି ମିଶାଇ ଏହାର ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ।

➤ମୁଗ ଡାଲିର ପେଷ୍ଟରେ ୨ ଚାମଚ ଘିଅ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ପ୍ରତିଦିନ ଏଭଳି ପେଷ୍ଟ ତିଆରି କରି ଲଗାଇବା ଫଳରେ ମୁହଁରେ ଥିବା ବ୍ରଣ ସମସ୍ୟା ରହି ନ ଥାଏ ଏବଂ ତ୍ୱଚା ଧୀରେ ଧୀରେ କୋମଳ ତଥା ସୁନ୍ଦର ହୋଇଥାଏ।



## ଖାଦ୍ୟରୁଚି

## ନଡ଼ିଆ ଖିରି

**ଆବଶ୍ୟକ ସାମଗ୍ରୀ–** କ୍ଷୀର– ୧ ଲିଟର, ନଡ଼ିଆ–୧ଟି ବଡ଼, ଚିନି– ୮୦ ଗ୍ରାମ୍, କାଜୁ– ୮ଟି (ଛୋଟ କଟା), ବାଦାମ– ୮ଟି (କଟା), କିସ୍‌ମିସ୍– ୧୦ଟି, ଗୁଜୁରାତି ଗୁଣ୍ଡ– ଅଧା ଚାମଚ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଏକ ବଡ଼ ପାତ୍ରରେ କ୍ଷୀରକୁ ଚୁଲିରେ ବସାନ୍ତୁ। କ୍ଷୀର ଫୁଟି ଆସିଲେ ଗ୍ୟାସର ଫ୍ଲେମ୍ କମ୍ କରି ଦିଅନ୍ତୁ। ଏବେ ନଡ଼ିଆକୁ କୋରି ଅଳ୍ପ ଗ୍ରାଇଣ୍ଡିଂ କରି କ୍ଷୀରରେ ପକାନ୍ତୁ। ଲଗାତର ଏହି କ୍ଷୀରକୁ ଗୋଳାଉଥା'ନ୍ତୁ, ନଚେତ୍ ତଳେ ଲାଗିଯିବ ଓ ସ୍ୱାଦ ଖରାପ ହୋଇଯିବ। ଫୁଟିବା ପରେ ଏହାକୁ କମ୍ ଆଞ୍ଚରେ କିଛି ସମୟ ବସାଇ ମଝିରେ ମଝିରେ ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ କ୍ଷୀର ବହଳିଆ ଦେଖାଯିବ। ଏବେ ସେଥିରୁ ଚାମଚରେ ଅଳ୍ପ ଆଣି ଦେଖନ୍ତୁ। ଯଦି ନଡ଼ିଆ ଦାନାସବୁ ହାତକୁ ନରମ ଲାଗୁଥାଏ, ତେବେ ସେଥିରେ ଚିନି ପକାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ବାଦାମ, କାଜୁ, କିସ୍‌ମିସ୍ ଭାଜି ପକାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ବନ୍ଦ କରି ସେଥିରେ ଗୁଜୁରାତି ଗୁଣ୍ଡକୁ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ନଡ଼ିଆ ଖିରି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ

# ଆୟାର, କେର୍ ପ୍ଲେୟର ଅଫ୍ ଦି ମନ୍ଥ




ଶ୍ରେୟାସ ଆୟାର ଓ ଆମେଲିଆ କେର୍।

**ଦୁବାଇ, ୧୪।୩ (ପି.ଟି.)**

ଭାରତୀୟ ବ୍ୟାଟର ଶ୍ରେୟାସ ଆୟାର ପୁରୁଷ ବର୍ଗରେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ଆମେଲିଆ କେର୍ ମହିଳା ବିଭାଗର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି) ପକ୍ଷରୁ ଫେବୃୟାରୀ ମାସର ପୁରସ୍କାର ପାଇଁ ସୋମବାର ଏହି ଦୁଇ ଖେଳାଳିଙ୍କ ନାମ ପ୍ରକାଶ ପାଇଛି। ଗତ ମାସରେ ଅନୁଷ୍ଠିତ ସୀମିତ ଓଭର କ୍ରିକେଟରେ ଆୟାର ଉଭୟ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଭୋଟିଂରେ ସେ ୟୁଏଇର ଭ୍ରିତିୟା ଅରବିନ୍ଦ ଓ ନେପାଳର ଦୀପେନ୍ଦ୍ର ସିଂ ଏରିଙ୍କୁ ପଛରେ ପକାଇଛନ୍ତି। ଅହମଦାବାଦରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆରେ ଆୟାର ମ୍ୟାଚ ବିଜୟୀ ୮୦ ରନର ଇନିଂସ ଖେଳିଥିଲେ। ସେହିପରି ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ଅନ୍ତିମ ମ୍ୟାଚରେ ସେ ୧୬ ବଲ୍‌ରୁ ୨୫ ରନ କରି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହିପରି ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜର ୩ ଇନିଂସରେ ସେ ୨୦୪ ରନ କରି ଅପରାଜେୟ ରହିଥିଲେ। ତାଙ୍କର ଷ୍ଟ୍ରାଇକ୍‌ହାର ଥିଲା ୧୭୪.୩୬। ୩ଟି ଗେମ୍‌ରେ ସେ ଯଥାକ୍ରମେ ୨୮ ବଲ୍‌ରୁ ୫୭, ୪୪ ବଲ୍‌ରୁ ୭୪ ଓ ୪୫ ବଲ୍‌ରୁ ୭୩ ରନକରି ଅପରାଜିତ ରହିଥିଲେ। ଏହି ସିରିଜରେ ୨୦ ଚୌକା ଓ ୭ ଛକା ମାରିଥିବା ଆୟାର ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚଳିତ ମାସରେ ମଧ୍ୟ ୨୭ ବର୍ଷୀୟ ଆୟାର ସେହି ଫର୍ମ ଜାରି ରଖିଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସେ ପ୍ରଥମ ଇନିଂସରେ ୯୨ ରନ ସ୍କୋର କରିଥିଲେ।

୨୧ ବର୍ଷୀୟ କେର୍ ଭାରତ ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଚମକ ଦେଖାଇଥିଲେ। ଭୋଟିଂରେ ସେ ଭାରତୀୟ ଦଳର ଅଧିନାୟିକା ମିତାଲି ରାଜ ଓ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ପଛରେ ପକାଇ ଦେଇଥିଲେ। ୱେଲିଂଟନରେ ଜନ୍ମିତ କେର୍ ଆଧୁନିକ କ୍ରିକେଟରେ ଜଣେ ଶ୍ରେଷ୍ଠ ମହିଳା କ୍ରିକେଟରଭାବେ ବିବେଚିତ ହେଉଛନ୍ତି।



୫ ଉଇକେଟ ହାସଲକାରୀ ମାରିଜାନେ କାପ୍।

# ଦକ୍ଷିଣ ଆଫ୍ରିକା ଦଳର ହ୍ୟାଟ୍ରିକ ବିଜୟ

**ମାଉଣ୍ଟ ମଙ୍ଗାନୁଇ, ୧୪।୩**

ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହିତ କ୍ରମାଗତ ୩ ମ୍ୟାଚ୍ ଜିତି ବିଜୟରେ ହ୍ୟାଟ୍ରିକ କରିଛି ଏହି ଦଳ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ୫୦ ଓଭରରେ ୯

**ମହିଳା କ୍ରିକେଟ ବିଶ୍ୱକପ**

ଉଇକେଟ ହରାଇ ୨୩୫ ରନ୍ କରିଥିଲା। ଟାମି ବିମଣ୍ଟ ସର୍ବାଧିକ ୬୨ ଓ ଆମି ଜୋନ୍ସ ୫୩ ରନ୍ ସ୍କୋର କରିଥିଲେ। ବିପକ୍ଷ ଦଳର ବୋଲର ମାରିଜାନେ କାପ୍ ୪୫ ରନ୍ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ମାସାବାତା କ୍ଲାସ୍‌ଙ୍କୁ ୨ଟି ଉଇକେଟ ମିଳିଥିଲା। ୨୩୬ ରନ୍ ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୪୯.୨ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ଲୌରା ଉଲ୍‌ଭାର୍ଡଟ ୭୭ ରନ୍ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସୁନେ ଲୁସ୍ ୩୬ ଓ ଟାଜମିନ ବ୍ରିଟ୍ସ ୨୩ ରନ୍ କରିଥିଲେ। ଇଂଲଣ୍ଡର ଆନ୍ୟା ଶ୍ରୁବସୋଲେ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ମାରିଜାନେ କାପ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ରୁ ୬ ବିଜୟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବ ୨ ମ୍ୟାଚ୍‌ରେ ଏହି ଦଳ ବାଂଲାଦେଶକୁ ୩୨ ଓ ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଥିଲା।

ହାମିଲଟନ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୯ ରନ୍‌ରେ ପାକିସ୍ତାନକୁ ହରାଇ ଦେଇଛି। ବାଂଲାଦେଶ ୫୦ ଓଭରରେ ୭ ଉଇକେଟ ହରାଇ ୨୩୪ ରନ୍ କରିଥିବାବେଳେ ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୨୨୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ମହିଳା କ୍ରିକେଟ ବିଶ୍ୱକପ୍‌ର କୌଣସି ମ୍ୟାଚ୍‌ରେ ବାଂଲାଦେଶର ଏହା ଥିଲା ସର୍ବପ୍ରଥମ ବିଜୟ।







## ସଂକ୍ଷେପରେ

### ପିକ୍‌ଅପ୍ ଧକ୍କାରେ ଶିଶୁମୃତ

ପାଇକମାଳ, ୧୪।୩(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ଥାନା କୋକନରା ଗାଁ ପାଖରେ ସୋମବାର ଅପରାହ୍ନରେ ପିକଅପ ଧକ୍କାରେ ୩ବର୍ଷର ଏକ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ସମାରୁ ଧରୁଆଙ୍କ ୩ବର୍ଷର ପୁଅ ଆଜାଦ। କୋକନରା ଗ୍ରାମର ଆଜାଦ ନିଜ ସାମନା ରାସ୍ତାରେ ଖେଳୁଥିବା ବେଳେ ସେହିବାଟ ଦେଇ ଯାଉଥିବା ପିକ୍‌ଅପ (ନଂ.ଓଡି୧୭ଆର ୫୧୫୪) ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡି ସହ ପାଇକମାଳ ଥାନାରେ ଆତ୍ମସମର୍ପଣ କରିଥିଲେ। ଖବର ପ୍ରଚାରିତ ହେବା ପରେ କୋକନରା ଗ୍ରାମବାସୀ କ୍ଷତିପୂରଣ ଦାବିରେ ଦୁର୍ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ।

### ଗାଡି ଧକ୍କାରେ ୪ ବର୍ଷର ଶିଶୁକନ୍ୟା ମୃତ

କଣ୍ଟାମାଳ/ବାଉଁଶୁଣୀ, ୧୪।୩(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧୀନ ୪୧ ନଂ ରାଜ୍ୟ ରାଜପଥର କଣ୍ଟାମାଳ- ଘଣ୍ଟାପଡା ରାସ୍ତାର ଶ୍ରୀମାଳ ଗାଁ ନିକଟରେ ସୋମବାର ଏକ ଅଜଣା ଗାଡି ଧକ୍କାରେ ଜଣେ ୪ ବର୍ଷୀୟ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ବରଗାଁ ପଞ୍ଚାୟତର ଶ୍ରୀମାଳ ନିକଟରେ ଗାଁର ଗୁରୁଚରଣ ରଣାଙ୍କ ୪ ବର୍ଷର ଶିଶୁ କନ୍ୟା ନନ୍ଦିନୀ ଶୌଚ ସାରି ରାସ୍ତା ପାର ହେଉଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଏକ ମୋଟର ସାଇକେଲ ଯୋଗେ କଣ୍ଟମାଳ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କଣ୍ଟମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଏପେଟ ଦୁର୍ଘଟଣା ଘଟାଇ ଥିବା ଗାଡିର କୌଣସି ପତା ମିଳି ନ ଥିବା ଜଣାପଡିଛି।

### ଟିଟିଲାଗଡ ବ୍ରାହ୍ମଣ ସମାଜର ବୈଠକ

ଟିଟିଲାଗଡ, ୧୪।୩(ଡି.ଏନ.ଏ.): ଟିଟିଲାଗଡ଼ ବ୍ରାହ୍ମଣ ସମାଜ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସଭାପତି ବିଶ୍ୱରାମ ଠାକୁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପୂର୍ବବର୍ଷମାନଙ୍କ ପରି ଏପ୍ରିଲ ୨୧ତାରିଖରେ ସାମୂହିକ ବ୍ରତ ଅନୁଷ୍ଠିତ ହେବ। ଇଚ୍ଛୁକ ପିତା/ କର୍ତ୍ତା ମାର୍ଚ୍ଚ ୨୫ ସୁଦ୍ଧା ସଭାପତି, ସମ୍ପାଦକ କିମ୍ବା କର୍ମକର୍ତ୍ତାମାନଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବେ ବୋଲି ସମ୍ପାଦକ ବନମାଳୀ ଦାଶ କହିଛନ୍ତି। ଯୁଗ୍ମ ସମ୍ପାଦକ ମନ୍ଦରଧର ପଣ୍ଡା ଶାନ୍ତିମନ୍ତ୍ର ପାଠ କରିବା ପରେ ଅନ୍ୟତମ ଯୁଗ୍ମ ସମ୍ପାଦକ ଶୁକଦେବ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜଗନ୍ନାଥ ପଣ୍ଡା, ରାଜେନ୍ଦ୍ର ନାରାୟଣ ମିଶ୍ର, ହିମାଂଶୁ ଦାଶ, ଆର୍ତ୍ତତ୍ରାଣ ମିଶ୍ର, ମିନକେତନ ମିଶ୍ର, ବୃନ୍ଦାବନ ପଣ୍ଡା, ପଙ୍କଜ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍ ନିରୋଦ ପଣ୍ଡାଙ୍କ ପରଲୋକ

ବୌଦ୍ଧ,୧୪।୩(ସ୍ୱ.ପ୍ର.): ବୌଦ୍ଧ ସହରର ଶିକ୍ଷାବିତ୍ ନିରୋଦ କୁମାର ପଣ୍ଡା(୭୦)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ରବିବାର ପରଲୋକ ହୋଇଯାଇଛି। ଗତ କିଛି ମାସ ତଳେ ଗାଧୁଆ ଘରେ ଗୋଡ ଖସିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେହିଦିନ ଠାରୁ ସେ ଚିକିତ୍ସାଧୀନ ଥିଲେ। ୧୯୯୩ ମସିହାରେ ବୌଦ୍ଧ ଜିଲା ଗଠନ ପାଇଁ ହୋଇଥିବା ଆନ୍ଦୋଳନରେ ନିରୋଦ ବାବୁ ଜଣେ ସକ୍ରିୟ କର୍ମୀ ଭାବରେ ଯୋଗ ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଶୁବାଶିଷ ପଣ୍ଡାଙ୍କ ସମେତ ତିନି ଝିଅ ଓ ତାଙ୍କ ସ୍ତ୍ରୀ ଉପସ୍ଥିତ ଥିଲେ। ବୌଦ୍ଧରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଯୋଗ ପ୍ରଶିକ୍ଷଣ ଶିବିର

ବରଗଡ଼ ଅଫିସ୍,୧୪।୩: ବରଗଡ଼ ପଞ୍ଚାୟତ କଲେଜରେ ଆୟୁଷ ଏବଂ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ର, ନାଗେନପାଲି ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଆୟୁଷ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରର ଡଃ ସରିତା ମଞ୍ଜରୀ ସାହୁ ଯୋଗଦାନ କରି ଯୋଗର ଉପଯୋଗୀତା ବିଷୟରେ ସମସ୍ତଙ୍କୁ ସମ୍ୟକ ଧାରଣା ଦେଇଥିଲେ। ଶିବିରକୁ କଲେଜର ଅଧ୍ୟାପକ ଡଃ ବି. ବି ଶତପଥୀ ଏବଂ ଆୟୁଷ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରର ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପ୍ରଧାନ, ପୂଜା ସାହୁ ଯୋଗ ଶିକ୍ଷା ଦେଇଥିଲେ। ଶିବିରରେ ପଞ୍ଚାୟତ କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ରାଷ୍ଟ୍ର ଗଠନରେ ସହଭାଗୀ ହୁଅ

ବଲାଙ୍ଗୀର ଅଫିସ, ୧୪।୩



ଯୁବ ପଡୋଶୀ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ତଥା ସଦାଇପାଲି ରାମଜୀ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ପଡୋଶୀ ସଂସଦ କାର୍ଯ୍ୟକ୍ରମ ସ୍ଥାନୀୟ ସାଇଟ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଆରଡିଏ ଜିଲା ସଂଯୋଜକ (ଦକ୍ଷତା) ମୁକେଶ ସିଂ, ଜିଲା ଶିଳ୍ପ କେନ୍ଦ୍ର ଆଇପିଓ ପ୍ରଭାସ ଅମାନ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଶିଶୁ ସୁରକ୍ଷା ଅଧିକାରୀ ଚୁଡାମଣି ପଣ୍ଡା ଓ ଟ୍ରେନର ଅଭିତ୍ରାଣ ପାଢୀ ପ୍ରଶିକ୍ଷକ ଭାବେ ଯୋଗଦେଇ ନିଜ ବିଭାଗର ଜନହିତକର କାର୍ଯ୍ୟ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରାମଜୀ ଯୁବକ ସଂଘର ପ୍ରତିଷ୍ଠାତା ସମାଜସେବୀ ଡ. ଶ୍ରୀକର ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର କୁମାର ମାହାପାତ୍ର ଯୋଗଦାନ କରି ଉପସ୍ଥିତ ଥିବା ପ୍ରାୟ ୮୦୦ ଜଣ ଯୁବତୀ, ଯୁବକଙ୍କୁ ରାଷ୍ଟ୍ର ଗଠନରେ ସହଭାଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ଜିଲା ଯୁବ ଅଧିକାରୀ ଏ.ଭି. ନରସିଂମା କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ପ୍ରମୋଦ କୁମାର ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଇଂ. ନମିତା ପଟେଲ, ସ୍ନିଗଧାମିନତୀ ଦାନୀ, ଅଶୋକ କୁମାର ପଧାନ, ବୁଲୁ ମିଶ୍ର ଓ ବୃନ୍ଦାବନ ମହାକୁରଙ୍କ ସହଯୋଗ କ୍ରମେ ଯୁବା ପଡୋଶ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଇଟ କଲେଜ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବୌଦ୍ଧ ଜିଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବୌଦ୍ଧ,୧୪।୩(ସ୍ୱ.ପ୍ର.)

**ପୁଣି ଥରେ ତାରେଣି ସଭାପତି, ଅଶୋକ ସଂପାଦକ**

ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶ ମୁତାବକ ବୌଦ୍ଧ ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଯୋଗେଶ ପ୍ରସାଦ ନାୟକଙ୍କ ଦ୍ୱାରା ପରିଚାଳିତ ନିର୍ବାଚନୀ ପ୍ରକ୍ରିୟାରେ ବରିଷ୍ଠ ଆଇନଜୀବୀ ତାରେଣି ମହାପାତ୍ର ଓ ଅଶୋକ କୁମାର ମିଶ୍ରଙ୍କୁ ପୁଣି ଥରେ ଜିଲା ଓକିଲ ସଂଘର ସଭାପତି ଓ ସଂପାଦକ ଭାବରେ ନିର୍ବାଚିତ କରାଯାଇଛି। ଏଥିସହିତ ଉପସଭାପତି ଭାବରେ ବିଶ୍ୱଜିତ ମିଶ୍ର, ସହସଂପାଦକ ଧବଳେଶ୍ୱର ମନହୀରା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମହାରଣା ଓ ଲାଇବ୍ରେରିଆନ ଭାବରେ ଅମ୍ରିତ କୁମାର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ବରିଷ୍ଠ ଆଇନଜିବୀ ନାରାୟଣ ପ୍ରସାଦ ପରିଜା,ସୁଧୀର କୁମାର କର୍ଣ୍ଣ, ନଳିନୀ କୁମାର କର୍ଣ୍ଣ, ଓମ୍ ପ୍ରକାଶ ମିଶ୍ର,ସୂର୍ଯ୍ୟ ନାରାୟଣ ମହାପାତ୍ର, ଅଶୋକ କୁମାର ସାହୁ , ଜ୍ଞାନରଞ୍ଜନ ପଟ୍ଟନାୟକ, ଦେବ ରଞ୍ଜନ ବିଶି, ଦେବାଶିଷ ମହାପାତ୍ର ଓ ଅଙ୍କିତା ଶତପଥୀଙ୍କୁ ନିର୍ବାଚିତ କରାଯାଇଥିବା ଜଣାଯାଇଛି।

# ଜୁନିୟର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର


ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ବିନିକା,୧୪।୩(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ କୁହିବାହାଲ ହାଇସ୍କୁଲ ପ୍ରାଙ୍ଗଣରେ ୩ ଦିନିଆ ଜୁନିୟର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ଶିବିରରେ ଜିଲା ସ୍ତରରୁ ଚୟନ ହୋଇଥିବା ବିଭିନ୍ନ ସ୍କୁଲର ୩୦ଜଣ ପରାମର୍ଶଦାତାଙ୍କ ତାଲିମ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। କୁହିବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ମୁରଲୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅୟୋଜିତ ଉଦ୍‌ଘାଟନୀ ସଭାରେ ବିନିକା ବିଡିଓ ବ୍ୟାସଦେବ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟ ସ୍ତରରେ ବିଦ୍ୟାର୍ଥିଙ୍କୁ ଜୁନିୟର ରେଡକ୍ରସ ପରାମର୍ଶଦାତାମାନେ ସମାଜସେବା ଭିତ୍ତିକ ତାଲିମ ଦେବାକୁ ଦିଗଦର୍ଶନ ପ୍ରଦାନ କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ ପରାମର୍ଶଦାତାଙ୍କୁ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମରେ ଯଥେଷ୍ଟ ଭୂମିକା ରହିଥିବା ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବେ ବିନିକା ବାଳକ ହାଇସ୍କୁଲର ପ୍ରଧାନ ଶିକ୍ଷକ ନୀଳାଚଳ ମେହେର ଯୋଗ ଦେଇଥିଲେ। ଝସକେତନ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ପରାମର୍ଶଦାତାମାନେ ଜୁନିୟର ରେଡକ୍ରସର ସେବାମୂଳକ କାର୍ଯ୍ୟକ୍ରମର ତାଲିମ ପାଇଥିଲେ। ହୃଷିକେଶ ଡାଙ୍ଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପୁସ୍ତକ ଓଡ଼ିଶା ଡାଲଖାଇ ଉନ୍ମୋଚିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବରଗଡ଼ ଅଫିସ୍,୧୪।୩

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ପରିସରରେ ସଂଘର ମାସିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୀରେନ୍ଦ୍ର ମିଶ୍ରଙ୍କ ଲିଖିତ ପୁସ୍ତକ ଓଡ଼ିଶା ଡାଲଖାଇ ଉନ୍ମୋଚିତ ହୋଇଥିଲା। ଅମୂଲ୍ୟ ପତି ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ସଂଘର ପ୍ରହଲ୍ଲାଦ ମହାପାତ୍ର, ଗୌନ୍ତିଆ ସାହୁ, କେଦାର ମିଶ୍ର, ଗୋବିନ୍ଦ ଦାଶ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସଂଘ ତରଫରୁ କେଦାର ମିଶ୍ର ଏବଂ ଚନ୍ଦ୍ରଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶିଳ ମହାପାତ୍ର, ପବିତ୍ର ସରାଫ, ନିର୍ମଳ କିଶୋର କର, ପ୍ରୀତମ ସିଂ, ତୁଳସୀ ଚରଣ ଦାଶ, ଗୋପାଳ ଦାଶ, କୃଷ୍ଣ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ।

# ବାବୁପାଲିରେ ସ୍ୱତନ୍ତ୍ର ପାଠଚକ୍ର

ବରପାଲି,୧୪।୩(ଡି.ଏନ.ଏ)

ବରଗଡ଼ ଜିଲା ବରପାଲିର ଶ୍ରୀ ଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ସୋମବାର ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ବାବୁପାଲିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରପାଲି ମହିଳା କଲେଜର ଅଧ୍ୟାପକ ରାଧାକାନ୍ତ ମିଶ୍ର ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଯୋଗ ବିଷୟରେ ଆଲୋକପାତ କରିଥିଲେ। ବରପାଲି ପାଠଚକ୍ରର ସଭାପତି ବାଲକିଶୋର ଖାଡ଼ଙ୍ଗା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସୁବୋଧ ମହାରଣା ସଭା ପରିଚାଳନା କରିଥିଲେ। ଭଉଣୀ ତପସ୍ୱିନୀ ମିଶ୍ର ଭଜନ ପରିବେଷଣ କରିଥିଲେ। ଶ୍ୟାମ ଅଦାବର ଅଲେଖ ସାହୁ, ବିଦ୍ୟାଧର ଥପା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଅମରପାଲି,୧୪।୩ (ଡି.ଏନ.ଏ.)

ବୀରମହାରାଜପୁର ଥାନା ଅନ୍ତର୍ଗତ ବାଘମାରି ନିକଟରେ ଘର କରି ରହୁଥିବା ବ୍ୟବସାୟୀ ବିଜୟ ମିଶ୍ରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଯାଇଛି। ଗତ ଶନିବାର ସେ ନିଜ ପରିବାର ସହ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। ରବିବାର ସନ୍ଧ୍ୟା ସମୟରେ ଘରକୁ ଫେରି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଚୋରମାନେ ତାଙ୍କ ଶୋଇବା ଘରର ଝରକା ଭାଙ୍ଗି ଭିତରେ ପଶି ଆଲମାରିରେ ଥିବା ସୁନା ଅଳଙ୍କାର ଏବଂ ନଗଦ ୩୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏହାସହିତ ଦାମୀ ଶାଢି ନେଇ ଯାଇଛନ୍ତି। ଘରମାଲିକ ବିଜୟ ଏ ନେଇ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଚାନ୍ଦଲି ପାହାଡ଼ ଉନ୍ନତୀକରଣ ପାଇଁ ୧ କୋଟି ମଞ୍ଜୁର

ବଲାଙ୍ଗୀର ଅଫିସ, ୧୪।୩

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଦେଷଣ୍ଟ ନିକଟ ଚାନ୍ଦଲି ପାହାଡରେ ଉନ୍ନତୀକରଣ ନିମନ୍ତେ ୧କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଛି। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏହି ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଛନ୍ତି। ଚାନ୍ଦଲି ପାହାଡର ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ଚାନ୍ଦିଲି ପାହାଡକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ, ସିମେଣ୍ଟ କଂକ୍ରିଟ ପାହାଚ ନିର୍ମାଣ, ସାର୍ବଜନୀନ ଶୌଚାଳୟ ନିର୍ମାଣ, ବସିବା ପାଇଁ ବେଞ୍ଚ ଏବଂ ପିକ୍‌ନିକ ପିଣ୍ଡି ନିର୍ମାଣ, ବିଦ୍ୟୁତ୍‌କରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚାନ୍ଦିଲି ପାହାଡରେ ଉନ୍ନତିକରଣ ହେଲେ ଏଠାରେ ପର୍ଯ୍ୟଟନର ଉନ୍ନତି ଘଟିବ।

# ସୀମାନ୍ତରୁ ଗଞ୍ଜେଇ, ବୋଲେରୋ ଜବତ: ୪ ଗିରଫ

ନୂଆପଡ଼ା ଅଫିସ,୧୪।୩

ଓଡ଼ିଶା ଛତିଶଗଡ ଦେଇ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ଓଡିଶା ଛତିଶଗଡ ଆନ୍ତଃରାଜ୍ୟ ଚେକପୋଷ୍ଟ ରେହଟିଖୋଲ ଥାନା ସିଂଘୋଡାଠାରେ ଚୋରା ଚାଲାଣ ଗଞ୍ଜେଇ ସହ ଏକ ବୋଲେରୋ ଜବତ କରାଯାଇଛି। ଏହି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡି ଚାଳକ ମଧ୍ୟପ୍ରଦେଶ ରିବା ଜିଲା କର୍ଚୁଲିୟାନ ନିବାସୀ ସେବେନ୍ଦ୍ର କୁମାର ପଟେଲ (୩୨), ରାୟପୁର ଜିଲା ଉରଲା ଥାନା ବୀରଗାଁର ବିକାଶ ପଟେଲ (୨୩), ମଧ୍ୟପ୍ରଦେଶ ରିବା ଜିଲା କର୍ଚୁଲିୟାଲ ନିବାସୀ ସାତେନ୍ଦ୍ର କୁମାର ପଟେଲ (୨୯) ଓ ପ୍ରଦୀପ ପଟେଲ (୨୬)। ଓଡିଶାପଟୁ ଆସୁଥିବା ଏକ ବୋଲେରୋ (ଏମ୍‌ପି ୬୬ଟି୦୭୬୨)କୁ ସନ୍ଦେହରେ ଅଟକାଇ ପଚାରାଉଚରା କରିବା ସହ ତନଖି କରାଯାଇଥିଲା। ଗାଡି ପଛପାଖ ସିଟ ତଳେ ୮୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ପରେ ସିଂଘୋଡା ଥାନା ପୋଲିସ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଗୋଟିଏ ବୋଲେରୋ ସହ ୮୦ କିଗ୍ରା ଗଞ୍ଜେଇ, ୨ଟି ମୋବାଇଲ ଫୋନ, ନଗଦ ୩ ହଜାର ୫ଶହ ଟଙ୍କା ଜବତ କରାଯାଇଛି।

# ସହରରେ କୁଢ଼କୁଢ଼ ଆବର୍ଜନା

**ତୃତୀୟ ଦିନରେ ସଫେଇ କର୍ମଚାରୀଙ୍କ ଧାରଣା**

ଗୁଡ଼ଭେଲା,୧୪।୩(ଡି.ଏନ.ଏ.)


ତୁଷୁରା ମୁଖ୍ୟଛକରେ ଗଦା ହୋଇ ରହିଛି ଆବର୍ଜନା।

ଇପିଏଫ ଟଙ୍କା କଟୁଥିଲେ ହେଁ ଜମାଖାତାରେ ପଡୁ ନ ଥିବା ଅଭିଯୋଗ କରି ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ପ୍ରଶାସନ ଓ ସଫେଇ ଠିକାସଂସ୍ଥା ଚନ୍ଦନ ଏଜେନ୍ସି ୧୦ମାସ ହେଲା ଇପିଏଫ ଟଙ୍କା କର୍ମଚାରୀଙ୍କ ଖାତାରେ ଜମା କରୁନାହିଁ। ସମଲେଶ୍ୱରୀ ସଫେଇ କର୍ମଚାରୀ ସଂଘ ସଦସ୍ୟ ଧାରଣାରେ ବସିଥିବା ବେଳେ ସହରର ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଆବର୍ଜନା ଜମା ହୋଇ ରହିଛି । ଅନ୍ୟପକ୍ଷରେ ଉକ୍ତ ସଂସ୍ଥା କିମ୍ବା ଏନସି ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ମିଳି ନ ଥିବାରୁ କର୍ମଚାରୀମାନେ ଆନ୍ଦୋଳନ କରିବାକୁ ବାଧ ହେଉଥିବା ଧାରଣାରତ କର୍ମଚାରୀ ଟୁଟୁ ସାଗର, ସଞ୍ଜୟ କୁମ୍ଭାର, କରୁଣା ବଗର୍ତ୍ତି, ରମେଶ କୁମ୍ଭାର, ଅମିତ ସାଗର, ରିଙ୍କି ସାଗର, ମୁକେଶ କୁମ୍ଭାର, ଅଇଁଲା ସୁନା, କୈତକି ସାଗର ପ୍ରମୁଖ ପ୍ରକାଶ କରିଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ କହିଛନ୍ତି ପୌର ନିର୍ବାଚନ ପାଇଁ ଏବେ କିଛି କରିବା ସମ୍ଭବ ହେଉ ନାହିଁ। ନିର୍ବାଚନ ସରିବା ପରେ ତୁରନ୍ତ ଉକ୍ତ ସଂସ୍ଥାକୁ ବ୍ଲାକଲିଷ୍ଟ କରିବା ସହ ପୋଲିସ କେସ୍ କରାଯିବ । ସେତେଦିନ ଯାଏ ସଫେଇ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

**ଭିଣୋଇ ହତ୍ୟା ମାମଲା**

# ଶାଳୀଙ୍କୁ ଆଜୀବନ କାରାଦଣ୍ଡ

ପଦ୍ମପୁର,୧୪।୩(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ଯମୁନା ନଗର ପଡ଼ାରେ ୨୦୧୫ ମସିହାରେ ସଂଘଟିତ ଏକ ହତ୍ୟା ମାମଲାରେ ମୃତକଙ୍କ ଶାଳୀଙ୍କୁ ଆଜୀବନ କାରାଦଣ୍ଡ ଏବଂ ୫ହଜାର ଅର୍ଥଦଣ୍ଡ(ଜରିମାନା)ରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ହେବ ବୋଲି ରାୟ ପ୍ରକାଶ ପାଇଛି।

ଛତିଶଗଡ଼ ରାଜ୍ୟ ସରାଇପାଲି ଥାନା ଅନ୍ତର୍ଗତ କେଲେଣ୍ଡା ଗ୍ରାମର କଶ୍ୟପ ବାଗ ସେହି ଗ୍ରାମର ବିନ୍ଦୁ ସେଠଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ସେମାନେ ବରଗଡ଼ ଜିଲା ପାଇକମାଳ ଯମୁନା ନଗର ପଡ଼ାରେ ଆସି ରହୁଥିଲେ। ପରେ କଶ୍ୟପ ତାମିଲନାଡୁକୁ ରୋଜଗାର ପାଇଁ ଯାଇଥିଲେ ଏବଂ ଯମୁନା ନଗରପଡ଼ା ଘରେ ସ୍ତ୍ରୀ ବିନ୍ଦୁ ଏବଂ ଶାଳୀ ନୀରୁ ରହିଥିଲେ। ଏହି ସମୟରେ ପାଇକମାଳ ଥାନା ହଲନାଦାଦର ଗ୍ରାମର ଜଣେ ମିସ୍ତ୍ରୀ ପରମାନନ୍ଦ ଡନସନାଙ୍କ ସହିତ ବିନ୍ଦୁଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କାଶ୍ୟପ ତାମିଲନାଡୁରୁ ଫେରି ସେସବୁ ଜାଣିବାକୁ ପାଇ ସେଭଳି ସମ୍ପର୍କରୁ ଓହରି ଯିବା ପାଇଁ ବିନ୍ଦୁଙ୍କୁ କହିଥିଲେ। ଏଥିରେ କ୍ରୋଧିତ ହୋଇ ବିନ୍ଦୁ, ନୀରୁ ଏବଂ ପରମାନନ୍ଦ ସବୁଦିନ ପାଇଁ କାଶ୍ୟପଙ୍କୁ ହଟାଇବାକୁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ ସେମାନେ କାଶ୍ୟପଙ୍କୁ ହତ୍ୟା କରି ମାଟିତଳେ ପୋତି ଦେଇଥିଲେ। ପରେ ସେଠାରେ ଏକ ସିମେଣ୍ଟର ଏକ ପାଣିଟାଙ୍କି ତିଆରି କରି ଦେଇଥିଲେ। ଘଟଣା ପ୍ରଘଟ ହେବା ପରେ କାଶ୍ୟପଙ୍କ ବାପା କାର୍ତ୍ତିକ ୨୦୧୫ ମେ ମାସ ୪ତାରିଖରେ ପାଇକମାଳ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୦୨, ୨୦୧ରେ ମାମଲା ରୁଜୁ ସହିତ ପାଣିଟାଙ୍କି ଫଟାଇବା ସହିତ ମାଟି ଖୋଲି ମୃତଦେହ ଉଦ୍ଧାର କରିଥିଲା। ୩ଅଭିଯୁକ୍ତ ବିନ୍ଦୁ, ନୀରୁ ଏବଂ ପରମାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରେ ନୀରୁ ସର୍ତ୍ତମୂଳକ ଜାମିନରେ ବାହାରିଥିଲେ। କିନ୍ତୁ ସେ ଆଉ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା ଏବଂ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୧୧ତାରିଖ ଏଡ଼ିଜେ ଅରବିନ୍ଦ ରଥ ଶୁଣାଣି କରି ନୀରୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଅପରପକ୍ଷେ ୨୦୧୮ ମସିହାରେ ଅନ୍ୟ ୨ଅଭିଯୁକ୍ତ ବିନ୍ଦୁ ଏବଂ ପରମାନନ୍ଦଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା।

# ପଥର ବୋଝେଇ ଟ୍ରାକ୍ଟର ଜବତ, ୨୦ହଜାର ଜରିମାନା

ବାଉଁଶୁଣୀ,୧୪।୩(ଡି.ଏନ.ଏ.)

ବୌଦ୍ଧ ତହସିଲ ପକ୍ଷରୁ ସୋମବାର ଏକ ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇ ୨୦ ହଜାର ଜରିମାନା ଆଦାୟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ତହସିଲର ଅତିରିକ୍ତ ତହସିଲଦାର ମହମ୍ମଦ ରୋଜା ରସୁଲ ସକାଳେ ସରକାରୀ କାମରେ ବାଉଁଶୁଣୀ ଅଞ୍ଚଳକୁ ଯାଇଥିବା ବେଳେ ୫୭ନଂ ଜାତୀୟ ରାଜପଥର ବାଉଁଶୁଣୀ ମାଉଳୀ ମନ୍ଦିର ନିକଟରେ ଏକ ପଥର ବୋଝେଇ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଚାଳକ ପଥର ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର କିମ୍ବା ରସିଦ ଦେଖାଇ ନ ପାରିବାରୁ ଟ୍ରାକ୍ଟରକୁ ଜବତ କରି ବାଉଁଶୁଣୀ ଥାନାକୁ ନେଇଥିଲେ। ସେଠାକୁ ଟ୍ରାକ୍ଟର ମାଲିକ ଆସି ୨୦ ହଜାର ଟଙ୍କା ଜରିମାନା ଦେଇଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ସୂଚନାଯୋଗ୍ୟ, ତହସିଲ ପକ୍ଷରୁ ବିନା ରସିଦରେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଓ ହାଇୱାଗୁଡିକ ଉପରେ ଚଢାଉ ଜାରି ରହିଛି।

# ଇସ୍ତାହାରରେ ମାଳ ମାଳ ପ୍ରତିଶ୍ରୁତି

- ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ
- ଭାଜପା ଓ କଂଗ୍ରେସର ନିର୍ବାଚନୀ ଇସ୍ତାହାର ପ୍ରକାଶ

ବୌଦ୍ଧ,୧୪।୩ (ସ୍ୱ.ପ୍ର.)


ଭାଜପା ଜିଲା ସଭାପତି ଓ ଅନ୍ୟମାନେ।


କଂଗ୍ରେସ ଜିଲା ସଭାପତି ନବ କୁମାର ମିଶ୍ର ଓ ଅନ୍ୟମାନେ।

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଜିଲାରେ ଥିବା ତିନି ପ୍ରମୁଖ ରାଜନୈତିକ ଦଳ ନିର୍ବାଚନ ବୈତରଣୀ ପାର ହେବା ନେଇ ରଣକୌଶଳ ଆରମ୍ଭ କରିଛନ୍ତି । ସୋମବାର ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ କଂଗ୍ରେସ ଓ ଭାଜପା ପକ୍ଷରୁ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ଉଭୟ ଦଳ ପକ୍ଷରୁ ବ୍ୟବସାୟୀ ଓ ସହର ତଳି ଅଞ୍ଚଳର ବସ୍ତିବାସିନ୍ଦାଙ୍କୁ ଟାର୍ଗେଟ କରି ନିଜର ନିର୍ବାଚନ ଇସ୍ତାହାର ପ୍ରସ୍ତୁତି କରିଥିବା ଦେଖାଯାଇଛି। କରୋନା କଟକଣା ସମୟରେ ଜିଲା ପ୍ରଶାସନର ନିଷ୍ପତ୍ତିକ୍ରମେ ଦୈନିକ ବଜାର ଏକ ଖୋଲା ପଡିଆକୁ ଅସ୍ଥାୟୀ ଭାବରେ ସ୍ଥାନାନ୍ତର କରାଯାଇଥିବା ବେଳେ ଉଠାଦୋକାନୀମାନଙ୍କ ଥଇଥାନ ଓ ସ୍ଥାୟୀ ଦୈନିକ ବଜାର ପାଇଁ ଉଭୟ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ଜବରଦଖଲ ଉଚ୍ଛେଦକୁ ବିରୋଧ କରି ଉଭୟ ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ ପାଇଁ ମଧ ଉଭୟ ଦଳ ପକ୍ଷରୁ କୁହାଯାଇଛି। ବିଶେଷ କରି କଂଗ୍ରେସ ପ୍ରତ୍ୟେକ ବସ୍ତିରେ କଲ୍ୟାଣ ମଣ୍ଡପ ସ୍ଥାପନ, ବସ୍ତିଗୁଡିକରେ ଭେଣ୍ଡିଂ ଜୋନ ସ୍ଥାପନ, ପ୍ରତ୍ୟେକ ୱାର୍ଡରୁ ଶହେ ବେକାର ଯୁବତୀ ଯୁବକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି, ଆଧୁନିକ ପାଠାଗାର ନିର୍ମାଣ, ଧର୍ମାନୁଷ୍ଠାନଗୁଡିକର ଉନ୍ନତୀକରଣ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ତାଲିମ ଓ ଦକ୍ଷତା ବୃଦ୍ଧି, ମର୍ଜାକୁଦଠାରେ ମିନି ଷ୍ଟାଡିୟମ ସହ ଆଧୁନିକ ବିଜ୍ଞାନ ପାର୍କ ନିର୍ମାଣ,ବୁଣାକାରମାନଙ୍କୁ ୧୦ ଲକ୍ଷ ଟଙ୍କାର ସବସିଡି ଋଣ ପ୍ରଦାନ ସହ ବରିଷ୍ଠ ନାଗରିକମାନଙ୍କ ପାଇଁ ଅବସର ବିନୋଦନ କେନ୍ଦ୍ର ସ୍ଥାପନ ଭଳି ପ୍ରତିଶ୍ରୁତିକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଇଛି। ସେହିପରି ଭାଜପା ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ବୌଦ୍ଧ ଓ ରେଢାଖୋଲ ରେଳ ଷ୍ଟେଶନକୁ ଯାତ୍ରୀ ପରିବହନର ସୁବିଧା ଠାରୁ ଆରମ୍ଭ କରି ପର୍ଯ୍ୟଟନର ବିକାଶ, ଐତିହାସିକ ଜରିଖଣ୍ଡିର ସୌନ୍ଦର୍ଯ୍ୟକରଣ, ଧୂଳି ଓ ମଶା ମୁକ୍ତ ସହର ଗଠନ, ବୈଜ୍ଞାନିକ ପଦ୍ଧତିରେ ଡ୍ରେନେଜ ଜଳ ନିଷ୍କାସନ, ପ୍ରତି ତିନିମାସରେ ବସ୍ତି ମଧ୍ୟରେ ଅଭିଯୋଗ ଶୁଣାଣି, ବୟସ୍କ ଲୋକଙ୍କୁ ମାଗଣାରେ ଭାରତ ଭ୍ରମଣ ସୁବିଧା, ବିଭିନ୍ନ କ୍ରୀଡା ଆୟୋଜନ, ମର୍ଜାକୁଦରେ ଇକୋ ଟୁରିଜିମ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ପକ୍କା ଗୃହ ପ୍ରଦାନ ଆଦି ପ୍ରତିଶ୍ରୁତି ଦିଆଯାଇଛି। ତେବେ ଉଭୟ ବିରୋଧୀ ଦଳର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ଏବେ ସମସ୍ତଙ୍କର ଦୃଷ୍ଟି ଶାସକ ବିଜେଡି ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବେ ନା ନିଜର କାର୍ଯ୍ୟଧାରାକୁ ନେଇ ନିର୍ବାଚନ ବୈତରଣୀ ପାର ହେବ ଏହା ଆଗକୁ ଜଣାପଡିବ ।

## ଗଞ୍ଜେଇ, ବୋଲେରୋ ଜବତ: ୪ ଗିରଫ

**ନୂଆପଡ଼ା ଅଫିସ:** ଓଡ଼ିଶା ଛତିଶଗଡ ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ଓଡ଼ିଶା ଛତିଶଗଡ ଆନ୍ତଃରାଜ୍ୟ ଚେକପୋଷ୍ଟ ରେହଟିଖୋଲ ଥାନା ସିଂଘୋଡାଠାରେ ଚୋରା ଚାଲାଣ ୮୦ କିଲୋଗ୍ରାମ ଗଞ୍ଜେଇ ସହ ଏକ ବୋଲେରୋ ଜବତ କରାଯାଇଛି। ଏହି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡି ଚାଳକ ମଧ୍ୟପ୍ରଦେଶ ରିବା ଜିଲା କର୍ଚୁଲିୟାନ ନିବାସୀ ସେବେନ୍ଦ୍ର କୁମାର ପଟେଲ (୩୨), ରାୟପୁର ଜିଲା ଉରଲା ଥାନା ବୀରଗାଁର ବିକାଶ ପଟେଲ (୨୩), ମଧ୍ୟପ୍ରଦେଶ ରିବା ଜିଲା କର୍ଚୁଲିୟାଲ ନିବାସୀ ସାତେନ୍ଦ୍ର କୁମାର ପଟେଲ (୨୯) ଓ ପ୍ରଦୀପ ପଟେଲ (୨୬)।

## ସଂକ୍ଷେପରେ

### ଟିଟିଲାଗଡ ବ୍ରାହ୍ମଣ ସମାଜର ବୈଠକ

**ଟିଟିଲାଗଡ, ୧୪।୩(ଡି.ଏନ.ଏ.):** ଟିଟିଲାଗଡ଼ ବ୍ରାହ୍ମଣ ସମାଜ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସଭାପତି ବିଶ୍ୱରାମ ଠାକୁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପୂର୍ବବର୍ଷମାନଙ୍କ ପରି ଏପ୍ରିଲ ୨୧ତାରିଖରେ ସାମୂହିକ ବ୍ରତ ଅନୁଷ୍ଠିତ ହେବ। ଇଚ୍ଛୁକ ପିତା/ କର୍ତ୍ତା ମାର୍ଚ୍ଚ ୨୫ ସୁଦ୍ଧା ସଭାପତି, ସମ୍ପାଦକ କିମ୍ବା କର୍ମକର୍ତ୍ତାମାନଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବେ ବୋଲି ସମ୍ପାଦକ ବନମାଳୀ ଦାଶ କହିଛନ୍ତି। ଯୁଗ୍ମ ସମ୍ପାଦକ ମନ୍ଦରଧର ପଣ୍ଡା ଶାନ୍ତିମନ୍ତ୍ର ପାଠ କରିବା ପରେ ଅନ୍ୟତମ ଯୁଗ୍ମ ସମ୍ପାଦକ ଶୁକଦେବ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜଗନ୍ନାଥ ପଣ୍ଡା, ରାଜେନ୍ଦ୍ର ନାରାୟଣ ମିଶ୍ର, ହିମାଂଶୁ ଦାଶ, ଆର୍ତ୍ତତ୍ରାଣ ମିଶ୍ର, ମିନକେତନ ମିଶ୍ର, ବୃନ୍ଦାବନ ପଣ୍ଡା, ପଙ୍କଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପ୍ରାଣା ସରୋଜିନୀ ଖମାରୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୪।୩:** ବଲାଙ୍ଗୀର ସହର ଶାନ୍ତିପଡା ନିବାସୀ ଧର୍ମପ୍ରାଣା ସରୋଜିନୀ ଖମାରୀ (୭୮)ଙ୍କ


ସରୋଜିନୀ ଖମାରୀ

ଶନିବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଭାବଗ୍ରାହୀ ଖମାରୀ, ବଡପୁଅ ବିଶ୍ୱଜିତ୍ ଖମାରୀ, ସାନପୁଅ ବଲାଙ୍ଗୀର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ପ୍ରଦୀପ ଖମାରୀ ଏବଂ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ରବିବାର ପୈତୃକ ଗ୍ରାମ ଚନ୍ଦନଭାଟି ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### କୋସଲି କବିଙ୍କ ଫଗୁଣ ସାହିତ୍ୟ ଆସର

**ଟିଟିଲାଗଡ଼, ୧୪।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାଗୃହରେ କୋସଲି ଭାଷା ସୁରକ୍ଷା ସମିତି ଏବଂ କୋସଲି ସାଂସ୍କୃତିକ ମହାଜୋଟର ମିଳିତ ଆନୁକୂଲ୍ୟରେ ଫଗୁନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଟିକେଲାଲ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ପର୍ଯ୍ୟାୟ ସଭାରେ ଟିଟିଲାଗଡ ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ ମୁଖ୍ୟଅତିଥି, ଏସବିଆଇ ମୁଖ୍ୟପ୍ରବନ୍ଧକ କରୁଣାକର କୁମୁରା ବରିଷ୍ଠ ଅତିଥି, ଅଧ୍ୟାପକ ବିନୟ ଦାଶ, ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର ହାଂସଦା, ସାହିତ୍ୟିକ ଗୌରାଙ୍ଗ ପାଣ୍ଡେ, ସାମାଜିକ କର୍ମୀ ଗୀତାଞ୍ଜଳି ଭୋଇ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କୋସଲି ଭାଷା ସୁରକ୍ଷା ସମିତିର ମୁଖପତ୍ର 'ଝିଁପି'ର ଦ୍ୱିତୀୟ ସଂସ୍କରଣ ଓ କବି ସେବକ ଚରଣ ଦାଶଙ୍କ କୋସଲି ପୁସ୍ତକ 'ସଲେଖେ ସଲେଖେ' ଅତିଥି ବୃନ୍ଦ ଉନ୍ମୋଚିତ କରିଥିଲେ। କୋସଲି ଭାଷାର ପ୍ରାଚୀନତା, ମାଧୁର୍ଯ୍ୟ, ସରଳତା, ସାମ୍ବିଧାନିକ ସ୍ୱୀକୃତି, ସ୍ୱତନ୍ତ୍ର ଏକାଡେମୀ ପ୍ରତିଷ୍ଠା, କୋସଲି ସଂସ୍କୃତି ନେଇ ଅତିଥିମାନେ ମତ ରଖିଥିଲେ। କୋସଲି ଭାଷା ସୁରକ୍ଷା ସମିତି ସଭାପତି ଭିକାରି ଚରଣ ମିଶ୍ରଙ୍କ ପରିଚାଳନାରେ ଉଭୟ ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ଅଶ୍ୱିନୀ ମହାନ୍ତିଙ୍କ ସ୍ମୃତିରେ ନାଟ୍ୟକାର ନୀଳମଣି ସାହୁ, କବି ଲକ୍ଷ୍ମଣ ତାଣ୍ଡିଙ୍କ ସ୍ମୃତିରେ ସାହିତ୍ୟିକ ଜ୍ୟୋତିପ୍ରକାଶ ଗଡତ୍ୟା ଓ ବ୍ୟଙ୍ଗକବି ହିରାଲାଲ ସାହୁ, କୋସଲି ଗବେଷକ ଚତୁର୍ଭୁଜ ସାଆନ୍ତଙ୍କ ସ୍ମୃତିରେ କବି ସୁଶାନ୍ତ ବାଗଙ୍କୁ କୋସଲି ଭାଷା ସଂସ୍କୃତି ସମ୍ମାନ, ସମର୍ଥ କବି ଯଶୋବନ୍ତ ସାହୁଙ୍କୁ ଝିଁପି ସମ୍ମାନ, କୋସଲି ଶିଶୁ ସାହିତ୍ୟିକ ବୃନ୍ଦାବନ କୁମ୍ଭାରଙ୍କୁ ଶିଶୁ ସାହିତ୍ୟ ସମ୍ମାନରେ ଅଲଙ୍କୃତ କରାଯାଇଥିଲା। ଅଧ୍ୟାପକ ଦିଲୀପ ପଶାୟତ ସଭା ପରିଚାଳନା, ସହ ସମ୍ପାଦକ ନରସିଂହ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାର ମଧୁସୂଦନ ମହାନନ୍ଦଙ୍କ ସଭାପତିତ୍ୱରେ ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଆସର ହୋଇଥିଲା। ୫୦ଜଣ କବିୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ।

### ବ୍ୟାଡମିଣ୍ଟନ: ସମୀର ଚାମ୍ପିୟନ

**ଜୁନାଗଡ,୧୪।୩(ଡି.ଏନ.ଏ.)** ଝାରସୁଗୁଡାରେ ୧୨ ଓ ୧୩ ତାରିଖ ୨ ଦିନ ଧରି ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ବ୍ୟାଡମିଣ୍ଟନ ଆସୋସିଏଶନ୍ ସମ୍ପାଦକ ତଥା ପିଆଇ କଲେଜର ଖେଳ ଶିକ୍ଷକ ସମୀର କୁମାର ସାହୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହେବା ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜୁନାଗଡ ବ୍ୟାଡମିଣ୍ଟନ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଣ୍ଡା, ପୂର୍ବତନ ସଭାପତି ହିମାଂଶୁ ଶେଖର ବରାଡ, ମାନସ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ରାଷ୍ଟ୍ର ଗଠନରେ ସହଭାଗୀ ହୁଅ

**ବଲାଙ୍ଗୀର ଅଫିସ, ୧୪।୩**

ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ତଥା ସଦାଇପାଲି ରାମଜୀ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ପଡୋଶୀ ସଂସଦ କାର୍ଯ୍ୟକ୍ରମ ସ୍ଥାନୀୟ ସାଇଟ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଆରଡିଏ ଜିଲା ସଂଯୋଜକ (ଦକ୍ଷତା) ମୁକେଶ ସିଂ, ଜିଲା ଶିଳ୍ପ କେନ୍ଦ୍ର ଆଇପିଓ ପ୍ରଭାସ ଅମାନ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଶିଶୁ ସୁରକ୍ଷା ଅଧିକାରୀ ଚୁଡାମଣି ପଣ୍ଡା ଓ ଟ୍ରେନର ଅଭିତ୍ରାଣ ପାଢ଼ୀ ପ୍ରଶିକ୍ଷକ ଭାବେ ଯୋଗଦେଇ ନିଜ ବିଭାଗର ଜନହିତକର କାର୍ଯ୍ୟ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରାମଜୀ ଯୁବକ ସଂଘର ପ୍ରତିଷ୍ଠାତା ସମାଜସେବୀ ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର କୁମାର ମାହାପାତ୍ର ଯୋଗଦାନ କରି ଉପସ୍ଥିତ ଥିବା ପ୍ରାୟ ୮୦୦ ଜଣ ଯୁବତୀ, ଯୁବକଙ୍କୁ ରାଷ୍ଟ୍ର ଗଠନରେ ସହଭାଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ଜିଲା ଯୁବ ଅଧିକାରୀ ଏ.ଭି. ନରସିଂମା କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ପ୍ରମୋଦ କୁମାର ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଇଂ. ନମିତା ପଟେଲ, ସ୍ନିଗଧାମିନତୀ ଦାନୀ, ଅଶୋକ କୁମାର ପଧାନ, ବୁଲୁ ମିଶ୍ର ଓ ବୃନ୍ଦାବନ ମହାକୁରଙ୍କ ସହଯୋଗ କ୍ରମେ ଯୁବା ପଡୋଶ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଇଟ କଲେଜ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଯୁବ ପଡୋଶୀ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଭଲିବଲ: କୋକସରା ଚାମ୍ପିୟନ

**କୋକସରା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁଫଗାଁଠାରେ ୟଙ୍ଗଷ୍ଟାର ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ମା' ଦଣ୍ଡପାଟିଆଣି ଦ୍ୱି ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କୋକସରା ବନାମ ବରଗଡ଼ ଜିଲା ଗଣ୍ଡପାଲି ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ୩/୨ ସେଟରେ ଗଣ୍ଡପାଲିକୁ ହରାଇ କୋକସରା ଚାମ୍ପିୟନ ହୋଇଥିଲା। ବିଜେତା କୋକସରା ଓ ଉପବିଜେତା ଗଣ୍ଡପାଲି ଦଳକୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଧର୍ମଗଡ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ଭାବେ ଗଙ୍ଗାଧର ଜାଲ, ଆୟୋଜକ ଖେଳ ସଭାପତି ତଥା ନବନିର୍ବାଚିତ ଫୁଫଗାଁ ସରପଞ୍ଚ ଗଜାନନ ପୂଝାରୀ, ସମ୍ମାନିତ ଅତିଥି ଭାବେ ଫୁଫଗାଁ ସମିତି ସଭ୍ୟ ରାଜୀବ ଅଗ୍ରୱାଲ, ପ୍ରଣବ ବେହେରା, ସୁରେନ୍ଦ୍ର କୁମାର ଜାଲ, ବିନୋଦ ବିହାରି ନାଏକ, ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ ପଟେଲ, କେତନ ପାତ୍ର, ବିଷ୍ଣୁ ନାଏକ, କୀର୍ତ୍ତନ ଶବର, କସ୍ତୁରୀ ଛାତ୍ରିଆ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳ ମ୍ୟାଚ ରେଫରି ଜ୍ଞାନେନ୍ଦ୍ର କୁମାର ବଡ଼େଇ ଓ ଅମିତ ମହାନ୍ତି, ପରକ୍ଷିତ ଖର୍ସେଲ, ଚନ୍ଦ୍ର କିଶୋର ବିଶ୍ୱାଳ ପରିଚାଳନା କରିଥିଲେ। ଫାଇନାଲ ଖେଳରେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ଶିକ୍ଷକ ବୈକୁଣ୍ଠ ଜାଲ କରିଥିବା ବେଳେ ଧାରାବିବରଣି ମୌଶୁମିକାନ୍ତ ପଟେଲ, ଭୁପେଶ ନିଆଲ ଏବଂ ସତ୍ୟବ୍ରତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟି ବୋହି ବନ୍ଧ ବାନ୍ଧିଲେ ଯୁବଗୋଷ୍ଠୀ


ରୋୟଲ କ୍ଲବ ଦ୍ୱାରା ମାଟି ବୋହି ବନ୍ଧ ତିଆରି କରାଯାଉଛି।

**ନୂଆପଡ଼ା ଅଫିସ,୧୪।୩**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ରୋୟଲ କ୍ଲବ ଯୁବକମାନଙ୍କ ଦ୍ୱାରା ଏକ ନଦୀକୁ ମାଟି ଦ୍ୱାରା ବାନ୍ଧି ଖରା ଦିନେ ପାଣି ରହିବା ସୁବିଧା କରିଛନ୍ତି। ଏହି କାର୍ଯ୍ୟ ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ସିହିନାମୁଣ୍ଡା, ନାଏକପଡା ଓ ଗନିଆରି ମଧ୍ୟ ଭାଗରେ ଯାଇଛି ଖର୍ଲି ନାଳରେ ପାଣି ବୋହି ଯାଉଛି। ପାଣିକୁ ଅଟକାଇ ରଖିଲେ ସମସ୍ତଙ୍କ ପାଇଁ ସୁବିଧା ହୋଇ ପାରିବ ବୋଲି ଗାଁରେ ଏକ ସଭା କରି ରୋୟଲ କ୍ଲବ ଯୁବକମାନେ ଏପରି ପଦେକ୍ଷପ ନେଇଛନ୍ତି। ଆଗକୁ ଗ୍ରୀଷ୍ମ ପ୍ରବାହ ଅଧିକ ବଢ଼ିବ ଏବଂ ଲୋକଙ୍କ ପାଇଁ ପାଣି ନିତାନ୍ତ ଜରୁରୀ ହେବ। ପାଖାପାଖି ଶହେ ମିଟର ମାଟି ବାନ୍ଧି ଖର୍ଲିନାଲା ପାଣିକୁ ଅଟକାଇଛନ୍ତି। ଲୋକଙ୍କ ସ୍ନାନ, ଶୌଚ ସହିତ ଗାଈଗୋରୁ, ପଶୁପକ୍ଷୀ ଇତ୍ୟାଦି ପାଣି ବ୍ୟବହାର କରିପାରିବେ। ମାଟି ହିଡ ପାଖରେ ଥିବା ଗଡଭଟା ଗାଁକୁ ରାସ୍ତା ମଧ୍ୟ ହୋଇଗଲା ଲୋକେ ସୁବିଧାରେ ଯିବାଆସବା କରିବେ। ଗ୍ରୀଷ୍ମ ପ୍ରବାହ ପାଇଁ ପ୍ରଶାସନିକ ପକ୍ଷରୁ ପଦେକ୍ଷପ ନ ନେବା ପୂର୍ବରୁ ଯୁବକ ସଂଘ ଆଗୁଆ ପଦେକ୍ଷପ ନେଇ କାର୍ଯ୍ୟ କରିଥିବାରୁ ପ୍ରଶଂସା କରାଯାଉଛି। ଯୁବକ ସଂଘ ଆଗରୁ ଅନେକ ରାସ୍ତାଘାଟ, ପୋଖରୀ, ନଳକୂଅ ସଫା କରିବା ସହିତ କୋଭିଡ୍ ସମୟରେ ଗାଁ ଗାଁ ବୁଲି ସଚେତନ କରି ମାସ୍କ ଓ ସାନିଟାଇଜର ବଣ୍ଟନ କରୁଥିଲେ। ଏହି କାର୍ଯ୍ୟରେ ରୋୟଲ କ୍ଲବର ଥୟରାମ ହଂସ, ଟିକେଶ୍ୱର ହଂସ, ସହଦେବ ଥପା, କୃଷ୍ଣ ବେମାଲ, ମୋହନ ହଂସ, ପପୁ ଅଦା, ଦୀପକ ବାଗ, କୈଷ୍ୟପ ଶଗରିଆ, ଚୁଲୁ ବାଗ, ପରଖିତ ନାଗ, ବିଭୁତି ନିଆରୀ, କ୍ରିଷ୍ଣା କଟା, ଦଶମୁ ବେମାଲ ପ୍ରମୁଖ ସହଯୋଗ କରିଥିଲେ।

### ଚାନ୍ଦଲି ପାହାଡ଼ ଉନ୍ନତିକରଣ ପାଇଁ ୧ କୋଟି ମଞ୍ଜୁର

**ବଲାଙ୍ଗୀର ଅଫିସ, ୧୪।୩**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଦେଷଣ୍ଡ ନିକଟ ଚାନ୍ଦଲି ପାହାଡରେ ଉନ୍ନତିକରଣ ନିମନ୍ତେ ୧କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଛି। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏହି ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଛନ୍ତି। ଚାନ୍ଦଲି ପାହାଡର ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ଚାନ୍ଦିଲି ପାହାଡକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ, ସିମେଣ୍ଟ କଂକ୍ରିଟ ପାହାଚ ନିର୍ମାଣ, ସାର୍ବଜନୀନ ଶୌଚାଳୟ ନିର୍ମାଣ, ବସିବା ପାଇଁ ବେଞ୍ଚ ଏବଂ ପିକ୍‌ନିକ ପିଣ୍ଡି ନିର୍ମାଣ, ବିଦ୍ୟୁତ୍‌କରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚାନ୍ଦିଲି ପାହାଡରେ ଉନ୍ନତିକରଣ ହେଲେ ଏଠାରେ ପର୍ଯ୍ୟଟନର ଉନ୍ନତି ଘଟିବ।

### ରାମାୟଣ ପାରାୟଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପଲମ,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଗିଗିନା ପଞ୍ଚାୟତସ୍ଥିତ ଶ୍ରୀପୁର ଗ୍ରାମରେ ୪ ତାରିଖରୁ ଏକ ଭକ୍ତିମୟ ପରିବେଶରେ ଚାଲିଥିବା ରାମାୟଣ ପାରାୟଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଧାର୍ମିକ ଅନୁଷ୍ଠାନରେ ପାରାୟଣ ପ୍ରବଚନ ସହିତ ପ୍ରତ୍ୟହ ହୋମଯଜ୍ଞ ଚାଲୁ ରହିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭାଗବତ ପ୍ରେମୀ ଭକ୍ତଙ୍କ ସମାଗମରେ ଯଜ୍ଞସ୍ଥଳ ପୁରି ଉଠୁଥିଲା। ପ୍ରସିଦ୍ଧ ଗାୟୀକା ବଲାଙ୍ଗୀର ଜିଲା ଚାଁପିପଦର ଗ୍ରାମର ସୀତା ଜୋଷୀଙ୍କ ଦ୍ୱାରା ରାମାୟଣ ଗାନ ସମେତ ପ୍ରବଚନ ହେଉଥିଲା। କର୍ତ୍ତା ଭାବେ ଅନାଦି ଚରଣ ପଧାନ ଓ ତିଲୋତମା ପଧାନ ଦାୟିତ୍ୱ ନିର୍ବାହ କରିଥିଲେ। ସିର୍ଜାପାଲି ଗ୍ରାମର ବ୍ରହ୍ମା ପଣ୍ଡିତ ପ୍ରମୋଦ କୁମାର ଦାସ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସକାଳ ୭ଟାରେ ପାରାୟଣ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୩ଟାରେ ପୁଷ୍ପାଞ୍ଜଳି ଅର୍ପଣ ଓ ୩.୩୦ମି. ସମୟରେ ସାମୁହିକ ଅନ୍ନ ପ୍ରସାଦ ସେବନ କାର୍ଯ୍ୟକ୍ରମ ହେଉଥିଲା। ପାରାୟଣ ଶୁଣିବା ନିମନ୍ତେ ପୂଜା ମଣ୍ଡପରେ ଭକ୍ତଙ୍କ ଭୀଡ ହୋଇଥିଲା।

# ସହରରେ କୁଢ଼କୁଢ଼ ଆବର୍ଜନା

### ତୃତୀୟ ଦିନରେ ସଫେଇ କର୍ମଚାରୀଙ୍କ ଧାରଣା

**ଗୁଡ଼ଭେଲା,୧୪।୩(ଡି.ଏନ.ଏ.)**

ଇପିଏଫ ଟଙ୍କା କଟୁଥିଲେ ହେଁ ଜମାଖାତାରେ ପଡୁ ନ ଥିବା ଅଭିଯୋଗ କରି ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ପ୍ରଶାସନ ଓ ସଫେଇ ଠିକାସଂସ୍ଥା ଚନ୍ଦନ ଏଜେନ୍ସି ୧୦ମାସ ହେଲା ଇପିଏଫ ଟଙ୍କା କର୍ମଚାରୀଙ୍କ ଖାତାରେ ଜମା କରୁନାହିଁ। ସମଲେଶ୍ୱରୀ ସଫେଇ କର୍ମଚାରୀ ସଂଘ ସଦସ୍ୟ ଧାରଣାରେ ବସିଥିବା ବେଳେ ସହରର ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଆବର୍ଜନା ଜମା ହୋଇ ରହିଛି । ଅନ୍ୟପକ୍ଷରେ ଉକ୍ତ ସଂସ୍ଥା କିମ୍ବା ଏନସି ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ମିଳି ନ ଥିବାରୁ କର୍ମଚାରୀମାନେ ଆନ୍ଦୋଳନ କରିବାକୁ ବାଧ ହେଉଥିବା ଧାରଣାରତ କର୍ମଚାରୀ ଟୁଟୁ ସାଗର, ସଞ୍ଜୟ କୁମ୍ଭାର, କରୁଣା ବଗର୍ତ୍ତି, ରମେଶ କୁମ୍ଭାର, ଅମିତ ସାଗର, ରିଙ୍କି ସାଗର, ମୁକେଶ କୁମ୍ଭାର, ଅଇଁଲା ସୁନା, କୈତକି ସାଗର ପ୍ରମୁଖ ପ୍ରକାଶ କରିଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ କହିଛନ୍ତି ପୌର ନିର୍ବାଚନ ପାଇଁ ଏବେ କିଛି କରିବା ସମ୍ଭବ ହେଉ ନାହିଁ। ନିର୍ବାଚନ ସରିବା ପରେ ତୁରନ୍ତ ଉକ୍ତ ସଂସ୍ଥାକୁ ବ୍ଲାକଲିଷ୍ଟ କରିବା ସହ ପୋଲିସ କେସ୍ କରାଯିବ । ସେତେଦିନ ଯାଏ ସଫେଇ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି।


ତୁଷୁରା ମୁଖ୍ୟଛକରେ ଗଦା ହୋଇ ରହିଛି ଆବର୍ଜନା।

# ୟୁକ୍ରେନ୍‌ରୁ ଫେରିଲେ ଡାକ୍ତରୀ ଛାତ୍ର ଶାନ୍ତି

- ୨୫ କି.ମି. ଚାଲିଲେ, ୯ ଦିନ ଭୋକରେ ରହିଲେ
- ଯୁଦ୍ଧରେ ସାମିଲ ହେବା ପାଇଁ ବାହାରିଥିଲେ
- ଟଙ୍କା ନ ଥିବାରୁ ଫେରିଆସିଲେ

**ଜୁନାଗଡ,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ହଣ୍ଡାଖାଲପଡାର ଡାକ୍ତରୀ ଛାତ୍ର ଶାନ୍ତି କୁମାର ନାୟକ ୟୁକ୍ରେନରୁ ରବିବାର ଘରକୁ ଫେରିଛନ୍ତି। ଫଳରେ ଶାନ୍ତିଙ୍କ ମା, ବାପା ଓ ପରିବାରବର୍ଗଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଶାନ୍ତି ୟୁକ୍ରେନ୍‌ର ଖାରକିଭ୍ ନ୍ୟାଶନାଲ ମେଡିକାଲ ୟୁନିଭରସିଟିରେ ଦ୍ୱିତୀୟ ବର୍ଷର ଛାତ୍ର। ସୋମବାର ଶାନ୍ତି ଆମ ପ୍ରତିନିଧିଙ୍କ ସହ ୟୁକ୍ରେନର ଅନୁଭୂତି ବିଷୟରେ କହିଛନ୍ତି। ତାଙ୍କ କହିବାନୁଯାୟୀ, ରୁଷିଆର ତୁହାକୁ ତୁହା ବୋମା, ମିସାଇଲ ମାଡ ବିଶେଷ କରି ଖାରକିଭ୍‌ରେ ପ୍ରଭାବ ଅଧିକ ଦେଖିବାକୁ ମିଳିଥିଲା। ରହୁଥିବା ଆପାର୍ଟମେଣ୍ଟ ନିକଟରେ ମିସାଇଲ ମାଡ ଯୋଗୁ ଭୟରେ ସେ ଓ ତାଙ୍କ ସାଙ୍ଗମାନେ ନିକଟ ମେଟ୍ରୋ ରେଲୱେ ଟନେଲକୁ ଚାଲିଆସିଥିଲେ। ଏହି ଘଟଣାରେ ପରେ ସେଠାରେ ଦୋକାନ, ବଜାରଗୁଡିକ ବନ୍ଦ ହୋଇଯିବାରୁ ସେମାନଙ୍କୁ ୯ ଦିନ ଭୋକରେ ରହିବାକୁ ପଡିଥିଲା। ଭୋକରେ ମରିବା ଅପେକ୍ଷା ସେ ଓ ତାଙ୍କ କେତେଜଣ ସାଙ୍ଗ ୟୁକ୍ରେନ୍ ସହ ଯୁଦ୍ଧରେ ସାମିଲ ହେବା ପାଇଁ ମନ ବଳାଇଥିଲେ। ତେବେ ପାଖରେ ଟଙ୍କା ନ ଥିବାରୁ ଉକ୍ତ ସ୍ଥାନକୁ ସେମାନେ ଯାଇ ନ ପାରିଥିଲେ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଗ୍ଲୋବାଲ ଫୋକସ୍ ଅରଗାନାଇଜେଶନ ପକ୍ଷରୁ ସେଠାରେ ରହୁଥିବା ଭାରତୀୟ ଛାତ୍ରଙ୍କୁ ରୁମାନିଆ ବୋର୍ଡର ପର୍ଯ୍ୟନ୍ତ ନେବା ପାଇଁ ଏକ ସ୍ୱତନ୍ତ୍ର ବସ୍ ପୋଷାଚୀନରେ ରହିଥିଲା। ଫଳରେ ଶାନ୍ତି ଓ ତାଙ୍କ ସାଙ୍ଗମାନେ ଖାରକିଭରୁ ୨୫ କି.ମି. ଦୂର ପର୍ଯ୍ୟନ୍ତ ଚାଲି ଆସିଥିଲେ। ସେଠାରୁ ବସ୍ ଯୋଗେ ୨ ଦିନ ଯାତ୍ରା ପରେ ସେମାନେ ରୁମାନିଆ ବୋର୍ଡରରେ ପହଞ୍ଚିଥିଲେ। ପରେ ଭାରତ ସରକାରଙ୍କ ଅପ୍ରେଶନ ଗଙ୍ଗା ପକ୍ଷରୁ ଏକ ସ୍ୱତନ୍ତ୍ର ବିମାନରେ ନୂଆଦିଲ୍ଲୀ ଆସିଥିଲେ। ସେଠାରୁ ସେ ରବିବାର ଘରେ ପହଞ୍ଚିଛନ୍ତି। ଶାନ୍ତି ଜୁନାଗଡ ସହର ହଣ୍ଡାଖାଲପଡାର ଶିକ୍ଷକ ପ୍ରବୀର କୁମାର ନାୟକ ଓ ମା' ପ୍ରିୟତମାଙ୍କ ଏକମାତ୍ର ପୁଅ।



ମା'ବାପାଙ୍କ ସହ ଶାନ୍ତି ।

# ଡିଏଭି ମହାବିଦ୍ୟାଳୟରେ ନୋଫୁଏଲ କଞ୍ଜମ୍ପସନ ଦିବସ


ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଚାଲି କରି କଲେଜ ଆସୁଛନ୍ତି।

**ଟିଟିଲାଗଡ଼, ୧୪।୩(ଡି.ଏନ.ଏ)**

### କଲେଜକୁ ଚାଲି କରି ଆସିଲେ ଅଧ୍ୟକ୍ଷ, ଅଧ୍ୟାପକ, ଛାତ୍ରୀଛାତ୍ର

ଟଇଟଇଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ପୂର୍ବ ଘୋଷଣା ମୁତାବକ ସୋମବାର ନୋ ଫୁଏଲ କନଜମ୍ପସନ ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାୟ ୫ ହଜାର ଛାତ୍ରୀଛାତ୍ର, ୨୦୦ ଅଧ୍ୟାପନା ମଣ୍ଡଳୀ ଏବଂ ଅନ୍ୟ କର୍ମଚାରୀ ଚାଲିକରି ଓ ସାଇକେଲରେ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ଏପରିକି ଅଧ୍ୟକ୍ଷ ମେଜର ଡ. ମଧୁସୂଦନ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ. ଉମେଶ ଚନ୍ଦ୍ର ସାହୁ ନିଜ ଘରୁ ଚାଲି ଚାଲି କଲେଜ ଆସିଥିଲେ। ମହାବିଦ୍ୟାଳୟ ପରିସରରେ କୌଣସି ଯାନବାହନ ନଥିଲା। ଛାତ୍ରଛାତ୍ରୀଙ୍କ ଏଭଳି ଉତ୍ସାହପ୍ରଦ ସହଯୋଗରେ ପ୍ରତ୍ୟେକ ସୋମବାର ନୋ ଫୁଏଲ କନଜମ୍ପସନ ଦିବସ ପାଳନ କରାଯିବ। ସାଇକେଲ କିମ୍ବା ଚାଲିଚାଲି ଆସିଲେ ଶରୀର ସୁସ୍ଥ ରହିବା ସହ ଟିଟିଲାଗଡର ପରିବେଶ ପାଇଁ ଏହା ଲାଭଦାୟକ। ଛାତ୍ରୀଛାତ୍ରଙ୍କ ପଦାଙ୍କ ଅନୁସରଣ କରି ସମଗ୍ର ଟିଟିଲାଗଡ ସହରରେ ସେମାନଙ୍କ ଅଭିଭାବକ ତଥା ପରିଜନ ଏଭଳି ପରିକଳ୍ପନା ନେଇ ଆଗେଇ ଆସିବାକୁ ଅଧ୍ୟକ୍ଷ ଡ. ମିଶ୍ର ଆହ୍ୱାନ ଦେଇଛନ୍ତି।

# ଡିଏଭି ମହାବିଦ୍ୟାଳୟରେ ଆଣ୍ଟି ର୍‌ୟାଗିଂ ସଚେତନତା

**ଟିଟିଲାଗଡ଼, ୧୪।୩ (ଡି.ଏନ.ଏ)**

ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଆଣ୍ଟି ର୍‌ୟାଗିଂ ସ୍କ୍ୱାଡ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍କ୍ୱାଡ ସଂଯୋଜକ କିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷ ମେଜର ଡ. ମଧୁସୁଦନ ମିଶ୍ର ଯୋଗଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପରସ୍ପର ପ୍ରତି ସ୍ନେହ ଶ୍ରଦ୍ଧାଭାବ ଅତୁଟ ରଖିବା, ପୁରୁଣା ପିଲା ନୁଆ ପିଲାଙ୍କୁ ଉତ୍ସାହିତ କରିବା, କୌଣସି ପ୍ରକାରେ କାହା ପ୍ରତି ଆଘାତ ବା ଦୁଃଖ ଦେବା ଭଳି କାର୍ଯ୍ୟ ନକରିବାକୁ ବୁଝାଇଥିଲେ। ର୍‌ୟାଗିଂ ଏକ ବଡ ଅପରାଧ ଘୋଷିତ ହୋଇଥିବାରୁ କେହି ଏଭଳି କାର୍ଯ୍ୟ ଘଟାଇଲେ ଜେଲଦଣ୍ଡର ବ୍ୟବସ୍ଥା ରହିଥିବା ସତର୍କ କରିଥିଲେ। କୌଣସି ପ୍ରକାର ଘଟଣା ହେଲେ ମହାବିଦ୍ୟାଳୟ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ପରିଚୟ ପତ୍ରରେ ଥିବା ଫୋନ ନମ୍ବରକୁ ତୁରନ୍ତ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ।

# ଚାଷୀ ଆପଣାଉ ଜୈବିକ କୃଷି

### କୃଷି ଓ ନିରାପଦ କୀଟନାଶକ ସଚେତନତା କର୍ମଶାଳା

**ବଲାଙ୍ଗୀର ଅଫିସ,୧୪।୩**

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ଅନ୍ତର୍ଗତ ଶିକାବହେଙ୍ଗା ଗ୍ରାମରେ ଜୈବିକ କୃଷି ଓ ନିରାପଦ କୀଟନାଶକ ବ୍ୟବହାର ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଏମ୍‌ଏସ୍ ସ୍ୱାମୀନାଥନ ସ୍କୁଲ ଅଫ୍ ଅଗ୍ରିକଲଚର ପାରଳାଖେମୁଣ୍ଡିର କୃଷି ବିଜ୍ଞାନ ଶେଷବର୍ଷର ଦୁଇଜଣ ଛାତ୍ରୀ ଆଞ୍ଚଲ ଯୋଷୀ ଓ ଜିଜ୍ଞାସା ଦାସ ଏହି କର୍ମଶାଳାକୁ ଭାରତୀୟ କୃଷି ଗବେଷଣା ପରିଷଦ ପ୍ରାୟୋଜିତ ରାୱେ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ କରିଥିଲେ। ବିଶ୍ୱବିଦ୍ୟାଳୟରେ ୩ ବର୍ଷର କୃଷି ସମ୍ପର୍କିତ ଶିକ୍ଷା ପରେ ଉଭୟେ ସୁଧାମୟ ପଟେଲ ଓ ଗଜେନ୍ଦ୍ର ପଟେଲଙ୍କ ସମନ୍ୱିତ କୃଷି ଫାର୍ମରେ ୧୦ ସପ୍ତାହ ଧରି ଇଣ୍ଟର୍ଣ୍ଣଶିପ କରିଥିଲେ। ପରେ ଶିକାବହେଙ୍ଗାର ଚାଷୀଙ୍କୁ ନେଇ ଜୈବିକ ଚାଷ ଓ ନିରାପଦ କୀଟନାଶକ ବ୍ୟବହାର ସମ୍ପର୍କିତ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା। ସୁଶ୍ରୀ ଯୋଷୀ ଓ ଦାସ ଜୀବାମୃତ, ବୀଜାମୃତ, ମୃତ୍ତିକା ପରୀକ୍ଷା, ଜିଆଖତ ପ୍ରସ୍ତୁତି, କଲମୀକରଣ, ଟ୍ରୀ ବଡିଂ, ଆଜୋଲା ଚାଷ, ରୋଗପୋକ ଓ କୀଟନାଶକର ନିରାପଦ ବ୍ୟବହାର, ବିହନ ବିଶୋଧନ ନେଇ ସଚେତନତା କରିବା ସହିତ ମାସ୍କ, ସାନିଟାଇଜର, ସଚେତନତା ପୁସ୍ତିକା, ଅଠାଳିଆ ଯନ୍ତ୍ର ଇତ୍ୟାଦି ବଣ୍ଟନ କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଡିନ୍ ଡ. ଏସପି ନନ୍ଦ, ରାୱେର ସହସଂଯୋଜକ ଡ. ଅଶୋକ କୁମାର ଏବଂ ଏସଏମଏସ ଗାଇଡ ଡ.ସୁମନ ପାରେଙ୍କ ମାର୍ଗଦର୍ଶନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ଅତ୍ୟଧିକ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର ଯୋଗୁଁ କିଭଳି କ୍ୟାନସର ଭଳି ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛୁ ଓ ଜୈବିକ ଖତ ବ୍ୟବହାରର ଉପକାରିତା ବିଷୟରେ ଚାଷୀଙ୍କୁ ସଚେତନ କରାଯାଇଥିଲା। କର୍ମଶାଳାରେ ଶିକାବହେଙ୍ଗା ସରପଞ୍ଚ ମୁକେଶ ନାଏକ, ଭିଏଡବ୍ଲ୍ୟୁ ସୁଜାତା ବନଗୁଲା, ଚାଷୀ ସୁଧାମୟ ପଟେଲ, ଗଜେନ୍ଦ୍ର ପଟେଲ, ନାରାୟଣ ମହାକୁର, ହନୁମାନ ଭୋଇ, ଶୁଭମ ପଟେଲ, ଯଜ୍ଞେଶ୍ୱର ପଟେଲଙ୍କ ସହ ବହୁଚାଷୀ ଯୋଗ ଦେଇଥିଲେ ।


ଶିକାବେହେଙ୍ଗାରେ ଅନୁଷ୍ଠିତ ଜୈବିକ କୃଷି କର୍ମଶାଳାରେ ଚାଷୀଙ୍କୁ ସୂଚନା ଦିଆଯାଉଛି।

## ମା’, ଶିଶୁ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ:** ନୂଆପଡା ଜିଲା ଖଡିଆଳ ବ୍ଲକ ରାଣୀମୁଣ୍ଡା ପଞ୍ଚାୟତର ସମାଡପଦର ଗାଁରେ ୟାର ଅନୁଷ୍ଠାନ ଖଡିଆଳ ପକ୍ଷରୁ ମା’ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ଶିଶୁ ଓ ମା’ମାନେ ଯୋଗଦେଇଥିଲେ। ୟାର ଅନୁଷ୍ଠାନ ସଂଯୋଜକ ଅରୁଣ ବିଶ୍ୱାଳ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ମହେନ୍ଦ୍ର ମାଝି ଓ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମଣ ମାଝି ଯୋଗଦେଇଥିଲେ। ଖୁସିରାମ ଭୋଇ, ଗୋଲକ ପାଣିଗ୍ରାହୀ, ଭଗନନ ମାଝି ସହଯୋଗ କରିଥିଲେ।

## ସଂକ୍ଷେପରେ

### ପ୍ରଚାର ଅଭିଯାନକୁ ଜୋରଦାର କଲା ବିଜେଡି

**ଟିଟିଲାଗଡ଼, ୧୪।୩ (ଡି.ଏନ.ଏ.):** ଟିଟଇଲାଗଡ ପୌର ନିର୍ବାଚନ ପାଇଁ ବିଜେଡି ପ୍ରଚାରକୁ ଜୋରଦାର କରିଛି। ଦଳର ୧୫ଟି ୱାର୍ଡର କାଉନସିଲ ଏବଂ ପୌରାଧକ୍ଷ ପ୍ରାର୍ଥୀ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ପୌରାଧକ୍ଷ ପ୍ରାର୍ଥୀ ସୁକାନ୍ତି ପାଢୀ ୨୦୦୮ରେ କାଉସିଲରଭାବେ ନିର୍ବାଚିତ ହେବାର ଅଭିଜ୍ଞତାକୁ ପାଥେୟ କରି ପ୍ରଚାର ଆଗକୁ ବଢାଉଛନ୍ତି। ସୋମବାର ସେ ଦଳର ୭ ନମ୍ବର ୱାର୍ଡ ପ୍ରାର୍ଥୀ ଭାରତି ଭରାସାଗର, ୮ ନମ୍ବର ୱାର୍ଡ ପ୍ରାର୍ଥିନୀ ସୁନିତା ଦାଶଙ୍କ ସହ ଘରକୁ ଘର ବୁଲି ଭୋଟଭିକ୍ଷା କରିଥିଲେ। ପ୍ରଚାର କାର୍ଯ୍ୟକ୍ରମରେ ଅଶୋକ ଧୁଣ୍ଡି, ସୁଧିର ଦାଶ, ପ୍ରଦୀପ ବେହେରା, ସଞ୍ଜିବ ବେହେରା, ଦୀନେଶ ଶର୍ମା, ମନୀଷ ଶର୍ମା, ପ୍ରତାପ ସିଂ, ସନ୍ଦିପ ତ୍ରିପାଠୀ, ଶିବୁନ ରଥ, ବିଜୁ ସାହୁ, ଶିବ ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

### ୫ ଅଧକ୍ଷ, ୪୦ କାଉନସିଲରଙ୍କ ପ୍ରାର୍ଥୀପତ୍ର କାଏମ

**ନୂଆପଡ଼ା ଅଫିସ,୧୪।୩:** ନୂଆପଡା ଏନ୍‌ଏସି ନିର୍ବାଚନ ଲାଗି ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଥିବା ବେଳେ ୫ ଅଧକ୍ଷ, ୪୦ କାଉନସିଲରଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଏନ୍‌ଏସି ଅଧକ୍ଷ ପାଇଁ ୬ଜଣ

**ନୂଆପଡ଼ା ଏନ୍‌ଏସି**

ନାମାଙ୍କନ ଦାଖଲ କରିଥିଲେ। ସେଥି ମଧ୍ୟରୁ ଭାଜପା ପାଇଁ ନାମାଙ୍କନ ଦାଖଲ କରିଥିବା ଟଙ୍କଧର ସାହୁ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ବର୍ତ୍ତମାନ ୫ଜଣ ଅଧକ୍ଷ ପଦବୀ ପାଇଁ ରହିଥିବା ବେଳେ ୧୪ଟି ୱାର୍ଡ ପାଇଁ ୪୦ଜଣ କାଉନସିର ପ୍ରାର୍ଥୀ ରହିଛନ୍ତି। ୧୩ ଓ ୧୪ ନମ୍ବର ୱାର୍ଡ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୨ଟି ୱାର୍ଡ ପାଇଁ ଭଜପାରୁ ୧୨, ବିଜେଡିରୁ ୧୨, କଂଗ୍ରେସରୁ ୫, ବହୁଜନ ସମାଜ ପାର୍ଟିରୁ ଜଣେ ଓ ସ୍ୱାଧିନ ଭାବେ ୧୦ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି।

### ମଇଦାନରେ ୩ଅଧକ୍ଷ, ୩୨କାଉନସିଲର ପ୍ରାର୍ଥୀ

ଗୁଡ଼ଭେଲା,୧୪।୩(ଡି.ଏନ.ଏ.) ବଲାଙ୍ଗୀର ଜିଲା ତୁଷୁରା ଏନଏସି ନିର୍ବାଚନ ପାଇଁ ସୋମବାର ୧୦ ନମ୍ବର ୱାର୍ଡର ସ୍ୱାଧୀନ ପ୍ରାର୍ଥୀ ଓମ

**ତୁଷୁରା ଏନଏସି**

ପ୍ରକାଶ ରଣା ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ। ଫଳରେ ଏବେ ମଇଦାନରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳର ୩ଜଣ ଅଧକ୍ଷ ଓ ୩୨ଜଣ କାଉନସିଲର ପ୍ରାର୍ଥୀ ରହିଲେ। ବିଜେଡ, ଭାଜପା ସମସ୍ତ ୧୧ ୱାର୍ଡରେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ୮ଟି ୱାର୍ଡରେ ପ୍ରାର୍ଥୀ ଦେଇଛି। ଦଳ ୪, ୫, ୭ ନମ୍ବର ୱାର୍ଡରେ ପ୍ରାର୍ଥୀ ଦେଇନାହିଁ। ଅପରପକ୍ଷରେ ସ୍ୱାଧୀନ ପ୍ରାର୍ଥୀଭାବେ ୬ନମ୍ବର ୱାର୍ଡରେ ରେଖା ଶର୍ମା, ୮ନମ୍ବରରେ କବିତା ଭୋଇ ଥିବା ନିର୍ବାଚନ ଅଧିକାରୀ ତଥା ତୁଷୁରା ତହସିଲଦାର ରବିନ୍ଦ୍ର ପଟେଲ କହିଛନ୍ତି।

# ନାମାଙ୍କନ ପ୍ରତ୍ୟାହାର, ବଦଳୁଛି ସମୀକରଣ

**ବରଗଡ଼ ଜିଲାରେ ପୌର ଭୋଟ୍**

- ବିଦ୍ରୋହୀ ପ୍ରାର୍ଥୀଙ୍କୁ ମନାଇଲା ବିଜେଡି
- ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର
- ଏକାଧିକ ଆସନରେ କଂଗ୍ରେସ ଖାଲି
- ପଦ୍ମପୁରରେ ଖାତା ଖୋଲିଲା ବିଜେଡି

ବରଗଡ଼ ଅଫିସ/ ବରପାଲି/ ପଦ୍ମପୁର,୧୪।୩

ପୌର ଭୋଟ୍‌କୁ ଆଉ ମାତ୍ର ୧୦ଦିନ ବାକି। ଆସନ୍ତା ୨୪ତାରିଖରେ ବରଗଡ଼ ଜିଲାର ବରଗଡ଼ ମ୍ୟୁନିସିପାଲିଟି ସମେତ ବରପାଲି, ପଦ୍ମପୁର, ବିଜେପୁର ଏନ୍‌ଏସିରେ ନିର୍ବାଚନ ହେବ। ସୋମବାର ନାମାଙ୍କନ ପ୍ରତ୍ୟାହାର ପରେ ପୌର ଭୋଟ୍‌କୁ ନେଇ ନିର୍ବାଚନୀ ମାହୋଲ ଦ୍ୱିଗୁଣିତ ହୋଇପଡ଼ିଛି। କେତେକ ସ୍ଥଳରେ ବିଜେଡି ନାମାଙ୍କନ ଦାଖଲ କରିଥିବା ବିଦ୍ରୋହୀ ପ୍ରାର୍ଥୀଙ୍କୁ ମନାଇବାରେ ସକ୍ଷମ ହୋଇଛି। ଫଳରେ ସେମାନେ ଅନ୍ତିମ ଦିବସରେ ନାମାଙ୍କନ ତଥା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଅନ୍ୟପକ୍ଷେ ବରପାଲି, ପଦ୍ମପୁର ଏନ୍‌ଏସିରେ ଜଣେ ଲେଖାଏ ଭାଜପା ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିବାରୁ ଦଳର ଦୁର୍ବଳତା ପଦାରେ ପଡ଼ିଛି। ସେହିପରି ବରପାଲି ଏନ୍‌ଏସିର ୱାର୍ଡ ନଂ.୫ରେ ଦଳ ପ୍ରାର୍ଥୀ ଦେଇପାରି ନ ଥିବା ଯୋଗୁ ଦଳୀୟ ନେତୃବୃନ୍ଦଙ୍କ ଅପାରଗତା ପଦାରେ ପଡ଼ିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ବରଗଡ଼ ମ୍ୟୁନିସିପାଲିଟି ୧୯ ୱାର୍ଡକୁ ନେଇ ଗଠିତ। ଏଠାକାର ୧୯ ୱାର୍ଡ ପାଇଁ ୬୯ଜଣ କାଉନ୍‌ସିଲର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ତେବେ ସୋମବାର ୱାର୍ଡ ନଂ.୮ର ସ୍ୱାଧୀନ ପ୍ରାର୍ଥୀ ଭୁବନେଶ୍ୱର ମହାପାତ୍ର ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ଏବେ ଏଠାରେ ୬୮ କାଉନ୍‌ସିଲର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସେହିପରି ବରଗଡ଼ ପୌରାଧ୍ୟକ୍ଷ ପଦବୀ ପାଇଁ ୧୨ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ମାମି ମିଶ୍ର ଏବଂ ସବିତା ଜେନା ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ମାମି ବିଜେଡି ଟିକେଟ୍ ପାଇଁ ଆଶା ବାନ୍ଧିଥିଲେ। ମାତ୍ର ସେଥିରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପ୍ରାର୍ଥିତ୍ୱରୁ ଓହରି ଯାଇଥିଲେ। ଫଳରେ ବରଗଡ଼ ପୌରାଧ୍ୟକ୍ଷ ଆସନ ପାଇଁ ଏବେ ନିର୍ବାଚନ ମଇଦାନରେ ୧୦ ପ୍ରାର୍ଥିନୀ ରହିଛନ୍ତି।

୧୧ ୱାର୍ଡବିଶିଷ୍ଟ ବରପାଲି ଏନ୍‌ଏସିରେ କାଉନ୍‌ସିଲର ପଦବୀ ପାଇଁ ୩୭ ଜଣ ନାମାଙ୍କନ ଦାଖଲ କରିଥିଲେ। ତେବେ ଉକ୍ତ ଏନ୍‌ଏସିର ୱାର୍ଡ ନଂ.୨ରୁ ବିନୋଦିନୀ ବାଗ, ସଂଗ୍ରାମ କେଶରୀ ସିଂ, ସଦାନନ୍ଦ ଗୁଇଁ, ୱାର୍ଡ ନଂ.୬ରୁ ଝରଣା ମେହେର ଏବଂ ୱାର୍ଡ ନଂ.୭ରୁ ସତ୍ୟଭାମା ଗହୀର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ଏବେ ଏଠାରେ କାଉନ୍‌ସିଲର ଆସନ ପାଇଁ ୩୨ଜଣ ନିର୍ବାଚନ ମଇଦାନରେ ଅଛନ୍ତି। ସେହିପରି ବରପାଲି ଏନ୍‌ଏସିରେ ପୌରାଧ୍ୟକ୍ଷ ଆସନକୁ ଓହ୍ଲାଇଥିବା ସ୍ୱାଧୀନ ପ୍ରାର୍ଥୀ କଲ୍ୟାଣ ଚାନ୍ଦ, ପୁରନ୍ଦର ମେହେର ନାମାଙ୍କନ ପ୍ରତ୍ୟାହାର କରିଥିବାବେଳେ ୩ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ମଧ୍ୟରେ ଏଠାରେ ତ୍ରିମୁଖୀ ଲଢ଼େଇ ଚାଲିଛି। ତେବେ ଉକ୍ତ ଏନ୍‌ଏସିର ୱାର୍ଡ ନଂ.୭ର ଭାଜପା ପ୍ରାର୍ଥୀ ସତ୍ୟଭାମା ଗହୀରଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ୱାର୍ଡ ନଂ.୫ରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ପାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପଦ୍ମପୁର ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ.୧ରୁ ଭାଜପା ପ୍ରାର୍ଥିନୀ ଯଶୋଦା ସେଠ୍ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଉକ୍ତ ଆସନରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ଥିବାବେଳେ ବିଜେଡି ପ୍ରାର୍ଥିନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉକ୍ତ ଏନ୍‌ଏସିର ୱାର୍ଡ ନଂ.୨ରୁ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱଜିତ ପରିଜା ଏବଂ ୱାର୍ଡ ନଂ.୪ରୁ ଭାଜପା ପ୍ରାର୍ଥିନୀ ପୁଷ୍ପାଞ୍ଜଳି ମହାପାତ୍ର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ ଅଧ୍ୟକ୍ଷ ଆସନ ପାଇଁ ତ୍ରିମୁଖୀ ଲଢ଼େଇ ଚାଲିଛି। ତେବେ ଏହି ଆସନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ରହିଥିବା ଯୋଗୁ ଭୋଟ୍ ବିଭାଜନରେ ତାଙ୍କ ଭୂମିକା ରହିବ ବୋଲି ଆଲୋଚନା ହେଉଛି।

## ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ

ଲାଠୋର, ୧୪।୩(ଡି.ଏନ.ଏ.)


ଜୟଶ୍ରୀ ଭଇଁଷାଲ

ମୌଳିକ ସମସ୍ୟାର ସମାଧାନ, ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ପ୍ରୟାସ କରିବ। ଦାୟିତ୍ୱ ଗ୍ରହଣ ଅବସରରେ ଏହିଭଳି ପ୍ରତିଶ୍ରୁତି ଦେଇଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତର ସରପଞ୍ଚ ଜୟଶ୍ରୀ ଭଇଁଷାଲ। ସାମାଜିକ ଅନୁଷ୍ଠାନ ସଦସ୍ୟ, ସାଧାରଣ ଜନତାଙ୍କୁ ଭେଟିବା ଅବସରରେ ଭଇଁଷାଲ କହିଛନ୍ତି ପୁରୁଣା ରଜାକଟାର ଉନ୍ନତିକରଣ, ଜଳଯୋଗାଣ ଏବଂ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯିବ। ଜୟଶ୍ରୀଙ୍କ ବାପା ସନ୍ତୋଷ ଭଇଁଷାଲ ଥରେ ଏବଂ ଜେଜେବାପା ହରେକୃଷ୍ଣ ଭଇଁଷାଲ ଦୁଇଥର ସରପଞ୍ଚଭାବେ ନିର୍ବାଚିତ ହୋଇଥିଲେ। ପରିବାରର ତୃତୀୟ ସଦସ୍ୟାଭାବେ ପଞ୍ଚାୟତବାସୀ ଯେଉଁ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି ତାହାକୁ ସେ ନିର୍ବାହ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ଗରିବଙ୍କୁ ସରକାରୀ ଯୋଜନା ପହଞ୍ଚାଇବା ପ୍ରଥମ ଲକ୍ଷ୍ୟ

ଲାଠୋର, ୧୪।୩(ଡି.ଏନ.ଏ.)


ଗୋପାଳ ମେହେର

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ସରପଞ୍ଚଭାବେ ଗୋପାଳ ମେହେର ଦାୟିତ୍ୱ ଗ୍ରହଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ମେହେର ତାଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସରପଞ୍ଚଭାବେ ପାଞ୍ଚବର୍ଷ କାର୍ଯ୍ୟକାଳ ମଧରେ ପାନୀୟ ଜଳ, ରାସ୍ତା, ଆବାସ, ବାର୍ଦ୍ଧକ୍ୟ ଭତ୍ତା ସହ ସରକାରଙ୍କ ଜନହିତକର ଯୋଜନା କିପରି ଗରିବଙ୍କ ପାଖରେ ପହଞ୍ଚିବ ସେ ଦିଗରେ ଧ୍ୟାନ ଦେବି ବୋଲି ଗୋପାଳ କହିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଲିଙ୍ଗରାଜ ବିଭାର, ନାରାୟଣ ହଂସ, ମକାରୁ ରଣା, ଦଲ ବେମାଲ, ଲକ୍ଷ୍ମଣ କଟା ଓ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ସହରରେ ସଙ୍ଗୀତାଙ୍କ ମାରାଥନ ପ୍ରଚାର



ଏମ୍‌ପି ସଙ୍ଗୀତା ସିଂହଦେଓ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।

ସୋନପୁର,୧୪।୩(ନି.ପ୍ର.)

ସୁବର୍ଣ୍ଣପୁର ପୌରପାଳିକା ନିର୍ବାଚନ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଅଣ୍ଟା ଭିଡିଛନ୍ତି। ସୋମବାର ଏମ୍‌ପି ସିଂହଦେଓ ସହରରେ ମାରାଥନ ପ୍ରଚାର କରିଛନ୍ତି। ସେ ଦଳୀୟ ପୌରାଧକ୍ଷା ପ୍ରାର୍ଥୀ ସୁନିତା ଗିରି ଓ ୧୪ଟି ୱାର୍ଡର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ, ପାଇଖାନା ନିର୍ମାଣ, କରୋନା ସମୟରେ ଗରିବ ଲୋକଙ୍କୁ ସହାୟତା, ଉଜ୍ୱଳା ଯୋଜନାରେ ଗରିବଙ୍କୁ ମାଗଣାରେ ଗ୍ୟାସ ଯୋଗାଣ ଓ ସହରାଞ୍ଚଳର ଅଧିବାସୀଙ୍କ ସକାଶେ ଉଜ୍ୱଳ ଆଲୋକ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣକାରୀ ଯୋଜନା ସହରବାସୀଙ୍କ ନିକଟରେ ପହଞ୍ଚାଇବା ତଥା ଦଳୀୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ଏମ୍‌ପି ଅନୁରୋଧ କରିଥିଲେ। ପୌରାଧକ୍ଷା ପ୍ରାର୍ଥୀ ସୁନିତା , ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଏମ୍‌ପିଙ୍କ ଜିଲା ପ୍ରତିନିଧି ଶରତ କୁମାର ଶତପଥୀ, ସାନନ୍ଦ ମେହେର, ଟାଉନ ସଭାପତି ଜଗଜ୍ୟୋତି ତ୍ରିପାଠୀ, ସଞ୍ଜୁକ୍ତା ହୋତା ଓ ଦିଲିପ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମଇଦାନରେ ୫ ପୌରାଧକ୍ଷା, ୪୩ କାଉନସିଲର ପ୍ରାର୍ଥୀ

ସୋନପୁର,୧୪।୩(ନି.ପ୍ର.)

ସୁବର୍ଣ୍ଣପୁର ପୌରପାଳିକା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ସ୍ୱାଧୀନ ପୌରାଧକ୍ଷା ପ୍ରାର୍ଥୀ ବାସନ୍ତୀ ବେହେରା ଓ ୬ ନମ୍ବର ୱାର୍ଡର କାଉନସିଲର ପ୍ରାର୍ଥୀ କିଶୋର ମଲ୍ଲିକ ସୋମବାର ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହର କରିଛନ୍ତି । ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସନ୍ଧ୍ୟାରେ ପ୍ରକାଶିତ ଚୂଡାନ୍ତ ତାଲିକା ଅନୁଯାୟୀ ପୌରାଧକ୍ଷା ପଦ ପାଇଁ ୫ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି । ବିଜେଡିର ତାମସି ତାମସ୍ମିତା ନାୟକ, ଭାଜପାର ସୁନିତା ଗିରି, କଂଗ୍ରେସର ରାଜଶ୍ରୀ ଦ୍ୱିବେଦୀଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଜ୍ୟୋତିଶ୍ରୀ ବେହୁରା ଓ ପୁଷ୍ପାଞ୍ଜଳୀ ସାଗରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ୧୫ଟି ୱାର୍ଡର କାଉନସିଲର ପଦବୀ ପାଇଁ ୪୪ଟି ପ୍ରାର୍ଥୀପତ୍ର କାଏମ ରହିଥିଲା । ଜଣେ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେବା ପରେ ଏବେ ୪୩ ଜଣ ନିର୍ବାଚନ ମଇଦାନରେ ଅଛନ୍ତି ।

## ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ମନ୍ତ୍ରୀ

ଗୁଡ଼ଭେଲା,୧୪।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ପୌର ନିର୍ବାଚନ ପାଇଁ ତୁଷୁରା ଏନଏସିର ୧ ଓ ୨ ନମ୍ବର ୱାର୍ଡରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସହ ଏନଏସିର ଉନ୍ନତିକୁ ଆଧାର କରି ଦଳୀୟ ପ୍ରାର୍ଥୀମାନଙ୍କୁ ଭୋଟ ଦେବାପାଇଁ ଜନସାଧାରଣଙ୍କୁ ସେ ଅନୁରୋଧ କରିଥିଲେ ।


ତୁଷୁରାରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ମନ୍ତ୍ରୀ ଟୁକୁନି ସାହୁ।

## ୮ ଅଧକ୍ଷ, ୪୯ ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚନ ମଇଦାନରେ

ବୌଦ୍ଧ,୧୪।୩(ସ୍ୱ.ପ୍ର.)

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ସୋମବାର ଥିଲା ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଦିନ । ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ପଦ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳରୁ ୩ ଜଣ ଓ ୭ ଜଣ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ଯାଞ୍ଚ ସମୟରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିବା ବେଳେ ୯ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଥିଲା । ସୋମବାର ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଦିବସରେ ସ୍ୱାଧୀନ ପ୍ରାର୍ଥୀ ରାଜ କୁମାର ମେହେର ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବାରୁ ବର୍ତ୍ତମାନ ଅଧକ୍ଷ ପଦବୀ ପାଇଁ ୮ ଜଣ ନିର୍ବାଚନ ମଇଦାନରେ ଅଛନ୍ତି । ସେହିପରି କାଉନସିଲର ଭାବେ ୫୨ ଜଣଙ୍କ ପ୍ରାର୍ଥୀ ପତ୍ରରୁ ଯାଞ୍ଚ ସମୟରେ ଭାଜପାର ୪ ନଂ ୱାର୍ଡ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରୀତିମୟୀ ଦାନୀ ଓ କଂଗ୍ରେସ ପକ୍ଷରୁ ୧୨ ନଂ ୱାର୍ଡ ପାଇଁ ନାମାଙ୍କନ ପତ୍ର

**ସରିଲା ନାମାଙ୍କନ ପତ୍ର ପ୍ରତ୍ୟାହାର**

ଦାଖଲ କରିଥିବା ଅନୁ ବେହେରାଙ୍କ ପ୍ରାର୍ଥୀ ପତ୍ର ନାକଚ ହୋଇଯାଇଥିଲା । ନାକଚ ହେବା ପରେ ୧୭ ଗୋଟି ୱାର୍ଡ ପାଇଁ ବିଜେଡିର ୧୭ ଜଣ , ଭାଜପାର ୧୬ ଜଣ ଓ କଂଗ୍ରେସର ୧୩ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ସ୍ୱାଧୀନ ଭାବେ ୪ ଜଣ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । କାଉନସିଲର ଭାବେ ୫୦ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିଲା । ସୋମବାର ଜଣେ ସ୍ୱାଧୀନ କାଉନସିଲ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପରେ ବର୍ତ୍ତମାନ ୪୯ ଜଣ କାଉନସିଲ ପାଇଁ ନିର୍ବାଚନ ମଇଦାନରେ ଥିବା ନିର୍ବାଚନ ଅଧିକାରୀଙ୍କ ଠାରୁ ଜଣାପଡିଛି । ଏପେଟ ନାମାଙ୍କନ ପତ୍ର ଦାଖଲ କରିବା ଦିନ ଠାରୁ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନ ପ୍ରଚାର ଆରମ୍ଭ କରି ଦେଇ ସାରଲେଣି । ଦଳଗୁଡିକ ପକ୍ଷରୁ ନିଜର ସମର୍ଥକମାନଙ୍କୁ ଧରି ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି ।

## ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ଲାଗି ମିଲନୀଙ୍କୁ ଭୋଟ ଦିଅନ୍ତୁ

ବଲାଙ୍ଗୀର, ୧୪।୩

ଅଞ୍ଚଳର ବିକାଶ ପାଇଁ ଲୋକେ ୨୦୧୪ ମସିହାରେ ବଡ ପରିବର୍ତ୍ତନ ଆଣିଥିଲେ। ତା’ ପରେ ବଲାଙ୍ଗୀର ସହର ବିକାଶ ଧାରାରେ ଆଗେଇ ଆଗେଇ ଚାଲିଛି। ସହରର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ପ୍ରତ୍ୟେକ ସହରବାସୀଙ୍କ ପାଖକୁ ତାହାର ଫାଇଦା ପହଞ୍ଚାଇବାରେ ପୌରପାଳିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିଗତ ତିନି ପାଳି ହେବ ବିଜେଡି ଅଧିନରେ ଥିବା ପୌରପାଳିକା ଓ ପୌର ପରିଷଦର ଅପାରଗତା ଯୋଗୁଁ ସହରବାସୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ୨୦୧୪ ମସିହାରେ ବିଜେଡି ବିଧାୟକଙ୍କୁ ଜବାବ ଦେଲା ଭଳି ଏଥର ପୌର ପରିଷଦ ନିର୍ବାଚନରେ ଲୋକେ ବିଜେଡିକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ସପକ୍ଷରେ ଭୋଟ ଦିଅନ୍ତୁ ବୋଲି ବିଧାୟକ ନରସିଂହ ମିଶ୍ର ନିର୍ବାଚନ ପ୍ରଚାର ବେଳେ ସୋମବାର ଲୋକଙ୍କୁ ଆହ୍ୱାନ ଦେଇଥିଲେ। ବଲାଙ୍ଗୀର ସହରର ସର୍ବାଙ୍ଗୀନ ବିକାଶ ପାଇଁ କଂଗ୍ରେସ ପୌରାଧକ୍ଷା ପ୍ରାର୍ଥିନୀ ମିଲନୀ ସାହୁ, ୨ ନମ୍ବର ୱାର୍ଡର କାଉନସିଲର ପ୍ରାର୍ଥୀ ସୁଜାତା ପୋଡ ଏବଂ ୧୯ ନମ୍ବର ୱାର୍ଡ କାଉନସିଲର ପ୍ରାର୍ଥୀ ସତ୍ୟବ୍ରତ ବରୱାଙ୍କୁ ଭୋଟ ଦେବାକୁ ସେ ଲୋକଙ୍କୁ ନିବେଦନ କରିଥିଲେ। କଂଗ୍ରେସ ପୌରାଧକ୍ଷା ପ୍ରାର୍ଥିନୀ ତାଙ୍କ ବକ୍ତବ୍ୟରେ ଲୋକେ ବାହୁବଳ, ଅର୍ଥବଳ ଦ୍ୱାରା ପ୍ରଭାବିତ ନହୋଇ ଉଚିତ ପ୍ରାର୍ଥି ଚୟନ କରନ୍ତୁ ବୋଲି କହିଥିଲେ। ପ୍ରଚାରରେ ନଗର ସଭାପତି ବୁଲୁ ଦାନୀ, ଛାତ୍ର ସଭାପତି ଅଙ୍କିତ ସାହୁ ଓ ନେତୃବର୍ଗ ଉପସ୍ଥିତ ଥିଲେ।


ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ପୌରାଧକ୍ଷା ପ୍ରାର୍ଥୀ ମିଲନୀ ସାହୁଙ୍କ ସହ ନିର୍ବାଚନ ପ୍ରଚାର କରୁଛନ୍ତି।

## ୨ କାଉନସିଲରଙ୍କ ନାମାଙ୍କନ ପ୍ରତ୍ୟାହାର

କେସିଙ୍ଗା,୧୪।୩(ଡି.ଏନ.ଏ.)

ପୌର ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ଥିଲା। ଏହି କ୍ରମରେ କଳାହାଣ୍ଡି ଜିଲା କେସିଙ୍ଗା ଏନଏସି କାର୍ଯ୍ୟାଳୟରେ ପୌର ନିର୍ବାଚନର ନାମାଙ୍କନ ପ୍ରତ୍ୟାହାର ହୋଇଯାଇଛି। ୩ ନମ୍ବର ୱାର୍ଡ଼ରୁ ଜଗଦୀଶ

**କେସିଙ୍ଗା ଏନ୍‌ଏସି**

ଅଗ୍ରୱାଲ, ୧୨ ନମ୍ବର ୱାର୍ଡ଼ରୁ ମୀରା ମାତଖଣ୍ଡିଆ ସ୍ୱାଧୀନ ପ୍ରାର୍ଥୀ ଦୁହେଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ନିର୍ବାଚନ ଅଧିକାରୀ ତଥା କେସିଙ୍ଗା ତହସିଲଦାର ଜ୍ୟୋର୍ତିମୟ କର ସୂଚନା ଦେଇଛନ୍ତି। ଅଧକ୍ଷ ପଦ ପାଇଁ ୫ଜଣ ନାମାଙ୍କନପତ୍ର କାଏମ ରହିଛି। ବିଜେଡିରୁ ନୃପରାଜ ଯାଦବ, କଂଗ୍ରେସରୁ ରାମ କୁମାର ଜୈନ, ଭାଜପାରୁ ସଚିନ ଜୈନ, ଆମ ଆଦମୀ ପାର୍ଟିରୁ ଘନଶ୍ୟାମ ଅଗ୍ରୱାଲ, ସ୍ୱାଧୀନତା ପ୍ରାର୍ଥିନୀ ଭାବେ ମୋତି କୈବର୍ତ୍ତଙ୍କ ଅଧକ୍ଷ ପଦ ନାମାନଙ୍କ କାଏମ ରହିଛି। ୧୨ଟି ୱାର୍ଡ଼ରେ ୩୭ଜଣ କାଉନସିଲର ନମାନଙ୍କ କାଏମ ରହିଛି।

## ‘ବିଜେଡିର ନୀତି, ଆଦର୍ଶ ଲୋକଙ୍କୁ ଆକୃଷ୍ଟ କରିଛି’


ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ବିଜେଡି ପୌରାଧକ୍ଷା ପ୍ରାର୍ଥୀ ଲିକା ସାହୁ ମାଳପଡା ଅଞ୍ଚଳରେ ଭୋଟ ପ୍ରଚାର କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୪।୩

ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ବିଜେଡି ପୌରାଧକ୍ଷା ପ୍ରାର୍ଥୀ ଲିକା ସାହୁ, ୧୪ ନମ୍ବର ୱାର୍ଡର କାଉନସିଲର ପ୍ରାର୍ଥୀ ସଞ୍ଜୁଲତା ଦନ୍ତା ଏବଂ ୧୫ ନମ୍ବର ୱାର୍ଡ କାଉନସିଲର ପ୍ରାର୍ଥୀ ମହେନ୍ଦ୍ର ବାଗ ସୋମବାର ବଲାଙ୍ଗୀର ପୌରାଞ୍ଚଳର ୱାର୍ଡ ନମ୍ବର ୧୪ ଓ ୧୫ ଅନ୍ତର୍ଗତ ମାଳପଡା, ଟିକ୍ରାପଡା ଅଞ୍ଚଳରେ ନିର୍ବାଚନ ପ୍ରଚାର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଭାବମୂର୍ତ୍ତି ତଥା ବିକାଶମୂଳକ କାର୍ଯ୍ୟ ଓଡିଶାର ଜନସାଧାରଣଙ୍କୁ ଆକୃଷ୍ଟ କରିଆସିଛି। ଏଥର ପଞ୍ଚାୟତ ଭୋଟରେ ଯେପରି ଗ୍ରାମାଞ୍ଚଳର ଲୋକେ ନବୀନଙ୍କୁ ତାଙ୍କ ଏକତରଫା ସମର୍ଥନ ଦେଲେ ସହରାଞ୍ଚଳ ନିର୍ବାଚନରେ ମଧ ଲୋକେ ବିଜେଡିକୁ ହିଁ ଭୋଟ ଦେବେ ବୋଲି କଳିକେଶ ଓ ପୌରାଧକ୍ଷା ପ୍ରାର୍ଥୀ ସାହୁ ଭୋଟ ପ୍ରଚାର ବେଳେ କହିଛନ୍ତି। ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ଅନେକ ଉନ୍ନୟନ ପ୍ରକଳ୍ପ ତିଆରି କରାଯାଇଛି ଓ ଆଗକୁ ମଧ କରିବାର ଅଛି। ଏଣୁ ବିଜେଡି ପୌରାଧକ୍ଷା ଏବଂ କାଉନସିଲର ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଇବାକୁ କଳିକେଶ ଲୋକଙ୍କୁ ଅନୁରୋଧ କରିଥିଲେ। ଏକ ଶକ୍ତିଶାଳୀ ଓ ପ୍ରଗତିଶୀଳ ବଲାଙ୍ଗୀର ଗଠନ ପାଇଁ ବିଜେଡିକୁ ଭୋଟ ଦେବାକୁ ପୌରାଧକ୍ଷା ପ୍ରାର୍ଥୀ ସାହୁ କହିଥିଲେ। ପ୍ରଚାରରେ ପୂର୍ବତନ ପୌରାଧକ୍ଷା ଦମୟନ୍ତୀ ବାଗ, ଭଗବାନ ବରୱା, ପ୍ରଦୀପ ସାହୁ, ବାସୁଦେବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।